# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ମେ ୧୧/୨୦୨୨ (୧୪ ପୃଷ୍ଠା) | Bhubaneswar, Wednesday, May 11/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୧୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଶୁବମନ ଗିଲ୍‌ଙ୍କ ଅର୍ଦ୍ଧଶତକ**

ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଛନ୍ତି ଗୁଜରାଟ ଟାଇଟାନ୍ସର ଶୁବମନ ଗିଲ୍।

୧୪

୧୦

**ଜୁନ୍ ୩'ରେ ପୃଥ୍ୱୀରାଜ**

ହିନ୍ଦୀ ଫିଲ୍ମ 'ପୃଥ୍ୱୀରାଜ' ଜୁନ୍ ୩ରେ ରିଲିଜ୍ ହେବାକୁ ଥିବାବେଳେ ବିଶ୍ୱ ସୁନ୍ଦରୀ ମାନୁଷୀ ଚିଲ୍ଲର ଏହା ଜରିଆରେ ବଲିଉଡ୍ ଡେବ୍ୟୁ କରିଛନ୍ତି।



# ଆଜି ସ୍ଥଳଭାଗ ଛୁଇଁବ 'ଅସାନି'

## କାକିନାଡ଼ା-ବିଶାଖାପାଟଣା ଦେଇ ଗତିକରିବ

- ୮ ଜିଲାରେ ବର୍ଷା ସମ୍ଭାବନା
- ଉପକୂଳରେ ବହିବ ୫୦ କି.ମି.
- ୧୩ ଯାଏ ସମୁଦ୍ରକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ମନା, ନ ମାନିଲେ କାର୍ଯ୍ୟାନୁଷ୍ଠାନ
- ଗୋପାଳପୁର ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ

ଭୁବନେଶ୍ୱର,୧୦ା୫(ବ୍ୟୁରୋ)

ବାତ୍ୟା 'ଅସାନି' ବୁଧବାର ପୂର୍ବାହ୍ନ ୧୧ ସୁଦ୍ଧା ଆନ୍ଧ୍ରପ୍ରଦେଶର କାକିନାଡ଼ା-ବିଶାଖାପାଟଣା ମଧ୍ୟଦେଇ ସ୍ଥଳଭାଗ ଛୁଇଁପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଆକଳନ କରିଛି। ମଙ୍ଗଳବାର 'ଅସାନି' ଭୀଷଣ ବାତ୍ୟାରେ ପରିଣତ ହୋଇସାରିଛି। ଏହା ପଶ୍ଚିମ-କେନ୍ଦ୍ରୀୟ ଓ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଘଣ୍ଟା ପ୍ରତି ୨୩ କିଲୋମିଟର ବେଗରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରୁଛି। ବାତ୍ୟା ଗୋପାଳପୁରଠାରୁ ଦକ୍ଷିଣ-ଦକ୍ଷିଣ ପଶ୍ଚିମରେ ☞ପୃଷ୍ଠା-୪





ପୁରୀରେ ପର୍ଯ୍ୟଟକ ଓ ମତ୍ସ୍ୟଜୀବୀଙ୍କୁ ସତର୍କ କରାଇ ଦିଆଯାଉଛି (ବାମ)। ପାଣିପାଗ ବିଭାଗ ପକ୍ଷରୁ ଜାରି ବାତ୍ୟାର ଗତି ଚିତ୍ର।

### ପ୍ରସ୍ତୁତି ନେଇ ରାଜ୍ୟ-କେନ୍ଦ୍ର ଆଲୋଚନା

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଭିଡିଓ କନଫରେନ୍ସ ଜରିଆରେ ନ୍ୟାଶନାଲ ଏକଜିକ୍ୟୁଟିଭ କମିଟି ବୈଠକକୁ ଅଧ୍ୟକ୍ଷତା କରି କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର ଭାଲ୍ଲା ଓଡ଼ିଶା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ବାତ୍ୟା ମୁକାବିଲା ପାଇଁ ରାଜ୍ୟ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ କୋରାପୁଟ, ମାଲକାନଗିରି, ଗଞ୍ଜାମ, ରାୟଗଡା ଓ ଗଜପତି ଜିଲାକୁ ହାଇ ଆଲର୍ଟରେ ରଖାଯାଇଛି। ଉପକୂଳ ଜିଲାଗୁଡ଼ିକୁ ମଧ୍ୟ ସତର୍କ କରାଯାଇଛି।

### ହାଇଆଲର୍ଟରେ ଦକ୍ଷିଣ ଓଡ଼ିଶା

ଓଡ୍ରାଫ ଓ ଅଗ୍ନିଶମ ବିଭାଗର ଟିମ୍‌କୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାରେ ମୁତୟନ କରାଯାଇଛି। ବାତ୍ୟା ଉପକୂଳ ଛୁଇଁବା ପୂର୍ବରୁ ପ୍ରସ୍ତୁତି ଶେଷ ହୋଇଥିବ ବୋଲି ମୁଖ୍ୟ ଶାସନ ସଚିବ ଅବଗତ କରାଇଛନ୍ତି।

# ନୀରବିଲା ଶିବକୁମାରଙ୍କ ସନ୍ତୁର

ମୁମ୍ବାଇ,୧୦ା୫(ପି.ଟି.)



ପଣ୍ଡିତ ଶିବକୁମାର ଶର୍ମା

କିମ୍ବଦନ୍ତୀ ସନ୍ତୁର ବାଦକ ପଣ୍ଡିତ ଶିବକୁମାର ଶର୍ମାଙ୍କର ମଙ୍ଗଳବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। ୧୯୩୮ରେ ଜମ୍ମୁରେ ଜନ୍ମିତ ଶିବକୁମାର ସନ୍ତୁରକୁ ବିଶ୍ୱ ମଞ୍ଚରେ ପହଞ୍ଚାଇବା ସହ ଶାସ୍ତ୍ରୀୟ ତଥା ଚଳଚ୍ଚିତ୍ର ସଙ୍ଗୀତ ଜଗତରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ଭାରତର ଏହି ଖ୍ୟାତନାମା ଶାସ୍ତ୍ରୀୟ ସଙ୍ଗୀତକାରଙ୍କର ପଲି ହିଲ୍ ବାସଭବନରେ ପରଲୋକ ହୋଇଯାଇଥିବା ତାଙ୍କ ସଚିବ ଦିନେଶ ଗଣମାଧ୍ୟମକୁ ଜଣାଇଛନ୍ତି। ପଦ୍ମ ବିଭୂଷଣ ପୁରସ୍କାରରେ ସମ୍ମାନିତ ଶିବକୁମାର କିଛିଦିନ ହେଲା ଅସୁସ୍ଥ ଥିଲେ ମଧ୍ୟ ସଙ୍ଗୀତ ପରିବେଷଣରେ ସକ୍ରିୟ ରହିଥିଲେ। ଆସନ୍ତା ସପ୍ତାହରେ ଭୋପାଳରେ ତାଙ୍କର ସଙ୍ଗୀତ କାର୍ଯ୍ୟକ୍ରମ ରହିଥିଲା। ପ୍ରସିଦ୍ଧ ବଂଶୀବାଦକ ହରିପ୍ରସାଦ ଚୌରାସିଆଙ୍କ ସହ ସେ ଅନେକ ସଙ୍ଗୀତର ସଙ୍ଗୀତକାର ଥିଲେ। ତାଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ପଣ୍ଡିତ ଶିବକୁମାରଙ୍କ ସନ୍ତୁର ନୀରବ ହୋଇଯିବା ଖବର ପାଇ ଦୁଃଖିତ। ତାଙ୍କ ପରିବାର, ବନ୍ଧୁ ଓ ପ୍ରଶଂସକମାନଙ୍କୁ ସମବେଦନା ଜଣାଉଛି ବୋଲି ରାଷ୍ଟ୍ରପତି କହିଛନ୍ତି। ମହାନ୍ ସଙ୍ଗୀତକାରଙ୍କ ପରଲୋକରେ ସଂସ୍କୃତି ଜଗତର ଅପୂରଣୀୟ କ୍ଷତି ହେଲା ବୋଲି ପ୍ରଧାନମନ୍ତ୍ରୀ କହିବା ସହ ତାଙ୍କ ପରିବାର ଓ ଆତ୍ମୀୟ ସ୍ୱଜନଙ୍କୁ ସମବେଦନା ଜଣାଇଛନ୍ତି। ଶିବକୁମାରଙ୍କ ପରଲୋକରେ ଏକ ଯୁଗର ଅବସାନ ହେଲା। ସଙ୍ଗୀତ ଜଗତକୁ ତାଙ୍କ ଅବଦାନ ଅତୁଳନୀୟ ବୋଲି ସରୋଦ ଉସ୍ତାଦ ଅମଜାଦ ଅଲି ଖାନ୍ କହିଛନ୍ତି।

(ଅଧିକ ରିପୋର୍ଟ: ପୃଷ୍ଠା-୧୨)

**ଆଜିର ସମ୍ପାଦକୀୟ** | ଅସାନି ଆସିଲା

# ଡାନିଶ୍ ସିଦ୍ଦିକିଙ୍କୁ ମରଣୋତ୍ତର ପୁଲିଜର



ଅନ୍ୟ ୩ ଭାରତୀୟ ଫଟୋଜର୍ନାଲିଷ୍ଟ ପୁରସ୍କୃତ

ନ୍ୟୁୟର୍କ,୧୦ା୫

ପରଲୋକଗତ ଫଟୋଜର୍ନାଲିଷ୍ଟ ଡାନିଶ ସିଦ୍ଦିକିଙ୍କ ସମେତ ୪ ଭାରତୀୟଙ୍କୁ ଫିଚର ଫଟୋଗ୍ରାଫି ବର୍ଗରେ ୨୦୨୨ ବର୍ଷ ଲାଗି ମର୍ଯ୍ୟାଦାଜନକ ପୁଲିଜର ପୁରସ୍କାରରେ ସମ୍ମାନିତ କରାଯାଇଛି। ଅନ୍ୟମାନେ ହେଲେ ସିଦ୍ଦିକିଙ୍କ ସହକର୍ମୀ ଆଦନାନ ଆବିଦି, ସନ୍ନା ଇର୍ଶାଦ ମାଟ୍ଟୁ ଏବଂ ଅମିତ୍ ଡାଭେ। ରଏଟର୍ସ ନ୍ୟୁଜ୍ ଏଜେନ୍ସି ପାଇଁ କାର୍ଯ୍ୟ କରୁଥିବା ଏହି ଫଟୋଜର୍ନାଲିଷ୍ଟମାନଙ୍କୁ ସୋମବାର ପୁଲିଜର ପୁରସ୍କାର ବିଜେତା ଘୋଷଣା କରାଯାଇଛି। ସେମାନେ ଭାରତରେ କୋଭିଡ୍ ମୃତ୍ୟୁ ଉପରେ ☞ପୃଷ୍ଠା-୪




# ବିଚାରାଧୀନ ବନ୍ଦୀଙ୍କ ଆତ୍ମହତ୍ୟା

## ହାତରେ ଲେଖିଛନ୍ତି 'ଆଇ ଲଭ୍ ୟୁ ମଞ୍ଜୁ'

ସୋହେଲା,୧୦ା୫(ଡି.ଏନ.ଏ)

ବରଗଡ଼ ଜିଲା ସୋହେଲା ସବ୍‌ଜେଲରେ ଜଣେ ବିଚାରାଧୀନ କଏଦୀ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସୋହେଲା ଥାନା ଅଧୀନ ପେଟୁପାଲି ଗାଁର ମନମୋହନ ରାଉତିଆ (୨୬)। ତାଙ୍କ ହାତ ପାପୁଲିରେ 'ଆଇ ଲଭ୍ ୟୁ ମଞ୍ଜୁ' ବୋଲି ଉଲ୍ଲେଖ ରହିଛି। ମଞ୍ଜୁ ହେଉଛନ୍ତି ମନମୋହନଙ୍କ ସ୍ତ୍ରୀ। ଗତ ୬ତାରିଖରେ ମଞ୍ଜୁ ଆତ୍ମହତ୍ୟା କରିଥିଲେ। ହେଲେ ସ୍ତ୍ରୀଙ୍କ ହତ୍ୟା ଅଭିଯୋଗରେ ମନମୋହନ ଗିରଫ ହୋଇ ଗତ ୭ତାରିଖରୁ ଜେଲରେ ଥିଲେ। ସ୍ତ୍ରୀ ମୃତ୍ୟୁରେ ମ୍ରିୟମାଣ ହୋଇ ମନମୋହନ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଅପରପକ୍ଷରେ ମନମୋହନଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ମୃତକଙ୍କ ବାପା ଅଶୋକ ରାଉତିଆ ଏ ନେଇ ସୋହେଲା ଥାନାରେ ଲିଖିତ ଅଭିଯୋଗ କରି ତଦନ୍ତ ଦାବି କରିଛନ୍ତି। ପୋଲିସ ମୃତଦେହ ☞ପୃଷ୍ଠା-୪




# ଟୁଇଟର ଡିଲ୍ ପଛରେ ବିନିତା

## ମସ୍କଙ୍କୁ ୪୦ କୋଟି ଡଲାର ଫଣ୍ଡିଂରେ ରହିଛି ମୁଖ୍ୟ ଭୂମିକା



ୱାଶିଂଟନ୍, ୧୦ା୫

ଟେସ୍‌ଲା ସିଇଓ ଏଲନ୍ ମସ୍କ ଟୁଇଟର କିଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଏବେ ଏଥିରେ ଆଉ ଏକ ଖବର ଆଲୋଚନାକୁ ଆସିଛି। ଟୁଇଟର ଡିଲ୍‌ରେ ଏହି ମାଇକ୍ରୋ ବ୍ଲଗିଂ ସାଇଟ୍‌ର ସିଇଓ ପରାଗ ଅଗ୍ରୱାଲଙ୍କ ସ୍ତ୍ରୀ ବିନିତା ଅଗ୍ରୱାଲ୍‌ଙ୍କ ଭୂମିକା ରହିଥିବା ଚର୍ଚ୍ଚା ହେଉଛି। ମସ୍କ ୭.୧ ବିଲିୟନ ଡଲାର ଫାଇନାନ୍ସ କମିଟମେଣ୍ଟ (ପାଣ୍ଠି ଯୋଗାଣ ପ୍ରତିଶ୍ରୁତି) କରିଥିବାବେଳେ ସେଥିରୁ ୪୦ କୋଟି ଡଲାର କେବଳ ଆଣ୍ଡ୍ରିସେନ୍ ହୋରୋୱିଜ୍ ନାମକ ଆମେରିକୀୟ ଭେଞ୍ଚର କ୍ୟାପିଟାଲ ଫାର୍ମ ଦେବ ବୋଲି ରାଜି ହୋଇଛି। ୩୫ ବର୍ଷୀୟା ବିନିତା ଏହି ଫାର୍ମର ଜେନେରାଲ ପାର୍ଟନର ରହିଛନ୍ତି। ତେଣୁ ମସ୍କଙ୍କ ଏହି ଡିଲ୍‌କୁ ଫଣ୍ଡିଂ ପାଇଁ ବିନିତାଙ୍କ ପ୍ରମୁଖ ଭୂମିକା ଥିବା କୁହାଯାଉଛି। ମସ୍କ ଟୁଇଟର କ୍ରୟ କରିବା ପରେ ବିନିତାଙ୍କୁ ଟୁଇଟରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ ବୋଲି ମଧ୍ୟ ରିପୋର୍ଟ ପ୍ରକାଶ ପାଇଥିଲା। ଅପରପକ୍ଷେ ଟୁଇଟର ଓ ଫେସ୍‌ବୁକ୍ ପରସ୍ପରର ପ୍ରମୁଖ ☞ପୃଷ୍ଠା-୪




## ସଂକ୍ଷେପରେ

### ୟୁଏନ୍‌ଏଚ୍‌ଆର୍‌ସି ବୈଠକରେ ଯୋଗଦେବନି ରୁଷିଆ

**ମସ୍କୋ, ୧୦।୫:** ୟୁକ୍ରେନ୍ ପ୍ରସଙ୍ଗରେ ଆସନ୍ତା ଗୁରୁବାର ହେବାକୁ ଥିବା ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି) ବୈଠକରେ ରୁଷିଆ ସାମିଲ ହେବ ନାହିଁ ବୋଲି ମଙ୍ଗଳବାର ଘୋଷଣା କରିଛି। ଏହି ବୈଠକ ଏକ ନୂଆ 'ପଲିଟିକାଲ ଶୋ' ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟର ଜଣେ ମୁଖପାତ୍ର ମାରିଆ ଜାଖାରୋଭା କହିଛନ୍ତି। ଏଥିରେ ମସ୍କୋ ପ୍ରତିନିଧି ଯୋଗ ଦେବା ଯଥାର୍ଥ ହେବ ନାହିଁ। ୟୁକ୍ରେନ୍‌ରେ ରୁଷିଆର ଅଭିଯାନ ପଛର ପ୍ରକୃତ ଉଦ୍ଦେଶ୍ୟ ଓ ଯୁକ୍ତିକୁ ଏଥିରେ ପୁଣି ଅଣଦେଖା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ୟୁକ୍ରେନ୍‌ରେ ମାନବାଧିକାର ଉଲ୍ଲଂଘନ ପାଇଁ ଗତ ଏପ୍ରିଲ ୭ରେ ଜାତିସଂଘର ସାଧାରଣ ଅଧିବେଶନରେ ରୁଷିଆକୁ ୟୁଏନ୍‌ଏଚ୍‌ଆର୍‌ସି ସଦସ୍ୟ ପଦରୁ ନିଲମ୍ବନ କରାଯାଇଥିଲା।

### ପରେଡ୍ ବେଳେ ଛୋଟାଉଥିଲେ ପୁଟିନ୍

**ମସ୍କୋ, ୧୦।୫:** ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କ୍ୟାନ୍‌ସର ଓ ପାର୍କିନସନ୍‌ସ ରୋଗରେ ପୀଡ଼ିତ ଥିବାନେଇ ଅନ୍ତର୍ଜାତୀୟ ଗଣମାଧମରେ ଏକାଧିକ ରିପୋର୍ଟ ପ୍ରକାଶ ପାଇବା ପରେ ବିଜୟ ଦିବସ ପରେଡରେ ସେ ଠିକ୍ ଭାବେ ଚାଲିପାରୁ ନ ଥିବାର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସୋମବାର ରୁଷିଆର ବିଜୟ ଦିବସ ପାଳନବେଳେ ପୁଟିନ୍ ଗୋଡ଼ରେ ସବୁଜ ରଙ୍ଗର କପଡ଼ା ଗୁଡ଼ାଇ ଦ୍ୱିତୀୟ ବିଶ୍ୱଯୁଦ୍ଧ ଭେଟେରାନ୍ ଓ ବରିଷ୍ଠ ଅଧିକାରୀଙ୍କ ଗହଣରେ ବସିଥିବା ଦେଖିବାକୁ ମିଳିଥିଲା। ଏଥିସହ ସେ କଳାରଙ୍ଗର ବମ୍ପର ଜ୍ୟାକେଟ୍ ପିନ୍ଧି ବାରମ୍ବାର କାଶୁଥିଲେ। ଅନ୍ୟମାନଙ୍କ ଅପେକ୍ଷା ପୁଟିନ୍ ଅଧିକ ମୋଟା କପଡ଼ାରେ ନିଜ ଶରୀରକୁ ଢାଙ୍କି ରଖିଥିବା ରିପୋର୍ଟ ପ୍ରକାଶ ପାଇଛି। ଆସନ୍ତା ମାସରେ ପୁଟିନ୍ ତାଙ୍କ କ୍ୟାନ୍‌ସର ଚିକିତ୍ସା ନିମନ୍ତେ ଅସ୍ତ୍ରୋପଚାର କରାଇପାରନ୍ତି ବୋଲି କୁହାଯାଉଛି। ସେହିପରି ସୋସିଆଲ ମିଡିଆରେ ଅପ୍‌ଲୋଡ୍ ହୋଇଥିବା ଆଉ ଏକ ଭିଡିଓରେ ୧୨ମିନିଟ୍‌ର ବୈଠକରେ ପୁଟିନ୍ ଟେବୁଲର ଏକ କୋଣକୁ ଜାବୁଡ଼ି ଧରିଥିବା ଦେଖିବାକୁ ମିଳିଛି।



### 'ଦେଶକୁ ୧ ଲକ୍ଷ ଡ୍ରୋନ୍ ପାଇଲଟ ଆବଶ୍ୟକ'

**ନୂଆଦିଲ୍ଲୀ,୧୦।୫:** ଆଗାମୀ ଭବିଷ୍ୟତରେ ଦେଶକୁ ୧ ଲକ୍ଷ ଡ୍ରୋନ୍ ପାଇଲଟଙ୍କ ଆବଶ୍ୟକତା ଥିବା ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଙ୍ଗଳବାର କହିଛନ୍ତି। ପାଖାପାଖି ୧୨ ରାଷ୍ଟ୍ରମନ୍ତ୍ରୀ ଦେଶରେ ଡ୍ରୋନ୍ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଦେଶରେ ଡ୍ରୋନ୍ ସେକ୍ଟରକୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇଛି। ପ୍ରଥମଟି ହେଲା ଦେଶରେ ଡ୍ରୋନ ସେକ୍ଟର ପାଇଁ ଜରୁରୀ ପଲିସିର ଆବଶ୍ୟକତା ରହିଛି। ଦ୍ୱିତୀୟରେ ନୀତି ଆୟୋଗର ପ୍ରୋତ୍ସାହନ ରାଶି ଯୋଗାଣ। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ପ୍ରଡକ୍ସନ ଲିଙ୍କଡ୍ ଇନ୍‌ସେଣ୍ଟିଭ୍ (ପିଏଲ୍‌ଆଇ) ଜରିଆରେ ଡ୍ରୋନ୍ ନିର୍ମାଣ କ୍ଷେତ୍ରରେ ଉନ୍ନତୀକରଣ କରାଯାଉଥିବା ରାଷ୍ଟ୍ରମନ୍ତ୍ରୀ କହିଛନ୍ତି।

# ଇସ୍ତଫା ପରେ ପ୍ରଧାନମନ୍ତ୍ରୀଙ୍କ ପଳାୟନ

**ଶ୍ରୀଲଙ୍କା ସଙ୍କଟ**



ମହିନ୍ଦା ରାଜପାକ୍‌ସେ

- ପରିବାର ସହ ନାଭାଲ ବେସ୍‌ରେ ଆଶ୍ରୟ ନେଇଛନ୍ତି
- ୮ରେ ପହଞ୍ଚିଲା ହିଂସା ମୃତ୍ୟୁସଂଖ୍ୟା
- ବିକ୍ଷୋଭକାରୀଙ୍କୁ ଦେଖିବା ମାତ୍ରେ ଗୁଳି ନିର୍ଦ୍ଦେଶ
- ମିଳିତ ସରକାର ଗଠନକୁ ବିରୋଧୀ ଦଳର ଅଗ୍ରାହ୍ୟ



କଲମ୍ବୋରେ ସରକାର ବିରୋଧୀ ଓ ସମର୍ଥକଙ୍କ ମଧ୍ୟରେ ସଂଘର୍ଷରୁ ଭାଙ୍ଗିଯାଇଥିବା ଏକ ଗାଡ଼ି ନିକଟରେ ଯବାନ ଛିଡ଼ା ହୋଇଛନ୍ତି।

**କଲମ୍ବୋ,୧୦।୫**

ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍‌ସେ ସୋମବାର ଇସ୍ତଫା ଦେବା ପରେ ନିଜ ପରିବାର ସହ ରାଜଧାନୀ କଲମ୍ବୋରୁ ପଳାୟନ କରିଛନ୍ତି। ସେମାନେ ଦ୍ୱୀପରାଷ୍ଟ୍ରର ଉତ୍ତରପୂର୍ବରେ ଥିବା ତ୍ରିଙ୍କୋମାଲି ନାଭାଲ ବେସ୍‌ରେ ଆଶ୍ରୟ ନେଇଥିବାବେଳେ ଆର୍ଥିକ ସଙ୍କଟକୁ ନେଇ ଆନ୍ଦୋଳନ ତୀବ୍ରତର ହୋଇଛି। ସର୍ବସାଧାରଣ ସମ୍ପତ୍ତି ନଷ୍ଟ କରୁଥିବା ବିକ୍ଷୋଭକାରୀଙ୍କୁ ଦେଖିବା ମାତ୍ରେ ଗୁଳି କରିବାକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମହିନ୍ଦା ଓ ତାଙ୍କ ପରିବାର ହେଲିକପ୍ଟର ଯୋଗେ ନାଭାଲ ବେସ୍‌କୁ ଚାଲିଯାଇଥିବାବେଳେ ଏହା ବାହାରେ ବିକ୍ଷୋଭ ଜୋର୍‌ଦାର ହୋଇଛି।

ସୋମବାର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସମର୍ଥକ ଓ ସରକାର ବିରୋଧୀ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ବିକ୍ଷୋଭକାରୀମାନେ ଶାନ୍ତିପୂର୍ଣ୍ଣ ଭାବେ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ ଚଳାଇଥିବାବେଳେ ମହିନ୍ଦାଙ୍କ ସମର୍ଥକମାନେ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଶାସକ ଦଳ ଏମ୍‌ପି ଅମରକୀର୍ତ୍ତି ଅଥୁକୋରଲା ୨ ଜଣ ବିକ୍ଷୋଭକାରୀଙ୍କୁ ଗୁଳିକରି ମାରିବା ପରେ ଆନ୍ଦୋଳନକାରୀ ତାଙ୍କୁ ଘେରିଯିବାରୁ ସେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିଲେ। ଘଟଣାସ୍ଥଳରୁ ଏମ୍‌ପିଙ୍କ ଅଙ୍ଗରକ୍ଷୀଙ୍କ ମୃତଦେହ ମଧ୍ୟ ମିଳିଥିଲା। ସେଠାରେ ହିଂସାକାଣ୍ଡଜନିତ ମୃତ୍ୟୁସଂଖ୍ୟା ୮ରେ ପହଞ୍ଚିଲାଣି। କଲମ୍ବୋ ଏବଂ ଅନ୍ୟ ସହରରେ ଘଟିଥିବା ହିଂସାରେ ୨୨୫ରୁ ଊର୍ଦ୍ଧ୍ୱ ଆହତ ହେଲେଣି। ବିକ୍ଷୋଭକାରୀମାନେ ମହିନ୍ଦାଙ୍କ ପୈତୃକ ଘରକୁ ଗତ ରାତିରେ ଜାଳିଦେଇଥିଲେ। ହିଂସା ରୋକିବା ପାଇଁ ଦେଶବ୍ୟାପୀ କର୍ଫ୍ୟୁ ଜାରି ହେବା ସହ ହଜାର ହଜାର ସୈନ୍ୟ ଓ ପୋଲିସଙ୍କୁ ମୁତୟନ କରାଯାଇଛି। ମହିନ୍ଦାଙ୍କ ଇସ୍ତଫା ସତ୍ତ୍ୱେ ଉତ୍ତ୍ୟକ୍ତ ବିକ୍ଷୋଭକାରୀଙ୍କ ରାଗ ଶାନ୍ତ ହୋଇନାହିଁ। ସେମାନେ ଗତ ରାତିରେ ତାଙ୍କ କଲମ୍ବୋ ସରକାରୀ ବାସଭବନ ମଧ୍ୟକୁ ପ୍ରବେଶ ଉଦ୍ୟମ କରିଥିଲେ। ବାସଭବନ ପରିସର ମଧ୍ୟକୁ ଅନ୍ୟୁନ ୧୦ଟି ପେଟ୍ରୋଲ ବୋମା ଫିଙ୍ଗାଯାଇଥିବା ଏକ ରିପୋର୍ଟରେ କୁହାଯାଇଛି। ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଗୁଳି କରିବା ଲାଗି ଧମକ ଦେବାରୁ ଫେରିଯାଇଥିଲେ। ଭୋର ସମୟରେ ସୈନ୍ୟମାନେ ମହିନ୍ଦା ଓ ତାଙ୍କ ପରିବାରକୁ ସେଠାରୁ ନାଭାଲ ବେସ୍‌କୁ ନେଇଯାଇଥିବା ଜଣାପଡ଼ିଛି। କର୍ଫ୍ୟୁ ସତ୍ତ୍ୱେ ଶାସକ ଦଳ ନେତାଙ୍କର ୪୧ରୁ ଅଧିକ ଘର ଏବଂ ଶତାଧିକ ଗାଡ଼ିକୁ ପୋଡ଼ିଦିଆଗଲାଣି।

ଶ୍ରୀଲଙ୍କାରେ ଦୀର୍ଘଦିନ ହେଲା ଆର୍ଥିକ ସଙ୍କଟ ଲାଗିରହିଛି। ଲୋକେ ନାହିଁ ନ ଥିବା ଦୁର୍ଦ୍ଦିନର ସମ୍ମୁଖୀନ ହୋଇଛନ୍ତି। ସେଠାରେ ଖାଦ୍ୟ, ଔଷଧ, ଇନ୍ଧନ ଆଦି ଅତ୍ୟାବଶ୍ୟକ ସାମଗ୍ରୀର ଘୋର ଅଭାବ ଦେଖାଦେଇଥିବାବେଳେ କୋଇଲା ଅଭାବରୁ ଦୀର୍ଘ ସମୟ ବିଜୁଳି କାଟ୍ ହେଉଛି। ୧୯୪୮ରେ ଦେଶ ସ୍ୱାଧୀନ ହେବା ପରେ ଏଭଳି ଗମ୍ଭୀର ଆର୍ଥିକ ସଙ୍କଟ କେବେ ଦେଖାଦେଇ ନ ଥିଲା। ଏଥିପାଇଁ ରାଜପାକ୍‌ସେ ସରକାରଙ୍କୁ ଦାୟୀ କରାଯାଇ ସେମାନଙ୍କ ଇସ୍ତଫା ଦାବି ହୋଇଆସୁଥିଲା। ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେ ଦେଶରେ ଏମର୍ଜେନ୍ସି ଜାରି କରିବାରୁ ଆନ୍ଦୋଳନ ଅଧିକ ଜୋର୍‌ଦାର ହୋଇଛି।

ପ୍ରଧାନମନ୍ତ୍ରୀ ପଦରୁ ମହିନ୍ଦାଙ୍କ ଇସ୍ତଫା ପରେ ଅନ୍ତରୀଣ ସରକାର ଗଠନ ଲାଗି ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେଙ୍କ ଆମନ୍ତ୍ରଣକୁ ମୁଖ୍ୟ ବିରୋଧୀ ଦଳ ସାମାଗି ଜନବଲୱେଗୟା (ଏସ୍‌ଜେବି) ମଙ୍ଗଳବାର ଅଗ୍ରାହ୍ୟ କରିଦେଇଛି। ଅନ୍ତରୀଣ ସରକାର ଗଢ଼ିବା ପରିବର୍ତ୍ତେ ରାଷ୍ଟ୍ରପତି ଇସ୍ତଫା ଦିଅନ୍ତୁ ବୋଲି ଏହି ଦଳ ଦାବି କରିଛି।

ଶ୍ରୀଲଙ୍କାର ଆୟ ମୁଖ୍ୟତଃ ପର୍ଯ୍ୟଟନ ଓ ବାହାର ଦେଶରୁ ଆସୁଥିବା ରୋଜଗାର ଅର୍ଥ ଉପରେ ନିର୍ଭର କରିଥାଏ। କରୋନା ମହାମାରୀ ଯୋଗୁ ଆୟ ବନ୍ଦ ହୋଇଯିବାରୁ ଋଣ ଶୁଝିବା ପାଇଁ ବିଦେଶୀ ବିନିମୟ ଭଣ୍ଡାରରେ ନିଅଣ୍ଟ ଦେଖାଦେଲା। ସରକାର ବିଦେଶରୁ ଇନ୍ଧନ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଆମଦାନୀ ବନ୍ଦ କରିବାକୁ ବାଧ୍ୟ ହେଲେ। ଫଳରେ ଇନ୍ଧନ ଅଭାବ ସାଙ୍ଗକୁ ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ ହେଲା ଏବଂ କୋଇଲା ଅଭାବରୁ ଅଧାଦିନ ବିଜୁଳି ରହିଲା ନାହିଁ। ସରକାରଙ୍କ ଉପରେ ଏବେ ୫୧ ବିଲିୟନ ଡଲାର ବିଦେଶୀ ଋଣ ବୋଝ ରହିଛି। ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ପରେ ମିଳିତ ସରକାର ଗଢ଼ିବା ପାଇଁ ବିରୋଧୀ ଦଳ ମନା କରିଦେବା ପରେ ରାଷ୍ଟ୍ରପତି କାମଚଳା ସରକାର ନିଯୁକ୍ତ କରିପାରନ୍ତି କିମ୍ବା ଇସ୍ତଫା ଦେଇପାରନ୍ତି ଅଥବା ଆନ୍ଦୋଳନ ଦମନ ଲାଗି ଅଧିକ ସୈନ୍ୟ ଓ ପୋଲିସ ମୁତୟନ କରିପାରନ୍ତି ବୋଲି କୁହାଯାଉଛି।

## ପବନରେ ଭୁଶୁଡ଼ିଲା ବ୍ରିଜ୍

**ଅଫିସରଙ୍କ ଉତ୍ତରରେ ଗଡ଼କରୀ ବିସ୍ମିତ**

**ପାଟନା, ୧୦।୫**

ବିହାରର ସୁଲତାନଗଞ୍ଜରେ ଏକ ନିର୍ମାଣାଧୀନ ବ୍ରିଜ୍ ଭାଙ୍ଗିବାର କାରଣକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସ୍ପଷ୍ଟୀକରଣରେ ଜଣେ ଆଇଏଏସ୍ ଅଧିକାରୀ ପୋଲ ଭାଙ୍ଗିବାରେ ପବନକୁ ଦାୟୀ କରିବା ଆଶ୍ଚର୍ଯ୍ୟକର ବୋଲି କହି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ବିହାରରେ ନୀତିଶ କୁମାରଙ୍କ ସରକାରଙ୍କୁ ପରୋକ୍ଷରେ ସମାଲୋଚନା କରିଛନ୍ତି।

ସୁଲତାନଗଞ୍ଜରେ ଗଙ୍ଗା ନଦୀ ଉପରେ ନିର୍ମାଣଧୀନ ଏକ ପୋଲ ଗତ ଏପ୍ରିଲ ୨୯ରେ ଭୁଶୁଡ଼ି ଯାଇଥିଲା। ଏଥିରେ କେହି ମୃତାହତ ହୋଇ ନ ଥିଲେ। ଏଠାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଗଡ଼କରୀ କହିଛନ୍ତି, ବ୍ରିଜ୍ ଭାଙ୍ଗିବାର କାରଣ ସମ୍ପର୍କରେ ସେ ତାଙ୍କ ସଚିବଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ। ହେଲେ ଆଇଏଏସ୍ ଅଧିକାରୀଙ୍କ କଥାରେ ସେ ଆଶ୍ଚର୍ଯ୍ୟ ହୋଇଥିଲେ। ଗଡ଼କରୀ କହିଥିଲେ, ପବନରେ କିପରି ଏକ ପୋଲ ଭାଙ୍ଗିପାରିବ



ତାହା ବୁଝିପଡୁନାହିଁ। ଏଥିରେ କିଛି ନା କିଛି ତ୍ରୁଟି ନିଶ୍ଚୟ ରହିଛି। ବ୍ରିଜ୍ ଭୁଶୁଡ଼ିବା ଘଟଣାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ନିର୍ଦ୍ଦେଶ ଦେଇଥିବା ସୁଲତାନଗଞ୍ଜ ବିଧାୟକ ଲଳିତ ନାରାୟଣ ମଣ୍ଡଳ କହିଛନ୍ତି। ୧୭୧୦ କୋଟି ଟଙ୍କାରେ ନିର୍ମାଣ ହେଉଥିବା ଏକ ବ୍ରିଜ୍ ପବନରେ ଭାଙ୍ଗିଯିବା ଯାଞ୍ଚ ପରିସରଭୁକ୍ତ ବୋଲି ବିଧାୟକ କହିଛନ୍ତି।

## କୁତବ୍‌ମିନାର ନାଁ ବିଷ୍ଣୁ ସ୍ତମ୍ଭ ରଖିବା ଦାବିରେ ବିକ୍ଷୋଭ

**ନୂଆଦିଲ୍ଲୀ,୧୦।୫**

ଦିଲ୍ଲୀର କୁତବ୍‌ମିନାର ନାଁ ବଦଳାଇ ବିଷ୍ଣୁ ସ୍ତମ୍ଭ ରଖିବା ଦାବିରେ ମଙ୍ଗଳବାର ହିନ୍ଦୁ ସଂଗଠନ ଆନ୍ଦୋଳନକୁ ଓହ୍ଲାଇଛି। ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟ ସ୍ଥଳ ଭାବେ ସ୍ୱୀକୃତି ପାଇଥିବା କୁତବ ମିନାରରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଏହା ସତ୍ତ୍ୱେ ମହାକାଳ ମାନବ ସେବା ଓ ଅନ୍ୟ ହିନ୍ଦୁ ସଂଗଠନର କର୍ମୀମାନେ ସେଠାରେ ପ୍ଲାକାର୍ଡ ଧରି ବିକ୍ଷୋଭ କରିଥିଲେ। ସେମାନେ ସେଠାରେ ହନୁମାନ ଚାଳିଶା ଜପ କରିଥିଲେ। ମୋଗଲ ଶାସକଙ୍କ ଦ୍ୱାରା ନାମିତ ଦିଲ୍ଲୀର ଆକବର ରୋଡ୍, ହୁମାୟୁନ୍ ରୋଡ୍, ଆଉରଙ୍ଗଜେବ୍ ଲେନ୍, ତୋଗଲକ ଲେନ୍ ଆଦିର ନାମ ପରିବର୍ତ୍ତନ ଲାଗି ଇତିମଧ୍ୟରେ ଦିଲ୍ଲୀ ଭାଜପା ପକ୍ଷରୁ ଦାବି କରାଯାଇଛି। ଉତ୍ତର ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନର ଅଧକ୍ଷଙ୍କୁ ପତ୍ର ଲେଖି ଦିଲ୍ଲୀ ଭାଜପା ସଭାପତି ଆଦେଶ ଗୁପ୍ତା ଉକ୍ତ ରାସ୍ତାଗୁଡ଼ିକର ନାମ ମହାରାଣା ପ୍ରତାପ, ଗୁରୁ ଗୋବିନ୍ଦ ସିଂ, ମହର୍ଷି ବାଲ୍ମୀକି ଏବଂ ଜେନେରାଲ ବିପିନ ରାୱତ ରଖିବାକୁ ପ୍ରସ୍ତାବ ଦେଇଛନ୍ତି।




କୁତବମିନାର ନାଁ ବଦଳାଇ ବିଷ୍ଣୁ ସ୍ତମ୍ଭ ରଖିବା ଦାବିରେ ମଙ୍ଗଳବାର ହିନ୍ଦୁ ସଂଗଠନର କର୍ମୀମାନେ ଆନ୍ଦୋଳନ କରୁଛନ୍ତି।

## ଜେଲରେ ଦଙ୍ଗା: ୪୩ କଏଦୀ ମୃତ

**ୱାଶିଂଟନ,୧୦।୫:** କଲରାଡୋ ସାଣ୍ଟୋଡୋମିଙ୍ଗୋ ଡେ ଲସ୍‌ର ବେଲାଭିଷ୍ଟା ଜେଲ ଦଙ୍ଗାରେ ୪୩ ବନ୍ଦୀଙ୍କ ପ୍ରାଣହାନି ହୋଇଥିବାବେଳେ ୧୦୮ ଜଣ ଫେରାର ଅଛନ୍ତି। ଅନ୍ୟ ୧୦୦ କଏଦୀ ଜେଲରୁ ଲୁଚି ପଳାଇବାକୁ ଉଦ୍ୟମ କଲାବେଳେ ଧରାପଡ଼ିଛନ୍ତି। ଜେଲରେ ଥିବା ଦୁଇ ଗୋଷ୍ଠୀ ରିଭାଲ ଲୋସ୍ ଲୋବସ୍ ଏବଂ ଆର୍ ୭ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ୧୩ କଏଦୀ ଆହତ ହୋଇଛନ୍ତି। ଜେଲ ଭିତରେ ନିଶା କାରବାର ସାଙ୍ଗକୁ ଆବଶ୍ୟକ ରହିବା ସ୍ଥାନର ଅଭାବ କାରଣରୁ ଜେଲ ଭିତରେ ଦଙ୍ଗା ହୋଇଥାଏ।

## ସାନିଟାଇଜର ପିଇ ଖେଳାଳି ଅସୁସ୍ଥ

**ଟୋକିଓ,୧୦।୫:** ଜାପାନରେ ତିନିଜଣ ଆଥଲେଟ ସାନିଟାଇଜର ପିଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ୟାମାନାଶିରେ ଆୟୋଜିତ ୫ ହଜାର ମିଟର ଚାଲିବା ପ୍ରତିଯୋଗିତାରେ ଏହି ଆଥଲେଟ ଯୋଗଦେଇଥିଲେ। ପାଣି ରହିବା ସ୍ଥାନରେ ଏକ ପ୍ଲାଷ୍ଟିକ୍ ବୋତଲରେ ସାନିଟାଇଜର ରଖାଯାଇଥିବା କାରଣରୁ ଏ ପ୍ରକାର ବ୍ୟତିକ୍ରମ ଘଟିଥିବା ୟାମାନାଶି ହାଇସ୍କୁଲ ସ୍ପୋର୍ଟସ୍ ଫେଡେରେଶନ ପକ୍ଷରୁ କୁହାଯାଇଛି। ଘଟଣା ନେଇ ୟାମାନାଶି ରାଜ୍ୟପାଳ କୋଟାରୋ ନାଗାସାକି କ୍ଷମା ମାଗିବା ସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ଦେଶଦ୍ରୋହ ଆଇନ ସମୀକ୍ଷାକୁ ସୁପ୍ରିମକୋର୍ଟଙ୍କ ଅନୁମତି

**ବିଚାରାଧୀନ ମାମଲା ଉପରେ କେନ୍ଦ୍ରକୁ ଜବାବ ମାଗିଲେ**

**ନୂଆଦିଲ୍ଲୀ,୧୦।୫**

ଦେଶଦ୍ରୋହ ଆଇନର ସମୀକ୍ଷା ଲାଗି ମଙ୍ଗଳବାର ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଅନୁମତି ଦେଇଛନ୍ତି। ତେବେ ସମୀକ୍ଷା ଶେଷ ହେବା ପର୍ଯ୍ୟନ୍ତ ଏହି ଉପନିବେଶୀୟ ଆଇନରେ ଦାଏର ହେଉଥିବା ନୂଆ ମାମଲାଗୁଡ଼ିକର ବିଚାର ସ୍ଥଗିତ ରଖାଯିବ କି ନାହିଁ, ତାହା ଉପରେ ସର୍ବୋଚ୍ଚ ଅଦାଲତ କେନ୍ଦ୍ରକୁ ଜବାବ ମାଗିଛନ୍ତି। ଛୋଟମୋଟ ଘଟଣାରେ ଧାରା ୧୨୪ଏ ଲଗାଯାଉଥିବାରୁ ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଚିନ୍ତାବ୍ୟକ୍ତ କରିଥିଲେ। ତେବେ ଉପଯୁକ୍ତ ଫୋରମ୍ ଦ୍ୱାରା ଏହି ଆଇନର ପୁନର୍ବିଚାର ଓ ସମୀକ୍ଷା କରିବା ଲାଗି କେନ୍ଦ୍ର କହିଥିବାରୁ ସେଥିପାଇଁ ଖଣ୍ଡପୀଠ ଅନୁମତି ପ୍ରଦାନ କରିଛନ୍ତି। ଯେଉଁମାନେ ଏହି ଆଇନରେ ଗିରଫ ହୋଇଛନ୍ତି, ସମୀକ୍ଷା ଶେଷ ହେବା ପର୍ଯ୍ୟନ୍ତ ସେମାନଙ୍କ ଅଧିକାରର ସୁରକ୍ଷା ପାଇଁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ନିମନ୍ତେ ଗାଇଡ୍‌ଲାଇନ ଆଣିବେ କି ବୋଲି ଅଦାଲତ ପ୍ରଶ୍ନ କରିଥିଲେ। ବିଚାରାଧୀନ ମାମଲା ତଥା ଭବିଷ୍ୟତ ମାମଲାଗୁଡ଼ିକର କିପରି ପରିଚାଳନା କରାଯିବ ସେ ନେଇ ବୁଧବାର ସୁଦ୍ଧା ସରକାର ଜବାବ ରଖିବା ଲାଗି କୁହାଯାଇଛି।

## ସଂଖ୍ୟାଲଘୁ ଚିହ୍ନଟ ଲାଗି ରାଜ୍ୟ ସହ ପରାମର୍ଶ କର

**ନୂଆଦିଲ୍ଲୀ,୧୦।୫:** ରାଜ୍ୟ ସ୍ତରରେ ସଂଖ୍ୟାଲଘୁ ଚିହ୍ନଟ ଲାଗି କେନ୍ଦ୍ର ସରକାର ଭିନ୍ନ ଆଭିମୁଖ୍ୟ ଆପଣାଉଥିବାରୁ ସୁପ୍ରିମକୋର୍ଟ ମଙ୍ଗଳବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ପ୍ରସଙ୍ଗରେ ୩ ମାସ ମଧ୍ୟରେ ରାଜ୍ୟଗୁଡ଼ିକ ସହ ପରାମର୍ଶ କରିବା ଲାଗି ସର୍ବୋଚ୍ଚ ଅଦାଲତ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ସଂଖ୍ୟାଲଘୁ ଚିହ୍ନଟ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ କରିବା କ୍ଷମତା କେନ୍ଦ୍ର ହାତରେ ରହିଛି ବୋଲି ସୋମବାର ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଏ ସମ୍ପର୍କିତ କୌଣସି ନିଷ୍ପତ୍ତି ରାଜ୍ୟ ଓ ଅନ୍ୟ ଅଂଶୀଦାରମାନଙ୍କ ସହ ଆଲୋଚନା ପରେ ନିଆଯିବ ବୋଲି କେନ୍ଦ୍ର କହିଥିଲା। ତେବେ ହିନ୍ଦୁ ଓ ଅନ୍ୟ ସମ୍ପ୍ରଦାୟଙ୍କୁ ସଂଖ୍ୟାଲଘୁ ମାନ୍ୟତା ଦିଆଯିବା ସମ୍ପର୍କରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ନିଷ୍ପତ୍ତି ନେବେ ବୋଲି ଗତ ମାର୍ଚ୍ଚରେ କେନ୍ଦ୍ର କହିଥିଲା।

## ମହାରାଣୀଙ୍କ ଅଭିଭାଷଣ ପଢ଼ିଲେ ପ୍ରିନ୍ସ ଚାର୍ଲସ

**ଲଣ୍ଡନ, ୧୦।୫**

ବ୍ରିଟେନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ (୯୬) ଚାଲିବାରେ ଅସୁବିଧା ଯୋଗୁ ମଙ୍ଗଳବାର ଆରମ୍ଭ ହୋଇଥିବା ବ୍ରିଟିଶ ପାର୍ଲାମେଣ୍ଟ ଅଧିବେଶନରେ ଉପସ୍ଥିତ ହୋଇପାରିନାହାନ୍ତି। ପରମ୍ପରା ଅନୁସାରେ ମହାରାଣୀ ପ୍ରଥମେ ଅଭିଭାଷଣ ଦେବା କଥା। କିନ୍ତୁ ତାଙ୍କ ଅନୁପସ୍ଥିତିରେ ପ୍ରଥମ ଥର ପାଇଁ ପ୍ରିନ୍ସ ଚାର୍ଲସ୍ ପ୍ୟାଲେସ୍ ଅଫ୍ ୱେଷ୍ଟମିନାରରେ ଏହି ଅଭିଭାଷଣ ପଢ଼ିଛନ୍ତି। ନିକଟରେ ଏକ ଟେବୁଲରେ ମହାରାଣୀଙ୍କ ମୁକୁଟ ରଖାଯାଇଥିଲା। ଏହି ବକ୍ତବ୍ୟ ବ୍ରିଟେନ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ। ଏଥିରେ ସରକାରୀ ଏଜେଣ୍ଡା ସ୍ଥାନିତ ହୋଇଥାଏ। ଅଭିଭାଷଣ ଆରମ୍ଭରେ ମହାରାଣୀ 'ମାଇ ମାଜେଷ୍ଟି' ପଢ଼ିଥାନ୍ତି। ତେବେ ପ୍ରିନ୍ସ ଚାର୍ଲସ ଏହା ବଦରେ 'ହର ମାଜେଷ୍ଟି'ରୁ ବକ୍ତବ୍ୟ ଆରମ୍ଭ କରିଥିଲେ। ବିଶ୍ୱର ସବୁଠୁ ଦୀର୍ଘ ସମୟ (୭୦ ବର୍ଷ) ପର୍ଯ୍ୟନ୍ତ ମହାରାଣୀ ଥିବା ଏଲିଜାବେଥ ଗର୍ଭବତୀ ଥିବାବେଳେ ୧୯୫୯ ଓ ୧୯୬୩ରେ ଅଭିଭାଷଣ ପ୍ରଦାନ କରି ନ ଥିଲେ।



# ଫିଲିପାଇନ୍ସକୁ ଫେରିଲା ମାର୍କୋସ ଶାସନ

**ମାର୍କୋସ୍ ଜୁନିୟର ରାଷ୍ଟ୍ରପତି, ଡୁଟେର୍ଟେ ଉପରାଷ୍ଟ୍ରପତି**

**ମାନିଲା, ୧୦।୫**

ଫିଲିପାଇନ୍ସକୁ ପୁଣି ଫେରିଛି ମାର୍କୋସ୍ ଶାସନ। ଏକଛତ୍ରବାଦୀ ଶାସକ ସ୍ୱର୍ଗତଃ ଫର୍ଡିନାଣ୍ଡ ଇମାନ୍ୱେଲ ଇଡ୍ରାଲିନ୍ ମାର୍କୋସ୍‌ଙ୍କ ପୁଅ ଫର୍ଡିନାଣ୍ଡ ମାର୍କୋସ୍ ଜୁନିୟର ଦେଶର ନୂଆ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। କଡ଼ା ଟକ୍କର ଦେଇଥିବା ଲେନି ରୋବ୍ରୋଡୋଙ୍କୁ ସେ ପରାଜିତ କରିଛନ୍ତି। ସେହିପରି ବିଦାୟୀ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେଙ୍କ ଝିଅ ସାରା ଡୁଟେର୍ଟେ ଉପରାଷ୍ଟ୍ରପତି ଭାବେ ନିର୍ବାଚନରେ ବିଜୟୀ ହୋଇଛନ୍ତି। ୬୪ ବର୍ଷୀୟ ମାର୍କୋସ୍ ଜୁନିୟର ପାଟ୍ରିଡୋ ଫେଡେରାଲ ଫିଲିପିନାସ୍ (ପିଏଫ୍‌ପି) ଦଳ ଟିକେଟରେ ବିପୁଳ ବିଜୟ ହାସଲ ପରେ ଦେଶରେ ଡିକ୍ଟେଟରଶିପ୍ ଶାସନ ବଜାୟ ଜାରି ରହିବା ଆଶଙ୍କା ଦେଖାଦେଇଛି। ତେବେ ସେ ତାଙ୍କ ବାପାଙ୍କଠାରୁ ଭିନ୍ନ ଆଭିମୁଖ୍ୟ ଆପଣାଇପାରନ୍ତି ବୋଲି କୁହାଯାଉଛି।

୨୦ ବର୍ଷ ଧରି ଶାସନରେ ଥିବା ଫର୍ଡିନାଣ୍ଡ ଇମାନ୍ୱେଲ ଇଡ୍ରାଲିନ୍ ମାର୍କୋସ୍‌ଙ୍କୁ ୧୯୮୬ରେ 'ପିପୁଲ ପାୱାର' କ୍ରାନ୍ତି ପରେ ପଦରୁ ହଟିବାକୁ ପଡ଼ିଥିଲା। ତାଙ୍କ ବିରୋଧରେ ବହୁ ସଂଖ୍ୟାରେ ମାନବାଧିକାର ଉଲ୍ଲଂଘନ ସହ ପ୍ରାୟ ୧୦ ବିଲିୟନ ଡଲାର ଅର୍ଥ ଲୁଟ୍ ଅଭିଯୋଗ ରହିଥିଲା। ଏହା ପରେ ସେ ପରିବାର ସହ ହୱାଇକୁ ପଳାୟନ କରିଥିଲେ। ଏହାର ୩୬ ବର୍ଷ ପରେ ରାଷ୍ଟ୍ରପତି ନିର୍ବାଚନରେ ତାଙ୍କ ପୁଅ ଜୁନିୟର ମାର୍କୋସ ପ୍ରାୟ ୧୧ କୋଟି ଜନସଂଖ୍ୟା ବିଶିଷ୍ଟ ଏସୀୟ ରାଷ୍ଟ୍ର ଫିଲିପାଇନ୍ସରେ ୩ କୋଟିରୁ ଊର୍ଦ୍ଧ୍ୱ ଭୋଟ ହାତେଇ ବଡ଼ ଧରଣର ବିଜୟ ହାସଲ କରିଛନ୍ତି। ୧୯୮୯ରେ ମାର୍କୋସ୍ ଜୁନିୟରଙ୍କ ବାପାଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ମାର୍କୋସ୍ ଜୁନିୟରଙ୍କ ମା' ଇମେଲଦା ମାର୍କୋସ୍ କ୍ଷମତା ହାସଲ ପାଇଁ ୨ ଥର ଉଦ୍ୟମ କରି ବିଫଳ ହୋଇଥିଲେ। ବାପାଙ୍କ କର୍ତ୍ତୃତ୍ୱ ପାଇଁ ମାର୍କୋସ୍ ଜୁନିୟର କ୍ଷମା ମାଗିବାକୁ ପୂର୍ବରୁ ମନା କରିଥିଲେ। ତେବେ ମାର୍କୋସ୍ ଜୁନିୟରଙ୍କ ବିଜୟ ଆମେରିକା ପାଇଁ ସମସ୍ୟା ସୃଷ୍ଟି କରିପାରେ। ଏହି ଦେଶରେ ଚାଇନାର ପ୍ରଭାବ ହ୍ରାସ ପାଇଁ ଆମେରିକା ଉଦ୍ୟମ କରିଆସୁଥିବାବେଳେ ବେଜିଂ ପ୍ରତି ମାର୍କୋସ୍ ଅଧିକ ଢଳିବା ୱାଶିଂଟନ୍ ପାଇଁ ଚିନ୍ତାର କାରଣ ହୋଇପାରେ। ମାର୍କୋସ ଜୁନିୟର ବିଦେଶ ନୀତି ସମ୍ପର୍କରେ ବିଶେଷ କରି କହି ନ ଥିଲେ ହେଁ ଚାଇନା ସହ ସେ ଭଲ ସମ୍ପର୍କ ଚାହୁଁଥିବା ଏକ ସାକ୍ଷାତ୍କାରରେ ପ୍ରକାଶ କରିଥିଲେ।



ଫର୍ଡିର୍ନାଣ୍ଡ ମାର୍କୋସ୍ ଜୁନିୟର



ସାରା ଡୁଟେର୍ଟେ

ଅପରପକ୍ଷେ ଲାକାସ୍ ସିଏମ୍‌ଡି ଟିକେଟରେ ଉପରାଷ୍ଟ୍ରପତି ନିର୍ବାଚିତ ହୋଇଥିବା ୪୩ ବର୍ଷୀୟା ସାରା ଡୁଟେର୍ଟେ ଡାଭାଓ ସହରର ମେୟର ଥିଲେ। ସେ ଜଣେ ଆଇନଜୀବୀ ଏବଂ ଫିଲିପାଇନ୍ ଆର୍ମିରେ ରିଜର୍ଭ ଅଫିସର ମଧ୍ୟ ରହିଛନ୍ତି। ରାଜନୈତିକ କ୍ୟାରିୟରରେ ସେ ନିଜ ଦକ୍ଷତାରେ ସଫଳତା ହାସଲ କରିଛନ୍ତି। ସେ ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହୁଅନ୍ତୁ ବୋଲି ଡୁଟେର୍ଟେଙ୍କ ଦଳ ଚାହୁଁଥିଲା। କିନ୍ତୁ ୩ ସନ୍ତାନଙ୍କ ମା' ସାରା ଉପରାଷ୍ଟ୍ରପତି ପଦରେ ନିର୍ବାଚନ ଲଢ଼ିବାକୁ ବାଛିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୧,୮୦,୩୨,୬୩୧ | ୬୨,୭୮,୭୯୩ | ୪୭,୨୮,୪୨,୭୫୦ |
| ଭାରତ | ୪,୩୧,୦୭,୬୮୯ | ୫,୨୪,୧୦୩ | ୪,୨୫,୭୩,୯୪୯ |
| ଓଡ଼ିଶା | ୧୨,୮୮,୨୨୨ | ୯୧୨୬(+୫୩) | ୧୨,୭୮,୯୨୯ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଓୟୁଟିଆର୍ ନବକଳେବର ପାଇଁ ୧୫୦୦ କୋଟି

## ବୈଷୟିକ ଶିକ୍ଷାକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ



## ୫ ବର୍ଷରେ ୧୦ ହଜାର ଛାତ୍ରୀଛାତ୍ର ପାଠପଢ଼ିବା ସୁଯୋଗ ପାଇବେ

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

ଓଡ଼ିଶାର ବୈଷୟିକ ଶିକ୍ଷା କ୍ଷେତ୍ରର ଅଗ୍ରଣୀ ଅନୁଷ୍ଠାନ ଓଡ଼ିଶା ବୈଷୟିକ ଶିକ୍ଷା ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର)ର ନବକଳେବର ହେବ। ଓୟୁଟିଆର ବିକାଶ ସମ୍ପର୍କିତ ମାଷ୍ଟରପ୍ଲାନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଆସନ୍ତା ୩ ବର୍ଷରେ ୩ଟି ପର୍ଯ୍ୟାୟରେ ୧୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ। କେବଳ ପ୍ରଥମ ବର୍ଷରେ ବିନିଯୋଗ ହେବ ୧୦୦୦ କୋଟି ଟଙ୍କା। ଆଇଆଇଏମ୍, ଆଇଆଇଟି ଓ ଏନ୍ଆଇଟି ପରି ଖ୍ୟାତିସମ୍ପନ୍ନ ବୈଷୟିକ ଅନୁଷ୍ଠାନ ପରି ଏହାର ବିକାଶ କରାଯିବ। ବର୍ତ୍ତମାନ ଓୟୁଟିଆରରେ ୪୬୦୦ ଛାତ୍ରୀଛାତ୍ର ପଢୁଥିବା ବେଳେ ଆଗାମୀ ୫ ବର୍ଷରେ ଯେପରି ୧୦ ହଜାର ଛାତ୍ରୀଛାତ୍ର ପଢ଼ିବାର ସୁଯୋଗ ପାଇବେ, ତାକୁ ଦୃଷ୍ଟିରେ ରଖି ଏହାକୁ ଆଇଆଇଟି ଢାଞ୍ଚାରେ ବିକାଶ କରାଯିବ। ପୂର୍ବରୁ ଏହା କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ବା ସିଇଟି ଭାବେ ପରିଚିତ ଥିଲା। ଭିତ୍ତିଭୂମିଠାରୁ ଆରମ୍ଭ କରି ମାନବ ସମ୍ବଳର ବିକାଶ ଜରିଆରେ ଏହି ଅନୁଷ୍ଠାନର ରୂପାନ୍ତର ହେବ।

ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଓୟୁଟିଆର ଭିତ୍ତିଭୂମି, ପରିଚାଳନା, ଶିକ୍ଷାଦାନ ଆଦି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ବିଶ୍ୱବିଦ୍ୟାଳୟକୁ ବୈଷୟିକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ଗଢ଼ିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଶିକ୍ଷା ଓ ଗବେଷଣାର ଗୁଣାତ୍ମକ ମାନ ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଉଚ୍ଚମାନର ଶିକ୍ଷାଦାନ ସହ ନ୍ୟୁ ଏଜ୍ ଟେକ୍ନୋଲୋଜି ପାଇଁ ନୂଆ ନୂଆ ପାଠ୍ୟକ୍ରମ ଖୋଲାଯାଇ ମାନବ ସମ୍ବଳର ବିକାଶ ତଥା ଆନ୍ତଃ ବିଭାଗୀୟ ଗବେଷଣା କାର୍ଯ୍ୟକ୍ରମକୁ ଉତ୍ସାହିତ କରିବା ପାଇଁ ଅଧିକ ସେଣ୍ଟର ଅଫ୍ ଏକ୍ସିଲେନ୍ସ ମଧ୍ୟ ପ୍ରତିଷ୍ଠା କରାଯିବ। ଏଥିସହିତ ଶିକ୍ଷାଦାନ ଓ ଗବେଷଣା ପାଇଁ ଦେଶ ବିଦେଶର ବିଶ୍ୱବିଦ୍ୟାଳୟ ସହ ମଧ୍ୟ ସହଭାଗିତାରେ କାର୍ଯ୍ୟ କରାଯିବ। ପ୍ରଯୁକ୍ତିବିଦ୍ୟା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଷ୍ଟାର୍ଟଅପ୍ କଲଚରକୁ ଉତ୍ସାହିତ କରିବା ଏବଂ ସେମାନଙ୍କ ଭିତରେ ଉଦ୍ୟୋଗୀ ମନୋଭାବର ବିକାଶ ପାଇଁ ବିଭିନ୍ନ ଅଗ୍ରଣୀ ଶିଳ୍ପାନୁଷ୍ଠାନ ସହଯୋଗରେ ଇନ୍‌କ୍ୟୁବେଶନ ସେଣ୍ଟର ମଧ୍ୟ ବିକାଶ କରାଯିବ। ବିଶ୍ୱବିଦ୍ୟାଳୟ ମଧ୍ୟରେ ଗବେଷଣା ସହିତ ଯେପରି ନୂଆ ନୂଆ ପେଟେଣ୍ଟ ଓ ବୌଦ୍ଧିକ ସମ୍ପତ୍ତି ଅଧିକାର ହାସଲ କରାଯାଇପାରିବ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ।

ସୂଚନାଯୋଗ୍ୟ ଯେ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଓୟୁଟିଆର(ସିଇଟି) ପରିଦର୍ଶନ କରି ଅଧ୍ୟାପକ ତଥା ଛାତ୍ରୀଛାତ୍ରମାନଙ୍କ ସହିତ ଅନୁଷ୍ଠାନର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।

ଉଲ୍ଲେଖଯୋଗ୍ୟ,ଏହି ବିଶ୍ୱବିଦ୍ୟାଳୟ ୧୯୮୧ ମସିହାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ବା ସିଇଟି ନାମରେ ପ୍ରତିଷ୍ଠିତ ହୋଇଥିଲା। ୨୦୦୧ ମସିହାରେ ଏହା ଭୁବନେଶ୍ୱରର ଘାଟିକିଆଠାରେ ଥିବା ୧୦୦ ଏକର ବିଶିଷ୍ଟ ନିଜସ୍ୱ କ୍ୟାମ୍ପସକୁ ସ୍ଥାନାନ୍ତରିତ ହୋଇଥିଲା। ଏହା ହେଉଛି ଓଡ଼ିଶାର ଏକମାତ୍ର ଅନୁଷ୍ଠାନ, ଯିଏକି ନାକ୍ 'ଏ' ଗ୍ରେଡ୍ ମାନ୍ୟତା ହାସଲ କରିପାରିଛି। ୨୦୨୧ରେ ଏହା ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଥିଲା ଏବଂ ଓଡ଼ିଶା ବୈଷୟିକ ଶିକ୍ଷା ତଥା ଗବେଷଣା ବିଶ୍ୱବିଦ୍ୟାଳୟ ଭାବରେ ନାମିତ ହୋଇଥିଲା।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା ଓୟୁଟିଆର ରୂପାନ୍ତର ସମ୍ପର୍କିତ ଏକ ଉପସ୍ଥାପନା ଉପସ୍ଥାପନ କରିଥିଲେ। ସଚିବ (୫-ଟି) କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବୈଠକରେ ଓୟୁଟିଆର ଓଏସ୍‌ଡି ରମେଶ ପାତ୍ର ସରକାରଙ୍କ ଲକ୍ଷ୍ୟ ପୂରଣ ଦିଗରେ ନିଷ୍ଠାପର ଉଦ୍ୟମ କରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ ସରକାରଙ୍କ ଏହି ଉଦ୍ୟମ ପାଇଁ ଧନ୍ୟବାଦ ଜଣାଇବା ସହିତ ବିଶ୍ୱବିଦ୍ୟାଳୟର ଗୌରବ ବୃଦ୍ଧି ପାଇଁ ଯତ୍ନବାନ ହେବେ ବୋଲି କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା, ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭିଆଇଟି-ଏପି ପକ୍ଷରୁ ୨ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ

**ନୂଆଦିଲ୍ଲୀ,୧୦।୫**

ଭେଲୋର୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି-ଆନ୍ଧ୍ରପ୍ରଦେଶ (ଭିଆଇଟି-ଏପି) ବିଶ୍ୱବିଦ୍ୟାଳୟ ପକ୍ଷରୁ ନିକଟରେ ୨ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାଇକୋମ୍ (ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ) ଏବଂ ଜିସିଆର୍‌ଏସ୍ ( ଜିଓ କ୍ଲାଇମେଟ୍ ରିସ୍କ ସଲ୍ୟୁସନ୍ ପ୍ରାଇଭେଟ୍ ଲିମିଟେଡ୍)ର ମିଳିତ ସହଯୋଗରେ ଉକ୍ତ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ସମ୍ମିଳନୀ ବିଶେଷ କରି 'ପରିବେଶ ସଙ୍କଟ ଏବଂ ଭବିଷ୍ୟତ ଚିନ୍ତା' ଶୀର୍ଷିକ ବିଷୟ ବସ୍ତୁ ଉପରେ ଆଧାରିତ ଥିଲା। ଏହି ଅବସରରେ ସାଇକୋମ୍ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ମିଶନ ମୁଖ୍ୟ ସଞ୍ଜୟ ଜାଲା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭିଆଇଟି-ଏପି ବିଶ୍ୱବିଦ୍ୟାଳୟର କୁଳପତି ଏସ୍.ଭି କୋଟା ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ଶିକ୍ଷାବିତ୍, ନୀତି ନିର୍ମାତା, ଅଭିଜ୍ଞ ବୁଦ୍ଧିଜୀବୀ ପ୍ରମୁଖ ଉକ୍ତ ସମ୍ମିଳନୀରେ ସାମିଲ୍ ଥିଲେ।

ଆମେ ଜଳବାୟୁ ପରିବର୍ତ୍ତନ ଏବଂ ଏହାର ପରିଣତିରୁ ବର୍ତ୍ତିବାକୁ ଚାହୁଁଥିଲେ, ପରିବେଶ କ୍ଷତି କରୁଥିବା ଭଳି ଜିନିଷର ବ୍ୟବହାର ଉପରେ ଅଙ୍କୁଶ ଲଗାଇବା ଆବଶ୍ୟକ। ଏହାଛଡ଼ା ପ୍ରାକୃତିକ ସମ୍ପଦର ଅଯଥା ବ୍ୟବହାରକୁ ମଧ୍ୟ ରୋକିବାକୁ ହେବ ବୋଲି ସଞ୍ଜୟ ମତବ୍ୟକ୍ତ କରିଛନ୍ତି। ପରିବେଶର ସଙ୍କଟ ଏବଂ ସମସ୍ତଙ୍କ ସହଯୋଗ ଏବଂ ସହଭାଗିତା ସମ୍ପର୍କରେ ବିସ୍ତୃତ ଆଲୋଚନା ଉକ୍ତ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ପରିପ୍ରେକ୍ଷୀରେ ଶିକ୍ଷାନୁଷ୍ଠାନର କୁଳପତି ରେଡ୍ଡି ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଗବେଷଣାପତ୍ର ପ୍ରସ୍ତୁତ କରିଥିବା ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥାନର ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ। ସେହିଭଳି ଆମେରିକା ଏବଂ ମଧ୍ୟପୂର୍ବାଞ୍ଚଳରୁ ଆମନ୍ତ୍ରିତ ବକ୍ତାମାନେ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ବହୁମୁଖୀ ବୈଶ୍ୱିକ ଦୃଷ୍ଟିକୋଣ ପ୍ରଦାନ କରିଥିବା ଉତ୍ତାପ ଲହରୀ ଏବଂ ଭାରତୀୟ ପରିବେଶର ସମସ୍ୟା ସମ୍ପର୍କିତ ନିଜ ଗବେଷଣା ବିଷୟରେ ଉପସ୍ଥାପନା କରିଥିଲେ।




# ଦୋଷୀଙ୍କୁ ୨୫ବର୍ଷ ଦଣ୍ଡାଦେଶ

## ୫ ବର୍ଷୀୟା ଝିଅଙ୍କୁ ବଳାତ୍କାର ମାମଲା

**କଟକ ଅଫିସ,୧୦।୫**



କଟକ ମଙ୍ଗଳାବାଗ ଥାନା ଅଧୀନ ଫ୍ରେଣ୍ଡ୍‌ସ କଲୋନୀ ଅଞ୍ଚଳରେ ରହୁଥିବା ଜଣେ ୫ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରିବା ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୫ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି କଟକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ। ଏଥିସହ ଅଭିଯୁକ୍ତଙ୍କୁ ୧୦ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଛି। କ୍ଷତିପୂରଣ ବାବଦକୁ ପୀଡ଼ିତା ଶିଶୁକନ୍ୟାଙ୍କୁ ସିଆର୍‌ପିସି ୩୫୭ (ଏ) ଧାରା ଅନୁସାରେ ୫ଲକ୍ଷ ଟଙ୍କା ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ପତି ଓରଫ ପତିତ ବେହେରା। ତାଙ୍କ ଘର ଢେଙ୍କାନାଳ ଜିଲା ଭୁବନ ଥାନା ଅଞ୍ଚଳରେ ହୋଇଥିବାବେଳେ ସେ ପୀଡ଼ିତାଙ୍କ ପଡ଼ୋଶୀ ଭାବେ ରୁହନ୍ତି।

ମିଳିଥିବା ସୂଚନା ଅନୁସାରେ ୨୦୧୯ ମେ ୧୯ରେ ପୀଡ଼ିତା ଶିଶୁକନ୍ୟାଙ୍କ ବାପା କାମ କରିବାକୁ ବାହାରକୁ ଯାଇଥିବାବେଳେ ମା' ଘରେ ଥିଲେ। ପୀଡ଼ିତା ଘର ବାହାରେ ଖେଳୁଥିବାବେଳେ ପଡ଼ୋଶୀ ଅଭିଯୁକ୍ତ ପତିତ ତାଙ୍କୁ ଘରକୁ ଡାକି ନେଇ ବଳାତ୍କାର କରିଥିଲେ। ଝିଅ ଘରକୁ ଫେରିବା ବିଳମ୍ୱ ହେବାରୁ ମା' ଡାକ ପକାଇଥିଲେ। ଏହା ପରେ ଝିଅ କାନ୍ଦି କାନ୍ଦି ଅଭିଯୁକ୍ତଙ୍କ ଘରୁ ବାହାରିଥିଲେ। ଏହା ଦେଖି ମା' ପଚାରିବାରୁ ଶିଶୁ କନ୍ୟା ସମସ୍ତ କଥା କହିଥିଲେ। ଏନେଇ ପରିବାର ପକ୍ଷରୁ ମଙ୍ଗଳାବାଗ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ଶୁଣାଣି ସମୟରେ ୧୨ଜଣ ସାକ୍ଷୀଙ୍କ ବୟାନ ଏବଂ ଦସ୍ତାବିଜକୁ ଆଧାର କରି ସ୍ୱତନ୍ତ୍ର ଅଦାଲତ ବିଚାରପତି ସୁବାସ କୁମାର ବିହାରୀ ଏହି ରାୟ ଶୁଣାଇଛନ୍ତି। ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ରମେଶ କୁମାର ମହାନ୍ତି ପରିଚାଳନା କରୁଥିଲେ।



**ଆଜିର ମନ୍ତବ୍ୟ**

"ଦେଶର ସମ୍ବଳ ଗରିବଙ୍କ ପାଇଁ। କିନ୍ତୁ ଭାଜପା ସରକାର ଏହାକୁ କେବଳ କେତେଜଣ ଧନୀଙ୍କୁ ଦେଉଛି।
– ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆହାଲୋ ଜଗତଜିତା
ହଲେଇ ଦଉଚୁ କାନ ମଲକଡି
ଦେଖେଇ ଦଉଚୁ ବାହାଚିତା।**

ସାଧାରଣତଃ ଅଳଙ୍କାର ପ୍ରତି ମହିଳାମାନଙ୍କ ମନରେ ଅନେକ ଦୁର୍ବଳତା ଭାବ ରହିଥାଏ। ସୁନ୍ଦର ଗହଣା ଗାଣ୍ଠି ପିନ୍ଧି ନିଜକୁ ସଜ୍ଜିତ କରାଇ ଅନ୍ୟ ଆଗରେ ନିଜ ରୂପ ଲାବଣ୍ୟକୁ ନେଇ ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଏପରିସ୍ଥଳେ ସାମାନ୍ୟ ଅଳଙ୍କାର ଟିକେ ପିନ୍ଧି ଅନ୍ୟ ଆଗରେ ନିଜର ଛଇଛଟକି ଭାବ ଦେଖେଇ ହେଉଥିବା ମହିଳାଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଆଟିକା ଭିତରେ ସୋରିଷ
କେତେ ରଙ୍ଗେ ଫୁଟଇ
କେତେ ଟୁପୁ ଟୁପୁ ହେଉଛ
ମୋତେ ସବୁ ଶୁଭଇ।**

ସୋରିଷ ଫୁଟିଲେ ଶୁଭେ। କାନ୍ଥର ବି କାନ ଥାଏ ବୋଲି କୁହାଯାଇଥାଏ। ବେଳେବେଳେ ଚୁପ୍‌ଚାପ୍ କଥା ମଧ୍ୟ କାନକୁ ଶୁଭିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆର୍‌ବିଆଇ ନିୟନ୍ତ୍ରଣାଧୀନ ରହିବ ଏନ୍‌ବିଏଫ୍‌ସି

**ନୂଆଦିଲ୍ଲୀ,୧୦।୫**

ସୁପ୍ରିମକୋର୍ଟ ମଙ୍ଗଳବାର ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ଏନ୍‌ବିଏଫ୍‌ସି)କୁ ନେଇ ଏକ ମହତ୍ତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ଅଧୀନରେ ଆସୁଥିବା ଏନ୍‌ବିଏଫ୍‌ସି ପାଇଁ ନିୟମାବଳୀ ରାଜ୍ୟ ସରକାରଙ୍କ ଆଇନ ଜରିଆରେ ହୋଇପାରିବ ନାହିଁ। ଜଷ୍ଟିସ୍ ହେମନ୍ତ ଗୁପ୍ତା ଏବଂ ବି. ରାମାସୁବ୍ରମଣ୍ୟମଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ଆବେଦନର ଶୁଣାଣି କରି କହିଛନ୍ତି, ଏନ୍‌ବିଏଫ୍‌ସିଗୁଡ଼ିକ ଦେଶର ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଏହି କମ୍ପାନୀଗୁଡ଼ିକ ଉପରେ କୌଣସି ଉତ୍ତରଦାୟିତ୍ୱ ନ ରହିଲେ ଆର୍‌ବିଆଇ ନିକଟରେ ରହିଥିବା ନିୟାମକ ନିୟନ୍ତ୍ରଣକୁ କ୍ଷତି ପହଞ୍ଚାଇବା ସଦୃଶ ହେବ। ଏନ୍‌ବିଏଫ୍‌ସିଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଉଥିବା ଋଣର ସୁଧହାର ଉପରେ ରିଜର୍ଭ ବ୍ୟାଙ୍କର କୌଣସି ନିୟନ୍ତ୍ରଣ ନ ରହିବା ଭୁଲ୍ ନୁହେଁ। କିନ୍ତୁ କମ୍ପାନୀଗୁଡ଼ିକର ଏହି ମାମଲାରେ ଆର୍‌ବିଆଇର ହସ୍ତକ୍ଷେପକୁ ଅଗ୍ରାଧିକାର ଦିଆ ନ ଯିବା ଠିକ୍ ନୁହେଁ ବୋଲି ଖଣ୍ଡପୀଠ ପକ୍ଷରୁ କୁହାଯାଇଛି। ନେଦୁମ୍ପିଲ୍ଲୀ ଫାଇନାନ୍ସ କମ୍ପାନୀ ବନାମ ଷ୍ଟେଟ୍ ଅଫ୍ କେରଳ ଏବଂ ଅନ୍ୟାନ୍ୟ ସିଭିଲ୍ ଅପିଲ୍ ମାମଲାରେ ହସ୍ତକ୍ଷେପ କରି ସର୍ବୋଚ୍ଚ ଅଦାଲତ ଏହି ଟିପ୍ପଣୀ ଦେଇଛନ୍ତି। ଏନ୍‌ବିଏଫ୍‌ସିର କେରଳ ମନିଲେଣ୍ଡର୍ସ ଆକ୍ଟ, ୧୯୫୮ ଏବଂ ଗୁଜରାଟ ମନିଲେଣ୍ଡର୍ସ ଆକ୍ଟ, ୨୦୧୧କୁ ରିଜର୍ଭ ବ୍ୟାଙ୍କ ଆଇନ ଅନୁସାରେ ପଞ୍ଜୀକରଣ ଓ ନିୟନ୍ତ୍ରଣ ଅନ୍ତର୍ଗତ ଏନ୍‌ବିଏଫ୍‌ସି ଉପରେ ଲାଗୁ ହେବ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଆଜି ସ୍ଥଳଭାଗ...

୬୦୦ କି.ମି. ଏବଂ ପୁରୀଠାରୁ ଦକ୍ଷିଣ-ପଶ୍ଚିମ ଦିଗରେ ୫୭୦ କି.ମି. ଦୂରରେ କେନ୍ଦ୍ରୀଭୂତ ହୋଇଛି। ଆକଳନ ଅନୁଯାୟୀ ଏହା ସ୍ଥଳଭାଗ ଛୁଇଁବା ପରେ ଉତ୍ତର ପଶ୍ଚିମ ଆନ୍ଧ୍ର ପ୍ରଦେଶ ଏବଂ ଓଡ଼ିଶା ଉପକୂଳକୁ ମୁହାଁଇବ ଏବଂ ଧୀରେ ଧୀରେ ଦୁର୍ବଳ ହୋଇ ଅବପାତରେ ପରିଣତ ହୋଇଯିବ। ବାତ୍ୟା ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ଗଜପତି, ଗଞ୍ଜାମ, ରାୟଗଡା, ଖୋର୍ଦ୍ଧା, ଜଗତ୍‌ସିଂହପୁର ଓ କଟକ ଜିଲାରେ କେତେକ ସ୍ଥାନରେ ୭ରୁ ୧୧ ସେମି ବର୍ଷା ହୋଇପାରେ। ବାତ୍ୟା ପ୍ରଭାବରେ ମଙ୍ଗଳବାର ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଛି। ସେହିପରି ଆସନ୍ନ ବାତ୍ୟାର ଭୟାବହତାକୁ ଦୃଷ୍ଟିରେ ରଖି ବିଶାଖାପାଟଣା ଅନ୍ତର୍ଜାତୀୟ ବିମାନବନ୍ଦର ପକ୍ଷରୁ ୨୩ଟି ବିମାନ ଚଳାଚଳ ବାତିଲ କରାଯାଇଛି।

ଆସନ୍ତା ୧୨ ତାରିଖ ଯାଏ ଉପକୂଳରେ ୪୦ରୁ ୫୦ କିଲୋମିଟର, ବେଳେ ବେଳେ ୬୦ କିଲୋମିଟର ବେଗରେ ପବନ ବହିପାରେ। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ଆସନ୍ତା ୧୩ ତାରିଖ ଯାଏ ମାଛ ଧରିବା ପାଇଁ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ପାଣିପାଗ ବିଭାଗ ପକ୍ଷରୁ ଗୋପାଳପୁର ବନ୍ଦରରେ ୩ ନମ୍ବର ଏବଂ ରାଜ୍ୟର ଅନ୍ୟାନ୍ୟ ବନ୍ଦରରେ ୨ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ଭାରତୀୟ ପାଣିପାଗ ବିଭାଗର ସତର୍କ ସୂଚନା, ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ନିର୍ଦ୍ଦେଶ ଓ ଜିଲା ପ୍ରଶାସନର ତାଗିଦ୍‌କୁ ଅଣଦେଖା କରି କେତେଜଣ ମତ୍ସ୍ୟଜୀବୀ ସମୁଦ୍ରକୁ ବୋଟ ସହ ମାଛ ଧରିବାକୁ ଯାଇ ନିଜ ଜୀବନକୁ ବିପନ୍ନ କରିବା ସହ ପ୍ରଶାସନକୁ ଅସୁବିଧାରେ ପକାଉଛନ୍ତି। ଏ ସମ୍ପର୍କରେ ସ୍ୱତନ୍ତ୍ର ରିଲିଫ୍ କମିଶନର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର,କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲାପାଳଙ୍କ ନିମନ୍ତେ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲାପାଳମାନେ ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ ଆଧାରରେ ମତ୍ସ୍ୟଜୀବୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ମଧ୍ୟ ପଦକ୍ଷେପ ନେବେ। ସେହିପରି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଏ କ୍ଷେତ୍ରରେ ଆଇନ ଭଙ୍ଗ କରୁଥିବା ମତ୍ସ୍ୟଜୀବୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ବାତ୍ୟାଜନିତ ବର୍ଷା ଯୋଗୁ ଉପକୂଳ ଓଡ଼ିଶାରେ ପନିପରିବା, ଡାଲିଜାତୀୟ ଫସଲ ଉପରେ ପ୍ରଭାବ ପଡିବା ଆଶଙ୍କା ରହିଛି। ମୁଗ, ବାଦାମ ଓ ରବି ଫସଲ ଅମଳ କରି ସୁରକ୍ଷିତ ସ୍ଥାନକୁ ନେଇଯିବାକୁ କୃଷି ବିଭାଗ ପକ୍ଷରୁ କୃଷକମାନଙ୍କୁ ପରାମର୍ଶ ଦିଆଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ପ୍ରଦୀପ ଜେନା କହିଛନ୍ତି, ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଓଡ୍ରାଫର ୧୨ଟି ଟିମ୍‌କୁ ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି, ପୁରୀ ଓ ଜଗତ୍‌ସିଂହପୁର ଜିଲାରେ ମୁତୟନ କରାଯାଇଛି । ସେହିପରି ଅଗ୍ନିଶମ ସେବାର ୧୨ଟି ଟିମ୍‌କୁ ମଧ ମାଲକାନଗିରି, କୋରାପୁଟ, ଗଜପତି, ରାୟଗଡ଼ା ଓ ଗଞ୍ଜାମ ଜିଲାରେ ମୁତୟନ କରାଯାଇଛି। ବାତ୍ୟା ଦୁର୍ବଳ ହେବା ପରେ ଆସନ୍ତା ୧୩ ତାରିଖରୁ ସମଗ୍ର ରାଜ୍ୟରେ ପୁଣି ତତଲା ପବନ ବହିବ।

## ଡାନିଶ୍ ସିଦ୍ଦିକିଙ୍କୁ...

ଉତ୍ତୋଳନ କରିଥିବା ଫଟୋ ଅନ୍ତରଙ୍ଗତା ଓ ବିପର୍ଯ୍ୟୟ ମଧ୍ୟରେ ଏକ ସନ୍ତୁଳନ ଚିତ୍ର ପ୍ରଦାନ କରିଥିଲା ବୋଲି ପୁଲିଜର ପ୍ରାଇଜ୍ ୱେବ୍‌ସାଇଟରେ ଉଲ୍ଲେଖ କରାଯାଇଛି। ବ୍ରେକିଂ ନ୍ୟୁଜ୍ ଫଟୋଗ୍ରାଫି ବର୍ଗରେ ପ୍ରଦର୍ଶିତ ଉକ୍ତ ଫଟୋଗୁଡ଼ିକ ବିଚାରକଙ୍କୁ ପ୍ରଭାବିତ କରିଥିଲା। ୩୮ ବର୍ଷୀୟ ସିଦ୍ଦିକି ଗତବର୍ଷ ଜୁଲାଇରେ ନ୍ୟୁଜ୍ ଏଜେନ୍ସି ପାଇଁ ଆଫଗାନିସ୍ତାନରେ କାମ କରୁଥିବାବେଳେ ଗୁଳିମାଡ଼ରେ ପ୍ରାଣ ହରାଇଥିଲେ। ସେହି ସମୟରେ ସେ କାନ୍ଦାହାର ସହରର ସ୍ପିନ୍ ବୋଲ୍‌ଡାକ୍ ଜିଲାରେ ଆଫଗାନ ସେନା ଓ ତାଲିବାନ ମଧ୍ୟରେ ସଂଘର୍ଷର ଫଟୋ ସଂଗ୍ରହ କରୁଥିଲେ।

ସିଦ୍ଦିକି ଦ୍ୱିତୀୟ ଥର ପାଇଁ ପୁଲିଜର ପୁରସ୍କାର ବିଜୟୀ ହୋଇଛନ୍ତି। ୨୦୧୮ରେ ସେ ରଏଟର ଟିମ୍ ସହ ରୋହିଙ୍ଗ୍ୟା ସଙ୍କଟର ଚିତ୍ର ଉତ୍ତୋଳନ କରି ପୁରସ୍କୃତ ହୋଇଥିଲେ। ଏଥର ତାଙ୍କୁ ମରଣୋତ୍ତର ଭାବେ ଏହି ପୁରସ୍କାର ପ୍ରଦାନ କରାଯିବ। ସେ ଆଫଗାନ ସଂଘର୍ଷ, ହଂକଂ ଆନ୍ଦୋଳନ ଏବଂ ଏସିଆ, ମଧ୍ୟପ୍ରାଚ୍ୟ ଓ ୟୁରୋପର ଅନେକ ବଡ଼ ଘଟଣାର ଫଟୋ ସଂଗ୍ରହ କରିଥିଲେ। ଦିଲ୍ଲୀର ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକ ପରେ ୨୦୦୭ରେ ସେ ଜାମିଆର ଏଜେକେ ମାସ୍ କମ୍ୟୁନିକେଶନ ରିସର୍ଚ୍ଚ ସେଣ୍ଟରରୁ ଗଣଯୋଗାଯୋଗରେ ଡିଗ୍ରୀ ହାସଲ କରିଥିଲେ।

## ଟ୍ୱିଟରର ଡିଲ୍...

ପ୍ରତିଦ୍ୱନ୍ଦ୍ୱୀ ହୋଇଥିବାବେଳେ ଏହି ଫାର୍ମ ମେଟାକୁ ମଧ୍ୟ ବିପୁଳ ମାତ୍ରାରେ ପାଣ୍ଠି ଯୋଗାଣ କରିଛି। ଫାର୍ମ ସହ-ପ୍ରତିଷ୍ଠାତା ବେନ୍ ହୋରୋୱିଜ୍ ନିକଟରେ ମସ୍କଙ୍କୁ ପ୍ରଶଂସା କରିବା ସହ ଟ୍ୱିଟରକୁ ଆଶା ଅନୁଯାୟୀ ସଫଳତାର ଶୀର୍ଷକୁ ନେବାରେ ଟେସ୍‌ଲା ସିଇଓଙ୍କ ନିକଟରେ ସାହସ ଓ ଦକ୍ଷତା ଥିବା ଟ୍ୱିଟ କରିଥିଲେ। ଏହାଦ୍ୱାରା ଏକ ବଡ଼ ଧରଣର କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟ୍ରେଷ୍ଟ (ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ) ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି।

### ବିନିତା ଅଗ୍ରୱାଲ କିଏ

ଆଣ୍ଡ୍ରିସେନ୍ ହୋରୋୱିଜ୍‌ରେ କାମ କରିବା ପୂର୍ବରୁ ଭାରତୀୟ-ଆମେରିକୀୟ ବିନିତା ଅଗ୍ରୱାଲ ହେଲ୍‌ଥ କେୟାର ସେକ୍ଟରରେ କାର୍ଯ୍ୟରତ ଥିଲେ। ସେ ଜଣେ ଫିଜିସିଆନ୍ ସହ ହେଲ୍‌ଥଟେକ୍ ଷ୍ଟାର୍ଟଅପ୍ ପରିଚାଳକ ଥିଲେ। ଗୁଗଲ ଭେଞ୍ଚର ଲାଇଫ୍ ସାଇନ୍ସ ଟିମ୍‌ରେ ଜଣେ ଭେଞ୍ଚର ଇନ୍‌ଭେଷ୍ଟର ରହିଛନ୍ତି। କିରୁସ୍‌ରେ ଜଣେ ଡାଟା ସାଇଣ୍ଟିଷ୍ଟ ଭାବେ ସେ କାମ କରିବା ସହ ମ୍ୟାକ୍‌କିଞ୍ଜି ଆଣ୍ଡ୍ କୋ. ସଂସ୍ଥାରେ ବାୟୋଟେକ୍, ଫାର୍ମାସ୍ୟୁଟିକାଲ, ମେଡିକାଲ ଡିଭାଇସ୍ କ୍ଲାଇଣ୍ଟଙ୍କ ପାଇଁ ମ୍ୟାନେଜମେଣ୍ଟ କନ୍‌ସଲଟାଣ୍ଟ ଭାବେ କାର୍ଯ୍ୟ କରିଛନ୍ତି। ଫ୍ଲାଟିରନ୍ ହେଲ୍‌ଥରେ ସେ ପ୍ରଡକ୍ଟ ମ୍ୟାନେଜମେଣ୍ଟ ଡିରେକ୍ଟର ମଧ୍ୟ ରହିଛନ୍ତି। ବିନିତା ବୋର୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏମ୍‌ଆଇଟି ଏବଂ ହାଭାର୍ଡରୁ କମ୍ପ୍ୟୁଟେଶନାଲ ବାୟୋଲୋଜି ଓ ହ୍ୟୁମାନ୍ ଜେନେଟିକ୍ସରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଆଣ୍ଡ୍ରେସେନ୍ ହୋରୋୱିଜ୍‌ରେ ଜେନେରାଲ ପାର୍ଟନର ଭାବେ ସେ ଫାର୍ମର ବାୟୋ ଏବଂ ହେଲ୍‌ଥ ଫଣ୍ଡ ପାଇଁ ପୁଞ୍ଜି ବିନିଯୋଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି। ଏହାବାଦ୍ ବିନିତା ବିଗ୍‌ହ୍ୟାଟ୍ ବାୟୋସାଇନ୍ସ, ଜିସି ଥେରାପିଟିକ୍ସ, ମେମୋରା ହେଲ୍‌ଥ, ଥାଇମି କେୟାର, ପର୍ଲ ହେଲ୍‌ଥ ଏବଂ ୱେମାର୍କ କମ୍ପାନୀରେ ବୋର୍ଡ ସଦସ୍ୟ ରହିଛନ୍ତି। ୨୦୧୬ରେ ବିନିତା ତାଙ୍କ ଦୀର୍ଘଦିନର ପ୍ରେମିକ ପରାଗ ଅଗ୍ରୱାଲଙ୍କୁ ବିବାହ କରିଥିଲେ।

## ବିଚାରାଧୀନ ବନ୍ଦୀଙ୍କ...

ଜବତ କରିବା ସହ ବରଗଡ଼ ଜିଲା ହସ୍ପିଟାଲରେ ବ୍ୟବଚ୍ଛେଦ କରାଇଛି। ପୋଲିସ ସୂଚନା ଅନୁସାରେ, ପ୍ରାୟ ବର୍ଷେ ତଳେ ଲୁହୁରାଚଟିର ଜୟଦେବ ମେହେରଙ୍କ ଝିଅ ମଞ୍ଜୁଲତାଙ୍କ ସହ ମନମୋହନଙ୍କ ବିବାହ ହୋଇଥିଲା। ବିବାହର କିଛିଦିନ ପରେ ଶ୍ୱଶୁର ଘର ଲୋକେ ମଞ୍ଜୁଲତାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଗତ ୬ ତାରିଖରେ ମଞ୍ଜୁଲତା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ମଞ୍ଜୁଲତାଙ୍କ ପରିବାର ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିବା ପରେ ମେଲଛାମୁଣ୍ଡା ପୋଲିସ ମାମଲା ରୁଜୁକରି ମନମୋହନଙ୍କୁ ୭ତାରିଖରେ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସୋହେଲା ସବ୍‌ଜେଲକୁ ପଠାଇ ଦିଆଯାଇଥିଲା। ମଙ୍ଗଳବାର ଭୋର୍ ସମୟରେ ସାଥୀ ବନ୍ଦୀଙ୍କଠାରୁ ସୂଚନା ପାଇ ଜେଲ କର୍ମଚାରୀମାନେ ପାଇଖାନା ସ୍କାଇଲାଇଟରେ ବେକରେ ଗାମୁଛା ଲଗାଇ ଝୁଲୁଥିବା ଅବସ୍ଥାରେ ମନମୋହନଙ୍କୁ ଉଦ୍ଧାର କରି ସୋହେଲା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ନିଜ ହାତ ପାପୁଲିରେ ଡଟ୍‌ପେନ୍‌ରେ 'ଆଇ ଲଭ ୟୁ ମଞ୍ଜୁ' ଲେଖିଥିବା ବେଳେ ତାଙ୍କ ସ୍ତ୍ରୀଙ୍କ ମୃତଦେହରେ ମଧ୍ୟ ସମାନ ଢଙ୍ଗରେ 'ଆଇ ଲଭ ମଞ୍ଜୁ' ଲେଖାଯାଇଥିଲା। ଏ ସମ୍ପର୍କରେ ସୋହେଲା ଥାନାଧିକାରୀ ତଥା ତଦନ୍ତକାରୀ ଅଫିସର ହାଡ଼ିବନ୍ଧୁ ଗଡ଼ତିଆଙ୍କୁ ପଚାରିବାରୁ ମୃତ ମନମୋହନଙ୍କ ବାପା ଅଶୋକ ରାଉତିଆ ତାଙ୍କ ପୁଅର ମୃତ୍ୟୁରେ ସନ୍ଦେହ ପ୍ରକାଶ କରି ଅଧିକ ତଦନ୍ତ ପାଇଁ ଲିଖିତ ଦାବି କରିଛନ୍ତି। ପୋଷ୍ଟମର୍ଟମ ରିପୋର୍ଟ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କହିଛନ୍ତି।


# classifieds

**Everyday 0674-2580101, 2549302**




**GROOM WANTED**

**Required Karan/ Khandayat groom for our elder daughter 26y/5'3" mula/dhanu, B.Tec software Engineer.Infosys at Bangalore (10.2l). Father Govt. Class -1 officer, educated family. Searching for suitable IT proposal parents. Contact: 9437188370, 9937328966.** D-359

ବୟସ-34 Government Job ସୁନ୍ଦର Divorce ଏକୁଟିଆ ରହୁଥିବା ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 7077495623. D-398




**SALE**

Gharabadi residential plot for sale near Daisipatana- 450/-, Uttara- 1300/-, Sundarapada-1200/-, duplex near Gudiapokhari-55lakhs. Contact: 7978551614, 9439049194. D-71990

3BHK duplex 22,00,000/- corehouse Balianta (Bainchua), finance available-8093465134, 9668194157. D-73318

**3 Acre Land for Sale on NH-16 near Khurda Collectorate for 6 Crore. 7980909139.** D-23515

Gharabari yellowzone plot sale at Samantarapur and Uttara, Bhubaneswar. 6371040313, 9337235066. D-59892

**BDA, RERA & SBI Approved 2/3BHK flats, duplex and triplex for sale at Bhubaneswar with all amenities. Contact: 8599097575, 9853089975.** D-73245

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

**5000sqft. (50ftX100ft.) premium commercial yellowzone, gharabari, stithiban single patta owner plot for sale with boundary & filling completed at Dhauli Square. Price Rs.-1,45,00000/- contact direct owner. 9040026465 (Babu Babu).** D-135

ଭୁବନେଶ୍ୱର ତମାଣ୍ଡୋ ଛକଠାରୁ କାଶୀପୁରୁ ମୌଜାରେ ଘରବାରି ପ୍ଲଟ୍- 30x50=(1500sqft.) 29ଟି ପ୍ଲଟ୍ ଅଛି। ନିୟର ଆଣ୍ଡ ବ୍ୟାକ୍ ସାଇଡ୍ D.N. ରିଗଲିଆ ଗ୍ରୀନ୍ ଭିଲେଜ ଆପାର୍ଟମେଣ୍ଟ ପାଖରେ yellowzone ଅଣର BDA ଭୁକ୍ତ ପ୍ଲଟ୍ ଘର ନିର୍ମାଣ କରିବା ପାଇଁ ଉପଯୋଗୀ ପ୍ଲଟ୍ ଯୋଗାଇ ଦିଆଯାଉଅଛି। ଯୋଗାଯୋଗ ମୋବାଇଲ ନମ୍ବର- 7077583420, 9938015353. SUVAM CONSTRUCTIONS. D-366

**NH-16A କାଟେଣି ଛକରୁ 1K.M. ଦୂରରେ କଟକ ଆଡ଼କୁ କଣ୍ଟାବାଡ଼ ହାଇସ୍କୁଲ ପାଖରେ ରୋଡ୍ side ଘରବାଡ଼ି ପ୍ଲଟ୍ ମିଳୁଛି। 8658219495.** D-220

**Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-252

**Construct your home 850/-, 1330/- includes Architecture structure with 3year FMC provide BDA plan approval boring/ interior work. SNV construction. 9439295469.** D-73237




3BHK & 1BHK rent Jagamara, Sidhi Vihar. Mob: 9437963953. D-399

2BHK and 3BHK for rent 118- Ratnakarbag-1. Mob: 9902406161. D-356

3BHK for rent at Sri Jagannath Palace, Acharya Vihar, Bhubaneswar. Contact: 9437015191. D-71635

**Rent out your vacant land. Contact: 9692095626, 7978456831.** D-71634

2BHK for rent Mahatab road Oldtown, Bhubaneswar. Rent-7000/-. 9338636105. D-70796

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com




All types body massage with high profile smart Lady room service available. 9142145769. D-71345

"Call me for only professional body massage, steam bath. 9861550765". D-396

Ayurvedic full body massage ladies & jents. Contact: 8093860513, 8658994614. D-71897

Take wellness relax body massage by experienced lady therapist. 7008773793. D-73601

Refreshing your mind and body with the best therapy, 7873794731. D-317

Newly open SPA positively health benefits expert therapist, Kalpana. 7846814019. D-73602

Newly open SPA positively health benefit with expert. Contact: 7749976301. D-71987

Newly open full body massage ladies and gents. 7750904837. D-71894

**Relax, Refresh your body, Mind at Saikrupa Spa with best therapies. 8984068077.** D-327

**LOST**

ମୁଁ, ଭଗବତ ତାରଣ ଗଡ଼ନାୟକ, ପିତା- ଭବାନୀ ଶଙ୍କର ଗଡ଼ନାୟକ, ଗ୍ରାମ- ପଳସମା, ଥାନା- କୁଣ୍ଡେଇଗୋଳା, ଜିଲ୍ଲା- ଦେବଗଡ଼ ଘୋଷଣା କରେ କି, ମୋର ଓରିଜିନାଲ B.Tech Certificate, and Marksheets, Regd No.- 0821214018/ ତା।୧୫।୦୨।୨୦୨୨ରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ହଜିଯାଇଛି। ଧ-୩୯୨


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଶନି ଓ ମଙ୍ଗଳଙ୍କ ପ୍ରତ୍ୟକ୍ଷଦୃଷ୍ଟିରେ ଚନ୍ଦ୍ର ଥିବାରୁ ମାନସିକ ସ୍ଥିତି ଉତ୍ତେଜନାମୂଳକ ରହିବ। ତଥାପି ଉଚ୍ଚସ୍ଥ ଶୁକ୍ରଙ୍କ ଯୋଗୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସୁଫଳ ପାଇବେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** – ଏକାଦଶସ୍ଥ ଶୁକ୍ର ଓ ବୃହସ୍ପତି ଆପଣଙ୍କୁ ସମସ୍ତ ସୁଖ, ସମୃଦ୍ଧି ପ୍ରଦାନ ଦିଗରେ ମାର୍ଗ ଉନ୍ମୁକ୍ତ କରିବେ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି । ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ** – ବକ୍ରୀ ବୁଧ ଦ୍ୱାଦଶସ୍ଥ ହେତୁ ଭାବୁଥିବେ ଗୋଟିଏ କଥା କଲା ବେଳକୁ ଆଉ ଗୋଟିଏ କାମ କରିବେ। ଏହାର କୁପରିଣାମ ସ୍ୱରୂପ ପରିବାର ମଧ୍ୟରୁ ନିଜ ଲୋକଙ୍କ ଦ୍ୱାରା ସମାଲୋଚିତ ହେବେ। କର୍ମକ୍ଷେତ୍ରରେ ଅଗ୍ରଗତି ଦ୍ରୁତ ହେବ ଓ ପ୍ରାଚୁର୍ଯ୍ୟ ପାଇବେ। ଅନ୍ୟମନସ୍କ ନ ରହି ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ।

**କର୍କଟ** – ଭାଗ୍ୟସ୍ଥାନରେ ଗୁରୁଦ୍ୱୟ ଆପଣଙ୍କୁ ସମ୍ମାନର ସହ ବିଳାସପ୍ରାଚୁର୍ଯ୍ୟ ମଧ୍ୟରେ ଅବସ୍ଥାପିତ କରାଇବେ। ଗୁରୁଜନଙ୍କ ପ୍ରେରଣାରେ ବିଭିନ୍ନ ପ୍ରକାରର ଯୋଜନା କରିବାରେ ମନ ଦେଇପାରନ୍ତି। କିନ୍ତୁ ଅଶ୍ଳେଷା କେତେକ ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। ଅବଶ୍ୟ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ।

**ସିଂହ** – ରାହୁଙ୍କ ଦ୍ୱାରା ଦୃଷ୍ଟ ଚନ୍ଦ୍ରଙ୍କ ପ୍ରଭାବରେ ସମସ୍ୟା ମଧ୍ୟରେ କାମ କରିବା ଦୁଷ୍କର ହୋଇପଡ଼ିବ। ସାମାଜିକ କ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ସହଯୋଗ ପାଇବେ। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ଅତି ନିକଟରୁ ପାଇପାରନ୍ତି। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ ।

**କନ୍ୟା** – ସ୍ୱଗୃହାଭିମୁଖୀ ବୁଧଙ୍କ ଯୋଗୁ ଅନ୍ୟମାନଙ୍କ ସମସ୍ୟାମୂଳକ ଅଭିଶାପ ଆପଣଙ୍କ ପାଇଁ ଆଶୀର୍ବାଦ ହେବ। ପାରିବାରିକ ଜୀବନରେ ବିଲୁପ୍ତ ସ୍ନେହ, ଶ୍ରଦ୍ଧା ଓ ଆଦରର ସଦ୍‌ଭାବ ଆକସ୍ମିକ ଅନୁଭବ କରିବେ। କିନ୍ତୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି।

**ତୁଳା** – ପାପକ୍ରାନ୍ତ ମଙ୍ଗଳ ହେତୁ ଧନହାନି ସହ ବିତର୍କଜନିତ କଳହର ଆଶଙ୍କା ରହିଛି। ବନ୍ଧୁଙ୍କ ନିକଟରୁ ପାଇବାକୁ ଥିବା ଜିନିଷଟି ନ ପାଇ ନିରାଶ ହେବେ । ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ ।

**ବିଛା** – ଆଜି ଚନ୍ଦ୍ରଙ୍କ କୁପ୍ରଭାବରୁ ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି । ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** – ବୃହସ୍ପତି କୋଣାବସ୍ଥାନ କରିଥିବାରୁ ପାରିବାରିକ କ୍ଷେତ୍ର, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପରିବାରରେ କଳହ ଦେଖାଦେଇପାରେ। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବିଲେ କ୍ଷତିରେ ପଡ଼ିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ସଙ୍ଗକୁ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର** – ମୁଖଭାବସ୍ଥ ଶନି ଓ ମଙ୍ଗଳ ପ୍ରଭାବରେ କଠୋର ବାକ୍ୟ ପ୍ରତ୍ୟେକ କ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ। କର୍ମକ୍ଷେତ୍ରରେ ସମସ୍ୟା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଏବଂ ଦୂରଯାତ୍ରାର ସୁଯୋଗ ମଧ୍ୟ ପାଇବେ। ସ୍ୱାସ୍ଥ୍ୟପ୍ରତି ଅବହେଳା କରି ଅନୁତାପ କରିପାରନ୍ତି।

**କୁମ୍ଭ** – ବ୍ୟବହାରରେ ମଧୁରତା ଯୋଗୁ ଆପଣଙ୍କ ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବ ନାହିଁ। କିନ୍ତୁ ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମୀନ** – ଗାମ୍ଭୀର୍ଯ୍ୟପୂର୍ଣ୍ଣ କଥାବାର୍ତ୍ତା ଓ ଓଜସ୍ୱୀ ଭାଷା ମାଧ୍ୟମରେ ବୁଦ୍ଧିଜୀବୀମାନଙ୍କ ସୁନଜରରେ ଆସିବେ। କିନ୍ତୁ ତୃତୀୟସ୍ଥ ବୁଧଙ୍କ ଯୋଗୁ ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ଆଲୋଚନା କାଳରେ ଜଣେ ବନ୍ଧୁଙ୍କ ଗୁରୁଜନଙ୍କ ସ୍ୱାସ୍ଥ୍ୟହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

# ଆଇଟିଆଇରେ ହେବ କ୍ରୀଡ଼ାର ବିକାଶ

- ଲେଟ୍ ଅସ୍ ପ୍ଲେ ଆଇଟିଆଇ' କାର୍ଯ୍ୟକ୍ରମ ଶୁଭାରମ୍ଭ
- ୧୭ ଆଇଟିଆଇରେ ପାଇଲଟ ପ୍ରକଳ୍ପ ଆରମ୍ଭ

ଭୁବନେଶ୍ୱର, ୧୦।୫(ବ୍ୟୁରୋ)

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଅଧୀନସ୍ଥ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ, କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଟାଟା ଷ୍ଟ୍ରାଇଭର ମିଳିତ ସହଭାଗିତାରେ 'ଲେଟ୍ ଅସ୍ ପ୍ଲେ ଆଇଟିଆଇ' କାର୍ଯ୍ୟକ୍ରମର ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଏଥିଯୋଗୁ କ୍ରୀଡ଼ା ବିଭାଗ ଅଧୀନସ୍ଥ କ୍ରୀଡ଼ା ଛାତ୍ରାବାସର ପୁରାତନ ପ୍ରଶିକ୍ଷାର୍ଥୀମାନେ କ୍ରୀଡ଼ା ଚେଞ୍ଜ ଲିଡର ଭାବେ ଆଇଟିଆଇରେ ନିଯୁକ୍ତି ପାଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ କହିଥିଲେ, କ୍ରୀଡ଼ା ସହିତ ଦକ୍ଷତା ବିକାଶକୁ ଯୋଡ଼ି କ୍ୟାରିୟର କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ପାଇଁ ପ୍ରୟାସ ଆରମ୍ଭ କରାଯାଇଛି। କ୍ରୀଡ଼ା ଛାତ୍ରାବାସରୁ ଉତ୍ତୀର୍ଣ୍ଣ ହୋଇଥିବା ଅନେକ ଯୁବପିଢ଼ିଙ୍କୁ ଏହା ନୂଆ ବୃତ୍ତି ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

ସମ୍ମାନିତ ଅତିଥି ଭାବେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଯୋଗଦେଇ କ୍ରୀଡ଼ା ଚେଞ୍ଜ ଲିଡରମାନଙ୍କ ହାତରେ ନୂତନ ଭବିଷ୍ୟତ ସୃଷ୍ଟି ହେବାକୁ ଯାଉଛି ବୋଲି କହିଥିଲେ। କ୍ରୀଡ଼ା ସଚିବ ଆର୍ ଭିନିଲ କ୍ରିଷ୍ଣା କହିଥିଲେ, ଶିକ୍ଷା ପାଠ୍ୟକ୍ରମରେ କ୍ରୀଡ଼ାକୁ ଏକ ସମ୍ପୂର୍ଣ୍ଣ ବିଷୟ ଭାବେ ସାମିଲ କରିବା ଜରୁରୀ। ଏହି ଅବସରରେ ଟାଟା ଷ୍ଟ୍ରାଇଭର ସିଇଓ ଅନିତା ରାଜନ କହିଥିଲେ, ସ୍କିଲ ଓ କ୍ରୀଡ଼ା ସହ ସହଭାଗିତା ସୃଷ୍ଟି କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ଏବଂ ଅନନ୍ୟ। ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ ରେଘୁ ଜି କହିଥିଲେ, ଦକ୍ଷତା ବିକାଶରେ ମହିଳାଙ୍କୁ ଅଧିକ ପ୍ରୋତ୍ସାହନ କରାଯାଉଛି। ଯୁବତୀଙ୍କ ସୁବିଧା ପାଇଁ ନୂତନ ଆଇଟିଆଇଗୁଡ଼ିକରେ ସ୍ୱତନ୍ତ୍ର ପୋଷାକ ପରିବର୍ତ୍ତନ କକ୍ଷ ତିଆରି ହେବ। ଆଇଟିଆଇରେ ରାତ୍ରିକାଳୀନ କ୍ରୀଡ଼ା ବ୍ୟବସ୍ଥା ପାଇଁ ଜାତିସଂଘ ମହିଳା ଏବଂ ପ୍ରୋ ସ୍ପୋର୍ଟସ ସହ ସହଭାଗିତା କରାଯାଇଛି। ସ୍ୱତନ୍ତ୍ର ଆଇଟିଆଇ ଜଟଣୀରେ ଭିନ୍ନକ୍ଷମଙ୍କ ସୁବିଧା ପାଇଁ ବ୍ୟବସ୍ଥା କରିବାକୁ କ୍ରୀଡ଼ା ଚେଞ୍ଜ ଲିଡରମାନଙ୍କର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

ପ୍ରଥମ ପର୍ଯ୍ୟାୟରେ ଗୋପବନ୍ଧୁ ଆଇଟିଆଇ ଆମ୍ବାଗୁଡ଼ା, ସରକାରୀ ଆଇଟିଆଇ ହୀରାକୁଦ, ଆଇଟିଆଇ ଉମରକୋଟ, ଆଇଟିଆଇ ମାଲକାନଗିରି, ଆଇଟିଆଇ ବ୍ରହ୍ମପୁର, ଆଇଟିଆଇ ଭବାନୀପାଟଣା, ଆଇଟିଆଇ ରାୟଗଡ଼ା, ଆଇଟିଆଇ ବଲାଙ୍ଗୀର, ଆଇଟିଆଇ ଗନ୍ଧମାର୍ଦ୍ଦନ, ଆଇଟିଆଇ ରାଉରକେଲା, ପୂର୍ଣ୍ଣଚନ୍ଦ୍ର ଆଇଟିଆଇ, ଟିଟିଆଇ ତକତପୁର, ସ୍ୱତନ୍ତ୍ର ଆଇଟିଆଇ ଜଟଣୀ, ଆଇଟିଆଇ କଟକ, ଆଇଟିଆଇ ବଡବିଲ, ଆଇଟିଆଇ ଫୁଲବାଣୀ ଏବଂ ଆଇଟିଆଇ ବାଲେଶ୍ୱର ଆଦି ୧୭ଟି ଆଇଟିଆଇରେ ପାଇଲଟ ପ୍ରକଳ୍ପ ଭାବେ ଏହାକୁ ଆରମ୍ଭ କରାଯାଇଛି। କାର୍ଯ୍ୟକ୍ରମକୁ ଟାଟା ଷ୍ଟ୍ରାଇଭ ଓଡ଼ିଶା ମୁଖ୍ୟ ସଞ୍ଜୋଗିତା ମିଶ୍ର ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ କ୍ରୀଡ଼ା ମନ୍ତ୍ରୀ, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ଏବଂ ଅନ୍ୟମାନେ।




# ରଥଯାତ୍ରା ପାଇଁ ପ୍ରସ୍ତୁତ ରହିବାକୁ ଡିଜିପିଙ୍କ ନିର୍ଦ୍ଦେଶ

## ରାଜ୍ୟ ରେଳ ସୁରକ୍ଷା ସମୀକ୍ଷା

କଟକ ଅଫିସ,୧୦।୫

ଦୁଇ ବର୍ଷ ପରେ ଏଥର ପୁରୀରେ ରଥଯାତ୍ରା ପୂର୍ଣ୍ଣ ଭକ୍ତ ସମାଗମରେ ହେବ। ରେଳ ଯାତ୍ରୀଙ୍କ ସୁବିଧା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ସମସ୍ତ ବନ୍ଦୋବସ୍ତ କରିବାକୁ ଡିଜିପି ସୁନୀଲ ବଂଶଲ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାରେ ରେଳ ସୁରକ୍ଷା ସହ ସମ୍ପୃକ୍ତ ସମସ୍ତ କେନ୍ଦ୍ରୀୟ ଓ ରାଜ୍ୟ ସଙ୍ଗଠନଗୁଡ଼ିକର ସମନ୍ୱୟ ବୈଠକ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଗାମୀ ଦିନରେ ସରକାରୀ ରେଲୱେ ପୋଲିସ ଭିତ୍ତିଭୂମିର ଆଧୁନିକୀକରଣ, ଗୁରୁତ୍ୱପୂର୍ଣ୍ଣ ରେଳଷ୍ଟେସନ ଓ ଟ୍ରେନଗୁଡ଼ିକରେ ସିସିଟିଭି ସଂଯୋଗ, ମହିଳା ଯାତ୍ରୀମାନଙ୍କ ସୁରକ୍ଷା ଓ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟକୁ ଗୁରୁତ୍ୱ ଦିଆଯାଇଥିଲା। ଡିଜିପି ବଂଶଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଡିଜି ରେଳ ଓ ତଟ ସୁରକ୍ଷା ଡ. ସୁଧାଂଶୁ ଷଡ଼ଙ୍ଗୀ, କେନ୍ଦ୍ରୀୟ ରେଳ ସୁରକ୍ଷା ବାହିନୀ ତରଫରୁ ଆଇଆରପିଏଫଏସ୍ ଆଇଜି ଏନ୍.ସିହ୍ନା, ଆଇଆରପିଏଫ ଏସର ଆଇଜି ଡି. ବି. କସର, ପିସିଏସ୍‌ସି ଆଇଜି ଯୁଗୋଳ କିଶୋର ଯୋଶୀ, ଖୋର୍ଦ୍ଧା ଏଡିଆରଏମ୍ ଅଶୋକ କୁମାର, ଏମ୍.ଭି ସତ୍ୟ ନାରାୟଣ, ଅରୁଣ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଡିଜିପି ସୁନୀଲ ବଂଶଲଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀମାନେ।

ବ୍ୟାଙ୍କ ଅଫ୍ ବରୋଦା
Bank of Baroda

**ଆଞ୍ଚଳିକ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**

ପ୍ଲଟ୍ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ପୋଲିସ୍ ଷ୍ଟେସନ୍ ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା, ଫୋନ୍: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩
E-mail: armcut@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ପରିଶିଷ୍ଟ-୪-ଏ (ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ନିମନ୍ତେ ବିକ୍ରୟ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬) ଏବଂ ୬(୨) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସର୍ବସାଧାରଣ, ରଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। **ରଣଗ୍ରହୀତା, ବନ୍ଧକଦାତା, ଜାମିନ୍‌ଦାର, ସୁରକ୍ଷିତ ସମ୍ପତ୍ତି, ଦେୟ, ସଂରକ୍ଷିତ ମୂଲ୍ୟ, ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ।**

| କ୍ର. ନଂ. | ରଣଗ୍ରହୀତା / ଜାମିନ୍‌ଦାର ଏବଂ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସୁରକ୍ଷିତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ/ବକେୟା ଦେୟ (ସୁରକ୍ଷିତ ଋଣ) | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଦଖଲ ସମ୍ପତ୍ତିର ସ୍ଥିତି (ଗଠନାତ୍ମକ (ସାଙ୍କେତିକ)/ ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଓ ସମୟ |
|---|---|---|---|---|---|---|---|
| ୧. | **ରଣଗ୍ରହୀତା: ମେସର୍ସ ଲକ୍ଷ୍ମୀ ଗଣପତି ଷ୍ଟିଲ୍ସ ପ୍ରା. ଲିଃ.,** ସା.: ତଳ ମହଲା, ବସୁନ୍ଧରା ବିଲ୍ଡିଂ, ଟାଉନ ପ୍ଲାନିଂ, ପଦ୍ମା ବଜାର, ଢେଙ୍କାନାଳ-୭୫୯୦୧୩ / **ଜାମିନ୍‌ଦାରମାନେ: ୧) ଶ୍ରୀ ଏମ୍. ବାବୁରାଓ,** ପିତା: ଏମ୍ କୁପ୍ପୋସ୍ୱାମୀ, **୨) ଶ୍ରୀମତୀ ଏମ୍. ବାଣୀ,** ସ୍ୱାମୀ: ଏମ୍. ବାବୁ ରାଓ, କ୍ର. ନଂ. ୧ ଏବଂ ୨ଙ୍କ ଠିକଣା- ମାର୍ଫତ: ଡଃ. ବି.କେ. ପଣ୍ଡା, ପ୍ଲଟ୍ ନଂ.: ୪୨, ଗାୟତ୍ରୀ ନଗର, ନୂଆ ଶାସନ, ଢେଙ୍କାନାଳ-୭୫୯୦୦୧, **୩) ଶ୍ରୀ ହେମନ୍ତ କୁମାର ମହାନ୍ତି,** ପିତା: ଶରତ ଚନ୍ଦ୍ର ମହାନ୍ତି, ମିନା ବଜାର, ଢେଙ୍କାନାଳ-୭୫୯୦୦୧, **୪) ଶ୍ରୀ. ଭି. ସୁରେଶ,** ମାର୍ଫତ: ଏସ୍.କେ. ଆଗର୍ୱାଲ, ଟାଉନ ପ୍ଲାନିଂ, ପଦ୍ମା ବଜାର, ଢେଙ୍କାନାଳ-୭୫୯୦୧୩, **୫) ଶ୍ରୀ ସୁରେଶ ଚନ୍ଦ୍ର ବିଶ୍ୱାଳ,** ପିତା: ଭାଲୁ ବିଶ୍ୱାଳ, **୬) ଶ୍ରୀମତୀ ଗୀତାଞ୍ଜଳୀ ବିଶ୍ୱାଳ,** ସ୍ୱାମୀ: ସୁରେଶ ଚନ୍ଦ୍ର ବିଶ୍ୱାଳ, କ୍ର. ନଂ. ୫ ଏବଂ ୬ଙ୍କ ଠିକଣା- ମହିଷାପାଟ, ଢେଙ୍କାନାଳ-୭୫୯୦୦୧, **୭) ଶ୍ରୀ ଏମ୍. ସୟା ଶିବା ରାଓ,** ବିଜୟଲକ୍ଷ୍ମୀ ଆପାର୍ଟମେଣ୍ଟସ୍, ଚେଞ୍ଚୁପେଟା, ସା/ପୋ.: ତେନାଲି, ଥାନା: ତେନାଲି, ଜିଲ୍ଲା: ଗୁଣ୍ଟୁର-୫୨୨୨୦୨, **୮) ଶ୍ରୀ ସଚ୍ଚିଦାନନ୍ଦ ମହାନ୍ତି,** ପିତା: ବୈକୁଣ୍ଠନାଥ ମହାନ୍ତି, ସା/ପୋ.: ଗୋବିନ୍ଦପୁର, ଜିଲ୍ଲା: ଢେଙ୍କାନାଳ-୭୫୯୦୦୧, **୯) ଶ୍ରୀ ଦିପ୍ତିଶ କୁମାର ପଟ୍ଟନାୟକ, ୧୦) ଶ୍ରୀ ଦିନେଶ କୁମାର ପଟ୍ଟନାୟକ, ୧୧) ଶ୍ରୀ କ୍ଷୀତିଶ କୁମାର ପଟ୍ଟନାୟକ, ୧୨) ଶ୍ରୀ ଧିରେନ କୁମାର ପଟ୍ଟନାୟକ, ୧୩) ଶ୍ରୀ ନିରେନ କୁମାର ପଟ୍ଟନାୟକ,** କ୍ର. ନଂ. ୯, ୧୦, ୧୧, ୧୨ ଏବଂ ୧୩ଙ୍କ ପିତା: ଚକ୍ରଧର ପଟ୍ଟନାୟକ, ସମସ୍ତଙ୍କ ଠିକଣା- ସା.: ମିନା ବଜାର, ଗାନ୍ଧୀ ମନ୍ଦିର ରୋଡ୍, ଢେଙ୍କାନାଳ-୭୫୯୦୦୧ | ଶ୍ରୀ ଏମ୍. ବାବୁରାଓଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ୱାର୍ଡ ନଂ. ୧୨, ବ୍ଲକ୍ ନଂ. ୫, ତହସିଲ ନଂ. ୨୯୩, ମ୍ୟୁନିସିପାଲ ଡ଼ୋର ନଂ. ୪-୧୪/୫/୨ (କ୍ଷେତ୍ର: ଆପାତତଃ ୧୫୭.୫ ବର୍ଗ ୟାର୍ଡ), କାକୁମାନୁଭରି ଷ୍ଟ୍ରିଟ୍, ଇଠାନଗର, ତେନାଲି ଟାଉନ, ଜିଲ୍ଲା: ଗୁଣ୍ଟୁର, ଆନ୍ଧ୍ର ପ୍ରଦେଶ | ୧୬.୦୫.୨୦୧୨ / ୨୩.୧୧.୨୦୧୨ / ଟ.୫,୫୫,୦୨,୯୨୪.୦୫ + ୦୧.୦୫.୨୦୧୨ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ ବିଯୁକ୍ତ ପରିଶୋଧ ରାଶି ଯଦି ଥାଏ ଏବଂ ବର୍ତ୍ତମାନ ସୁଦ୍ଧା ଚୁକ୍ତି ଅନୁଯାୟୀ ବକେୟା ଦେୟ ଟ.୧୧,୮୫,୩୬,୧୨୩.୫୪ (ଯୁକ୍ତ ଖର୍ଚ୍ଚ ଏବଂ ଦେୟ) | ୩୧.୦୫.୨୦୨୨ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଟ.୨୧,୧୫,୦୦୦/- / ଟ.୨,୧୧,୫୦୦/- / ଟ.୧୦,୦୦୦/- | ଗଠନାତ୍ମକ (ସାଙ୍କେତିକ) | ୨୬.୦୫.୨୦୨୨ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା ମଧ୍ୟରେ (ସମ୍ପତ୍ତିକୁ କେବଳ ବାହାର ପାର୍ଶ୍ୱରୁ ନିରୀକ୍ଷଣ କରିହେବ) |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ପ୍ରଦତ୍ତ ଲିଙ୍କ:
https://www.bankofbaroda.in/e-auction.htm ଏବଂ https://ibapi.in ଦେଖନ୍ତୁ।
ସମସ୍ତ ସମ୍ଭାବ୍ୟ ବିଡ଼ରମାନେ ମଧ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩ ରେ ଯୋଗାଯୋଗ କରିପାରିବେ।

**ନିମ୍ନଲିଖିତ ବିଷୟ ପ୍ରତି ମଧ୍ୟ ଦୃଷ୍ଟି ଦିଅନ୍ତୁ:**
୧. କ୍ଷମତାପ୍ରାପ୍ତ ଅଧିକାରୀ / ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ କୌଣସି ପ୍ରାକ୍ ବିଜ୍ଞପ୍ତି ବିନା କୌଣସି ବିଡ୍‌କୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କିମ୍ବା ବିକ୍ରୟକୁ ସ୍ଥଗିତ/ବାତିଲ/ନାକଚ ବିକ୍ରୟର ନିଲାମ ଓ ସର୍ତ୍ତାବଳୀର ସଂଶୋଧନ ସହିତ ପୂର୍ବ ନିଲାମଧାରୀ ଅକୃତକାର୍ଯ୍ୟ ହେବା କାରଣରୁ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀଙ୍କୁ ଡକାଇବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି।
୨. କ୍ରେତା ଯଦି ନିଲାମ ତାରିଖର ଠିକ୍ ଦୁଇ ଦିନ ପୂର୍ବରୁ କେୱାଇସି କାଗଜାତ୍ ଦାଖଲ କରିଥାନ୍ତି ତେବେ କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ/ଇ-ନିଲାମ ସେବା ପ୍ରଦାନକାରୀଙ୍କର କେୱାଇସି ଯାଞ୍ଚ ସମ୍ପୂର୍ଣ୍ଣ କରିବା ଏବଂ ଅମାନତ ରାଶି ଗ୍ରହଣ କରିବାର ସମ୍ପୂର୍ଣ୍ଣ ସ୍ୱାଧିନତା ରହିଛି। ଏଭଳି ସ୍ଥିତିରେ କ୍ଷମତାପ୍ରାପ୍ତ ଅଧିକାରୀ ବ୍ୟାଙ୍କ/ଇ-ନିଲାମ ସେବା ପ୍ରଦାନକାରୀ କେୱାଇସି କାଗଜାତ୍ ଯାଞ୍ଚ କରିବାରେ ବିଳମ୍ବିତ/ବିଫଳତା ଏବଂ ଇଏମଡି ୱାଲେଟ୍‌କୁ ଟ୍ରାନ୍ସଫର ବିଫଳତା ପାଇଁ ଦାୟୀ ରହିବେ ନାହିଁ। ନିଲାମ ତାରିଖ ଓ ସମୟରେ ବିଡ଼ରଙ୍କ ଗ୍ଲୋବାଲ ୱାଲେଟ୍‌ରେ ପର୍ଯ୍ୟାପ୍ତ ବାଲାନ୍ସ (>=ଇଏମଡି ରାଶି) ଥିଲେ ଇଚ୍ଛୁକ ନିଲାମଧାରୀ ନିଲାମ ତାରିଖରେ ବିଡ୍ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ।

**ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ରଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନିମନ୍ତେ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍।**

ସ୍ଥାନ: କଟକ, ତାରିଖ: ୧୦.୦୫.୨୦୨୨
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

# ସ୍ୱତନ୍ତ୍ର ପରୀକ୍ଷା ଦାବିରେ ବିକ୍ଷୋଭ

## ବିପିୟୁଟି, ଡିପ୍ଲୋମା କଲେଜ ବନ୍ଦ ଚେତାବନୀ ଦେଲା ବିପିୟୁଟି ଛାତ୍ରସଂଘ

ଭୁବନେଶ୍ୱର, ୧୦।୫(ବ୍ୟୁରୋ)

ସ୍ୱତନ୍ତ୍ର ପରୀକ୍ଷା କରାଯିବା ସମେତ ଅନ୍ୟାନ୍ୟ ଦାବି ନେଇ ଓଡ଼ିଶା ବିପିୟୁଟି ଛାତ୍ରସଂଘ ତରଫରୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କରୋନା ଯୋଗୁ ଦୁଇବର୍ଷରୁ ଊର୍ଦ୍ଧ୍ୱ ହେବ ବିପିୟୁଟିରେ ଛାତ୍ରୀଛାତ୍ରମାନେ ପରୀକ୍ଷାଜନିତ ସମସ୍ୟା ସହ ଫଳ ପ୍ରକାଶନକୁ ନେଇ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେହିଭଳି ବିପିୟୁଟି କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟ ଏବଂ ଅବହେଳା ଯୋଗୁ ଦୁଇବର୍ଷ ଧରି ଅଷ୍ଟମ ସେମିଷ୍ଟର ପରେ ହେଉଥିବା ସ୍ୱତନ୍ତ୍ର ପରୀକ୍ଷାକୁ ବନ୍ଦ କରିଦିଆଯାଇଛି। ଫଳରେ ୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସ୍ୱତନ୍ତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହେବା ସହ ସାର୍ଟିଫିକେଟ ପାଇପାରୁନାହାନ୍ତି। ତେଣୁ ବିପିୟୁଟି ଛାତ୍ରୀଛାତ୍ରମାନେ କୌଣସି ନିଯୁକ୍ତି ସୁଯୋଗ ପାଇପାରୁନାହାନ୍ତି କି ଉଚ୍ଚଶିକ୍ଷା ପାଇଁ ଆବେଦନ କରିପାରୁନାହାନ୍ତି ବୋଲି ଛାତ୍ରସଂଘ ଅଭିଯୋଗ କରିଛି। ତୁରନ୍ତ ସ୍ୱତନ୍ତ୍ର ପରୀକ୍ଷା କରିବା ପାଇଁ ବିପିୟୁଟି କର୍ତ୍ତୃପକ୍ଷଙ୍କୁ ଛାତ୍ରସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଛି। ଯଦି ଆଗାମୀ ୧୫ ଦିନ ମଧ୍ୟରେ କୌଣସି ପଦକ୍ଷେପ ନିଆ ନ ଯାଏ, ତେବେ ସାରା ରାଜ୍ୟରେ ଥିବା ବିପିୟୁଟିର ସମସ୍ତ ଇଞ୍ଜିନିୟରିଂ କଲେଜକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିବା ସହ ଓଡ଼ିଶା ବିପିୟୁଟି ଛାତ୍ରସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭରେ ଛାତ୍ରସଂଘର ଉପଦେଷ୍ଟା ଇଂ. ପାର୍ଥସାରଥି ମୁଦୁଲି, ମୁଖ୍ୟ ସଙ୍ଗଠକ ଇଂ. ଶକ୍ତିପ୍ରସାଦ ରଥ, କାର୍ଯ୍ୟକାରିଣୀ ସଦସ୍ୟ ଲିଙ୍ଗରାଜ ମହାନ୍ତି ପ୍ରମୁଖ ସାମିଲ ଥିଲେ।



ମାଷ୍ଟରକ୍ୟାଣ୍ଟିନ ଛକରେ ଓଡ଼ିଶା ବିପିୟୁଟି ଛାତ୍ରସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

## ମାଟ୍ରିକ ପ୍ରଶ୍ନପତ୍ରରେ ହିନ୍ଦୁଧର୍ମଙ୍କୁ ଅବମାନନା ଅଭିଯୋଗ

- ବୋର୍ଡ ସେକ୍ରେଟାରିଙ୍କୁ ସ୍ମାରକପତ୍ର

କଟକ ଅଫିସ,୧୦।୫

ଚଳିତବର୍ଷ ମାଟ୍ରିକ ସମେଟିଭ-୨ ପରୀକ୍ଷା ପ୍ରଶ୍ନପତ୍ରରେ ହିନ୍ଦୁଧର୍ମକୁ ଅବମାନନା କଲାଭଳି ପ୍ରଶ୍ନ ରହିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ସେକ୍ରେଟାରି ଶ୍ରୀକାନ୍ତ ତରାଇଙ୍କୁ ମଙ୍ଗଳବାର ଅବଗତ କରାଯାଇଛି। ଏଥିସହ ଏକ ସ୍ମାରପତ୍ର ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ ରହିଛି, ଉକ୍ତ ପରୀକ୍ଷାରେ ହିନ୍ଦୁଧର୍ମକୁ ଅବମାନନା କଲା ଭଳି ପ୍ରଶ୍ନ ରହିଛି। ଏହା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦ୍ୱନ୍ଦ ଭାବ ସୃଷ୍ଟି କରିବ। ଏହି ପ୍ରଶ୍ନ ସହ ଦିଆଯାଇଥିବା ଅନୁଚ୍ଛେଦରେ ହିନ୍ଦୁଧର୍ମର ପୁରାତନ କଳା, ସଂସ୍କୃତି ଓ ପରମ୍ପରାକୁ କଦର୍ଥ କରି ଲେଖାଯାଇଛି। ଉକ୍ତ ପ୍ରଶ୍ନପତ୍ରର ଅନୁଚ୍ଛେଦରେ ଉଲ୍ଲେଖ ରହିଛି, ଯେଉଁ ଦେଶରେ ଯଜ୍ଞ ଓ ଧର୍ମ ନାମରେ ହଜାର ହଜାର ଟଙ୍କା ଖର୍ଚ୍ଚ କରୁଥିବା ଲୋକେ ବେଳେବେଳେ ବିନା ଦ୍ୱିଧାରେ ଖାଦ୍ୟଦ୍ରବ୍ୟ ଓ ଔଷଧରେ ଅପମିଶ୍ରଣ କରିବାକୁ କୁଣ୍ଠାବୋଧ କରନ୍ତିନି। ଯେଉଁ ଦେଶରେ ବିଶ୍ୱାସ ଅଛି ଯେ, ଅନନ୍ତ ଶୟନରେ ଥାଇ ମଧ୍ୟ ବିଷ୍ଣୁଙ୍କ ହାତରେ ସୁଦର୍ଶନ ଚକ୍ର, ବନବାସୀ ଶ୍ରୀରାମଙ୍କ ହାତରେ କୋଦଣ୍ଡ, ଯୋଗରତ ମହାଯୋଗୀ ଶିବଙ୍କ ପାଖରେ ତ୍ରିଶୂଳ, ମା' ଭବାନୀ ମହାଶକ୍ତିଧାରିଣୀ, ସେ ଦେଶର ଲୋକେ ଯୁଗଯୁଗ ଧରି ପରାଧୀନ ରହନ୍ତି। ଯେଉଁ ଦେଶରେ ମହାଜ୍ଞାନୀ, ମହାବଳୀ ହନୁମାନ ଓ ଗାଣ୍ଡୀବଧାରୀ ଅର୍ଜୁନ ଭକ୍ତଙ୍କ ଆଦର୍ଶ ସେ ଦେଶର ଭକ୍ତମାନେ ଶତ୍ରୁ ଭୟରେ ଜଗନ୍ନାଥଙ୍କ ପ୍ରତିମାକୁ ଲୁଚାଇ ବୁଲନ୍ତି। ଏହାର ପ୍ରଶ୍ନ ରହିଛି ଯଜ୍ଞ ଓ ଧର୍ମ କାର୍ଯ୍ୟରେ ଅର୍ଥ ବ୍ୟୟ କରୁଥିବା ଲୋକେ କେଉଁ ପ୍ରକାର ଅଧର୍ମ କରନ୍ତି? ଏଭଳି ପ୍ରସଙ୍ଗକୁ ନାପସନ୍ଦ କରାଯିବା ସହ ଏହି ପ୍ରଶ୍ନ ପ୍ରସ୍ତୁତକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଏବିଭିପି ପକ୍ଷରୁ ଦାବି ହୋଇଛି। ଯଦି ଦାବି ପୂରଣ ନ ହୁଏ ତେବେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ବୋର୍ଡ ସେକ୍ରେଟାରି ତରାଇ କହିଛନ୍ତି, ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

**NOTICE**

**In the Hon'ble High Court at Calcutta**
**I. A. No. G. A. 1 of 2022 in C. S. No. 47 of 2022**
**ITC Limited vs. S.K Iram Ulla & Ors.**

To,
1. **S.K Iram Ulla aka S.K. Iran Ulla, carrying out business at Nurani Store, Shop No. 3, Masjid Market, Gop Nimpada Road, Odisha - 752110**
2. **Maa Mangala Enterprises, carrying out business at VSS Nagar, Bhubaneswar - 10**
3. **Daze Enterprises, Chakeisani, Bhubaneswar - 10, and also at Mancheswar, Bhubaneswar**
4. **Aarav Minerals and Chemicals, Bhubaneswar**
5. **Ogo Chemicals, Bhubaneswar**
6. **Ashok Kumars, address not known.**

(the abovenamed persons are hereinafter collectively referred to as "**Respondents**")

My client, ITC Limited, having its registered office at Virginia House, 37, J. L. Nehru Road, Kolkata - 700071 (hereinafter, the "**Petitioner**") has instituted a suit being C. S. No. 47 of 2022 before the Hon'ble High Court at Calcutta ("**Suit**") against the Respondents for inter alia (i) infringement of the Petitioner's registered trademarks "**NIMYLE**" (wordmark) and other "**NIMYLE**" derivative marks, (ii) infringement of the Petitioner's copyrights in the original artistic works *nimyle* and packaging used by the Petitioner, and (iii) for passing off by the Respondents; due to manufacture, sale, marketing and / or distribution of disinfectants and / or floor cleaners under the marks "NEEMYLE" and / or "NIMULE" by the Respondents.

An application under Order XXXIX Rules 1 & 2 of the Code of Civil Procedure, 1908, being I.A. No. GA 1 of 2022 in C.S. No. 47 of 2022 ("**Application**"), was filed on behalf of the Petitioner before the Hon'ble High Court at Calcutta, wherein the Hon'ble Court was pleased to pass an ad interim Order dated 3rd March, 2022 inter alia in terms of prayers (b), (c), (d) and (e), which are set out below:

*"(b) An order be made restraining the respondents, their servants, agents, assigns, dealers, distributors, and/or anyone claiming through them from infringing the petitioner's registered trademark nos. 2148683, being Annexure C hereof, by use of the marks "NEEMYLE" and / or "NIMULE" and / or any other mark which is identical or deceptively similar to or a fraudulent imitation of the petitioner's said registered trademark ;*

*(c) An order be made restraining the respondents, their servants, agents, assigns, dealers, distributors, and/or anyone claiming through them from infringing the petitioner's registered trademarks nos. 2731972, 2731973 and 2731974, being Annexures D to F hereof, by use of the labels shown in Annexure P hereof and / or any other label or mark which is identical or deceptively similar to or a fraudulent imitation of the petitioner's said registered trademark ;*

*(d) An order be made restraining the respondents, their servants, agents, assigns, dealers, distributors, and/or anyone claiming through them from infringing the petitioner's copyright in the original artistic work bearing copyright registration no. Registration No. A-120000/2017 being Annexure G hereof, by use of the same or any deceptively similar or a fraudulent imitation thereof ;*

*(e) An order be made restraining the respondents, their servants, agents, assigns, dealers, distributors, and/or anyone claiming through them from infringing the petitioner's copyright in the original artistic works set out in paragraph 10 hereof and/or packaging as shown in Annexure I hereto, by use of the labels being Annexure P hereof or any deceptively similar or a fraudulent imitation of the petitioner's said copyright."*

The Application was subsequently heard on 28th March, 2022, 19th April, 2022 and 27th April, 2022, when no one appeared on behalf of the Respondents. Copies of the Orders are available on the official website of the Hon'ble Court. Vide its Order dated 27th April, 2022, the Hon'ble Court has inter alia directed the Petitioner to effect substituted service by advertising in newspapers. This Notice is being published in compliance with the said Order.

The Respondents are to comply with the Order dated 3rd March, 2022 of the Hon'ble Court. In terms of the said Order dated 3rd March, 2022, the Respondents are at liberty to apply for vacating of the Order, if so advised. The Respondents may contact the undersigned to obtain copies of the Plaint in C.S. No. 47 of 2022, the Application (being I.A. No. GA 1 of 2022 in C.S. No. 47 of 2022), and the Orders passed by the Hon'ble Court in relation thereto.

The Application shall be taken up before His Lordship the Hon'ble Mr. Justice Ravi Krishan Kapur of the Hon'ble High Court at Calcutta, on Friday, the 13th of May 2022, at 10.30 am or soon thereafter as the business of the Hon'ble Court permits, and the Respondents are requested to appear before the Hon'ble Court at the said day, date, time and place.

Dated this 11th day of May, 2022.

Shwetank Ginodia
Advocate
6, Church Lane, Ground Floor, Kolkata 700 001
Email: shwetank@ginodia.net
Phone No.: (91) (033) 2248 8498

SBI

**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୪୩୦୮/୨୩୪୪୩୦୨, ଇ-ମେଲ: sbi.10027@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ**

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ସମ୍ପତ୍ତିଗୁଡ଼ିକର ତନଖି କରିବାର ତାରିଖ ଓ ସମୟ: ୨୬.୦୫.୨୦୨୨ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

**ଇ-ନିଲାମ ତାରିଖ ଏବଂ ସମୟ: ତା୩୦.୦୫.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ | ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|---|
| ୧. | **ରଣଗ୍ରହୀତା: ମେସର୍ସ ସୋନାଲି ଆଇସ୍ ପ୍ଲାଣ୍ଟ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରସନ୍ନ କୁମାର ସାହୁ,** ପିତା: ଂ ଅଦୈତ ଚରଣ ସାହୁ / ଂ ଅଦୈତ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନେ: **୧) ଶ୍ରୀ ପ୍ରସନ୍ନ କୁମାର ସାହୁ,** ପିତା: ଂ ଅଦୈତ ଚରଣ ସାହୁ, **୨) ଶ୍ରୀମତୀ ଶାନ୍ତିଲତା ସାହୁ,** ସ୍ୱାମୀ: ଂ ଅଦୈତ ଚରଣ ସାହୁ, **୩) ଶ୍ରୀ ପ୍ରଶାନ୍ତ କୁମାର ସାହୁ,** ପିତା: ଂ ଅଦୈତ ଚରଣ ସାହୁ, **୪) ଶ୍ରୀ ବସନ୍ତ ଚରଣ ସାହୁ,** ପିତା: ଂ ଅଦୈତ ଚରଣ ସାହୁ, **୫) ଶ୍ରୀ ଶିବ ଶଙ୍କର ସାହୁ,** ପିତା: ଂ ଅଦୈତ ଚରଣ ସାହୁ, ସମସ୍ତଙ୍କ ଠିକଣା ସା: କୁମ୍ଭାର ସାହି, ଚୌଦ୍ୱାର, କଟକ-୭୫୪୦୨୫, **୬) ଶ୍ରୀମତୀ ମିନତୀ ସାହୁ,** ସ୍ୱାମୀ: ଭୁର୍ବି ଚରଣ ସାହୁ, ସା: କନ୍ତୋଲ, ଆଠଗଡ, ଜିଲ୍ଲା: କଟକ-୭୫୪୦୨୯, **୭) ଶ୍ରୀମତୀ ଝୁନୁବାଳା ସାହୁ,** ସ୍ୱାମୀ: ଶିବ ପ୍ରସାଦ ସାହୁ, ସା: ବକ୍ସି ବଜାର, କଟକ-୭୫୩୦୦୧, **୮) ଶ୍ରୀମତୀ ଉର୍ମିଳା ସାହୁ,** ସ୍ୱାମୀ: ପଦ୍ମ ଚରଣ ସାହୁ, ପୂର୍ଣ୍ଣଗଡ, ଜିଲ୍ଲା: ଅନୁଗୁଳ-୭୫୯୧୨୨ / **ଆକାଉଣ୍ଟ ନଂ.: ୩୬୨୩୫୧୦୮୭୩୯, ୩୫୭୭୫୨୭୫୩୭୩** | ଂ ଅଦୈତ୍ୟ ଚରଣ ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଚୌଦ୍ୱାର, ଖାତା ନଂ.: ୫୩୪/୩୩, ପ୍ଲଟ୍ ନଂ.: ୮୪୪/୧୯୩୯, କ୍ଷେତ୍ର: ଏକର ୦.୦୧୬ ଡିସିମିଲି, କିସମ: ଘରବାରୀ | ଟ.୨୧,୬୮,୦୦୦/- / ଟ.୨,୧୬,୮୦୦/- / ଟ.୫୦,୦୦୦/- | ତା୦୬.୦୫.୨୦୨୧ରିଖ ସୁଦ୍ଧା ଟ.୨୯,୯୨,୭୯୩/- + ସେବାବଦ ତତ୍‌ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ / ୩୦.୧୧.୨୦୧୯ |
| ୨. | **ରଣଗ୍ରହୀତାମାନେ: ୧) ଶ୍ରୀ ଯୁଧିଷ୍ଠିର ସାମଲ,** ପିତା: ଇନ୍ଦ୍ରମଣି ସାମଲ, **୨) ଶ୍ରୀ ବିଜୟ କୁମାର ସାମଲ,** ପିତା: ଇନ୍ଦ୍ରମଣି ସାମଲ, **୩) ଶ୍ରୀ କୈଳାସ ଚନ୍ଦ୍ର ସାମଲ,** ପିତା: ଇନ୍ଦ୍ରମଣି ସାମଲ, ସମସ୍ତଙ୍କ ଠିକଣା- ସା: ଫତେପୁର, ପୋ.: ଗୋପିଆକୁଦ, ଥାନା: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର (ଓଡ଼ିଶା) / **ଆକାଉଣ୍ଟ ନଂ: ୬୨୨୧୫୧୫୨୦୫୨** | **ଶ୍ରୀ ଯୁଧିଷ୍ଠିର ସାମଲ, ଶ୍ରୀ ବିଜୟ ସାମଲ** ଏବଂ **ଶ୍ରୀ କୈଳାସ ଚନ୍ଦ୍ର ସାମଲ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଫତେପୁର, ତହସିଲ/ଥାନା: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଖାତା ନଂ.: ୫୯୦/୧୯୬, ପ୍ଲଟ୍ ନଂ.: ୭୩୨/୧୪୫୫, କ୍ଷେତ୍ର: ଏକର୦.୨୬ଡିସିମିଲି, କିସମ: ଘରବାରୀ | ଟ.୪୧,୦୫,୩୫୦/- / ଟ.୪,୧୦,୫୩୫/- / ଟ.୫୦,୦୦୦/- | ତା୩୧.୦୧.୨୦୧୮ରିଖ ସୁଦ୍ଧା ଟ.୧୯,୧୭,୮୮୪/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ / ୧୩.୦୨.୨୦୧୮ |
| ୩. | **ରଣଗ୍ରହୀତା: ମେସର୍ସ ମା ଭଗବତୀ ରାଇସ୍ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ.,** ସା./ପୋ.: ସମିଆ କଳାକଳ, ବରୀ, ଜିଲ୍ଲା: ଯାଜପୁର-୭୫୪୦୮୨, ଓଡ଼ିଶା/ **ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର,** ସା: ପ୍ଲଟ୍ ନଂ.: ୭୮/୧୬୫୪, ବିଡାନାସୀ, ବାସେଲୀଗଡା, କଟକ-୭୫୩୦୧୪, **ନିର୍ଦ୍ଦେଶକ: ଶ୍ରୀମତୀ ବନଶ୍ରୀ ମହାପାତ୍ର,** ସ୍ୱାମୀ: ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର, ସା: ପ୍ଲଟ୍ ନଂ.: ୭୮/୧୬୫୪, ବିଡାନାସୀ, ବାସେଲୀଗଡା, କଟକ-୭୫୩୦୧୪ / **୧) ଶ୍ରୀମତୀ ବନଶ୍ରୀ ମହାପାତ୍ର,** ସ୍ୱାମୀ: ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର, **୨) ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର,** ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୭୮/୧୬୫୪, ବିଡାନାସୀ, ବାସେଲୀଗଡା, କଟକ-୭୫୩୦୧୪, **୩) ଶ୍ରୀମତୀ ସଂଘମିତ୍ରା ମହାପାତ୍ର,** ଗାୟତ୍ରୀ ଭବନ, ଗୋପବନ୍ଧୁ ଲେନ୍, ଅରୁଣୋଦୟ ମାର୍କେଟ, କଟକ-୧୨ / **ଆକାଉଣ୍ଟ ନଂ: ୩୧୯୬୫୭୧୨୮୨୯, ୩୧୬୮୪୯୦୯୩୦୨** | **୧) ମେସର୍ସ ମା ଭଗବତୀ ରାଇସ୍ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ.** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ସମିଆ, ତହସିଲ: ଦର୍ପଣ, ଥାନା: ବଡ଼ଚଣା, ଜିଲ୍ଲା: ଯାଜପୁର, ଖାତା ନଂ.: ୯୧୮/୭୩, ପ୍ଲଟ୍ ନଂ.: ୩୫୬୯/୪୫୪୬, କ୍ଷେତ୍ର: ଏକର୫.୦୧ ଡିସିମିଲି, କିସମ: ଘରବାରୀ, ଖାତା ନଂ.: ୯୧୮/୭୨, ପ୍ଲଟ୍ ନଂ.: ୬୧୧/୪୫୪୪, କ୍ଷେତ୍ର: ଏକର୧.୫୪ ଡିସିମିଲି, କିସମ: ଘରବାରୀ, ପ୍ଲଟ୍ ନଂ.: ୩୫୬୯/୪୫୪୫, କ୍ଷେତ୍ର: ଏକର୧.୪୬ ଡିସିମିଲି, କିସମ: ଘରବାରୀ, ଖାତା ନଂ.: ୯୧୮/୧୦୩, ପ୍ଲଟ୍ ନଂ.: ୩୫୬୯/୪୫୬୫, କ୍ଷେତ୍ର: ଏକର୦.୨୮ ଡିସିମିଲି, କିସମ: ଘରବାରୀ, **ସମୁଦାୟ କ୍ଷେତ୍ର: ଏକର୮.୨୯ ଡିସିମିଲି**<br>**୨) କାରଖାନାରେ ଥିବା ଯନ୍ତ୍ରପାତି ଓ କଳକବ୍ଜା** | (୧) ଟ.୨,୬୫,୫୦,୦୦୦/- / ଟ.୨୬,୫୫,୦୦୦/- / ଟ.୫,୦୦,୦୦୦/-<br>(୨) ଟ.୧୨,୮୬,୦୦୦/- / ଟ.୧,୨୮,୬୦୦/- / ଟ.୫୦,୦୦୦/- | ତା୦୫.୦୪.୨୦୨୨ରିଖ ସୁଦ୍ଧା ଟ.୭,୮୬,୨୪,୦୦୦/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ / ୩୦.୦୩.୨୦୧୫ |

ଇଚ୍ଛୁକ ବିଡ଼ରମାନେ ଇ-ନିଲାମ ଶେଷ ହେବା ପୂର୍ବରୁ MSTC ରେ ପ୍ରାକ୍ ବିଡ୍ ଅମାନତ ରାଶି ଜମା କରିପାରିବେ। ପ୍ରାକ୍ ବିଡ୍ ଅମାନତ ରାଶିର କ୍ରେଡିଟ୍ ବିଡ଼ରଙ୍କୁ କେବଳ MSTC ର ବ୍ୟାଙ୍କ ଆକାଉଣ୍ଟରେ ଦେୟ ରସିଦ୍ ଏବଂ ଇ-ନିଲାମ ୱେବସାଇଟ୍‌ରେ ସୂଚନା ଅପଡେଟ୍ କରିବା ପରେ ପ୍ରଦାନ କରାଯିବ। ବ୍ୟାଙ୍କିଙ୍ଗ ପ୍ରକିୟା ଅନୁଯାୟୀ ଏହା କିଛି ସମୟ ନେଇପାରେ, ତେଣୁ ବିଡ଼ରମାନେ ଶେଷ ମୁହୂର୍ତ୍ତରେ ହେବାକୁ ଥିବା ଅସୁବିଧାକୁ ଏଡାଇବା ପାଇଁ ନିଜ ଇଚ୍ଛା ଅନୁସାରେ ପ୍ରାକ ବିଡ୍ ଅମାନତ ରାଶି ଯଥେଷ୍ଟ ପୂର୍ବରୁ ଦାଖଲ କରିବାକୁ ଅନୁରୋଧ କରାଯାଉଛି।

**ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଅନୁସାରେ ରୁଲ ୮(୬) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ରଣଗ୍ରହୀତାମାନଙ୍କ ନିମନ୍ତେ ଏହା ଏକ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।**

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ ଦେଖନ୍ତୁ:
www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in

ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: **ଶ୍ରୀ ଏନ୍ କେ ପଣ୍ଡା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୮୩୨୭୭୭୧୭୫୨, ଶ୍ରୀମତୀ ପି ଏକ୍କା (ସିଟି କେସ୍ ଅଫିସର), ମୋ.: ୭୯୭୮୩୫୧୯୯୮, ଏବଂ ଶ୍ରୀ ମୁକ୍ତିକାନ୍ତ ଶତପଥୀ (ସିଟି କେସ୍ ଅଫିସର), ମୋ.: ୯୦୭୮୧୩୬୧୯୯**

**ସମସ୍ତ ସମ୍ପତ୍ତି ବ୍ୟାଙ୍କରେ ସାଙ୍କେତିକ ଦଖଲରେ ଅଛି**

ତାରିଖ : ୧୦.୦୫.୨୦୨୨
ସ୍ଥାନ : କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

କେତେବେଳେ ମଣିଷ ଓ ଈଶ୍ୱରଙ୍କର ସାକ୍ଷାତ ସମ୍ବନ୍ଧ ହୁଏ ? ଯେତେବେଳେ ଈଶ୍ୱର ମଣିଷ ଭିତରକୁ ତାଙ୍କ ଆଡୁ ପ୍ରବେଶ କରନ୍ତି ଏବଂ ମଣିଷ ବି ଯେତେବେଳେ ଈଶ୍ୱରଙ୍କ ଭିତରକୁ ଝାସ ଦିଏ– ସେତିକି ବେଳେ । –ଶ୍ରୀଅରବିନ୍ଦ



# ଅସାନି ଆସିଲା

ଚଳିତ ବର୍ଷ ମେ' ପ୍ରଥମାର୍ଦ୍ଧରେ ପ୍ରଚଣ୍ଡ ତାତି ମଧ୍ୟରେ ଅସାନି ବାତ୍ୟା ଚିନ୍ତାର କାରଣ ପାଲଟିଛି । ପ୍ରତିବର୍ଷ ବାତ୍ୟା ଯୋଗୁ ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ, ମହାରାଷ୍ଟ୍ର ଓ ଗୁଜରାଟ ଭଳି ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକ ବିପତ୍ତିର ସମ୍ମୁଖୀନ ହେଉଛନ୍ତି । ବାତ୍ୟାର ସଂଖ୍ୟା ମଧ୍ୟ ପୂର୍ବାପେକ୍ଷା ବୃଦ୍ଧିପାଉଛି । ବିଶେଷଜ୍ଞଙ୍କ ମତରେ, ସବୁଜ ଗୃହ ବାଷ୍ପ ଯୋଗୁ ସୃଷ୍ଟି ହେଉଥିବା ତାପମାତ୍ରାର ୯୦% ସମୁଦ୍ର ଶୋଷି ନେଉଥିବାରୁ ପାଣିର ତାପମାତ୍ରା ବଢୁଛି ଓ ଅଧିକ ବାତ୍ୟା ହେଉଛି । ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅନ୍ କ୍ଲାଇମେଟ୍ ଚେଞ୍ଜ (ଆଇପିସିସି)ର ରିପୋର୍ଟ ଏଭଳି ସିଦ୍ଧାନ୍ତକୁ ସମର୍ଥନ କରିଛି । ବାତ୍ୟା ନିରୀକ୍ଷଣ, ପୂର୍ବାନୁମାନ ଏବଂ ଗବେଷଣା ସହ ଜଡ଼ିତ ଅନ୍ତଃରାଷ୍ଟ୍ରୀୟ ଜର୍ନାଲ 'ଟ୍ରପିକାଲ ସାଇକ୍ଲୋନ ରିସର୍ଚ୍ଚ ଆଣ୍ଡ୍ ରିଭ୍ୟୁ' ମଧ୍ୟ ଏହାସହ ଏକମତ ବୋଲି ଜଣାପଡ଼ିଛି । ଭାରତର ପାଣିପାଗ ବିଭାଗ (ଆଇଏମ୍‌ଡି) ତଥ୍ୟ ଅନୁଯାୟୀ, ୧୯୭୧ରୁ ୨୦୨୦ ମଧ୍ୟରେ ୧୨୧ଟି ଟ୍ରପିକାଲ ବାତ୍ୟା ସୃଷ୍ଟି ହୋଇଛି । ଆରବ ସାଗର ଏବଂ ବଙ୍ଗୋପ ସାଗରରେ ବିଶ୍ୱ ତୁଳନାରେ କମ୍ ବାତ୍ୟା ସୃଷ୍ଟି ହେଉଥିଲେ ବି ଏହାର କ୍ଷୟକ୍ଷତି ଅନ୍ୟ ଦେଶ ତୁଳନାରେ ଅଧିକ, କାରଣ ଏହା ବେଶି ଜନବହୁଳ ଅଞ୍ଚଳକୁ ପ୍ରଭାବିତ କରିଥାଏ । ଭାରତରେ କେନ୍ଦ୍ର ଓ ରାଜ୍ୟ ସରକାର ଦାବି କରୁଛନ୍ତି ଯେ, ସେମାନଙ୍କର ବାତ୍ୟା ଓ ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବା ଦକ୍ଷତା ବୃଦ୍ଧି ପାଉଛି । ସରକାରଙ୍କ ଏହି ପ୍ରଚାର ସମ୍ପୂର୍ଣ୍ଣ ଭାବେ ଅସତ୍ୟ ବୋଲି ବାରମ୍ବାର ପ୍ରମାଣିତ ହେଉଛି । ତାହାର ପ୍ରମାଣ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ବାସିନ୍ଦା ୩ ମେ ୨୦୧୯ ଫନୀ ପରେ ଅନୁଭବ କରିଥିବେ । ବିଦ୍ୟୁତ୍ ସଂଯୋଗ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକ । ପୁରୀ ଏବଂ ଖୋର୍ଦ୍ଧା ଜିଲା କଥା ଛାଡ଼ି ଦିଆଯାଉ । ରାଜଧାନୀରେ ଥିବା ରାଜଭବନର ଚାରିପାର୍ଶ୍ୱରେ ମଧ୍ୟ ୨୬ ଦିନରୁ ଅଧିକ ସମୟ ଲାଗିଗଲା ବିଦ୍ୟୁତ୍ ସଂଯୋଗ କରିବାରେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ପ୍ରାକୃତିକ ବିପର୍ଯ୍ୟୟ ଘଟିବା ପୂର୍ବରୁ ସରକାରୀ ପ୍ରସ୍ତୁତି ଅପେକ୍ଷା ଗଣମାଧ୍ୟମରେ ସୂଚନା ଦିଆଯାଉଥିବା ଯୋଗୁ ଜନସାଧାରଣ ସଚେତନ ହେବା ଫଳରେ ଜୀବନହାନି ଘଟୁନାହିଁ । କିନ୍ତୁ ତାହାର ଅର୍ଥ ନୁହେଁ ଯେ, ସରକାରୀ ସଂସ୍ଥା ସବୁକିଛି କରିଦେଉଛନ୍ତି । ଏଠାରେ ଫନୀ ପରବର୍ତ୍ତୀ ସମୟର କଥା ଅନେକଙ୍କର ମନେଥିବ । ଫନୀ ପରେ ଓଡ଼ିଶାର ସରକାରୀ ସଂସ୍ଥାଗୁଡ଼ିକ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟରେ ଅନେକାଂଶରେ ବିଫଳ ହୋଇଥିଲେ । କିନ୍ତୁ ବାସ୍ତବରେ ୨ ସପ୍ତାହ ପରେ ଆନ୍ଧ୍ରରୁ ଆସିଥିବା ଉଦ୍ଧାରକାରୀ ଗୋଷ୍ଠୀ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିଥିଲେ । ସେମାନଙ୍କୁ କିଭଳି ଅସୁବିଧାରେ ରଖାଯାଇଥିଲା ଓ ଉଚିତ ଅର୍ଥ ମିଳୁ ନ ଥିବାର ଖବର ମଧ୍ୟ ପ୍ରକାଶ ପାଇଥିଲା ।

ଏହିସବୁ ବିଷୟ ବ୍ୟତୀତ ପ୍ରାକୃତିକ ବିପର୍ଯ୍ୟୟକୁ ସମ୍ମୁଖୀନ ହେବା ପାଇଁ ବୈଷୟିକ ଜ୍ଞାନ ବୃଦ୍ଧିପାଉଛି । ଆଜିର ଦିନରେ ସମୁଦ୍ର ମଧ୍ୟରେ କ୍ଷୁଦ୍ର ବାତ୍ୟାର ଜନ୍ମ ହେବା ମାତ୍ରକେ ତତ୍‌କ୍ଷଣାତ୍ ସୂଚନା ମିଳୁଛି । ସେହି ବାତ୍ୟା କେଉଁ ଦିଗକୁ ପ୍ରଭାବିତ କରିବ, ତାହା ମଧ୍ୟ ଅଳ୍ପବହୁତେ ଜଣାପଡ଼ିଯାଉଛି । କେବଳ ବାତ୍ୟା ନୁହେଁ, ବର୍ଷା ଏବଂ ସେଥିରୁ ସୃଷ୍ଟି ହେଉଥିବା ବଢ଼ି ସମ୍ପର୍କରେ ଆଗୁଆ ଖବର ମିଳିପାରୁଛି । ତଥାପି ଭୂମିକମ୍ପ ଏବଂ ଜଙ୍ଗଲ ନିଆଁକୁ ଆକଳନ କରିବା ଭଳି ଜ୍ଞାନକୌଶଳ ଆଜି ପର୍ଯ୍ୟନ୍ତ ବିକଶିତ ହୋଇପାରି ନାହିଁ । ହୁଏତ ନିକଟ ଭବିଷ୍ୟତରେ ଏହିଭଳି ବିପର୍ଯ୍ୟୟ ସମ୍ପର୍କରେ ପୂର୍ବସୂଚନା ମିଳିବାର ବ୍ୟବସ୍ଥା ସୃଷ୍ଟି ହୋଇପାରେ । ଏହା ସତ୍ତ୍ୱେ ପ୍ରକୃତି ସବୁବେଳେ ମଣିଷଠାରୁ ୫ ହଜାର ପାଦ ଆଗରେ ରହିବ ।

# ପବନ ଉଡ଼େଇନେଲା

ବିହାର ସୁଲତାନଗଞ୍ଜରେ ଗଙ୍ଗା ନଦୀ ଉପରେ ନିର୍ମିତ ଏକ ପୋଲର କିଛି ଅଂଶ ଏପ୍ରିଲ ୨୯ରେ ହୋଇଥିବା ଝଡ଼ବାତ୍ୟାରେ ଭୁଶୁଡ଼ି ପଡ଼ିଥିଲା । ସୁଖର କଥା ଯେ, ଏଥିରେ କେହି ମୃତାହତ ହୋଇ ନ ଥିଲେ । ଏ ବିଷୟରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀ ତାଙ୍କ ମନ୍ତ୍ରଣାଳୟର ସଚିବଙ୍କୁ ଏହାର କାରଣ ପଚାରିବାରୁ ମନ୍ତ୍ରୀଙ୍କ କହିବା ଅନୁଯାୟୀ ଉତ୍ତର ମିଳିଥିଲା, ପୋଲଟି ଜୋର୍ ପବନ ହେବାରୁ ଭାଙ୍ଗିଯାଇଛି । ମନ୍ତ୍ରୀ ଏହା ଶୁଣି ଆଶ୍ଚର୍ଯ୍ୟ ହୋଇଯାଇଥିଲେ ବୋଲି ନିଜେ କହିଛନ୍ତି । ବ୍ରିଜ୍ ଖସିପଡ଼ିବା ପଛରେ ନିଶ୍ଚିତ ନିର୍ମାଣଜନିତ ତ୍ରୁଟି ଥିବା ବୁଝି ହେଉଛି ବୋଲି ସେ କହିଥିଲେ । ତେବେ ଗଡ଼କରୀ ତାଙ୍କ ସଚିବଙ୍କ ଉଦାହରଣ ଦେଇ ଏହି ବିଷୟ ମେ ୧୦ରେ ଏକ କାର୍ଯ୍ୟକ୍ରମରେ କହିବା ପରେ ତାହା ହାସ୍ୟାସ୍ପଦ ପରିସ୍ଥିତି ସୃଷ୍ଟି କରିଛି ।

ଏ ଦେଶରେ ବ୍ରିଜ୍ ଭୁଶୁଡ଼ିପଡ଼ିବା ଓ ସରକାରୀ ସ୍କୁଲ କିମ୍ବା କାର୍ଯ୍ୟାଳୟ ଭାଙ୍ଗି ପଡ଼ିବା ପରେ ତାହାର ବାରମ୍ବାର ମରାମତି ହେବା ଏକ ନିତିଦିନିଆ କଥା । ଓଡ଼ିଶାର ଭୁବନେଶ୍ୱର, ଖୋର୍ଦ୍ଧା, କଟକ ଓ ବଲାଙ୍ଗୀର ଆଦି ସ୍ଥାନରେ ବ୍ରିଜ୍ ଭୁଶୁଡ଼ି ଲୋକଙ୍କ ଜୀବନ ଯିବା ବିଷୟରେ ସମସ୍ତେ ଅବଗତ ଅଛନ୍ତି । ନିମ୍ନମାନର କଞ୍ଚାମାଲ ଓ ତରବରିଆ କାମ ଶେଷ କରିବାର ନିଶା ଯୋଗୁ ନିର୍ମାଣରେ ତ୍ରୁଟି ରହିବା ଓ ସେଗୁଡ଼ିକ ଭୁଶୁଡ଼ି ପଡୁଥିବା ଦେଖିବାକୁ ମିଳେ । ବିହାରରେ ଯେଉଁ ବ୍ରିଜ୍‌ର କିଛି ଅଂଶ ଭାଙ୍ଗିଯାଇଛି ତାହା ଏହି ପର୍ଯ୍ୟାୟଭୁକ୍ତ ହୋଇଥାଇପାରେ । କିନ୍ତୁ ଏହି ନିମ୍ନମାନର କାର୍ଯ୍ୟ କେବଳ ବିହାରରେ ସୀମିତ ନୁହେଁ । ସେହି ରାଜ୍ୟ ସମେତ ଭାରତର ଅନ୍ୟସବୁ ରାଜ୍ୟରେ ଏହିଭଳି ଖରାପ ମାନର ଇଞ୍ଜିନିୟରିଂ କାମ ସବୁଆଡ଼େ ଦେଖିବାକୁ ମିଳୁଛି । ଏଥିରୁ ବୁଝାପଡୁଛି ଯେ, ଆମ ଦେଶରେ ପାଠପଢ଼ି ଇଞ୍ଜିନିୟର ହେଉଥିବା ଯୁବତୀଯୁବକମାନଙ୍କର ଦକ୍ଷତାରେ ଅନେକ ଅଭାବ ରହୁଛି । କୌଣସି ସ୍ତରରେ ଏମାନେ ମନଦେଇ ପାଠ ପଢୁ ନାହାନ୍ତି । ସିଭିଲ୍ ଇଞ୍ଜିନିୟରିଂ କ୍ଷେତ୍ରରେ ବିଶ୍ୱ ଅନେକ ଦୂରକୁ ଆଗେଇଯାଇଥିବା ବେଳେ ଭାରତରେ ଏବେ ମଧ୍ୟ ସେହି ପୁରୁଣା ଢାଞ୍ଚାରେ କାର୍ଯ୍ୟ ଚଳାଇବାକୁ ଇଞ୍ଜିନିୟରିଂ ପାଠ ପଢ଼ିଥିବା ଯୁବପିଢ଼ି ପସନ୍ଦ କରୁଛନ୍ତି । ହୁଏତ ସେଥିପାଇଁ ସେମାନଙ୍କ ମଧ୍ୟରେ ପ୍ରବଳ ଦୁର୍ନୀତି ଦେଖିବାକୁ ମିଳୁଛି ଏବଂ ଚାକିରି ପାଇବା ପୂର୍ବରୁ ପ୍ରତିବାଦ କରୁଥିବା ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କ ସପକ୍ଷରେ ସାଧାରଣତଃ ସାମାଜିକ ସମର୍ଥନ ମିଳିପାରୁ ନ ଥିବା ଭଳି ସ୍ପଷ୍ଟ ଜଣାପଡୁଛି ।

ଦେଖିବାକୁ ଗଲେ ବିନା ପର୍ସେଣ୍ଟେଜ୍ ବା ପିସିରେ କୌଣସି ସରକାରୀ ପ୍ରକଳ୍ପ କାର୍ଯ୍ୟ ଆଗେଇ ନ ଥାଏ ବୋଲି ସମାଜର ସବୁ ବର୍ଗ ଜାଣିଛନ୍ତି । ବିଶେଷକରି ବ୍ଲକ ସ୍ତରରୁ କନିଷ୍ଠ ଯନ୍ତ୍ରୀମାନେ ଦୁର୍ନୀତିରେ ବୁଡ଼ିରହି ପିସି ନ ଖାଇଲେ କୌଣସି କାର୍ଯ୍ୟ କରାଇବା ସମ୍ଭବପର ହୁଏ ନାହିଁ । ଗଡକରୀ ଯେଉଁ ବିଷୟଟି ଉଠାଇଛନ୍ତି ଓ ତାଙ୍କ ସଚିବଙ୍କୁ ପଦାରେ ପକାଇ ଭାବିଛନ୍ତି ବୋଧହୁଏ ତାଙ୍କ ବ୍ୟକ୍ତିତ୍ୱ ଉଚ୍ଚା ଭାବେ ଦେଖାଯିବ । ଏଠାରେ କୁହାଯାଇପାରେ ଯେ, ବାସ୍ତବ କ୍ଷେତ୍ରରେ ସେ ସମ୍ପୃକ୍ତ ସଚିବ ଓ ପୋଲ ନିର୍ମାଣ କରିଥିବା ସଂସ୍ଥା ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନେଲେ । ସଡ଼କ ପରିବହନ ମନ୍ତ୍ରୀ ଭାବରେ ମୁଖ୍ୟତଃ ତାଙ୍କର ନୈତିକ ଦାୟିତ୍ୱ ତୁଲାଇବାକୁ ଯାଇ ନିଜର ଦୋଷ ସ୍ୱୀକାର କରିବା ଉଚିତ ଥିଲା ।

su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | 2 | 5 | | |
| 4 | | | | | | | 9 | |
| | | 2 | | | 7 | 4 | | 6 |
| | | | | | | | | |
| | | | 9 | | 5 | 6 | | 4 |
| 8 | | 6 | 4 | | 1 | | | |
| 9 | 3 | | | | | | 5 | 2 |
| | 5 | | | | 8 | | | |
| | | | | 7 | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 5 | 7 | 3 | 2 | 1 | 6 | 9 |
| 7 | 9 | 2 | 5 | 1 | 6 | 3 | 8 | 4 |
| 6 | 3 | 1 | 4 | 9 | 8 | 7 | 5 | 2 |
| 2 | 5 | 8 | 3 | 7 | 1 | 9 | 4 | 6 |
| 4 | 1 | 3 | 6 | 2 | 9 | 8 | 7 | 5 |
| 9 | 7 | 6 | 8 | 4 | 5 | 2 | 3 | 1 |
| 5 | 2 | 4 | 1 | 8 | 7 | 6 | 9 | 3 |
| 1 | 6 | 7 | 9 | 5 | 3 | 4 | 2 | 8 |
| 3 | 8 | 9 | 2 | 6 | 4 | 5 | 1 | 7 |

ଗତକାଲିର ଉତ୍ତର

# ପ୍ରଯୁକ୍ତି ବିଦ୍ୟାରେ ଭାରତ



ଡ. ଗୌରୀଶଙ୍କର ସାହୁ

ମେ' ୩୧, ୧୮୯୩ । ଜାପାନର ୟୋକୋହାମାରୁ କାନାଡାର ଭାଙ୍କୋଭର ଅଭିମୁଖେ ଚଳମାନ ଏକ ଷ୍ଟିମର । ଅନ୍ୟ ସହଯାତ୍ରୀଙ୍କ ସହ ଯାତ୍ରା କରୁଥାନ୍ତି ଭାରତର ଦୁଇଜଣ ଯୁଗପୁରୁଷ– ସ୍ୱାମୀ ବିବେକାନନ୍ଦ ଓ ଜାମସେଦ୍‌ଜୀ ଟାଟା । ଟାଟା ସ୍ୱାମିଜୀଙ୍କୁ ନିଜ ମନ କଥା ଜଣାଇଲେ–'ଭାରତକୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା ପାଇଁ ସେ ବିଦେଶୀ ଜ୍ଞାନକୌଶଳ ଓ ଯନ୍ତ୍ରାଂଶ ସାହାଯ୍ୟରେ ସ୍ୱଦେଶୀ ଇସ୍ପାତ କାରଖାନା ନିର୍ମାଣ କରିବାକୁ ଚାହୁଁଛନ୍ତି ।' ସ୍ୱାମିଜୀ କହିଲେ 'ବିଦେଶରୁ କାହିଁକି? ଯନ୍ତ୍ରାଂଶ ଭାରତରେ କ'ଣ ତିଆରି କରିହେବ ନାହିଁ?' ଟାଟା କହିଲେ, 'ଏଥିପାଇଁ ସ୍ୱଦେଶୀ ଜ୍ଞାନ କୌଶଳ ଆମ ଦେଶରେ ନାହିଁ । ଯଦି ଭାରତରେ ଗୋଟିଏ ବିଶ୍ୱସ୍ତରୀୟ ଗବେଷଣା ପ୍ରତିଷ୍ଠାନଟିଏ ଖୋଲାଯାଇପାରନ୍ତା ଏହା ସମ୍ଭବ ହୋଇପାରନ୍ତା ।' ବିବେକାନନ୍ଦ କହିଲେ, 'ଯଦି ପାଶ୍ଚାତ୍ୟଜଗତର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସାଂପ୍ରତିକ ଉତ୍କର୍ଷ ସହିତ ମହାଭାରତୀୟ ମାନବବାଦ ଓ ତପସ୍ୟାର ସଙ୍ଗମରେ ଆପଣଙ୍କ ସ୍ୱପ୍ନର ଅନୁଷ୍ଠାନ ଗଢ଼ାହୋଇପାରନ୍ତା, ତେବେ ଭଲ ହୁଅନ୍ତା ।' ଟାଟା କହିଲେ, ''ଆପଣ ମୋର ମାର୍ଗଦର୍ଶନ କରନ୍ତୁ, ଏପରି ମଠ(ମୋନାଷ୍ଟରୀ)ଟିଏ ଗଢ଼ାହେବ ; ଯେଉଁଠି ମଣିଷମାନେ ତ୍ୟାଗ ତିତିକ୍ଷାର ମୁକ୍ତିମନ୍ତ୍ର ପ୍ରତୀକ ହେବେ, ତପସ୍ୱୀସମ ଜୀବନଯାପନ କରିବେ ଓ ସେମାନଙ୍କ ଜୀବନକୁ ପ୍ରାକୃତିକ ଓ ମାନବବାଦୀ ବୈଜ୍ଞାନିକ ଗବେଷଣାରେ ଉତ୍ସର୍ଗ କରିବେ ।'' ସ୍ୱାମିଜୀ ଟାଟାଙ୍କୁ ଆଶୀର୍ବାଦ ପ୍ରଦାନ କଲେ । ୨୩ ନଭେମ୍ବର ୧୮୯୮ରେ ସେ ସ୍ୱାମିଜୀଙ୍କୁ ଚିଠିଲେଖି ଜଣାଇଲେ ଯେ ସେ ଭାରତରେ ଗୋଟିଏ ଗବେଷଣା ପ୍ରତିଷ୍ଠାନ ସ୍ଥାପନ ପାଇଁ କାମ ଆରମ୍ଭ କରିବାକୁ ଚାହୁଁଛନ୍ତି । ଏ ଉଦ୍ୟମର ନେତୃତ୍ୱ ନେବାପାଇଁ ଏହି ଚିଠିରେ ସେ ସ୍ୱାମିଜୀଙ୍କୁ ଅନୁରୋଧ କରିଥିଲେ । ସ୍ୱାମିଜୀ ସେତେବେଳେ ରାମକୃଷ୍ଣ ମିଶନ ପ୍ରତିଷ୍ଠାରେ ବ୍ୟସ୍ତ ଥିବାରୁ ଭଗିନୀ ନିବେଦିତାଙ୍କୁ ଟାଟାଙ୍କୁ ସହଯୋଗ କରିବା ପାଇଁ ପଠାଇଲେ ।

୧୯୦୪ରେ ଜାମସେଦ୍‌ଜୀଙ୍କ ସ୍ୱର୍ଗବାସ ହୋଇଯିବା ପରେ ତାଙ୍କ ପୁତ୍ର ଦୋରାବଜୀ ଟାଟା ଓ ଭଗିନୀ ନିବେଦିତା ସେମାନଙ୍କ ପ୍ରୟାସ ଜାରିରଖିଲେ । ୧୯୦୯ରେ ତତ୍କାଳୀନ ଭାଇସ୍‌ରାଏ ଲର୍ଡ ମିଣ୍ଟୋ ପ୍ରସ୍ତାବିତ ପ୍ରକଳ୍ପକୁ ମଞ୍ଜୁରୀ ଦେଲେ । ସ୍ୱାମୀ ବିବେକାନନ୍ଦଙ୍କ ଶିଷ୍ୟ ମହୀଶୁର ରାଜା ଚାମରାଜା ୱାଡିଅର୍‌ଙ୍କ ସୁପୁତ୍ର ମହାରାଜା କୃଷ୍ଣରାଜ ୱାଡିଅର୍ ଅନୁଷ୍ଠାନ ପ୍ରତିଷ୍ଠା ପାଇଁ ବାଙ୍ଗାଲୋରର ଯଶୱନ୍ତପୁର ଅଞ୍ଚଳରେ ୩୭୧ ଏକର ଜମି ଦାନ କଲେ । ପ୍ରତିଷ୍ଠାନର ଭବନ, ଗବେଷଣାଗାର ଓ ଅନ୍ୟାନ୍ୟ ଭିତ୍ତିଭୂମି ପାଇଁ ଦୋରାବଜୀ ଟାଟା ଅର୍ଥ ଯୋଗାଇଲେ । ୧୯୧୧ରେ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ (ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ)ର ଭିତ୍ତିପ୍ରସ୍ତର ସ୍ଥାପନ ହେଲା ଓ ସେହିବର୍ଷ ଜୁଲାଇ ୨୪ରେ ପ୍ରଥମ ବ୍ୟାଚ୍ ଆଡ୍‌ମିଶନ୍ ହେଲା । ବିଶିଷ୍ଟ ବୈଜ୍ଞାନିକ ଟ୍ରାଭର୍ସ ହେଲେ ଏହାର ପ୍ରଥମ ନିର୍ଦ୍ଦେଶକ । ଅଳ୍ପ ଦିନରେ ଏହା ଏକ ବିଶ୍ୱପ୍ରସିଦ୍ଧ ଅନୁଷ୍ଠାନ ଭାବେ ଗଣାହେଲା ।



ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ ଉପଲକ୍ଷେ

୧୯୩୯ରେ ହୋମି ଜାହାଙ୍ଗୀର ଭାଭା ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନରେ ରିଡରଭାବେ ଯୋଗଦେଲେ । ଭାଭା ୧୯୪୪ରେ ଜେ.ଆର୍.ଡି. ଟାଟାଙ୍କୁ ଚିଠି ଲେଖି ମୌଳିକ ଗବେଷଣା ପାଇଁ ଏକ ଗବେଷଣା ପ୍ରତିଷ୍ଠାନ ପ୍ରତିଷ୍ଠା କରିବା ସକାଶେ ଅନୁରୋଧ କଲେ । ଜେ.ଆର୍.ଡି. ଟାଟାଙ୍କ ଆର୍ଥିକ ଓ ବ୍ୟକ୍ତିଗତ ସହଯୋଗରେ ୧୯୪୫ରେ ଟାଟା ମୌଳିକ ଗବେଷଣା ଅନୁଷ୍ଠାନ (ଟାଟା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ) ଗଠିତ ହେଲା ।

ଆମେରିକାର ମାନହାଟନ୍ ପ୍ରକଳ୍ପର ସଫଳତା ପରେ ଭାଭା ଭାରତକୁ ଏକ ପରମାଣୁ ଶକ୍ତିସମ୍ପନ୍ନ ଦେଶ ଭାବେ ଗଢ଼ିବାକୁ ଚାହିଁଲେ । ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କୁ ବୁଝାଇ ସେ ୧୯୫୪ରେ ପରମାଣୁ ଶକ୍ତି ପ୍ରତିଷ୍ଠାନ (ଆଟମିକ୍ ଏନର୍ଜି ଏଷ୍ଟାବ୍ଲିଶ୍‌ମେଣ୍ଟ) ଟ୍ରମ୍ବେଠାରେ ଗଢ଼ିଲେ । ୧୯୬୭ରେ ଏହାର ନାମ 'ଭାଭା ଆଣବିକ ଗବେଷଣା କେନ୍ଦ୍ର'କୁ ରୂପାନ୍ତରିତ ହୋଇଛି । ଟାଟା ପ୍ରତିଷ୍ଠାନର ବୈଜ୍ଞାନିକମାନଙ୍କ ନେତୃତ୍ୱରେ ଏହି ଅନୁଷ୍ଠାନ ଗଢ଼ିଉଠିଲା । ଅଗଷ୍ଟ ୦୨, ୧୯୬୩ରେ ଭାଭା ନେହେରୁଙ୍କୁ ଚିଠି ଲେଖି ଜଣାଇଲେ ''ଚାଇନା ଗଣରାଜ୍ୟର ମାନସିକ ଓ ରାଜନୈତିକ ଚାପରୁ ରକ୍ଷାପାଇବା ପାଇଁ ଭାରତକୁ ପରମାଣୁ ପରୀକ୍ଷଣ କରିବାକୁ ପଡ଼ିବ । ତେଣୁ ଆପଣ ଅନୁମତି ଦିଅନ୍ତୁ । ନେହେରୁ ପରମାଣୁ ବୋମାକୁ 'ସଇତାନର ପ୍ରତୀକ' କହି ଭାଭାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ । ନେହେରୁଙ୍କ ମୃତ୍ୟୁପରେ ଶାସ୍ତ୍ରୀ ଭାରତର ପ୍ରଧାନମନ୍ତ୍ରୀ ହେଲେ ଓ ସେ ମଧ୍ୟ ଭାଭାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ । ୨୪ ଜାନୁୟାରୀ ୧୯୬୬ରେ ଏୟାର ଇଣ୍ଡିଆ ବିମାନ–୧୦୧ରେ ଯାତ୍ରା କରୁଥିବା ବେଳେ ସନ୍ଦିଗ୍ଧ ଅବସ୍ଥାରେ ମଣ୍ଟବ୍ଲାଙ୍କ ପାଖରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଭାଭା ଇହଲୀଳା ସମ୍ବରଣ କଲେ । ତାଙ୍କ ପରେ ଭାଭା ଅନୁଷ୍ଠାନର ମଙ୍ଗ ସମ୍ଭାଳିଲେ ପଦାର୍ଥ ବିଜ୍ଞାନୀ ରାଜା ରମନ୍ନା । ଭାଭାଙ୍କ ସେହି ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ରୂପ ଦେବାପାଇଁ ରମନ୍ନାଙ୍କୁ ନିର୍ଦ୍ଦେଶ ଦେଲେ । ବୈଜ୍ଞାନିକ ଦଳ ୧୮ ମେ ୧୯୭୪ରେ ପୋଖରାନ୍‌ଠାରେ ପରମାଣୁ ପରୀକ୍ଷଣ କଲେ । ଏହାପରେ ପାଶ୍ଚାତ୍ୟ ଦେଶମାନେ ନ୍ୟୁକ୍ଲୀୟ ପଦାର୍ଥ ଯୋଗାଣ ବନ୍ଦ କରିଦେଲେ । ଭାରତର ପରମାଣୁ ପରୀକ୍ଷଣ ଶୀତସୁପ୍ତିକୁ ଚାଲିଗଲା । ଅଟଳ ବିହାରୀ ବାଜପେୟୀ ଭାରତର ପ୍ରଧାନମନ୍ତ୍ରୀ ହେବା ପରେ ଭାଭା ଆଣବିକ ଗବେଷଣା କେନ୍ଦ୍ରର ତତ୍କାଳୀନ ନିର୍ଦ୍ଦେଶକ ରାଜଗୋପାଳ ଚିଦାମ୍ବରମଙ୍କୁ ପରମାଣୁ ବୋମା ପରୀକ୍ଷଣ ପାଇଁ ନିର୍ଦ୍ଦେଶ ଦେଲେ । ୧୧ ମେ ୧୯୯୮ରେ ଭାରତ ପାଞ୍ଚଟି ପରମାଣୁ ବୋମା ସଫଳତାର ସହ ପରୀକ୍ଷା କଲା ପୋଖରାନ୍‌ଠାରେ । ଏହି ପରୀକ୍ଷଣର ପ୍ରମୁଖ ବିଦ୍ଧାଣୀ ଥିଲେ ରାଜଗୋପାଳ ଓ ପ୍ରଧାନମନ୍ତ୍ରୀଙ୍କ ବୈଜ୍ଞାନିକ ପରାମର୍ଶଦାତା ଅବଦୁଲ୍ କଲାମ୍ । ପ୍ରତୀକାତ୍ମକ ଭାବେ ୧୧ ମେ'କୁ ପ୍ରତିବର୍ଷ ଭାରତୀୟ ପ୍ରଯୁକ୍ତି ବିଦ୍ୟାଦିବସ ଭାବେ ପାଳନ କରିବା ପାଇଁ ପ୍ରଧାନମନ୍ତ୍ରୀ ବାଜପେୟୀ ଘୋଷଣା କଲେ ।

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଭାରତ ବିଶ୍ୱର ଅଗ୍ରଣୀ ଦେଶର ମାନ୍ୟତା ପାଇବାରେ ଯେଉଁ ଅନୁଷ୍ଠାନଟିର ଭୂମିକା ରହିଛି, ସେଇ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ୱାମୀ ବିବେକାନନ୍ଦ, ଭଗିନୀ ନିବେଦିତା, ଜାମସେଦ୍‌ଜୀ ଟାଟା ଓ ମହାରାଜା କୃଷ୍ଣରାଜ ୱାଡିଅରଙ୍କ ଯୋଗୁ ଗଢ଼ା ହୋଇପାରିଥିଲା । ଯନ୍ତ୍ରରେ ବି ମନ୍ତ୍ର ଭରି ଦେଇଥିଲେ ଏହି ଯୁଗପୁରୁଷ ଓ ତାଙ୍କ ସ୍ୱପ୍ନର ମଣିଷମାନେ । ଆଜି ଦିନଟି ହେଉ ଆମମାନଙ୍କ ପାଇଁ ଆତ୍ମସମୀକ୍ଷାର ଦିନ ।

**ଅଧ୍ୟାପକ, ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଧର୍ମଶାଳା**
**ମୋ–୭୯୭୮୪୨୧୮୩୫**

# ଅର୍ଥନୀତିର ବିସଙ୍ଗତି ଓ ପରିଣାମ



ଶକ୍ତି ରଞ୍ଜନ ଦାଶ

ଆମ ପଡ଼ୋଶୀ ଦେଶ ଶ୍ରୀଲଙ୍କାର ସ୍ଥିତି ନିରୀକ୍ଷଣ କଲେ ତାହା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଅଛି ବୋଲି ଜାଣିପାରିବା । ଋଣଗ୍ରସ୍ତ ଶ୍ରୀଲଙ୍କା ଏବେ ଦେବାଳିଆ ସ୍ଥିତିରେ । ଏହାର ଦୁର୍ବଳ ଅର୍ଥନୀତି ଦେଶର ସାର୍ବଭୌମତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆର୍ଥିକ ସଙ୍କଟକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଜୋରଦାର ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜାପକ୍ସେ ଇସ୍ତଫା ଦେଇଛନ୍ତି । ତେଣୁ ପ୍ରଶ୍ନ ଉଠେ, ଏହି ପରିସ୍ଥିତି ହେଲା କିପରି? ଦୁଇଟି ବ୍ୟାପକ ବର୍ଗ ପାଇଁ ସରକାର ଋଣ ନେବା ଆବଶ୍ୟକ କରନ୍ତି; ବ୍ୟାପକ–ଆର୍ଥିକ ଉଦ୍ଦେଶ୍ୟ (MACROECONOMIC PURPOSE) ଯେପରି କି ଅଧିକ ବିନିଯୋଗ, ଅଧିକ ବ୍ୟବହାର (ଶିକ୍ଷା ଏବଂ ସ୍ୱାସ୍ଥ୍ୟ) କିମ୍ବା ନିଅଣ୍ଟ ବଜେଟକୁ ଭରଣା କରିବାକୁ । ପ୍ରତ୍ୟେକ ବର୍ଷ ଦେଶରେ ଥିବା ସରକାର ଦେଶକୁ ଚଳେଇବା ପାଇଁ ଏକ ବଜେଟ ଉପସ୍ଥାପନ କରିଥାନ୍ତି । ଯଦି ଆୟ ସହ ଖର୍ଚ୍ଚ ସମାନ ହୋଇଥାଏ ତାହାକୁ ସମତୁଲ ବଜେଟ କୁହାଯାଏ ଓ ଯଦି ଅସମାନତା ଥାଏ ତାହାକୁ ଅସମତୁଲ ବଜେଟ କୁହାଯାଏ । ସ୍ୱାଭାବିକ ଭାବେ ଏହି ଅସମାନତାରେ ଖର୍ଚ୍ଚ ଆୟଠାରୁ ଅଧିକ ହୋଇଥାଏ, ଯାହାକୁ ବିତ୍ତୀୟ ନିଅଣ୍ଟ କୁହାଯାଏ । ଏହି ନିଅଣ୍ଟକୁ ମୁଖ୍ୟତଃ ସରକାର ୩ଟି ମାଧ୍ୟମରେ ଦୂର କରିପାରିବେ ଯଥା ଅଧିକ ମୁଦ୍ରା ଛପେଇ, ଅଧିକ ଟିକସ ଆଦାୟ କରି କିମ୍ବା ବିଦେଶରୁ ଋଣ ଆଣିକରି । ଏହି ୩ଟି ମାଧ୍ୟମରୁ ସରକାର ମୁଖ୍ୟତଃ ଋଣ ସଂଗ୍ରହକୁ ପସନ୍ଦ କରନ୍ତି । କାରଣ ଏହା ମୁଦ୍ରଣ କିମ୍ବା ଟିକସ ଲାଗୁ କରିବା ପରି ମୁଦ୍ରାସ୍ଫୀତିକୁ ବୃଦ୍ଧି କରି ନ ଥାଏ । ଯଦିଓ ସରକାର ଏହାର ବଜେଟ ନିଅଣ୍ଟକୁ ଦୂରକରିବା ପାଇଁ ଟିକସ ବ୍ୟବହାର କରିପାରିବେ, କିନ୍ତୁ ଟିକସ ଆପେକ୍ଷିକ ମୂଲ୍ୟର ସଂରଚନାକୁ ବିକୃତ କରିଥାଏ । ଅନ୍ୟପକ୍ଷରେ ଋଣ ଯଦି ଅର୍ଥନୀତିର ବହନ କ୍ଷମତାଠାରୁ ଅଧିକ ନିଆଯାଏ ତାହା ମଧ୍ୟ ପରବର୍ତ୍ତୀ ସମୟରେ ସମସ୍ୟା ସୃଷ୍ଟି କରେ ।

ଏହି ଅନୁକ୍ରମରେ ଶ୍ରୀଲଙ୍କାର ବୃହତ୍ ଋଣ ବୋଝର ମୁଖ୍ୟ କାରଣ ହେଉଛି କମ୍ ଟିକସ ରାଜସ୍ୱ ଏବଂ କମ୍ ବୈଦେଶିକ ପ୍ରତ୍ୟକ୍ଷ ବିନିଯୋଗ (ଏଫ୍‌ଡିଆଇ)) । ବିଗତ ୪୦ ବର୍ଷ ଧରି ବିକାଶ ଆଶାରେ ଦେଶ ବିଦେଶୀ ଋଣ ଉପରେ ଅଧିକ ନିର୍ଭରଶୀଳ ହୋଇପଡିଛି । ୧୯୮୯ରେ ଶ୍ରୀଲଙ୍କାର ମୋଟ ଘରୋଇ ଉତ୍ପାଦ(ଜିଡିପି)ର ପ୍ରାୟ ୬୨% ଥିଲା ବୈଦେଶିକ ଋଣ । ୧୯୯୦ର ପ୍ରାରମ୍ଭ ତୁଳନାରେ ଶ୍ରୀଲଙ୍କାର ଜିଡିପି ଅନୁପାତରେ ବୈଦେଶିକ ଋଣ ବହୁ ମାତ୍ରାରେ ହ୍ରାସ ପାଇଛି । କିନ୍ତୁ ୧୯୯୦ର ପ୍ରାରମ୍ଭରେ ଶ୍ରୀଲଙ୍କାର ଅଧିକାଂଶ ବିଦେଶୀ ଋଣ ରିହାତି ମୂଲ୍ୟରେ ଧାରଣ କରାଯାଇଥିଲା ଏବଂ ଏହି ଋଣଗୁଡ଼ିକ ଅଧିକାଂଶ ବିଶ୍ୱ ବ୍ୟାଙ୍କ, ଏସୀୟ ବିକାଶ ବ୍ୟାଙ୍କ ଏବଂ ଜାପାନ ଅନ୍ତର୍ଜାତୀୟ ସହଯୋଗ ଏଜେନ୍ସି ଭଳି ବିକାଶ ଏଜେନ୍ସି ଦ୍ୱାରା ଅଧିକୃତ ହୋଇଥିଲା । ଏହି ଋଣଗୁଡ଼ିକ ଶ୍ରୀଲଙ୍କା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା, କାରଣ ସେମାନଙ୍କର ଏକ ଲମ୍ବା ଦେୟ ଅବଧି (୨୫–୪୦ ବର୍ଷ), ବହୁତ କମ ସୁଧ ହାର (୧% କିମ୍ବା ୧% ରୁ କମ୍) ଏବଂ ଯଥେଷ୍ଟ ଅନୁଗ୍ରହ ଅବଧି (GRACE PERIOD) ଯାହାର ଅର୍ଥ ଧାର୍ଯ୍ୟ ତାରିଖ ପରେ ମଧ୍ୟ ବିନା ଦଣ୍ଡରେ ଦେୟ ପ୍ରଦାନ କରାଯାଇପାରିବ ସୁବିଧାମାନ ଆଦି ଥିଲା । ତେଣୁ ସେତେବେଳର ବିଦେଶୀ ଋଣ ଶ୍ରୀଲଙ୍କାର 'ବୈଦେଶିକ ମୁଦ୍ରା ଭଣ୍ଡାର' ପାଇଁ ଏକ ବୋଝ କିମ୍ବା ବିପଦ ସୃଷ୍ଟି କରୁ ନ ଥିଲା । କିନ୍ତୁ ବର୍ତ୍ତମାନ ଶ୍ରୀଲଙ୍କାର ଋଣ ପରିସ୍ଥିତି ସେତେବେଳଠାରୁ ଭିନ୍ନ । ଫେବୃୟାରୀ ସୁଦ୍ଧା ଶ୍ରୀଲଙ୍କା ସଂରକ୍ଷଣରେ ମାତ୍ର ୨.୩ ବିଲିୟନ ଡଲାର ରହିଥିଲା, କିନ୍ତୁ ୨୦୨୨ରେ ଏହା ପ୍ରାୟ ୪ ବିଲିୟନ ଡଲାରର ଋଣ ପରିଶୋଧର ସମ୍ମୁଖୀନ ହେବାକୁ ଯାଉଛି, ଯେଉଁଥିରେ ଜୁଲାଇରେ ୧ ବିଲିୟନ ଡଲାରର 'ଅନ୍ତର୍ଜାତୀୟ ସାର୍ବଭୌମ ବଣ୍ଡ' ପରିପକ୍ୱ ହେବାକୁ ଯାଉଛି ।



'ଅନ୍ତର୍ଜାତୀୟ ସାର୍ବଭୌମ ବଣ୍ଡ' ହେଉଛି ଏକ ସୁବିଧା, ଯେଉଁଥିରେ ଏକ ସରକାର ଆର୍ଥିକ ଆବଶ୍ୟକତା ମୁକ୍ତ ବଜାରରୁ ପ୍ରାପ୍ତ କରିଥାଆନ୍ତି । ସରକାର ଏହି 'ବଣ୍ଡ'ର ନିୟାମକ ସୁଧ ଓ ମୂଳ ଧନକୁ ଠିକ୍ ସମୟରେ ଫେରାଇବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥାନ୍ତି । ଏହି ବଣ୍ଡ ଶ୍ରୀଲଙ୍କା ଋଣର ସର୍ବାଧିକ ଅଂଶ । ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଅନୁସାରେ ନିକଟ ଅତୀତର ଋଣ ଦେୟ ପାଇଁ ଶ୍ରୀଲଙ୍କାର ବୈଦେଶିକ ମୁଦ୍ରା ଭଣ୍ଡାର ପର୍ଯ୍ୟାପ୍ତ ନୁହେଁ । ଶ୍ରୀଲଙ୍କା ଅର୍ଥନୀତିରେ ମିଳିଥିବା ପ୍ରମୁଖ ଗଠନମୂଳକ ଦୁର୍ବଳତା ହେଉଛି କମ୍ ମାତ୍ରାରେ 'ମୋଟ ଘରୋଇ ଉତ୍ପାଦନ', 'ବୈଦେଶିକ ପ୍ରତ୍ୟକ୍ଷ ବିନିଯୋଗ'ର ନିମ୍ନ ସ୍ତର, 'ଟିକସ ରାଜସ୍ୱ' ହ୍ରାସ ଓ ବିଭିନ୍ନ କ୍ଷେତ୍ରରେ ରପ୍ତାନିରେ ଉନ୍ନତି ଆଣିବାରେ ବିଫଳତା । ଅଧିକ ରପ୍ତାନି ଆୟ ପାଇଁ ଶ୍ରୀଲଙ୍କାକୁ ଏହା ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ । କୋଭିଡ୍ ମହାମାରୀ ପୂର୍ବରୁ ମଧ୍ୟ ଶ୍ରୀଲଙ୍କା ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲା । ଏହି ଲକ୍‌ଡାଉନ ଅନୌପଚାରିକ କ୍ଷେତ୍ରକୁ (INFORMAL SECTOR) ଅଧିକ ପ୍ରଭାବିତ କରିଛି, ଯାହା ଦେଶର ପ୍ରାୟ ୬୦% କର୍ମଜୀବୀଙ୍କର ଜୀବିକା ନିର୍ବାହ କରେ । ଶ୍ରୀଲଙ୍କାର ବୈଦେଶିକ ଆୟର ପ୍ରାୟ ୨୦% ପର୍ଯ୍ୟଟନ ଶିଳ୍ପ ମାଧ୍ୟମରେ ଉତ୍ପାଦିତ ହୁଏ, କୋଭିଡ୍ ମହାମାରୀ ହେତୁ ପର୍ଯ୍ୟଟନଜନିତ ଆୟ ମଧ୍ୟ ପ୍ରଭାବିତ ହୋଇଛି । ଏକ ଯୁକ୍ତିଯୁକ୍ତ ଏବଂ ସ୍ଥାୟୀ ସମାଧାନ ବିଷୟରେ ଚିନ୍ତା କରିବାର ସମୟ ଆସିଛି । ବିଭିନ୍ନ କ୍ଷେତ୍ରଗୁଡ଼ିକରେ ଅଧିକ ଉତ୍ପାଦନ କରିବାକୁ ଶ୍ରୀଲଙ୍କାକୁ ବିଚାର କରିବାକୁ ପଡ଼ିବ, ଯାହା ତାହାର ଜିଡିପି ଏବଂ ରପ୍ତାନି ବୃଦ୍ଧି କରିବା ସହ ଋଣନୀତି ଅନୁଯାୟୀ ଆମଦାନୀକୁ ଧୀରେ ଧୀରେ ହ୍ରାସ କରିବ । ଫଳସ୍ୱରୂପ ଏହା ଦେଶର କରେଣ୍ଟ ଆକାଉଣ୍ଟକୁ ଅନୁକୂଳ ରଖିବ । ଏଥିସହ ଶ୍ରୀଲଙ୍କାକୁ ମଧ୍ୟ ବୈଦେଶିକ ମୁଦ୍ରା ଭଣ୍ଡାରର ବୃଦ୍ଧି ପାଇଁ ଅଧିକ 'ମୁଦ୍ରା ଅଦଳବଦଳ' (CURRENCY SWAP) କରିବାକୁ ପଡ଼ିବ । କୃଷିକୁ ପୁନଃ ସ୍ଥାପିତ କରିବା ପାଇଁ ରାସାୟନିକ ସାର ବଦଳରେ ଜୈବିକ ସାରର ବ୍ୟବହାର ଉପରେ ଚାଷୀମାନଙ୍କୁ ଉପଯୁକ୍ତ ତାଲିମ ଓ ପ୍ରୋତ୍ସାହନ ଦେବା ଆବଶ୍ୟକ । କୃଷି ଜାତ ଦ୍ରବ୍ୟର ରପ୍ତାନି ବୈଦେଶିକ ମୁଦ୍ରା ଆୟକୁ ବୃଦ୍ଧି କରିବ । ଶ୍ରୀଲଙ୍କାକୁ ଏହାର ପୁନରୁଦ୍ଧାର ପାଇଁ ଏକ ଠିକ୍ ଟିକସ ମନିଟରିଂ ସିଷ୍ଟମ୍ ଏବଂ ଉପଯୁକ୍ତ ପ୍ରଶାସନ ଲାଗୁ କରିବା ଜରୁରୀ । ଅର୍ଥ ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ଔଦ୍ୟୋଗିକର ସଂକଳ୍ପ ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶ୍ରୀଲଙ୍କା ଅର୍ଥନୀତିରେ ବୈଷୟିକ ଜ୍ଞାନକୌଶଳ ତଥା ପ୍ରଯୁକ୍ତିବିଦ୍ୟାର ସଂପ୍ରସାରଣକୁ ଉଦ୍ୟୋଗ ପ୍ରତିଷ୍ଠା ଦିଗରେ ଅନୁଧାବନ କରିବାକୁ ହେବ । ଯଦି ଶ୍ରୀଲଙ୍କା ଉପରୋକ୍ତ ଆଲୋଚନାକୁ ବିଚାର କରେ ଏହା ତାହାର ଆର୍ଥିକ ପରିସ୍ଥିତିର ଉନ୍ନତିରେ ସହାୟକ ହେବ ।

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**
shaktiranjan.srd@gmail.com

## ଏଇ ଭାରତରେ

ସହରଗୁଡ଼ିକରେ ବର୍ଜ୍ୟ ଠୁଳ ହେବାକୁ ନେଇ ବହୁ ସମୟରେ ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିବାଦ ଦେଖାଯାଇଥାଏ । କିନ୍ତୁ ସେହି ସ୍ଥାନରେ ଯଦି ଜଙ୍ଗଲ କରାଯାଏ ତେବେ ତାହା ପରିବେଶ ପାଇଁ ଉପଯୋଗୀ ହେବା ସହ ଜନଅସନ୍ତୋଷକୁ ରୋକିପାରିବ । ଏହିଭଳି ଭାବନାକୁ ଗ୍ରହଣ କରିଛନ୍ତି ନଭି ମୁମ୍ବାଇର ସିଭିକ୍ ଚିଫ୍ ତଥା ଆଇଏଏସ୍ ଅଧିକାରୀ ଅଭିଜିତ ବାଙ୍ଗର । ସେ ନଭି ମୁମ୍ବାଇ କୋପରଖୈରେନ ଅଞ୍ଚଳରେ ଏକ ବୃହତ୍ ଡମ୍ପୟାର୍ଡକୁ ମିୱାକି ପଦ୍ଧତିରେ ଜଙ୍ଗଲ କରିପାରିଛନ୍ତି । ମିୱାକି ପଦ୍ଧତିରେ ମାତ୍ର ୧ ବର୍ଷ ମଧ୍ୟରେ ଏହି ଜଙ୍ଗଲ ହୋଇପାରିଛି । ଏଭଳି ଜଙ୍ଗଲ କରିବା ଲାଗି ଡମ୍ପୟାର୍ଡର ଏକ ମିଟର ଯାଏ ବର୍ଜ୍ୟର ସ୍ଥିତି ଆକଳନ କରାଯାଇଥାଏ ବୋଲି କହନ୍ତି ବାଙ୍ଗର । ପରେ ଏଥିପାଇଁ କିଛି ଶୁଦ୍ଧ ମାଟି ମଧ୍ୟ ବ୍ୟବହାର କରାଯାଏ । ଏହା ପୂର୍ବରୁ ବାଙ୍ଗରେ ନାଗପୁରରେ ମଧ୍ୟ ଏଭଳି ଏକ ଜଙ୍ଗଲ କରିଥିଲେ । ଏଭଳି ଜଙ୍ଗଲ ପାଇଁ ସେ 'ଗ୍ରୀନ୍ ଯାତ୍ରା' ଏନ୍‌ଜିଓର ସହଯୋଗ ନେଉଛନ୍ତି । ଉକ୍ତ ଏନ୍‌ଜିଓ ଭାରତର ବିଭିନ୍ନ ସହରରେ ଡମ୍ପୟାର୍ଡରେ ଜଙ୍ଗଲ କରୁଛି । ନଭି ମୁମ୍ବାଇରେ ସୃଷ୍ଟି କରାଯାଇଥିବା ଜଙ୍ଗଲରେ ଜାମୁ, ନିମ୍ବ, ଆମ୍ବ, ପଳାଶ, ଅଁଳା ସହ ୬୦ ପ୍ରକାରର ୬୦ ହଜାର ଗଛ ଲଗାଯାଇଛି । ମାଟିର ଉର୍ବରତା ବୃଦ୍ଧି କରିବା ପାଇଁ ଜୈବିକ ଓ ପ୍ରାକୃତିକ ସାମଗ୍ରୀ ବ୍ୟବହାର କରାଯାଇଛି । ଏବେ ଏହି ଜଙ୍ଗଲରେ ୩୫ ପ୍ରଜାତିର ପକ୍ଷୀ, ୧୫ ପ୍ରକାର ପ୍ରଜାପତି, ୧୨ ପ୍ରଜାତି ସାପ ରହି ସାରିଲେଣି । ଏହି ଜଙ୍ଗଲ ପାଇଁ ଏକ ପ୍ରସିଦ୍ଧ ସଙ୍ଗୀତ କମ୍ପାନୀ ପାଣ୍ଠି ଯୋଗାଇ ଦେଇଛି ।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ମେ ୧୯୯୭

- ଦକ୍ଷିଣ ଚୀନ୍‌ସ୍ଥିତ ଗୁଆଙ୍ଗଝୁଉ ସହର ଏବଂ ତା'ର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ହେବା ଫଳରେ ୪୩ ମୃତ ।
- ନୟାଗଡ଼ ଜିଲାର ଗଣିଆଠାରୁ ୫ କି.ମି. ଦୂର କାଳିକାପ୍ରସାଦଠାରେ ବରଯାତ୍ରୀଙ୍କୁ ନେଇ ଯାଉଥିବା ମିନିଟ୍ରକ ପୋଲ ସହ ଧକ୍କା ଲାଗି ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୧ ଯାତ୍ରୀଙ୍କ ମୃତ୍ୟୁ ।
- ରାଷ୍ଟ୍ରପତି ଶାସନ ଜାରି ଓ ଜରୁରୀକାଳୀନ ପରିସ୍ଥିତି ପାଇଁ ୩୫୬ ଧାରାର ସଂଶୋଧନ ପ୍ରସ୍ତାବ ଉପରେ ଆନ୍ତଃରାଜ୍ୟ ପରିଷଦ ବୈଠକରେ ସହମତି ।

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଧାନ ଶିକ୍ଷକ ପଦବୀ ପୂରଣ ହେଉ

ମହାଶୟ,

ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହଜାର ହଜାର ସଂଖ୍ୟାରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଛି । ସରକାରଙ୍କର ତ୍ରୁଟିପୂର୍ଣ୍ଣ କ୍ୟାଡର ନିୟମ ହେତୁ ବର୍ଷ ବର୍ଷ ଧରି ପ୍ରଧାନ ଶିକ୍ଷକ ନିଯୁକ୍ତି ହୋଇପାରୁନାହାନ୍ତି । ପରିତାପର ବିଷୟ ବହୁ ଉଚ୍ଚ ଯୋଗ୍ୟତାସମ୍ପନ୍ନ ଶିକ୍ଷକ ବିନା ପଦୋନ୍ନତିରେ ଅବସର ନେଉଛନ୍ତି । ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନ ଥିବାରୁ ସ୍କୁଲସ୍ତରରେ ପ୍ରଶାସନିକ କ୍ଷମତା ହ୍ରାସ ପାଉଛି । କାମଚଳା ପ୍ରଧାନ ଶିକ୍ଷକ ନିଜକୁ ପ୍ରଧାନ ଶିକ୍ଷକ ଭାବୁ ନାହାନ୍ତି । ଫଳରେ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାଦାନରେ ପ୍ରଧାନ ଶିକ୍ଷକ ଅଭାବ ବାଧକ ସାଜୁଛି । ସରକାରଙ୍କ ଅଜବ କ୍ୟାଡର ନିୟମ ଏଥିରେ ପ୍ରତିବନ୍ଧ ବି ହେଉଛି । ୨୫ରୁ ୩୦ବର୍ଷ ଧରି ବିନା ପଦୋନ୍ନତିରେ ଶିକ୍ଷକମାନେ କାମ କରିବା ପରେ ଚତୁର୍ଥବର୍ଗରେ ପୁଣି ୨ବର୍ଷ ରହିବା ପରେ ପଦୋନ୍ନତି ପାଇବା ଏକ ହାସ୍ୟାସ୍ପଦ କଥା । ଚତୁର୍ଥବର୍ଗରେ ଦିନେ ରହିଲେ ମଧ୍ୟ ପଦୋନ୍ନତି ମିଳିବାର ବ୍ୟବସ୍ଥା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଉ । ପ୍ରାଥମିକ ସ୍ତରରେ ଥିବା କ୍ୟାଡରରେ ଶିକ୍ଷକମାନଙ୍କୁ ଏ, ବି ଭଳି ପଦୋନ୍ନତି ଦେବା ଅତ୍ୟନ୍ତ ଲଜ୍ଜାଜନକ । ପୁନଶ୍ଚ ଉଚ୍ଚ ଯୋଗ୍ୟତାସମ୍ପନ୍ନ ଶିକ୍ଷକଙ୍କୁ ଅପେକ୍ଷାକୃତ କମ୍ ଯୋଗ୍ୟତା ସମ୍ପନ୍ନ ଶିକ୍ଷକ ସହିତ ସମାନ କରି ଗୋଟିଏ ବର୍ଗରୁ ଅନ୍ୟ ବର୍ଗକୁ ପଦୋନ୍ନତି ଦେବା କ୍ଷୋଭର ବିଷୟ । ତେଣୁ ସରକାର କ୍ୟାଡର ନିୟମରେ ପରିବର୍ତ୍ତନ କରି ତୁରନ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବୀ ପୂରଣ କରନ୍ତୁ ।

**–ସନ୍ତୋଷ କୁମାର ମିଶ୍ର, ଦାଣ୍ଡମୁକୁନ୍ଦପୁର, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଫଗୁଣର ହୁରିଖେଳ ଗୀତ ହେ
ଆସିଛି ଧରାରେ ପ୍ରାଣମିତ
ଆଜି ଖାଲି ହସିବାର ଭୁଲିବାର
ଜୋଛନାରେ ନାଚ ଆଜି ବାରବାର
ପୋଛି ଆସ ନୟନରୁ ଲୁହ ଧାର,
ବିଶ୍ୱ ହୋଇଛି ଉଲ୍ଲସିତ ଯେ ।
ଫଗୁଣ ଜୋଛନା ତଳେ ମିତ ହେ !

–(ଫଗୁଣ ଜ୍ୟୋତ୍ସ୍ନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୫୦୫୬ ପାର୍ଟଟାଇମ୍ ଇନ୍‌ଷ୍ଟ୍ରକ୍ଟରଙ୍କ ବେତନ ବୃଦ୍ଧି

ଭୁବନେଶ୍ୱର, ୧୦।୫(ବ୍ୟୁରୋ): ରାଜ୍ୟରେ ଓଡ଼ିଶା ସମଗ୍ର ଶିକ୍ଷା ଅଧୀନରେ କାର୍ଯ୍ୟରତ ୫୦୫୬ଜଣ ପାର୍ଟଟାଇମ୍ ଇନ୍‌ଷ୍ଟ୍ରକ୍ଟରଙ୍କ ମାସିକ ବେତନକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ୫୦୫୬ ଜଣ ପାର୍ଟଟାଇମ୍ ଇନ୍‌ଷ୍ଟ୍ରକ୍ଟରଙ୍କ ମାସିକ ବେତନ ୫୫୫୫ ଟଙ୍କାରୁ ୭୦୦୦ ଟଙ୍କାକୁ ବୃଦ୍ଧି କରାଯିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ମଙ୍ଗଳବାର ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ସଂକ୍ଷେପରେ

## ଜୁନ୍ ୧୭ରୁ କାର୍ଯ୍ୟକ୍ଷମ ହେବ ୬୪ ଆଦର୍ଶ ବିଦ୍ୟାଳୟ

ଭୁବନେଶ୍ୱର, ୧୦।୫(ବ୍ୟୁରୋ): ରାଜ୍ୟରେ ୨୫୦ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ରହିଛି। ଅବଶିଷ୍ଟ ୬୪ଟି ଆଦର୍ଶ ବିଦ୍ୟାଳୟକୁ ଆସନ୍ତା ଜୁନ ୧୭ ତାରିଖରୁ କାର୍ଯ୍ୟକ୍ଷମ କରାଯିବ। ଏହି ୬୪ଟି ବିଦ୍ୟାଳୟରେ ଜୁନ୍ ୧୭ ତାରିଖଠାରୁ ୬ଷ୍ଠ ଶ୍ରେଣୀ ପାଠପଢ଼ା ଆରମ୍ଭ ହେବ ବୋଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର କାର୍ଯ୍ୟ ସମୀକ୍ଷା ବୈଠକରେ ନିଷ୍ପତ୍ତି ନିଆଯାଇଛି। ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଲୋକସେବା ଭବନରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର କାର୍ଯ୍ୟ ସମୀକ୍ଷା କରିଥିଲେ। ଏହି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରେମଚାନ୍ଦ ଚୌଧାରୀ ଏବଂ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଗ୍ରହଣ କରାଯାଇଥିବା ସିଦ୍ଧାନ୍ତ ଅନୁଯାୟୀ ରାଜ୍ୟର ୬୪ ଆଦର୍ଶ ବିଦ୍ୟାଳୟ ଜୁନ ୧୭ରୁ କାର୍ଯ୍ୟକ୍ଷମ କରାଯିବ। ସେହିପରି ସମସ୍ତ ଆଦର୍ଶ ବିଦ୍ୟାଳୟ ଏବଂ ଛାତ୍ରୀନିବାସର ନିର୍ମାଣ କାର୍ଯ୍ୟ ୨୦୨୩ ନଭେମ୍ବର ସୁଦ୍ଧା ଶେଷ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବିଦ୍ୟାଳୟଗୁଡ଼ିକର ସୁପରିଚାଳନା ନିମନ୍ତେ ଆବଶ୍ୟକ ଥିବା ୧୭୪୯ଟି ପଦବୀ ପୂରଣ ପ୍ରକ୍ରିୟା ଆସନ୍ତା ଜୁନ୍ ମାସ ମଧ୍ୟରେ ଶେଷ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ଅନାବଶ୍ୟକ ହମ୍ପ୍‌ସ ହଟିବ

■ ଏନ୍‌ଏଚ୍‌ରେ ଆବଶ୍ୟକତା ନାହିଁ
■ ଟ୍ରକ୍ ଟର୍ମିନାଲ ପାଇଁ ଜମି ଚିହ୍ନଟ କରିବାରେ ଅବହେଳା



ଯାଜପୁର ଅଫିସ,୧୦।୫

ରାଜ୍ୟରେ ସଡ଼କ ଦୁର୍ଘଟଣାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏଥିପାଇଁ ସମସ୍ତ ଜିଲାପାଳ, ଏସ୍‌ପି, ଆର୍‌ଟିଓ ଏବଂ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟକଲେ ଦୁର୍ଘଟଣା ଓ ମୃତ୍ୟୁ ହ୍ରାସ ପାଇପାରିବ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗତ ଏପ୍ରିଲ ୨୦ରେ ଅନୁଷ୍ଠିତ ସଡ଼କ ସୁରକ୍ଷା ସମୀକ୍ଷା ବୈଠକରେ ମତ ଦେଇଥିଲେ। ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ହେଉଛି ହମ୍ପ୍‌ସଗୁଡ଼ିକ ନିକଟରେ ଆବଶ୍ୟକ ସୂଚନା ଫଳକ ଅଭାବ ସମେତ ତାହା ଚିହ୍ନିତ ନ ହେବା। ଅନାବଶ୍ୟକ ହମ୍ପ୍‌ସଗୁଡ଼ିକୁ ହଟାଇ ଦିଆଯାଉ। ଏହାସହ ଜାତୀୟ ରାଜପଥ(ଏନ୍‌ଏଚ୍)ରେ ହମ୍ପ୍‌ସ ନିର୍ମାଣର ଆବଶ୍ୟକତା ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଗ୍ରାମାଞ୍ଚଳରୁ ଏନ୍‌ଏଚ୍ ପ୍ରବେଶ ପଥରେ ହମ୍ପ୍‌ସ ନିର୍ମାଣ କରାଯାଇପାରେ ବୋଲି ମୁଖ୍ୟ ଶାସନ ସଚିବ ଉକ୍ତ ସମୀକ୍ଷା ବୈଠକରେ ମତପୋଷଣ କରିଥିଲେ। ବୈଠକର ନିଷ୍ପତ୍ତି ଅନୁପାଳନ ପାଇ ବାଣିଜ୍ୟ ଓ ପରିବହନ ବିଭାଗ ଯୁଗ୍ମ ସଚିବ କିଶୋର ଚନ୍ଦ୍ର ଦାସ ଗତ ୬ ତାରିଖରେ ସମସ୍ତ ଜିଲାପାଳ, ଏସ୍‌ପି, ଡିସିପି, ଆରଟିଓ, ଏନ୍‌ଏଚ୍‌ଏଆଇ ଚିଫ୍ ଜେନେରାଲ ମ୍ୟାନେଜରଙ୍କ ସମେତ ପୂର୍ତ୍ତ, ଗୃହ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଆଦି ବିଭାଗକୁ ଚିଠି କରିଛନ୍ତି।

ରାଜ୍ୟ ପରିବହନ ସଚିବଙ୍କ ରିପୋର୍ଟ ଅନୁସାରେ, ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଅପରାହ୍ନ ୩ଟାରୁ ରାତି ୯ଟା ମଧ୍ୟରେ ଅଧିକାଂଶ ଦୁର୍ଘଟଣା ହେଉଛି। ଏନ୍‌ଏଚ୍‌ଗୁଡ଼ିକରେ ଦ୍ରୁତ ଗାଡିଚାଳନା ଯୋଗୁ ପ୍ରାୟ ୩୭% ଦୁର୍ଘଟଣାଜନିତ ମୃତ୍ୟୁ ହେଉଛି। ମିଳିଥିବା ତଥ୍ୟ ଅନୁଯାୟୀ, ସନ୍ଧ୍ୟା ଓ ରାତି ସମୟରେ ନିଶାସେବନ କରି ଗାଡ଼ିଚାଳନା ଯୋଗୁ ଦୁର୍ଘଟଣା ଅଧିକ ହେଉଛି। ତେଣୁ ଏନ୍‌ଏଚ୍‌ଠାରୁ ୫୦୦ ମିଟର ଦୂରତାରେ ମଦ ଦୋକାନଗୁଡ଼ିକ ଖୋଲିବାକୁ ସରକାରଙ୍କ ନିଷ୍ପତ୍ତି ଦୁର୍ଘଟଣାକୁ ହ୍ରାସ କରି ପାରିନାହିଁ ବୋଲି ଏହି ତଥ୍ୟରୁ ଜଳଜଳ ହୋଇ ଦିଶୁଛି।

କମିଶନଙ୍କ ରିପୋର୍ଟ ଅନୁସାରେ ସୁନ୍ଦରଗଡ଼, କେନ୍ଦୁଝର, ଗଞ୍ଜାମ, ଖୋର୍ଦ୍ଧା, କଟକ, ମୟୂରଭଞ୍ଜ, ଯାଜପୁର, ବାଲେଶ୍ୱର, ସମ୍ବଲପୁର ଓ ଅନୁଗୋଳ ଜିଲାରେ ସର୍ବାଧିକ ଦୁର୍ଘଟଣାଜନିତ ମୃତ୍ୟୁ ରେକର୍ଡ କରାଯାଇଛି। ବିଭିନ୍ନ ବୈଷୟିକ ଜ୍ଞାନ କୌଶଳ ଅବଲମ୍ବନ, ଭିତ୍ତିଭୂମି, ସଚେତନତା ସୃଷ୍ଟି, ଏନ୍‌ଏଚ୍‌ଗୁଡ଼ିକରେ କ୍ୟାମେରା ସ୍ଥାପନ, ଟୋଲ୍‌ଗେଟ୍‌ରେ ଇ-ଏନ୍‌ଫୋର୍ସମେଣ୍ଟ, ଇ-ଚାଲାଣ ସିଷ୍ଟମ୍ ସହ ଅନେକ ତାଲିମ କାର୍ଯ୍ୟକ୍ରମ ଦୁର୍ଘଟଣାକୁ ହ୍ରାସ କରି ପାରିନାହିଁ। ପ୍ରତିବର୍ଷ ୧୦୦ଟି ବ୍ଲାକ୍ ସ୍ପଟ୍‌କୁ ମରାମତି କରାଯାଉଛି। ଏଥିପାଇଁ ପ୍ରତି ବ୍ଲାକ୍ ସ୍ପଟ୍ ପିଛା ୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ବାକି ରହିଥିବା ବ୍ଲାକ୍ ସ୍ପଟ୍‌ଗୁଡ଼ିକ ତୁରନ୍ତ ମରାମତି କରିବାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏହାସହ ରାସ୍ତାରେ ବେଆଇନ ପାର୍କିଂ ଯୋଗୁ ପ୍ରାୟ ୨୩% ଦୁର୍ଘଟଣା ଘଟୁଛି। ଏହିକ୍ରମରେ ମୁଖ୍ୟ ଶାସନ ସଚିବ ସହର, ଖଣି ଅଞ୍ଚଳ ନିକଟରେ ଉପଯୁକ୍ତ ଜମି ଚିହ୍ନଟ କରି ଟ୍ରକ ଟର୍ମିନାଲ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୧।୧୨।୨୦୨୧ରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଟ୍ରକ ଟର୍ମିନାଲ ନିର୍ମାଣ କରିବାକୁ ୧୦ରୁ ୨୦ ଏକର ପର୍ଯ୍ୟନ୍ତ ଜମି ଚିହ୍ନଟ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ ହେଁ ତାହା ଏଯାଏ ଅନୁପାଳନ ହୋଇପାରିନାହିଁ। ଏଥିରୁ ସଡ଼କ ସୁରକ୍ଷା ପ୍ରତି ଜିଲାପାଳମାନଙ୍କ କେତେ ଆନ୍ତରିକତା ରହିଛି ତାହା ସହଜେ ଅନୁମେୟ। ଏଭଳି ପ୍ରଶାସନିକସ୍ତରରେ ଅନେକ ଅବହେଳା କାରଣରୁ ସଡ଼କ ଦୁର୍ଘଟଣା ହ୍ରାସ ପାଇ ପାରୁନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ଅନାବଶ୍ୟକ ହମ୍ପ୍‌ସ ସମ୍ପର୍କରେ କହିବାକୁ ଗଲେ ଯାଜପୁର ଜିଲାକୁ ଉଦାହରଣ ଭାବେ ନିଆଯାଇପାରେ। ଜିଲାର କୋରେଇ ବ୍ଲକ ଟିକରଠାରୁ ଦଳା ପର୍ଯ୍ୟନ୍ତ ୬୦ରୁ ଊର୍ଦ୍ଧ୍ୱ ଅନାବଶ୍ୟକ ହମ୍ପ୍‌ସ ରହିଛି। ହମ୍ପ୍‌ସ ନିକଟରେ କୌଣସି ସୂଚନା କିମ୍ବା ଚିହ୍ନ ଲଗାଯାଇନାହିଁ। ଫଳରେ ବାହାର ଲୋକ ଏହି ହମ୍ପ୍‌ସଗୁଡ଼ିକ ଉପରେ ଅଜ୍ଞ ରହିଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। କଳିଙ୍ଗନଗର ଡୁବୁରୀଠାରୁ ବିଜୁ ପଟ୍ଟନାୟକ ମାର୍ଗ ପର୍ଯ୍ୟନ୍ତ ବେଆଇନ ପାର୍କିଂ କେବେ ବି ହଟୁ ନାହିଁ। ଏହିକ୍ରମରେ ସରକାରଙ୍କ ବିଭିନ୍ନ ସମୀକ୍ଷା ବୈଠକ ଓ ତାହାର ବିବରଣୀ କାଗଜପତ୍ରରେ ସୀମିତ ରହୁଥିବା ମତପ୍ରକାଶ ପାଇଛି।

## ଆସାମରେ ଓଡ଼ିଆ ଯବାନ ଶହୀଦ

ନିରାକାରପୁର,୧୦।୫(ଡି.ଏନ୍.ଏ.)

ବିଏସ୍‌ଏଫ୍‌ରେ ଗାଡ଼ି ଚାଳକ ଭାବେ କାର୍ଯ୍ୟରତ ଥିବା ଜଣେ ଓଡ଼ିଆ ଯବାନ ଶହୀଦ ହୋଇଛନ୍ତି। ସେ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଲେଣ୍ଡୋ ପଞ୍ଚାୟତ ଅନ୍ତର୍ଗତ ଅରାଞ୍ଚଳ ଗ୍ରାମର ଜୟ ପ୍ରକାଶ ମହାପାତ୍ର। ସୋମବାର ଆସାମରେ ସେ ଜଣେ ସହକର୍ମୀ ଯବାନଙ୍କୁ ଗାଡ଼ି ଚାଳନା ଶିଖାଉଥିବା ବେଳେ ଦୁର୍ଘଟଣା ଘଟି ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ତାଙ୍କ ମୃତ୍ୟୁ ଖବର ପାଇବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। କିଛିଦିନ ପରେ ସେ କାର୍ଯ୍ୟରୁ ଅବସର ଗ୍ରହଣ କରିଥାନ୍ତେ ବୋଲି ଗ୍ରାମର ପ୍ରଶାନ୍ତ କୁମାର ବେହେରା କହିଛନ୍ତି। ବୁଧବାର ତାଙ୍କ ପାର୍ଥିବ ଶରୀର ଓଡ଼ିଶାକୁ ଅଣାଯିବ ବୋଲି ସୂଚନା ମିଳିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

Required Supervisor
for a garment processing unit Ex-Army / Air Force personnel's preferred. Educational, qualification : Graduate / Diploma in Electrical / Mechanical. Salary :Two lakhs per Annum.
Pikup & Delivery Boy : 5 Nos
Mail your resume to :
banaja26@gmail.com
Call : 9861929740

Required Civil Engineer (m/f), Front Office (f), PA (f), Off Manager (m), Site Supervisor (m/f), Marketing Executive (m/f), Office Boy.
Call:9238482524, 8895182524, 0674-2973254, rggroups2@gmail.com

See Career Appointment on every Wednesday & Saturday

REQUIRED
HOTEL SERVICE STAFF FOR PURI
FREE ACCOMMODATION & FOODING
CONTACT:9040001764

ଆବଶ୍ୟକ
ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କାରଖାନା ନିମ୍ନଲିଖିତ ପଦବୀ ପାଇଁ ଉପଯୁକ୍ତ ପ୍ରାର୍ଥୀ ଆବଶ୍ୟକ କରୁଛି
Pratichi
1. MARKETING MANAGER : 5 Nos
2. LAB INCHARGE B.Sc (Microbiology) /B.Sc (Chemistry) : 1 No
(ଉପଯୁକ୍ତ ଯୋଗ୍ୟତା ସହିତ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ)
ପ୍ରତିଚୀ ଡ଼ାଏରୀ ପ୍ରଡ଼କ୍ଟ ପ୍ରା.ଲି଼., ପ୍ଲଟ୍ ନଂ-୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ
Mob : 9853003317, 9658862759. Email : pratichidairyproducts@gmail.com

FORM No.13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7 CDA, CUTTACK, ODISHA.
O.A. No. 124/2020

IDBI Bank Limited ..Applicant
Versus
Santosh Patra & Others ...Defendant(s)

To,
**Def-1 SANTOSH PATRA,** S/O.: BIJAYA PATRA, AT: CHUDANAGA SAHI, P.S.: PURI TOWN, DIST.: PURI- PIN-752001
**Def-2 M/S SHREE GURU APPAREL, Prop: SANTOSH PATRA,** AT: NEAR TARINI TEMPLE CHAITANYA BIHAR BUS STAND, PURI-752002

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 124/2020** in the court of the Debts of Recovery Tribunal, Cuttack for recovery of **Rs.41,52,915.95** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **13.06.2022 at 10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this 28th day of APR 2022.

Sd/- (M. K. Patnaik)
REGISTRAR

IN THE DEBTS RECOVERY TRIBUNAL AT CUTTACK
C-71, Sector-7, CDA, Cuttack-753014 (Odisha)
O.A. No. 363/2021

Utkal Grameen Bank, SAR Branch, Sambalpur ...Applicant
-Versus-
Sashimukhi Sahu @ Padhan & Others ..Defendants

To,
Defendant No.1: **Sashimukhi Sahu @ Padhan,** W/o- Late Mansi Sahu@ Padhan;
Defendant No.2: **Puspak Kumar Sahu @ Padhan,** Son of: Late Mansi Sahu @ Padhan, Being Minor, Represented through Mother-Guardian, Sashimukhi Sahu;
Defendant No.3: **Gunjan Sahu @ Padhan,** Son of: Late Mansi Sahu @ Padhan, Being Minor, Represented through Mother-Guardian, Sashimukhi Sahu;
Defendant No.4: **Tirthabasi Sahu,** S/o- Duryodhan Sahu;
Defendant No.5: **Gulabati Sahu @ Padhan,** W/o- Nityananda Sahu;
All are At/P.O.: Amlipali, Dist.: Bargarh, PIN-768027.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED FOR SHOULD NOT BE GRANTED**

Take notice that the Applicant has instituted the aforesaid Original Application before this Tribunal for recovery of **₹48,97,014.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within **30 days** from the date of publication or on **24th day of June, 2022 at 10.30 a.m.** as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this **9th day of May, 2022.**

Sd/- (M.K. Patnaik)
Registrar
Debts Recovery Tribunal, Cuttack

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନାଁରେ ପୂର୍ବତନ ବିଧାୟକଙ୍କ ଏତଲା

କୁଚିଣ୍ଡା,୧୦।୫(ଡି.ଏନ.ଏ.): ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଖଣ୍ଡୋକଟା ପଞ୍ଚାୟତର ଜୁନାନୀ ଗ୍ରାମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ପ୍ରରୋଚନାରେ ଜଙ୍ଗଲ ନଷ୍ଟ କରି ଏକାଧିକ ପୋଖରୀ ଖୋଳାଯାଇଥିବା ଅଭିଯୋଗ ଆଣି ମଙ୍ଗଳବାର କୁଚିଣ୍ଡାର ପୂର୍ବତନ ବିଧାୟକ ରବିନାରାୟଣ ନାଏକ ଥାନାରେ ଏତଲା ଦେଇଛନ୍ତି। ନାଏକଙ୍କ ସହ ଭାଜପାର ଏକ ପ୍ରତିନିଧି ଦଳ ଜୁନାନୀ ଗ୍ରାମକୁ ଗସ୍ତକରି ବେଆଇନ ଭାବେ ଜଙ୍ଗଲରୁ ଗଛ କଟାଯାଇ ଖୋଳାଯାଇଥିବା ଏକାଧିକ ପାଉଁଶ ପୋଖରୀ ଦେଖିଥିଲେ। ଏଭଳି ଖନନରେ ନିୟୋଜିତ କେତେକ ହାଇୱା, ଜେସିବି ଓ ଟ୍ରାକ୍ଟରକୁ କୁଚିଣ୍ଡା ତହସିଲ ପକ୍ଷରୁ ଜବତ କରି ଜରିମାନା କରାଯାଇଥିଲା। ଜବତ ଗାଡିଗୁଡିକୁ ରିଲିଜ ପାଇଁ ଅଶୋକ ପଟେଲ ନାମକ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେଇ କୁଚିଣ୍ଡା ଅତିରିକ୍ତ ତହସିଲଦାର ସାରଦା ମହାରଣା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଗଣମାଧ୍ୟମକୁ ଅତିରିକ୍ତ ତହସିଲଦାର ମହାରଣା ଦେଇଥିବା ମନ୍ତବ୍ୟରେ ସିଧାସଳଖ ଏଥିପାଇଁ ସାସ୍ଥ୍ୟମନ୍ତ୍ରୀ ଦାସଙ୍କୁ ଦାୟୀ କରି ପାଉଁଶ ପୋଖରୀ ଖନନର ଫାଇନ, ଗାଡି ଜବତ ବାବଦରେ ତାଙ୍କୁ ଧମକ ଦେଇଥିବା ପ୍ରକାଶ କରିଛନ୍ତି। ଏହି ଆଧାରରେ ଭାଜପା ପ୍ରତିନିଧି ମଣ୍ଡଳୀ ଉକ୍ତ ଅଞ୍ଚଳ ଗସ୍ତ କରି ସତ୍ୟତା ଜାଣି ମନ୍ତ୍ରୀଙ୍କ ନାମରେ ଅଭିଯୋଗ କରିଥିବା ନାଏକ କହିଛନ୍ତି। ମନ୍ତ୍ରୀଙ୍କ ମୋବାଇଲ ସୁଇଚ ଅଫ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## 'ନିବେଶକଙ୍କୁ ଆବଶ୍ୟକ ସହଯୋଗ ଯୋଗାଅ'

### ଅନୁଗୋଳ ଆଡଭାଣ୍ଟେଜ ଉଦ୍‌ଯାପିତ

ଅନୁଗୋଳ ଅଫିସ,୧୦।୫

ଅନୁଗୋଳ ଜିଲାର ଶିଳ୍ପ ଓ ଖଣି କ୍ଷେତ୍ର ପ୍ରତି ନିବେଶକମାନଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ବଅଁରପାଳ ବ୍ଲକ ଆଲୁମିନିୟମ ପାର୍କଠାରେ ଆୟୋଜିତ ୨ ଦିନିଆ ଅନୁଗୋଳ ଆଡଭାଣ୍ଟେଜ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ଅସିତ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ, ମୁଖ୍ୟମନ୍ତ୍ରୀ ରାଜ୍ୟରେ ଶିଳ୍ପ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ପ୍ରତି ଜିଲାରେ ଗୋଟିଏ ଲେଖାଏ ଡିଷ୍ଟ୍ରିକ୍ଟ ଇଣ୍ଡଷ୍ଟ୍ରିଆଲ ପ୍ରମୋଶନ ଏଜେନ୍ସି ପ୍ରତିଷ୍ଠା କରାଯିବ। ଅନୁଗୋଳରେ ଅଧିକ ଶିଳ୍ପ ହେଲେ ନିଯୁକ୍ତି ସୁଯୋଗ ବଢ଼ିବ ଏବଂ ଜିଲାର ଆର୍ଥିକ ମାନଦଣ୍ଡ ମଧ୍ୟ ବୃଦ୍ଧି ପାଇବ। ନିବେଶକମାନେ ଶିଳ୍ପ ପ୍ରତିଷ୍ଠା ଦିଗରେ ଆଗ୍ରହ ପ୍ରକାଶ କରୁଥିବାରୁ ସେମାନଙ୍କୁ ରାସ୍ତା, ପାଣି, ବିଦ୍ୟୁତ୍, ଜାଗା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ମୁଖ୍ୟ ଅତିଥି ତ୍ରିପାଠୀ ପରାମର୍ଶ ଦେଇଥିଲେ।

ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଥିଲେ, ଅନୁଗୋଳରେ ଖଣି ଓ ଶିଳ୍ପ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ଅଛି। ଏହାର ଉପଯୋଗ କରି ଜିଲାର ଉନ୍ନତି ତଥା ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ନିବେଶକ ଓ ଶିଳ୍ପୋଦ୍ୟୋଗୀଙ୍କୁ ଆମନ୍ତ୍ରିତ କରାଯାଇଛି। ୟୁଏନ୍‌ଇପିର ମୁଖ୍ୟ ଅତୁଲ ବଗାଲ ପୋଷଣୀୟ ଉନ୍ନତି ଓ ଶିଳ୍ପର ସ୍ଥାୟୀ ବିକାଶ ଉପରେ ଆଲୋକପାତ କରିଥିଲେ। ଏମ୍‌ଏସ୍‌ଏମ୍‌ଇର ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା ରାଜ୍ୟରେ ୧୯ ଲକ୍ଷ ଏମ୍‌ଏସ୍‌ଏମ୍‌ଇ ଅଛି ବୋଲି ପ୍ରକାଶ କରିଥିଲେ। ଓଡ଼ିଶା ଷ୍ଟାଟଅପ୍‌ର ନିର୍ବାହୀ ଅଧକ୍ଷ ଡ. ଓଁକାର ରାୟ ଷ୍ଟାଟଅପ୍ ଇକୋ ସିଷ୍ଟମର ସମର୍ଥନ ଓ ଏହାର ସାଧାରଣ ସମୀକ୍ଷାକୁ ନେଇ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ।

## ରାଜ୍ୟପାଳଙ୍କୁ ଭେଟିଲେ ବ୍ରହ୍ମପୁର ଆଇଟିଆଇ ଛାତ୍ରୀଛାତ୍ର




ଆଇଟିଆଇ ଅଧକ୍ଷ ଓ ଛାତ୍ରୀଛାତ୍ରଙ୍କ ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ।

ବ୍ରହ୍ମପୁର ଅଫିସ୍,୧୦।୫

ବ୍ରହ୍ମପୁର ଆଇଟିଆଇ ଦକ୍ଷତା ବିକାଶ କ୍ଷେତ୍ରରେ ଉନ୍ନୟନମୂଳକ କାର୍ଯ୍ୟକୁ ରାଜ୍ୟପାଳ ଗଣେଶୀ ଲାଲ ପ୍ରଶଂସା କରିଛନ୍ତି। ଅଧକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ଓ ଫିଟର ଏବଂ ଇଲେକ୍ଟ୍ରିସିଆନ ଛାତ୍ରୀଛାତ୍ରମାନେ ମଙ୍ଗଳବାର ଭୁବନେଶ୍ୱର ରାଜଭବନଠାରେ ରାଜ୍ୟପାଳଙ୍କୁ ସାକ୍ଷାତ କରି ବର୍ଜ୍ୟବସ୍ତୁରେ ନିର୍ମିତ ହୋଇଥିବା ବିଭିନ୍ନ ପ୍ରତିମୂର୍ତ୍ତି ସମେତ ଷ୍ଟିଲ୍‌ରେ ଖୋଦିତ ହୋଇଥିବା ରାଜ୍ୟପାଳଙ୍କ ନାମଫଳକକୁ ପ୍ରଦାନ କରିଥିଲେ। ଯାହାକୁ ରାଜ୍ୟପାଳ ପ୍ରଶଂସା କରିବା ସହ ଛାତ୍ରୀଛାତ୍ର ଓ ଅଧକ୍ଷଙ୍କୁ ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ଏହି ସାକ୍ଷାତ୍‌କାର ସମୟରେ ରାଜ୍ୟପାଳ କହିଥିଲେ, ଆଇଟିଆଇ ଛାତ୍ରୀଛାତ୍ର ରାଜ୍ୟର ଭବିଷ୍ୟତ। ଏହି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ଦକ୍ଷତା ବିକାଶ କ୍ଷେତ୍ରରେ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯିବ ବୋଲି ରାଜ୍ୟପାଳ କହିଥିବା ଶିକ୍ଷାନୁଷ୍ଠାନ ଅଧକ୍ଷ ସୂଚନା ଦେଇଛନ୍ତି।

## ବୃଦ୍ଧାଙ୍କୁ ଦଳିଦେଲା ଦନ୍ତା ହାତୀ

ସମ୍ବଲପୁର, ୧୦।୫(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ପଡ଼ିଆବାହାଲ ରେଞ୍ଜ ଅନ୍ତର୍ଗତ ବୁରୋମାଲ ଗ୍ରାମରେ ମଙ୍ଗଳବାର ରାତିରେ ଏକ ଦନ୍ତାହାତୀ ଜଣେ ବୃଦ୍ଧାଙ୍କୁ ଦଳି ମାରି ଦେଇଛି। ବୃଦ୍ଧାଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇ ଏଣେତେଣେ ପଡିରହିଛି। ଖବର ପାଇ ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ହେଲେ ହାତୀ ପଲ ଥିବାରୁ କର୍ମଚାରୀମାନେ ମୃତକଙ୍କ ପାଖକୁ ଯାଇପାରି ନାହାନ୍ତି। ହାତୀ ଘଉଡାଇବା ପାଇଁ ଚେଷ୍ଟା ଜାରି ରହିଛି। ମୃତା ବୃଦ୍ଧାଙ୍କ ପରିଚୟ ମିଳି ନ ଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

## ୪ବର୍ଷର ଶିଶୁପୁତ୍ରକୁ ହତ୍ୟା

### ଜଙ୍ଗଲରୁ ମିଳିଲା ନିଖୋଜ ରୁଦ୍ରାକ୍ଷଙ୍କ ମୃତଦେହ

କାମାକ୍ଷାନଗର, ୧୦।୫ (ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା ସୋଗର ଗ୍ରାମର ଜଣେ ୪ବର୍ଷର ଶିଶୁପୁତ୍ରକୁ ଅପହରଣ ପରେ ନିର୍ମମ ଭାବେ ହତ୍ୟା କରାଯାଇଛି। କାଜୁ ଜଙ୍ଗଲରୁ ତାଙ୍କର କ୍ଷତାକ୍ତ ମୃତଦେହ ମଙ୍ଗଳବାର ସନ୍ଧ୍ୟାରେ ଜବତ ହୋଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି କେହି ଏହି କାଣ୍ଡ ଘଟାଇଥିବା କେତେଜଣ କହୁଥିବାବେଳେ ବଳି ପାଇଁ ଅବୋଧ ଶିଶୁଙ୍କୁ ହତ୍ୟା କରାଯାଇଥିବା ମଧ୍ୟ ଚର୍ଚ୍ଚା ହେଉଛି। ହତ୍ୟା ପଛର କାରଣ ଜାଣିବା ଏବଂ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଚଳାଇଛି।

ମୃତ ଶିଶୁ ହେଲେ ସୋଗର ଗ୍ରାମର ରାଜେନ୍ଦ୍ର ମଲ୍ଲିକଙ୍କ ପୁଅ ରୁଦ୍ରାକ୍ଷ। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଗାଁଦାଣ୍ଡରେ ଖେଳୁଥିବାବେଳେ ରୁଦ୍ରାକ୍ଷ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳି ନ ଥିଲା। ଗାଁ ନିକଟ ଝଗଡ଼ପଦା କାଜୁ ଜଙ୍ଗଲରୁ ସନ୍ଧ୍ୟାରେ ରୁଦ୍ରାକ୍ଷଙ୍କ ମୃତଦେହ ଠାବ କରାଯାଇଥିଲା। ଅଁଳାବେରେଣୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ମୃତ ଘୋଷଣା କରିଥିଲେ। ରୁଦ୍ରାକ୍ଷଙ୍କ ତଣ୍ଟିଚିପି ହତ୍ୟା କରାଯାଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। କାରଣ ମୃତଶିଶୁର ମୁହଁରୁ ରକ୍ତ ବାହାରିଥିବାବେଳେ ମୁଣ୍ଡର ପଛପଟେ ଗଭୀର କ୍ଷତ ସୃଷ୍ଟି ହୋଇଛି। କାମାକ୍ଷାନଗର ଏସ୍‌ଡିପିଓ ରଞ୍ଜନ କୁମାର ଦେ ସଦଳବଳ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପରିବାର ଲୋକଙ୍କ ସୂଚନା ଆଧାରରେ ପଚରାଉଚୁରା ଚାଲିଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ। ରିପୋର୍ଟ ଆସିବା ପରେ କେଉଁ କାରଣରୁ ମୃତ୍ୟୁ ହେଲା, ତାହା ସ୍ପଷ୍ଟ ହେବ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି।

## ଡିସିପିଙ୍କୁ ନ୍ୟାୟ ମାଗିଲା ସୌମ୍ୟଙ୍କ ପରିବାର

■ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରୁଜୁ ହୋଇଥିଲା ମାମଲା
■ ସୋନାଲି, ମା'ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଅସନ୍ତୋଷ

ଭୁବନେଶ୍ୱର, ୧୦।୫(ବ୍ୟୁରୋ)

ରାଜଧାନୀର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାରରେ ରହୁଥିବା ମଡେଲ ସୌମ୍ୟ ରଞ୍ଜନ ପାଣିଗ୍ରାହୀଙ୍କ ଆତ୍ମହତ୍ୟା ମାମଲା କମିଶନରେଟ ପୋଲିସ ପାଇଁ ଚିନ୍ତାର ବିଷୟ ପାଲଟିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଏହି ଘଟଣାର ଅଢ଼େଇ ମାସ ପରେ ଏପ୍ରିଲ ୧୯ରେ ଅଭିଯୁକ୍ତ ପ୍ରେମିକା ସୋନାଲି ନନ୍ଦ ଓ ତାଙ୍କ ମା'ଙ୍କ ନାମରେ ମାମଲା (ନଂ. ୧୦୦/୨୦୨୨) ରୁଜୁ କରିଥିଲା। ତେବେ ଏଯାବତ୍ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେଣୁ ସୌମ୍ୟଙ୍କ ପରିବାର ଲୋକେ ମଙ୍ଗଳବାର ଭୁବନେଶ୍ୱରର ନୂତନ ଡିସିପି ପ୍ରତୀକ ସିଂଙ୍କୁ ଭେଟି ନ୍ୟାୟ ମାଗିଛନ୍ତି।

ସୌମ୍ୟଙ୍କ ମା' ମୋହିନୀ ପାଣିଗ୍ରାହୀ, ଭଉଣୀ ଲକ୍ଷ୍ମୀପ୍ରିୟା ଏବଂ ଭିଣୋଇ ଡିସିପିଙ୍କୁ ମାମଲା ବିଷୟରେ ଜଣାଇଛନ୍ତି। ମାମଲା ରୁଜୁ ହୋଇଥିଲେ ବି କ'ଣ ପାଇଁ ପ୍ରେମିକା ଓ ତାଙ୍କ ମା'ଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ତାହା ପଚାରିଥିଲେ। ଏହି ମାମଲା ସମ୍ପର୍କରେ ଅନୁଧ୍ୟାନ କରିବେ ବୋଲି ଡିସିପି ସିଂ ସେମାନଙ୍କୁ କହିଛନ୍ତି। ଅପରପକ୍ଷରେ, ନୂଆ ଡିସିପି ଏହି ମାମଲାକୁ ଗୁରୁତ୍ୱର ସହ ନେଇ ବିଚାର କରିବେ ବୋଲି ଆଶା ରଖିଥିବା ମୋହିନୀ ଗଣମାଧ୍ୟମକୁ କହିଛନ୍ତି। ଗାୟିକା ସୋନାଲିଙ୍କ ସହ ମଡେଲ୍ ସୌମ୍ୟ ପ୍ରେମ ସମ୍ପର୍କରେ ଥିଲେ। ଉଭୟଙ୍କ ମଧ୍ୟରେ ବିବାହ ସ୍ଥିର ହୋଇଥିଲା। ସୋନାଲି ପ୍ରତାରଣା କରିବାରୁ ସୌମ୍ୟ ଜାନୁୟାରୀ ୩୦ ତାରିଖ ରାତିରେ ତାଙ୍କ ରୁମ୍‌ରେ ଏକ ଚିଠି ଛାଡ଼ି ଯିବା ସହ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ। ତାଙ୍କ ମୃତ୍ୟୁ ଲାଗି ପ୍ରେମିକା ସୋନାଲିଙ୍କୁ ସେ ଦାୟୀ କରିଥିଲେ। ପରିବାର ଲୋକେ ଥାନାରେ ସୋନାଲି ଓ ତାଙ୍କ ମା'ଙ୍କ ନାଁରେ ଅଭିଯୋଗ କରିଥିଲେ ବି ପୋଲିସ କେବଳ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ତେଣୁ ସୌମ୍ୟଙ୍କ ଭଉଣୀ ଲକ୍ଷ୍ମୀପ୍ରିୟା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୩ ସପ୍ତାହ ମଧ୍ୟରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ତତ୍କାଳୀନ ଡିସିପି ଉମାଶଙ୍କର ଦାସଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ୩ ସପ୍ତାହ ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସୌମ୍ୟଙ୍କ ପରିବାର ପକ୍ଷରୁ ଅଦାଲତ ଅବମାନନା ମାମଲା ଦାଏର କରାଯାଇଥିଲା। ଏପ୍ରିଲ୍ ୧୧ରେ ମାମଲାର ଅଗ୍ରଗତି ନେଇ ମେ ୫ ମଧ୍ୟରେ ଜଣାଇବାକୁ ହାଇକୋର୍ଟ ଭୁବନେଶ୍ୱର ଡିସିପିଙ୍କୁ ନିର୍ଦ୍ଦେଶ ଦେବାରୁ ସୋନାଲି ଓ ତାଙ୍କ ମା'ଙ୍କ ନାମରେ ଏକ ମାମଲା ରୁଜୁ କରାଯାଇଥିଲା।

यूनियन बैंक ऑफ इंडिया | Union Bank of India | आन्ध्रा Andhra | कार्पोरेशन Corporation

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସିଡିଏ ବିଡାନାସୀ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ,କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସିଡିଏ ବିଡାନାସୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ସିଡିଏ ବିଡାନାସୀ ଶାଖା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ(ଟଙ୍କାରେ) | ଡ଼ିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
| --- | --- | --- | --- |
| ଋଣଗ୍ରହୀତାମାନେ:(୧)ମେସର୍ସ ଡି ପି ପଲିମର, ସତ୍ତ୍ୱାଧିକାରୀ: ଶ୍ରୀମତୀ ରେଖା ଭାଓଶିଙ୍କା, (୨) ଶ୍ରୀମତୀ ରେଖା ଭାଓଶିଙ୍କା, ସ୍ୱା:ଶ୍ରୀ ଓମ୍ ପ୍ରକାଶ ଭାଓଶିଙ୍କା, ଜାମିନ୍‌ଦାରମାନେ: (୧)୰ଦ୍ୱାରିକା ପ୍ରସାଦ ଭାଓଶିଙ୍କାଙ୍କ ଆଇନଗତ ଉତ୍ତରାଧିକାରୀମାନେ: (କ)ଶ୍ରୀମତୀ ଉମା ମୋଦି, ପିତା: ୰ଦ୍ୱାରିକା ପ୍ରସାଦ ଭାଓଶିଙ୍କା (କନ୍ୟା), ସ୍ୱା: ନରେନ୍ଦ୍ର କିଶୋର ତୋଡି, ଏସ୍‌ଏଚ୍‌କେ ପ୍ରସାଦ ମଠ ରେସିଡେନ୍ସି, ଫ୍ଲାଟ ନଂ.୪୦୧, ୫୦-୫୦-୩୫/୨, ବି ଏସ୍ ଲେଆଉଟ୍, ବିଶାଖାପାଟନମ୍-୫୩୦୦୧୩, (ଖ) ଶ୍ରୀମତୀ ପାର୍ବତୀ ଅଗରୱାଲ, ପିତା: ୰ଦ୍ୱାରିକା ପ୍ରସାଦ ଭାଓଶିଙ୍କା (କନ୍ୟା), ଠିକଣା: ପୁରୁଣା ପୋଷ୍ଟ ଅଫିସ୍ ରୋଡ, କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ, (ଗ) ଶ୍ରୀ ଓମ୍ ପ୍ରକାଶ ଭାଓଶିଙ୍କା, ପିତା: ୰ଦ୍ୱାରିକା ପ୍ରସାଦ ଭାଓଶିଙ୍କା (ପୁତ୍ର), ଠିକଣା: ମାତାମଠ, କ୍ୟାଣ୍ଟନମେଣ୍ଟ ରୋଡ, ପୋ.: ବକ୍ସି ବଜାର, କଟକ-୭୫୩୦୦୧, (ଘ) ଶ୍ରୀମତୀ ବିନୀତା ମୋଦି, ପିତା: ୰ଦ୍ୱାରିକା ପ୍ରସାଦ ଭାଓଶିଙ୍କା (କନ୍ୟା), ସ୍ୱା: କିଶାନ କୁମାର ମୋଦି, ସା: ନୟାସଡକ, ପୋ.: ଚାନ୍ଦିନୀ ଚୌକ, ଥାନା: ପୁରୀଘାଟ, ଜିଲ୍ଲା: କଟକ-୭୫୩୦୦୯, (ଙ) ଶ୍ରୀମତୀ ଅନୀତା ସରଓଗି, ପିତା: ୰ଦ୍ୱାରିକା ପ୍ରସାଦ ଭାଓଶିଙ୍କା (କନ୍ୟା), ସ୍ୱା: ରଞ୍ଜିତ କୁମାର ସରଓଗି, ଠିକଣା: ରାଞ୍ଚି ରୋଡ, ପୁରୁଲିଆ, ମୁନିସିପାଲିଟି ୱାର୍ଡ ନଂ.୩, ଟାକ୍ସି ଷ୍ଟାଣ୍ଡ, ପୁରୁଲିଆ, ପଶ୍ଚିମବଙ୍ଗ, ପିନ୍-୭୨୩୧୦୧, (୨) ଶ୍ରୀ ଓମ୍ ପ୍ରକାଶ ଭାଓଶିଙ୍କା, ପିତା: ୰ଦ୍ୱାରିକା ପ୍ରସାଦ ଭାଓଶିଙ୍କା । | ତା.୩୦.୦୯.୨୦୨୧ସୁଦ୍ଧା ଟ.୨,୩୯,୧୫,୫୭୩.୮୭ + ପରବର୍ତ୍ତି ସୁଧ, ଦେୟ ଏବଂ ଖର୍ଚ୍ଚ | ୧୦.୦୨.୨୦୨୨ / ୦୭.୦୫.୨୦୨୨ | ୰ଦ୍ୱାରିକା ପ୍ରସାଦ ଭାଓଶିଙ୍କାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.୩୮/୧୦, ପ୍ଲଟ ନଂ.୨୪, ଏରିଆ: ୪୦.୧୫୨ ଡିସିମିଲି, ମୌଜା: କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ଜିଲ୍ଲା: କଟକ, ଓଡ଼ିଶା-୭୫୩୦୦୧, ସମ୍ପତ୍ତିର ଚାରିପାର୍ଶ୍ୱରେ : ଉତ୍ତର- ମାସାନଦୀ ଟାୱାର, ଉମେଶ ଗୋଇଙ୍କା, ଦକ୍ଷିଣ- ସାଜନ ଭାଓଶିଙ୍କା, ପୂର୍ବ- ରାସ୍ତା, ପଶ୍ଚିମ- ରାଧେଶ୍ୟାମ ଗୋଇଙ୍କା । |

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୦.୦୫.୨୦୨୨ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ମୋବାଇଲ୍ ନ ଦେବାରୁ ନାବାଳକଙ୍କ ଆତ୍ମହତ୍ୟା

ସାଲେପୁର,(ଡି.ଏନ୍.ଏ.): ମୋବାଇଲ୍ ନ ଦେବାରୁ ଜଣେ ନାବାଳକ କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। ସାଲେପୁର ବ୍ଲକ କୋଲଣପୁର ପଞ୍ଚାୟତର କୁଳିଆ ଗ୍ରାମରେ ଏଭଳି ଘଟଣା ଘଟିଛି। ମୃତକ ଜଣକ ଦଶମ ଶ୍ରେଣୀର ଛାତ୍ର ଥିଲେ। ରବିବାର ସକାଳେ ସେ ମା' ବାପାଙ୍କ ପାଖରେ ମୋବାଇଲ୍ ପାଇଁ ଜିଦ୍ କରିଥିଲା। ମାତ୍ର ସେମାନେ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ । ଏଥିରେ ପିଲାଟି ରାଗିଯାଇ ସାପ୍ତାହିକ ହାଟରୁ କୀଟନାଶକ କିଣି ପିଇଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୫।୨୦୨୨

| | |
|---|---|
| ୨,୭୩,୫୦୪ ଟଙ୍କା | |
| ସୁନା | ୧.୪୬୦ ଗ୍ରାମ |
| ରୁପା | ୪୭.୪୭୦ ଗ୍ରାମ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ନ୍ୟାଶନାଲ ଟେକ୍ନୋଲୋଜି ଦିବସ ଅବସରରେ ପ୍ରଦର୍ଶନୀ, ସିଏସ୍ଆଇଆର୍- ଆଇଏମ୍ଏମ୍ଟି, ଗେଷ୍ଟ ହାଉସ୍, ପୂର୍ବାହ୍ନ ୧୦ଟା।
- ଜିକ୍ୱିଟ୍ଜା ଓଡ଼ିଶା ସ୍କଲାରଶିପ୍ ପ୍ରୋଗ୍ରାମ୍-୨୦୨୨, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ନିର୍ମାଣ ଶ୍ରମିକ ୟୁନିୟନ ସମନ୍ୱୟ କମିଟି ପକ୍ଷରୁ ରାଜ୍ୟସ୍ତରୀୟ ବୈଠକ, ଲୋହିଆ ଭବନ, ପୂର୍ବାହ୍ନ ୧୧ଟା।
- ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ ସମ୍ମିଳନୀ ଓ ଉଦ୍ଘାଟନୀ ଉତ୍ସବ, ସ୍ୱସ୍ତି ପ୍ରିମିୟମ୍, ପୂର୍ବାହ୍ନ ୧୧ଟା।
- ବ୍ରହ୍ମାକୁମାରୀର କାର୍ଯ୍ୟକ୍ରମ, ବ୍ରହ୍ମାକୁମାରୀ, ରବି ଟକିଜ୍, ଅପରାହ୍ନ ୫ଟା।
- . ଧର୍ମଗୁରୁ ଶ୍ରୀଶ୍ରୀ ଆନନ୍ଦମୂର୍ତ୍ତିଙ୍କର ଜନ୍ମ ଶତବାର୍ଷିକୀ ଉଦ୍ଯାପନୀ ସମାରୋହ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- . ଉର୍ମି ହୋଟେଲର ୨୫ତମ ବାର୍ଷିକ ଉତ୍ସବ, ରସୁଲଗଡ଼, ସନ୍ଧ୍ୟା ୭ଟା ୩୦।

**କଟକ**

- ଜୟ ଜଗନ୍ନାଥ ପ୍ରଡ୍ୟୁସର ଗ୍ରୁପ୍ ଓ ଚାରଣ ଗୋଷ୍ଠୀ ପକ୍ଷରୁ ନୀଳାଦ୍ରି ମହୋତ୍ସବ ଉଦ୍ଯାପନୀ, ରଘୁନାଥଜୀଉ ମନ୍ଦିର ପରିସର, ତେଲେଙ୍ଗା ବଜାର, ସନ୍ଧ୍ୟା ୭ଟା।
- . ସାମାଜିକ କର୍ମୀ ରବି ଦାଶଙ୍କ ପ୍ରଥମ ସ୍ମରଣ ସଭା, ଶତାବ୍ଦୀ ଭବନ, ପୂର୍ବାହ୍ନ ୧୦ଟା।

**ଟିଗିରିଆ**

- ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଏସ୍ସି,ଏସ୍ଟି ଯୁବତୀ ଯୁବକଙ୍କ ପାଇଁ ସ୍ୱତନ୍ତ୍ର ନିଯୁକ୍ତି ମେଳା, ନିଜିଗଡ଼ କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୯ଟା।

# ପ୍ରଥମ ମୁକ୍ତାକାଶ ସ୍କଲ୍ପଚର୍ ପାର୍କ ଏବେ ଜରାଜୀର୍ଣ୍ଣ

- ନିର୍ମାଣ ପରେ ରକ୍ଷଣାବେକ୍ଷଣ କଥା ଭୁଲିଗଲେ କର୍ତ୍ତୃପକ୍ଷ
- ବିଦ୍ୟୁତ୍ ଲାଇନ୍ ତଳେ ପାର୍କ ପାଇଁ ଅନୁମତିକୁ ନେଇ ପ୍ରଶ୍ନ

ବନ୍ଦନା ସେଠୀ
ଭୁବନେଶ୍ୱର, ୧୦।୫(ବ୍ୟୁରୋ)



ରାଜଧାନୀ ଭୁବନେଶ୍ୱରକୁ ସ୍ୱଚ୍ଛ ଓ ସୁନ୍ଦର ସହର ଭାବେ ଗଢି ତୋଳିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ବିଭିନ୍ନ ଯୋଜନା ହାତକୁ ନିଆଯାଉଛି। ସେଥିମଧ୍ୟରୁ କେତୋଟି ବାସ୍ତବ ରୂପ ନେଉଥିବାବେଳେ ଆଉ କେତେକ ଯୋଜନା ଫାଇଲ୍ ତଳେ ଚାପିହୋଇ ରହିଯାଉଛି। ପ୍ରକଳ୍ପ ନିର୍ମାଣ କରିବା ପରେ ତାହାର ରକ୍ଷଣାବେକ୍ଷଣ କଥା କର୍ତ୍ତୃପକ୍ଷ ଭୁଲି ଯାଉଛନ୍ତି। ଫଳରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ପ୍ରକଳ୍ପ ଅଳ୍ପ କିଛି ବର୍ଷରେ ଧ୍ୱଂସ ପାଲଟି ଯାଉଛି। ଏହାର ଏକ ଉଦାହରଣ ହେଉଛି ମୁକ୍ତାକାଶ ସ୍କଲ୍ପଚର୍ ପାର୍କ। ରକ୍ଷଣାବେକ୍ଷଣ ଅଭାବରୁ ଏହି ପାର୍କ ଏବେ ଜରାଜୀର୍ଣ୍ଣରେ ପରିଣତ ହୋଇଛି।

ବିଡିଏ ଏବଂ ଆର୍ଟିଷ୍ଟ ନେଟ୍ୱର୍କ ପ୍ରମୋଟିଙ୍ଗ୍ ଇଣ୍ଡିଆନ୍ କଲ୍ଚର (ଆନ୍ପିକ୍)ର ମିଳିତ ସହଯୋଗରେ କଳିଙ୍ଗନଗରଠାରେ ମୁକ୍ତାକାଶ ସ୍କଲ୍ପଚର୍ ପାର୍କ ନିର୍ମିତ ହୋଇଥିଲା। ୨୦୧୮ ନଭେମ୍ବର ୨୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍ଘାଟନ କରିଥିଲେ। ଏଠାରେ ରିଡ୍ୟୁସ୍, ରି-ୟୁଜ୍ ଓ ରିସାଇକେଲ୍ ଥିମ୍କୁ ନେଇ ବିଭିନ୍ନ କଳାକୃତି ନିର୍ମାଣ କରାଯାଇଥିଲା। ଭୁବନେଶ୍ୱର ଓ କଟକ ମହାନଗରରୁ ସଂଗୃହୀତ ହୋଇଥିବା ୫୦ ଟନ୍ର ବର୍ଜ୍ୟ ଯଥା ପୁରୁଣା ଲୁହା, ଟିଣ, ଆଲୁମିନିୟମ, ଦସ୍ତା, ଭଙ୍ଗା ସାଇକେଲ ଆଦି ବିଭିନ୍ନ ଅନାବଶ୍ୟକ ସାମଗ୍ରୀରୁ ହାତୀ, ସିଂହ, ମୟୂର, ବାଘ, ହରିଣ, କଇଁଛ, ଘୋଡ଼ା ଭଳି ବିଭିନ୍ନ ପ୍ରକାରର ଜୀବଜନ୍ତୁ, ସରୀସୃପ ସମେତ ଅନେକ ପ୍ରକାରର ପ୍ରାୟ ୨୧ଟି କଳାକୃତି ତିଆରି ହୋଇଥିଲା। ସ୍ପେନ୍, ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ଜର୍ମାନୀ, ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ଫ୍ରାନ୍ସ ଆଦି ବିଭିନ୍ନ ଦେଶରୁ ଆସିଥିବା ୧୪ ଜଣ ଏବଂ ୭ ଜଣ ଭାରତୀୟ କାରିଗରଙ୍କ ଦ୍ୱାରା ବର୍ଜ୍ୟକୁ ଜୀବନ୍ତ ରୂପ ଦିଆଯାଇଥିଲା। ୫ ଏକର ଜାଗା ଉପରେ ପ୍ରାୟ ୫କୋଟି ଟଙ୍କା ବ୍ୟୟରେ ଏହି ପାର୍କ ନିର୍ମାଣ କରାଯାଇଥିଲା। ଅଦରକାରୀ ସାମଗ୍ରୀକୁ ଏଣେତେଣେ ନ ଫିଙ୍ଗି ସେଥିରୁ ସୁନ୍ଦର କଳାକୃତି ନିର୍ମାଣ କରାଯାଇପାରିବ ବୋଲି ଏଠାରେ ବାର୍ତ୍ତା ଦିଆଯାଇଥିଲା। ତେବେ ଭାରତର ସର୍ବପ୍ରଥମ ଇଣ୍ଟରନ୍ୟାଶନାଲ ଆର୍ଟ ସିମ୍ପୋଜିୟମ୍ କୁହାଯାଉଥିବା ଏହି ପାର୍କ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। କଳାକୃତି ବଦଳରେ ଏବେ ସେଠାରେ ଅନାବନା ଘାସ ବୁଦା ଏବଂ ଉଇହୁଙ୍କା ଦେଖିବାକୁ ମିଳୁଛି। ବିଶେଷକରି ଶିଶୁଙ୍କୁ ଆକୃଷ୍ଟ କରୁଥିବା ଜୀବଜନ୍ତୁଙ୍କ ଆକୃତି ଏବେ ଲୁପ୍ତପ୍ରାୟ। ପରିଚାଳନା ତ ଦୂରର କଥା, ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଅନେକ ପ୍ରତିକୃତିରେ ଲାଗିଥିବା ଲୁହାକୁ କାଢ଼ି ନେଇ ଦୁର୍ବୃତ୍ତ ବିକି ସାରିଲେଣି। ଏହି ମୁକ୍ତାକାଶ ପାର୍କ ଏବେ ନିଶାସକ୍ତ ଏବଂ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି।

ଏ ନେଇ ବିଡିଏର ମୁଖ୍ୟ ଉଦ୍ୟାନବିତ୍ ଅଶୋକାନନ୍ଦ ଧର କହିଛନ୍ତି, ବିଡିଏର କେବଳ ଜାଗା ଥିଲା। ପରିଚାଳନା ଓ ଖର୍ଚ୍ଚ ଆନ୍ପିକ୍ ସଂସ୍ଥା କରିଥିଲା। ଆନ୍ପିକ୍ ସଂସ୍ଥା ତାହାର ରକ୍ଷଣାବେକ୍ଷଣ କଲା ନାହିଁ। ସମ୍ପୃକ୍ତ ଅଞ୍ଚଳ ଉପରେ ୩୩କେଭିର ବିଦ୍ୟୁତ୍ ଲାଇନ୍ ରହିଛି। ତେଣୁ ସେଠାରେ ଏହି ପାର୍କ ପାଇଁ ଓପିଟିଏସ୍ ବାରଣ କରିଥିଲା ବୋଲି ଧର କହିଛନ୍ତି। ତେବେ ଏଭଳି ଏକ ସ୍ଥାନରେ ବିଡିଏ ପାର୍କ ପାଇଁ ଅନୁମତି ଦେଲା କିପରି ପଚାରିବାରୁ, ଏ ସମ୍ପର୍କରେ ନିର୍ମାଣକାରୀ ସଂସ୍ଥାକୁ ପଚାରନ୍ତୁ ବୋଲି କହି ନିଜ ମୁଣ୍ଡରୁ ଦୋଷ ଖସାଇଛନ୍ତି ଅଧିକାରୀ। କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରକଳ୍ପ କରାଯାଉଥିବାବେଳେ ବିଭାଗ ଦୃଷ୍ଟି ଦେଉ ନାହିଁ। ଅପରପକ୍ଷେ ଦେଶ ବିଦେଶରୁ ଶିଳ୍ପୀମାନେ ଆସି ପାର୍କ ନିର୍ମାଣ କରିବା ସମୟରେ ମଧ୍ୟ ଓପିଟିସିଏଲ୍ କିପରି କିଛି ଜାଣି ପାରିଲା ନାହିଁ ତାହା ପ୍ରଶ୍ନ ହୋଇଛି। ଏଥିରୁ ସରକାର୍ କା ମାଲ୍, ଦରିଆ ମେଁ ଡାଲ୍ ନୀତିରେ ଏଠାରେ କାର୍ଯ୍ୟ ହେଉଥିବା ପ୍ରମାଣିତ ହେଉଛି। ଅନ୍ୟପକ୍ଷେ ୩୩ କେଭି ବିଦ୍ୟୁତ୍ ତାର ଥିବା ସତ୍ତ୍ୱେ ଏବେ ବି ପାର୍କରେ ଜରାଜୀର୍ଣ୍ଣ ଅବସ୍ଥାରେ ଲୁହା ନିର୍ମିତ ପ୍ରତିକୃତିଗୁଡ଼ିକ ପଡ଼ିରହିଛି। ସେଗୁଡ଼ିକୁ ସ୍ଥାନାନ୍ତର କରାଯାଉ ନାହିଁ।

ସୂଚନାଯୋଗ୍ୟ, ଛୋଟ ବଡ଼ ମିଶି ଏଠାରେ ୨୧ଟି କଳାକୃତି ରହିଥିବାବେଳେ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ହୋଇଥିଲା। ଏହାର ରକ୍ଷଣାବେକ୍ଷଣ ପାଇଁ ସୁରକ୍ଷା କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତି କରାଯାଇଥିଲା। ଆବର୍ଜନାରୁ ଯେ ଏଭଳି ସୁନ୍ଦର କଳାକୃତି ପ୍ରସ୍ତୁତ ହୋଇପାରେ ତାହା ଆଖିରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ। ମାତ୍ର ଆବର୍ଜନାରୁ ପ୍ରସ୍ତୁତ କଳାକୃତିଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ପୁଣି ଆବର୍ଜନାରେ ପରିଣତ ହୋଇଛି। ପର୍ଯ୍ୟଟକଙ୍କ ସୁବିଧା ପାଇଁ ପାର୍କିଂ, ରାସ୍ତା, ପଥଚଲା ରାସ୍ତା ସମେତ ଉଦ୍ୟାନର ଯୋଜନା ମଧ୍ୟ ରହିଥିଲା। ନିଆରା ସୃଜନଶୀଳତାକୁ ଉପଭୋଗ କରିବା ପାଇଁ ବେଶ୍ କିଛି ଦିନ ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ମଧ୍ୟ ଦେଖିବାକୁ ମିଳିଥିଲା। ମାତ୍ର କର୍ତ୍ତୃପକ୍ଷଙ୍କ ଅବହେଳାରୁ ଶିଳ୍ପୀମାନଙ୍କ ଏତେ ଦିନର ପରିଶ୍ରମ ଏବେ ପାଣିରେ ପଡ଼ିଛି।



ବାତ୍ୟା 'ଅସାନି' ପ୍ରଭାବରେ ମଙ୍ଗଳବାର ଅଶାନ୍ତ ହୋଇପଡ଼ିଥିବା ପୁରୀ ସମୁଦ୍ର।

## ଏଲ୍ଭିପିଇଆଇ ପକ୍ଷରୁ ରେଟିନୋବ୍ଲାଷ୍ଟୋମା ସଚେତନତା ପଦଯାତ୍ରା

ଭୁବନେଶ୍ୱର,୧୦।୫

ରାଜ୍ୟର ପ୍ରମୁଖ ଆଇ ହସ୍ପିଟାଲ 'ଏଲ୍.ଭି. ପ୍ରସାଦ ଆଇ ଇନ୍ଷ୍ଟିଚ୍ୟୁଟ୍' (ଏଲ୍ଭିପିଇଆଇ)ର ମିଠୁ ତୁଳସୀ ଚାନାରାଇ କ୍ୟାମ୍ପସ ଭୁବନେଶ୍ୱର ପକ୍ଷରୁ ନିକଟରେ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷକରି 'ରେଟିନୋବ୍ଲାଷ୍ଟୋମା' ସମ୍ପର୍କରେ ସଚେତନତା ସୃଷ୍ଟି କରାଇବା ଉଦ୍ଦେଶ୍ୟରେ ଏଭଳି ପଦଯାତ୍ରାର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଭିନେତା ସବ୍ୟସାଚୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏ ସମ୍ପର୍କରେ ଏଲ୍ଭିପିଇଆଇ, ଭୁବନେଶ୍ୱର କ୍ୟାମ୍ପସର ଅକୁଲାର ଅଙ୍କୋଲୋଜିଷ୍ଟ ଡା. ଦେବଜ୍ୟୋତି ତ୍ରିପାଠୀ କହିଛନ୍ତି, ଆମ ଲକ୍ଷ୍ୟ ହେଉଛି ପିଲାମାନଙ୍କଠାରେ ଦେଖାଦେଉଥିବା ରେଟିନୋବ୍ଲାଷ୍ଟୋମା ଚକ୍ଷୁ କର୍କଟ ବିଷୟରେ ସଚେତନତା ସୃଷ୍ଟି କରାଇବା ଓ ଠିକ୍ ସମୟରେ ଏହାର ନିରୂପଣ କରାଯିବା ସହ ଉପଯୁକ୍ତ ଚିକିତ୍ସାର ଆବଶ୍ୟକତା ରହିଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଆମ ସହ ସବ୍ୟସାଚୀ ସାମିଲ ହୋଇଥିବାରୁ ଆମେ ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛୁ। ସୂଚନାଯୋଗ୍ୟ, ଏଭଳି ପଦଯାତ୍ରା ଏଲ.ଭି. ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ଭୁବନେଶ୍ୱର, ହାଇଦ୍ରାବାଦ, ବିଶାଖାପାଟଣା ଓ ବିଜୟୱାଡା କ୍ୟାମ୍ପସ ପରିସରରେ ମଧ୍ୟ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ 'ହ୍ୱାଇଟାଥନ୍' ଇଭେଣ୍ଟର ଏକ ଅଂଶ ବିଶେଷ ବୋଲି ଏଲ୍ଭିପିଇଆଇ ପକ୍ଷରୁ କୁହାଯାଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ମୁନୁ



@ ସନ୍ତୋଷ



@ ସୂର୍ଯ୍ୟକାନ୍ତ



@ ସୁଜିତ



@ ରାଜୁ




@ ଶୁଭେନ୍ଦ୍ର

## ଆଇସିଏସ୍ଏସ୍ଆର୍ ସଦସ୍ୟ ହେଲେ ଧର୍ମବ୍ରତ ମହାପାତ୍ର

**କଟକ ଅଫିସ,୧୦।୫:** କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଭାରତୀୟ ସାମାଜିକ ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇସିଏସ୍ଏସ୍ଆର୍) ପୂର୍ବାଞ୍ଚଳ କେନ୍ଦ୍ର ପରାମର୍ଶ ସମିତି ସଦସ୍ୟ ଭାବେ ରେଭେନ୍ଶା ବିଶ୍ୱବିଦ୍ୟାଳୟର ପ୍ରାଧାପକ ଧର୍ମବ୍ରତ ମହାପାତ୍ର ମନୋନୀତ ହୋଇଛନ୍ତି। ପ୍ରଫେସର ମହାପାତ୍ର ସମ୍ପ୍ରତି ଅର୍ଥନୀତି ବିଭାଗର ମୁଖ୍ୟ ଥିବା ସହ ବିଶ୍ୱବିଦ୍ୟାଳୟ ଆନ୍ତର୍ଜାତିକ ବ୍ୟାପାର କାର୍ଯ୍ୟାଳୟର ନିର୍ଦ୍ଦେଶକ ଭାବେ ମଧ କାର୍ଯ୍ୟରତ ଅଛନ୍ତି। ଏନେଇ ମଙ୍ଗଳବାର ବିଶ୍ୱବିଦ୍ୟାଳୟ ପରିସରରେ ଅର୍ଥନୀତି ବିଭାଗ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ପ୍ରଫେସର ବିକ୍ରମ କେଶରୀ ମିଶ୍ର, ରଞ୍ଜନା ବାଜପେୟୀ, ଉମାକାନ୍ତ ମିଶ୍ର, ତୁଷାର ପାଣି, ସସ୍ମିତା ପାଣିଗ୍ରାହୀ, ନେତାଜୀ ଅଭିନନ୍ଦନ, ଦେବୀଲାଲ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସ୍କୁଟିକୁ ଧକ୍କାଦେଲା କାର୍: ୪ ଗୁରୁତର

**ଟିଗିରିଆ,୧୦।୫ (ଡି.ଏନ୍.ଏ.):** ୬୫ ନଂ. ରାଜ୍ୟ ରାଜପଥର ଟିଗିରିଆ ଥାନା ବିନ୍ଧାଣିମା ବାଇପାସ ନିକଟରେ ମଙ୍ଗଳବାର ଗୋଟିଏ କାର ସ୍କୁଟିକୁ ଧକ୍କା ଦେଇଛି। ଫଳରେ ସ୍କୁଟି ଚାଳକଙ୍କ ସମେତ ୩ ଶିଶୁ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଏହି ଥାନା ପଙ୍କାଲ ଗ୍ରାମର ଦାଉଦ ଖାଁ (୪୨), ପୁଅ ଫୟାଦ ଅହମ୍ମଦ(୮), ଝିଅ ମନୀଷା (୪) ଏବଂ ଭାଇ ପୁଅ କାଶୀଦ ଖାଁ(୭)। ଗୁରୁତରଙ୍କୁ ପ୍ରଥମେ ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଦାଉଦ୍ ପିଲାମାନଙ୍କୁ ନେଇ କରଡ଼ାପଲ୍ଲୀ ଗ୍ରାମରେ ଏକ ବିବାହ ଭୋଜିକୁ ଯାଇଥିଲେ। ସେଠାରୁ ନିଜ ଗ୍ରାମକୁ ଅପରାହ୍ନରେ ଫେରୁଥିବାବେଳେ ବଡ଼ମ୍ବାରୁ କଟକ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ କାର ସାମ୍ନା ପଟୁ ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଟିଗିରିଆ ଥାନା ପୋଲିସ ପହଞ୍ଚି ଉଭୟ ସ୍କୁଟି ଓ କାରକୁ ଜବତ କରିଛି।

# ଏସ୍ଡିଓ, ଲାଇନ୍ମ୍ୟାନ ନିଲମ୍ବିତ: କନିଷ୍ଠଯନ୍ତ୍ରୀ ବହିଷ୍କୃତ

### ବିଦ୍ୟୁତ୍ଖୁଣ୍ଟରୁ ପଡ଼ି ଶ୍ରମିକଙ୍କ ମୃତ୍ୟୁ ଘଟଣା

ଗୋପ,୧୦।୫(ଡି.ଏନ୍.ଏ.)

ଗୋପ ବ୍ଲକ ଅଞ୍ଚଳରେ ଅସୁରକ୍ଷିତ ଭାବରେ ବିଦ୍ୟୁତ୍ଖୁଣ୍ଟ ଉପରେ ଚଢ଼ି କାର୍ଯ୍ୟ କରୁଥିବାବେଳେ ଖସିପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଘଟଣାର ୨୧ଦିନ ପରେ ବିଦ୍ୟୁତ୍ କମ୍ପାନୀ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିମାପଡ଼ା ବିଦ୍ୟୁତ୍ ବିଭାଗର ଏସ୍ଡିଓ ରାକେଶ ପଟ୍ଟନାୟକ, ଗୋପ ବିଦ୍ୟୁତ୍ ବିଭାଗର ଲାଇନ୍ ମ୍ୟାନ୍ ସଦାନନ୍ଦ ଜେନାଙ୍କୁ ବିଦ୍ୟୁତ୍ କମ୍ପାନୀ ନିଲମ୍ବିତ କରିଥିବା ବେଳେ ଗୋପ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଦେବାଶିଷ ବେହେରାଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ପ୍ରକାଶ ଯେ, ଗତ ଏପ୍ରିଲ ୧୯ରେ ଗୋପ-କୋଣାର୍କ ରାସ୍ତାର କେଉଟୁଙ୍ଗା ଗ୍ରାମ ନିକଟରେ ଠିକାଦାରଙ୍କ ଅଧୀନରେ ପ୍ରାୟ ୭/୮ଜଣ ଶ୍ରମିକ ବିଦ୍ୟୁତ୍ଖୁଣ୍ଟ ଉପରେ ଚଢ଼ି କାମ କରୁଥିଲେ। ଏହି ସମୟରେ ଗୋପ ବ୍ଲକ ଉଭାର ଗ୍ରାମର ଶ୍ରମିକ ଲିକନ ବରାଳ ପ୍ରାୟ ୨୦ ଫୁଟ ଖୁଣ୍ଟରୁ ତଳକୁ ଖସି ପଡ଼ିଥିଲେ। ଅନ୍ୟ କର୍ମଚାରୀମାନେ ତାଙ୍କୁ ଡାକ୍ତରଖାନା ନେଇଥିଲେ ମଧ ବାଟରେ ମୃତ୍ୟୁ ଘଟିଥିଲା। ଏହାପରେ ଖରାରେ ଶ୍ରମିକଙ୍କୁ ଅସୁରକ୍ଷିତ ଭାବେ ବିଦ୍ୟୁତଖୁଣ୍ଟରେ ଚଢ଼ାଇ ଠିକାଦାର କାର୍ଯ୍ୟ କରାଇବାକୁ ନେଇ ମୃତ ଶ୍ରମିକଙ୍କ ଗ୍ରାମବାସୀ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବିଦ୍ୟୁତ୍ କମ୍ପାନୀ ପକ୍ଷରୁ ମୁମ୍ବାଇରୁ ଏକ ଟିମ୍ ଆସି ବାରମ୍ବାର ତଦନ୍ତ କରିବା ପରେ ଘଟଣାର ପ୍ରାୟ ୨୧ ଦିନ ପରେ କମ୍ପାନୀର ୨ଜଣଙ୍କୁ ନିଲମ୍ବିତ କରିବା ସହ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ବହିଷ୍କାର କରାଯାଇଛି। ହେଲେ କମ୍ପାନୀ ପକ୍ଷରୁ ମୃତକଙ୍କ ପରିବାରକୁ ସହାୟତା ରାଶି ଦିଆଯାଇ ନ ଥିବାବେଳେ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ମଦ୍ୟପାନରେ ଓଡ଼ିଶା ଆଗରେ

### ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସର୍ଭେ

ଭୁବନେଶ୍ୱର,୧୦।୫(ବ୍ୟୁରୋ)

ସର୍ବଭାରତୀୟ ହାର ଅପେକ୍ଷା ଓଡ଼ିଶାରେ ଅଧିକ ହାରରେ ପୁରୁଷମାନେ ମଦ୍ୟପାନ କରନ୍ତି। ସେହିଭଳି ଏହି କ୍ଷେତ୍ରରେ ଓଡ଼ିଶାର ମହିଳାମାନେ ବି ସର୍ବଭାରତୀୟ ହାର ଅପେକ୍ଷା ଆଗରେ ରହିଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ରାଜ୍ୟର ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ମଦ୍ୟପଙ୍କ ସଂଖ୍ୟା ଅଧିକ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ସଦ୍ୟ ପ୍ରକାଶିତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ବା ଏନ୍ଏଫ୍ଏଚ୍ଏସ୍-୫ରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ୧୫ ବର୍ଷରୁ ଅଧିକ ବୟସର କେତେ ଲୋକ ମଦ୍ୟପାନ କରୁଛନ୍ତି, ସେନେଇ ଘର ଘର ବୁଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ନିଯୁକ୍ତ ଏଜେନ୍ସି ତଥ୍ୟ ସଂଗ୍ରହ କରିଥିଲା। ୨୦୧୯ରୁ ୨୦୨୧ ମଧ୍ୟରେ ଏହି ସର୍ଭେରେ ଭାରତର ୬,୩୬,୬୯୯ ପରିବାରକୁ ନିଆଯାଇଥିବାବେଳେ ଓଡ଼ିଶାର ୨୬,୪୭୬ ପରିବାରଠାରୁ ତଥ୍ୟ ସଂଗ୍ରହ ହୋଇଥିଲା। ଭାରତରେ ୧୫ ବର୍ଷରୁ ଅଧିକ ବୟସର ୧.୩% ମହିଳା ମଦ୍ୟପାନ କରୁଥିବାବେଳେ ଓଡ଼ିଶାର ୪.୩% ମହିଳା ମଦ୍ୟପାନ କରୁଛନ୍ତି। ଓଡ଼ିଶାର ସହରାଞ୍ଚଳରେ ୧.୪% ଓ ଗ୍ରାମାଞ୍ଚଳର ୪.୯% ମହିଳା ମଦ୍ୟପାନ କରୁଛନ୍ତି। ସେହିପରି ଦେଶରେ ୧୮.୮% ଏବଂ ଓଡ଼ିଶାରେ ୨୮.୮ ପ୍ରତିଶତ ମଦ୍ୟପାନ କରୁଛନ୍ତି। ସହରାଞ୍ଚଳରେ ୨୨.୭% ଏବଂ ଗ୍ରାମାଞ୍ଚଳରେ ୩୦.୨% ପୁରୁଷ ମଦ ପିଉଥିବା ରିପୋର୍ଟରେ ଦର୍ଶାଯାଇଛି। ଏହାବ୍ୟତୀତ ରାଜ୍ୟରେ ମୋଟ ୫୧.୬ ପ୍ରତିଶତ ପୁରୁଷ ଏବଂ ୨୬ ପ୍ରତିଶତ ମହିଳା ତମାଖୁ ସେବନ କରୁଛନ୍ତି ବୋଲି ଉଲ୍ଲେଖ ରହିଛି।




ଶ୍ରୀଲଙ୍କାରେ ଶାନ୍ତି ଫେରାଇ ଆଣିବା ବାର୍ତ୍ତା ଦେଇ ମଙ୍ଗଳବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।




'ଏଲ୍.ଭି. ପ୍ରସାଦ ଆଇ ଇନ୍ଷ୍ଟିଚ୍ୟୁଟ୍' (ଏଲ୍ଭିପିଇଆଇ)ର ମିଠୁ ତୁଳସୀ ଚାନାରାଇ କ୍ୟାମ୍ପସ ଭୁବନେଶ୍ୱର ପକ୍ଷରୁ ଆୟୋଜିତ 'ରେଟିନୋବ୍ଲାଷ୍ଟୋମା' ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ।




ଶ୍ରୀମନ୍ଦିର ସୁରକ୍ଷା ଦାବିରେ ମଙ୍ଗଳବାର ପୁରୀ କୁମ୍ଭାରପଡ଼ାର ଜବୀର ଖାଁ ଧାନରେ ତିଆରି କରିଥିବା ଶ୍ରୀମନ୍ଦିର ପ୍ରତିକୃତି ଦେଖାଉଛନ୍ତି।

# ଦୁଇଟି ଭାରତ ସୃଷ୍ଟି କରିଛନ୍ତି ମୋଦି

## ଗୁଜରାଟରେ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କଲେ ରାହୁଲ

ଦାହୋଡ୍ (ଗୁଜରାଟ),୧୦।୫

କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ମୋଦି ଦୁଇଟି ଭାରତ ସୃଷ୍ଟି କରିଛନ୍ତି, ଗୋଟିଏ ଧନୀଙ୍କ ପାଇଁ ଓ ଅନ୍ୟଟି ଗରିବଙ୍କ ପାଇଁ। ଦେଶର ସମ୍ବଳକୁ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ଅଳ୍ପ କେତେଜଣ ଧନୀ ଲୋକଙ୍କ ହାତରେ ଟେକି ଦେଇଥିବା ରାହୁଲ ଅଭିଯୋଗ କରିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ଗୁଜରାଟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ରାହୁଲ ମଙ୍ଗଳବାର ଆଦିବାସୀ ବହୁଳ ଦାହୋଡ ଜିଲାରେ ଦଳର ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି। ସେଠାରେ 'ଆଦିବାସୀ ସତ୍ୟାଗ୍ରହ ରାଲି'କୁ ଉଦ୍‌ବୋଧନ ଦେଇ ରାହୁଲ କହିଥିଲେ, ଏଥର ଗୁଜରାଟରେ କଂଗ୍ରେସ ନିଶ୍ଚୟ କ୍ଷମତାକୁ ଆସିବ। ୨୦୧୪ରେ ମୋଦି ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଗୁଜରାଟ ମୁଖ୍ୟମନ୍ତ୍ରୀ ଥିଲେ। ସେ ଗୁଜରାଟ ମଡେଲ ନାମରେ ଉକ୍ତ ରାଜ୍ୟର କାର୍ଯ୍ୟଶୈଳୀକୁ ଦେଶରେ ପ୍ରୟୋଗ କରୁଛନ୍ତି। ଫଳରେ ଆଜି ଦେଶରେ ଦୁଇଟି ଭାରତ ସୃଷ୍ଟି ହୋଇଛି। ଗୋଟିଏ



କ୍ଷମତା ଓ ପ୍ରତିପତ୍ତି ଥିବା କୋଟିପତି ଓ ବ୍ୟୁରୋକ୍ରାଟମାନଙ୍କ ପାଇଁ ଏବଂ ଅନ୍ୟଟି ସାଧାରଣ ଲୋକଙ୍କ ପାଇଁ ବୋଲି କଂଗ୍ରେସ ନେତା କହିଥିଲେ। ଭାଜପା ମଡେଲରେ ଜଳ, ଜଙ୍ଗଲ, ଜମି ଭଳି ଲୋକଙ୍କ ସମ୍ପତ୍ତିକୁ ଅଳ୍ପ କେତେଜଣ ଧନୀଙ୍କୁ ଦିଆଯାଇଛି। ରାଜ୍ୟରେ ଭାଜପା ସରକାର ଆଦିବାସୀମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିଥିବା ରାହୁଲ ଅଭିଯୋଗ କରିଥିଲେ। ଭାଜପା ସରକାର ଆଦିବାସୀମାନଙ୍କୁ କିଛି ଦେଇନାହିଁ କିନ୍ତୁ ସବୁକିଛି ଛଡ଼ାଇନେଇଛି। ଆଦିବାସୀମାନେ ସେମାନଙ୍କ ଅଧିକାର ଛଡ଼ାଇ ଆଣିବାକୁ ହେବ। ତା'ହେଲେ ସେମାନେ ସବୁକିଛି ଫେରିପାଇବେ ବୋଲି ରାହୁଲ କହିଥିଲେ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ | ତେଜୁଛି ରାଜନୈତିକ ବିବାଦ

- ମୁହାଁମୁହିଁ ହେଲେ ପିନାକୀ-ସମ୍ବିତ୍
- ରାଜ୍ୟ ସରକାରଙ୍କୁ ଘେରିଲା ଭାଜପା
- ବିରୋଧୀଙ୍କ ତୀବ୍ର ସମାଲୋଚନା
- ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ପୁରୀ ବିଧାୟକ

ଭୁବନେଶ୍ୱର,୧୦।୫(ବ୍ୟୁରୋ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଥମୁନାହିଁ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଏବଂ ଅନୁଧ୍ୟାନ ରିପୋର୍ଟ ଦାଖଲ କରାଯିବା ପରେ ପୁଣି ଥରେ ମୁହାଁମୁହିଁ ହୋଇଛନ୍ତି ଶାସକ ବିଜେଡି ଏବଂ ଭାଜପା। ଏଏସ୍‌ଆଇ ରିପୋର୍ଟକୁ ନେଇ ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେହିପରି ଆଇନ ଅନୁଯାୟୀ ସରକାର ସମସ୍ତ କାମ କରୁଥିବା ପୁରୀ ଏମ୍‌ପି ପିନାକୀ ମିଶ୍ର ସ୍ପଷ୍ଟୀକରଣ ଦେଇଛନ୍ତି। ଏହି ପ୍ରସଙ୍ଗରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିବାବେଳେ ରାଜ୍ୟ ସରକାରଙ୍କ ଉପରେ ସଣ୍ଟୁଆଁଶି ଆକ୍ରମଣ କରିଛନ୍ତି ବିରୋଧୀ।

ବିବାଦୀୟ ପ୍ରକଳ୍ପ ସମ୍ପର୍କରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସମ୍ବିତ୍ କହିଛନ୍ତି, ରାଜ୍ୟ ସରକାର ଅହଙ୍କାର ଛାଡ଼ି ଭୁଲ ସ୍ୱୀକାର କରନ୍ତୁ। ଏହି ବିଶ୍ୱସ୍ତରୀୟ ଐତିହ୍ୟ ନଷ୍ଟ ହେଲେ ଭବିଷ୍ୟତ ପିଢ଼ି କ୍ଷମା ଦେବେନାହିଁ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ପାଇଁ ବୈଧ ଅନୁମତି ନ ଥିଲା। ପ୍ରକଳ୍ପ କାମ କିମ୍ବା ସୌନ୍ଦର୍ଯ୍ୟକରଣକୁ



ବିରୋଧ କରାଯାଉନାହିଁ। କିନ୍ତୁ ଆଇନର ପରିଧି ଭିତରେ ରହି କାର୍ଯ୍ୟ ହେବା ଆବଶ୍ୟକ। ସମ୍ବିତ୍ ଆହୁରି କହିଛନ୍ତି ଯେ, ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗରେ ଭିନ୍ନ ଭିନ୍ନ ଡିପିଆର୍ ଦାଖଲ କରାଯାଇଛି। ଏଏସଆଇ ରିପୋର୍ଟରେ ଖନନ ସ୍ଥାନରେ ଐତିହ୍ୟ ନଷ୍ଟ ହୋଇଥିବା ଆଶଙ୍କା କରାଯାଇଛି। ନିର୍ମାଣ ସମୟରେ କୀର୍ତ୍ତିରାଜି ନଷ୍ଟ ହୋଇଥିବା ହାଇକୋର୍ଟ ଉପଲବ୍ଧି କରିଛନ୍ତି। ଯଦି ନିର୍ମାଣରେ ସନ୍ଦେହ ନ ଥିଲା ତେବେ କାହିଁକି ବାରମ୍ବାର ଡିପିଆର୍ ବଦଳାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ନିଷିଦ୍ଧାଞ୍ଚଳ ଘୋଷିତ ୧୦୦ ମିଟରରେ କୌଣସି ନିର୍ମାଣ ହୋଇପାରିବ ନାହିଁ। ୨୦୦ ମିଟର ପରିଧିରେ ହେଉଥିବା ନିର୍ମାଣ ପାଇଁ ଅନୁମତି ନିଆଯିବା ବାଧ୍ୟତାମୂଳକ। ହେଲେ ରେସ୍‌ପନ୍ସ ନିଷିଦ୍ଧାଞ୍ଚଳରୁ ରେଗୁଲେଟେଡ୍ ଏରିଆକୁ ସ୍ଥାନାନ୍ତର କରାଯାଇଛି। କୀର୍ତ୍ତିରାଜି ଧ୍ୱଂସ କରିବା ବଡ ଭୁଲ୍। ଏଥିଲାଗି ପ୍ରତି ଓଡ଼ିଆଙ୍କ ହୃଦୟ କାନ୍ଦୁଛି। ସଂସଦରେ ପୁରୀ ଏମ୍‌ପି ଯେଉଁ ମିଛ କହିଛନ୍ତି, ସେଥିଲାଗି କ୍ଷମା ମାଗନ୍ତୁ ବୋଲି ମଧ୍ୟ ସମ୍ବିତ୍ କହିଛନ୍ତି।

ଅପରପକ୍ଷେ ସମ୍ବିତ୍‌ଙ୍କ ଆକ୍ରମଣର ଜବାବରେ ପୁରୀ ଏମ୍‌ପି ପିନାକୀ ମିଶ୍ର କହିଛନ୍ତି, ଏଏସ୍‌ଆଇ ଅନୁମତି ଦେଇଥିବା କଥା ଆମେ କେବେ କହିନାହୁଁ। ନ୍ୟାଶନାଲ ମନୁମେଣ୍ଟ ଅଥରିଟି (ଏନ୍‌ଏମଏ) ଯେଉଁ ନୋ ଅବଜେକ୍ସନ ସାର୍ଟିଫିକେଟ ଦେଇଛି, ତଦନୁଯାୟୀ କାମ ହେଉଛି। ରାଜ୍ୟ ସରକାର ଆଇନ ଅନୁଯାୟୀ କାମ କରୁଛନ୍ତି। ଡିପିଆର୍ ବଦଳାଇ ହେବ ନାହିଁ ବୋଲି କେଉଁଠାରେ ଏବଂ କେଉଁ ଆଇନରେ ଉଲ୍ଲେଖ ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି। କେଉଁ କାର୍ଯ୍ୟ ଲାଗି କେତେ ଫାଉଣ୍ଡେଶନ କରାଯିବ ତାହା ନା ସମ୍ବିତ୍ ନା ସେ ନିଜେ ଜାଣିଛନ୍ତି। ଏହି କାମ ଯେଉଁ ସିଭିଲ୍ ଇଞ୍ଜିନିୟରମାନେ କରୁଛନ୍ତି, ସେମାନେ ଏହା ଠିକ୍ ଜାଣିଛନ୍ତି। ଏଭଳି ଐତିହାସିକ ପଦକ୍ଷେପକୁ ଯେଉଁମାନେ ବନ୍ଦ କରିବାକୁ ଚାହୁଁଛନ୍ତି, ସେମାନେ ସେମାନଙ୍କ ଲକ୍ଷ୍ୟରେ ସଫଳ ହେବେନାହିଁ। କେବଳ ୨୪ ଘଣ୍ଟା ଖବରରେ ରହିବାକୁ ସମ୍ପୃକ୍ତ ବ୍ୟକ୍ତିମାନେ ଏଭଳି ଚେଷ୍ଟା କରୁଛନ୍ତି। ଏହାକୁ ବୁଦ୍ଧିଜୀବୀମାନେ ଠିକ୍ ବୁଝିସାରିଛନ୍ତି ବୋଲି ପିନାକୀ କହିଛନ୍ତି।

ଏଏସ୍‌ଆଇର ସତ୍ୟପାଠ ନେଇ ସରକାରଙ୍କ ଉପରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବର୍ଷିଛନ୍ତି। ସେ କହିଛନ୍ତି, ଐତିହାସିକ କୀର୍ତ୍ତିରାଜିର ଅପୂରଣୀୟ କ୍ଷତି ଏଏସ୍‌ଆଇ ରିପୋର୍ଟରେ ରହିଛି। କୀର୍ତ୍ତିରାଜି ଉପରେ ଏହାର ପ୍ରଭାବ ପଡିବ ନା ନାହିଁ ଅନୁଧ୍ୟାନ ହୋଇନି ବୋଲି ଏଥିରେ ଦର୍ଶାଯାଇଛି। ବଡ଼ ବଡ଼ ଗାତ ଖୋଳି ଚାଲିଥିବା ନିର୍ମାଣ କାର୍ଯ୍ୟ ପାଇଁ ଅନୁମତି ଦିଆଯାଇନାହିଁ। ଏଥିରେ ସାଧାରଣ ଲୋକଙ୍କ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇଛି। ଯଦି ଭବିଷ୍ୟତରେ ନିର୍ମାଣ ବେଆଇନ ଘୋଷଣା ହୁଏ, ତେବେ ଦାୟୀ କିଏ ରହିବ ବୋଲି ଅପରାଜିତା ପ୍ରଶ୍ନ କରିଛନ୍ତି।

ସେହିପରି ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ କହିଛନ୍ତି, ଯାହା କ୍ଷତି ହୋଇଛି ତାହା ଫେରିବ ନାହିଁ। ଆଗକୁ ଯେପରି ଅଧିକ କ୍ଷତି ନ ହେବ ଏଥିଲାଗି ଏବେଠାରୁ ଉଦ୍ୟମ ହେବା ଜରୁରୀ। ପ୍ରକଳ୍ପକୁ ନେଇ ସେବାୟତ, ମଠ ମହନ୍ତ କେହି ଖୁସି ନାହାନ୍ତି। କୋର୍ଟ କଚେରିରେ ମାମଲାର ସମାଧାନ ହେବନି। ଏଥିଲାଗି ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରିବାକୁ ସେ ନିବେଦନ କରିଛନ୍ତି।

ବରିଷ୍ଠ ନେତା ବିଜୟ ମହାପାତ୍ର କହିଛନ୍ତି, ରାଜ୍ୟ ସରକାର ବେଆଇନ ଭାବେ କାମ କରିବା ଯେତିକି ଭୁଲ୍, ଏଏସଆଇ ଏହାର ସମାଧାନ ନ କରିବା ସେତିକି ଭୁଲ୍। ଅନୁମତି ନ ମିଳି କାମ ହେଲା ବେଳେ ଏଏସ୍‌ଆଇ କ'ଣ କରୁଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସ ବିଧାୟକ ନରସିଂହ ମିଶ୍ର କହିଛନ୍ତି, ରାଜ୍ୟ ସରକାର ନିୟମ ଉଲ୍ଲଂଘନ କରି କାମ କରିବା ଦୁର୍ଭାଗ୍ୟଜନକ। ଏହାକୁ ବେଆଇନ ବୋଲି ଜାଣିବା ପରେ ବନ୍ଦ ନ କରିବା ଆହୁରି ବଡ ଭୁଲ।

# 'ଶୃଙ୍ଖଳିତ ସୈନ୍ୟ ଭାବେ କାମ କରିବୁ'

## ଦିଲ୍ଲୀରୁ ଫେରିଲେ କଂଗ୍ରେସ ନେତା

ଭୁବନେଶ୍ୱର,୧୦।୫(ବ୍ୟୁରୋ)

ଓଡ଼ିଶା କଂଗ୍ରେସର ନେତାମାନେ ରାହୁଲ ଗାନ୍ଧୀଙ୍କୁ ଭେଟି ଆଲୋଚନା କରିବା ପରେ ଓଡ଼ିଶା ଫେରି ଆସିଛନ୍ତି। ତେବେ ରାହୁଲଙ୍କୁ ଭେଟିବା ପରେ ସମସ୍ତେ ଉତ୍ସାହିତ ଥିବା ଦେଖିବାକୁ ମିଳିଛି। ରାହୁଲଙ୍କ ସହ ଆଲୋଚନା ସଫଳ ହୋଇଥିବା ବେଳେ ଖୁବ୍‌ଶୀଘ୍ର ନୂଆ ପିସିସି(ପ୍ରଦେଶ କଂଗ୍ରେସ କମିଟି) ସଭାପତିଙ୍କ ନାଁ ଘୋଷଣା ହୋଇପାରେ ବୋଲି ଜଣାପଡ଼ିଛି। ବିଜୁ ପଟ୍ଟନାୟକ ବିମାନବନ୍ଦରରେ ମଙ୍ଗଳବାର ପହଞ୍ଚିବା ପରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ସେ ବିଶେଷ ଭାବେ ଖୁସି ଅଛନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ଦାୟିତ୍ୱରୁ ଯିବା ପାଇଁ ଯାହା ଚାହୁଁଥିଲି ଏବେ ତାହା ପୂରଣ ହେବାକୁ ଯାଉଛି। ଏବେ ସଭାପତି ପରିବର୍ତ୍ତନ ନେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇସାରିଛି। କେତେଦିନ ଲାଗିବ ସେକଥା କହି ହେବ ନାହିଁ ବୋଲି ନିରଞ୍ଜନ କହିଛନ୍ତି। ବରିଷ୍ଠ ନେତା ତଥା ବିଧାୟକ ନରସିଂହ ମିଶ୍ର କହିଛନ୍ତି, ସମସ୍ତେ କିଭଳି ଦଳରେ ଏକତା ରକ୍ଷା କରି ଶୃଙ୍ଖଳିତ ସୈନିକ ଭାବେ କାର୍ଯ୍ୟକରି କଂଗ୍ରେସକୁ ସୁଦୃଢ଼ କରିହେବ ସେନେଇ ଆଲୋଚନା ହୋଇଥିଲା। ତେବେ ଆଲୋଚନା ସଫଳ ହୋଇଥିବା ନରସିଂହ କହିଛନ୍ତି। ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ବିଧାନସଭା ଏବଂ ଲୋକ ସଭାରେ କଂଗ୍ରେସ କିପରି ଅଧିକ ଆସନ ଦଖଲ କରିବ ସେନେଇ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ। ସବୁ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଛି। ରାଜ୍ୟର ସମସ୍ତ କଂଗ୍ରେସ ବିଧାୟକ, ଏମ୍‌ପି ଏବଂ ବରିଷ୍ଠ ନେତା ଯାଇଥିଲେ। ରାହୁଲ ସମସ୍ତଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି। ଅତିଶୀଘ୍ର ନୂଆ ସଭାପତିଙ୍କ ନାଁ ଘୋଷଣା ହେବ। ବ୍ରଜରାଜନଗର ଉପନିର୍ବାଚନ କିପରି ଭଲରେ ଲଢ଼ିହେବ ସେନେଇ ମଧ୍ୟ ଆଲୋଚନା ହୋଇଛି। ତେବେ ଅଧିକାଂଶ ବିଧାୟକ ଏବଂ ବରିଷ୍ଠ ନେତା ଫେରି ଆସିଥିବା ବେଳେ ଆଉ କେତେଜଣ ନେତା ଏବେ ଦିଲ୍ଲୀରେ ରହି ଆଉ କେତେଜଣ ଏଆଇସିସି ନେତାଙ୍କୁ ଭେଟୁଥିବା ଜଣାପଡ଼ିଛି।

# ପୁଣି ଉପନିର୍ବାଚନ ଲଢ଼ିବେ ରାଧାରାଣୀ

## ୨୪ବର୍ଷ ପୂର୍ବରୁ ବିଜେଡିରୁ ପ୍ରାର୍ଥୀ ହୋଇଥିଲେ

ଝାରସୁଗୁଡ଼ା ଅଫିସ,୧୦।୫

ବିଜେଡିର ପୂର୍ବତନ ବିଧାୟକ କିଶୋର ମହାନ୍ତିଙ୍କ ଗତ ଡିସେମ୍ବର ୩୦ରେ ଅକାଳ ବିୟୋଗ ପରେ ବ୍ରଜରାଜନଗର ବିଧାନସଭା ଆସନ ଖାଲିପଡ଼ିଥିଲା। ଏହି ଆସନ ଲାଗି ଦୀର୍ଘ ୨୪ବର୍ଷ ପରେ ୨ୟ ଥର ପାଇଁ ଉପନିର୍ବାଚନ ହେବାକୁ ଯାଉଛି। ଏହା ପୂର୍ବରୁ ୧୯୯୭ ଡିସେମ୍ବର ୨୬ରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ବିଧାୟକ ପ୍ରସନ୍ନ ପଣ୍ଡାଙ୍କ ଦେହାନ୍ତ ହୋଇଥିଲା। ଏହି ଆସନ ଲାଗି ୧୯୯୮ରେ ଉପନିର୍ବାଚନ ହୋଇଥିଲା। ଏଥିରେ କଂଗ୍ରେସ, ବିଜେଡି ଓ କମ୍ୟୁନିଷ୍ଟ ପାର୍ଟି ପ୍ରାର୍ଥୀ ଦେଇଥିଲେ। କଂଗ୍ରେସରୁ କେଶବ ସାହୁ, ବିଜେଡିରୁ ରାଧାରାଣୀ ପଣ୍ଡା ଓ ସିପିଆଇରୁ ମହମ୍ମଦ ରାକିବୁଲ୍ଲା ପ୍ରାର୍ଥୀ ହୋଇଥିଲେ। କଂଗ୍ରେସ ପ୍ରାର୍ଥୀ ସାହୁ ସର୍ବାଧିକ ୨୮,୪୭୬ ଭୋଟ୍ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥିନୀ ପଣ୍ଡା ୨୭,୯୫୪ ଭୋଟ୍ ପାଇ ମାତ୍ର ୫୨୨ଭୋଟ୍‌ରେ ପରାଜିତ ହୋଇଥିଲେ। ପୁଣି ଏହି ନିର୍ବାଚନମଣ୍ଡଳୀରେ ୨ୟଥର ପାଇଁ ଉପନିର୍ବାଚନ ହେବାକୁ ଯାଉଛି। ବିଜେଡିରୁ ପୂର୍ବତନ ବିଧାୟକ ସ୍ୱର୍ଗତ ମହାନ୍ତିଙ୍କ ସ୍ତ୍ରୀ ଅଳକା ମହାନ୍ତି, ଭାଜପାରୁ ପୂର୍ବତନ ବିଧାୟିକା ପଣ୍ଡା, କଂଗ୍ରେସରୁ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ଓ ସିପିଆଇରୁ ରମେଶ ତ୍ରିପାଠୀ ପ୍ରାର୍ଥୀ ହୋଇଛନ୍ତି।

# ହାଣ୍ଡିଶାଳରୁ ପ୍ରତିବାଦର ସ୍ୱର ଉଠୁ




ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଛି।

## ରନ୍ଧନ ଗ୍ୟାସ ଦର ବୃଦ୍ଧି ବିରୋଧରେ ଛାତ୍ର କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୧୦।୫(ବ୍ୟୁରୋ)

ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀ ସମେତ ପେଟ୍ରୋଲ ଓ ଡିଜେଲ ଦର ବଢିବାରେ ଲାଗିଛି। ଏଭଳି ସମୟରେ ପୁଣି ରନ୍ଧନ ଗ୍ୟାସ ଦର ବୃଦ୍ଧିକୁ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ବିରୋଧ କରିଛି। ଏନେଇ ମଙ୍ଗଳବାର ମାଷ୍ଟର କ୍ୟାଣ୍ଟିନ ଛକରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ର କଂଗ୍ରେସ କର୍ମୀମାନେ ଜନପଥ ଅବରୋଧ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, ବର୍ଦ୍ଧିତ ରନ୍ଧନ ଗ୍ୟାସ୍ ଦର ମୋଦି ମାର୍କା ବିକାଶର ପ୍ରତିଫଳନ। ପ୍ରଧାନମନ୍ତ୍ରୀ ସିଧାସଳଖ ହାଣ୍ଡିଶାଳରେ ମହଙ୍ଗା ମାଡ଼ କରିଛନ୍ତି। କଂଗ୍ରେସ ସରକାର ସମୟରେ ହିତାଧିକାରୀ ସିଲିଣ୍ଡର ପିଛା ୪୦୩ ଟଙ୍କା ଦେଉଥିବା ବେଳେ ମୋଦି ସରକାର ୧ ହଜାର ୫୦ ଟଙ୍କାରେ ପହଞ୍ଚାଇସାରିଲେଣି। ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ଗ୍ୟାସଦରକୁ ନେଇ କୁମ୍ଭୀର କାନ୍ଦଣା କାନ୍ଦିଥିଲେ। ଗ୍ୟାସ୍ ଦର କମାଇବା ପାଇଁ ନିର୍ବାଚନୀ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ମାତ୍ର ଶାସନକୁ ଆସିବା ପରେ ରନ୍ଧନ ଗ୍ୟାସ ଦର ଆକାଶ ଛୁଆଁ କରିଦେଲେ। ହାଣ୍ଡିଶାଳରୁ ମୋଦିଙ୍କ ବିରୋଧରେ ପ୍ରତିବାଦର ସ୍ୱର ଉଠୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ବିକ୍ଷୋଭରେ ରଜତ ଚୌଧୁରୀ, ପ୍ରକାଶ ମିଶ୍ର, ରଣଜିତ ପାତ୍ର, ନିହାର ବେହେରା, ସୁନୀଲ ମାଟିଆ, ରଣଜିତ ସେନାପତି, ମହମ୍ମଦ ଗୁଲଫାମ୍, ବଟକୃଷ୍ଣ ରାଉତରାୟ, ସାଗର ପଟ୍ଟନାୟକ, ମହମ୍ମଦ ସମିଉଲ, କାର୍ତ୍ତିକେଶ୍ୱର କାଣ୍ଡି, ବିଭୂତି ଭୂଷଣ ମହାପାତ୍ର, ବିଶ୍ୱଭୂଷଣ ମହାପାତ୍ର, ଶାହାରୁଖ ଖାନ ପ୍ରମୁଖ ସାମିଲ ଥିଲେ।


GOVERNMENT OF ODISHA No. A-149

**DEPARTMENT OF WATER RESOURCES**
**OFFICE OF THE ENGINEER-IN-CHIEF, WATER RESOURCES, SECHA SADAN, BHUBANESWAR**
Email Address: cemech.eicwr.od@gmail.com

**e-Procurement Notice - Bid Identification No. - CEM/MDH-02/2022-23**

1. Name of the Work : Mechanical Gate Works
2. No. of Works : 01 (One)
3. Category of Executors : SSI Units registered under DIC/NSIC/MSME for Irrigation Shutters/Hydro Mechanical Gates.
4. Bid Identification No. : CEM/MDH - 02/2022-23
5. Estimated Cost : Rs.49,81,943.00
6. Period of Completion : One hundred and twenty days
7. Date & time of availability of bid documents in the portal : From Dt.13.05.2022 (10.00 A.M.) to Dt.26.05.2022 (5.30 P.M.)
8. Last date/time for receipt of bid in the portal : Dt.26.05.2022 (upto 5.30 P.M.)
9. Date and Place of opening of Technical Bid : Dt.27.05.2022 (12.00 Noon onwards in the O/o. the undersigned)
10. Date and Place of Opening of Financial Bid : To be intimated to the qualified Bidders after evaluation of Technical Bid
11. Name of the Officer Inviting Bid : Chief Engineer, Mechanical, O/o. the E.I.C., Water Resources, Odisha, Bhubaneswar

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

**Sd./- Chief Engineer, Mechanical**
**O/o. Engineer-in-Chief, Secha Sadan, Bhubaneswar**
OIPR-32031/11/0003/2223

**INSTITUTE OF MATHEMATICS AND APPLICATIONS**
Science and Technology Department, Govt. of Odisha
Andharua, Bhubaneswar - 751029
Ref. No.: IMA/42-Admission/387/2022 Date: 10.05.2022

**ADMISSION NOTICE FOR THE ACADEMIC YEAR 2022-23**
**EXTENSION OF LAST DATE OF APPLICATIONS: REGARDING**

No. CAD-476: In continuation to the earlier notice vide notice number IMA/42-Admission/283/2022, Dtd.08.04.2022, it is to notify that the last date of receipt of filled in application forms for admission into PG and UG Courses of IMA is extended upto **17th June 2022 (Friday)**.
The date of entrance test will be notified later.
For details please visit the web link: **https://www.iomaorissa.ac.in/admissions**.

**Sd./- Director**
OIPR-28010/11/0003/2223

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-477 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.2072/MKT/OSIC Dt.09.05.2022
The OSIC Ltd., Cuttack invites sealed bids from experienced vendors empanelled with OSIC for supply of 5 KVA Portable Silent Diesel Generator with air-cooled to different school points under the office of The Project Administrator, ITDA, Kaptipada, Udala, Mayurbhanj. The detail schedules, terms and conditions of the tender document can be downloaded from www.osicltd.in Any corrigendum/ changes/ modifications will appear in OSIC Ltd. website: www.osicltd.in only and the responsibility lies with the bidders to download the same before the last date of submission of bids.

By order of MD
Sd/-Manager(Mktg)
OIPR-14073/11/0015/2223

GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER, JAGATSINGHPUR IRRIGATION DIVISION**
Ph.No.06724-220038, E-mail:eejspurirr@gmail.com
No.A-146: **e-Procurement Notice No.JSD-02 of 2022-23**

| | | | |
|---|---|---|---|
| 1 | Total No. of Works | : | 06 (Six) Nos. |
| 2 | Tender Cost (Approx.) | : | Rs.12.69 Lakh to Rs.62.94 Lakh |
| 3 | Tender Paper Cost | : | Rs.6,000/- & Rs.10,000/- (Online payment) (Non-refundable) |
| 4 | Class of Contractor | : | Sl.No. 01 & 02 'D' & 'C', Sl.No. 03 & 04 'C' & 'B' & Sl.No. 05 & 06 'B' & 'A' Class Contractor |

5. Other details are as follows:

| Procurement Officer | Bid Identification No. | Availability of Tender From | To | Last Date & Time for Seeking Tender Clarification in e-Procurement portal | Date &Time of Opening of Bid | Place of Opening Bid |
|---|---|---|---|---|---|---|
| Superintending Engineer, Jagatsinghpur Irr. Division, Jagatsinghpur | JSD-02/2022-23 | 13.05.2022 at 10.00 Hours | 23.05.2022 at 17.00 Hours | From 13.05.2022 10.00 A.M. to 19.05.2022 upto 5.00 P.M. during office hours | 24.05.2022 at 11.00 Hours | O/o. the Superintending Engineer, Jagatsinghpur Irr. Division, Jagatsinghpur |

Further details can be seen from the Govt. website "https://tendersodisha.gov.in."
**Sd./- Superintending Engineer, Jagatsinghpur Irrigation Division, Jagatsinghpur**
OIPR-32050/11/0002/2223

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNDARGARH
AT/PO-SANKARA, SUNDARGARH-770020, E-mail address-serw_sundargarh@yahoo.com
No. Tender Online - RWCCESNG -07 of 2022-23, Letter No.1206/ Dtd. 10.05.2022
**e-Procurement NOTICE**

**No.O-190:**1. Type of the Work: Road (OMBADC). 2. Class of Contractor: As specified in the column-6 of the Annexure. 3. Time of Completion: As specified in the column-5 of the Annexure. 4. Detail Projects: As per Annexure attached. 5. Estimated Cost : As specified in the column-4 of the Annexure. 6. Other details:

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking Tender Clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWC-CESNG-07 of 2022-23 | 13.05.2022 11.00 A.M. | 27.05.2022 5.00 P.M. | 26.05.2022 1.00 P.M. | 31.05.2022 09.00 A.M. | Will be intimated separately |

Further details can be seen from the website www.tendersodisha.gov.in.
**Sd./- Chief Construction Engineer, Rural Works Circle, Sundargarh**
OIPR-25133/11/0010/2223

GOVERNMENT OF ODISHA
OFFICE OF THE SUPERINTENDING ENGINEER
P.H. DIVISION, BALANGIR
Ph. No -(06652 - 234647) Email. ID - eephbgr@yahoo.co.in
No.C-240: NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. SE PH BGR 04/2022-23 Dt 05.05.2022

01. Name of the Work : 02 No.
02. Estimated Cost : Rs.63.29 to 71.59 Lakhs
03. Period of Completion : 04 (Four) Calendar Months
04. Date & Time of availability of bid document in the portal : From 11.00 AM of dt. 13.05.2022 to 5.00 PM of dt.26.05.2022
05. Last date / time of receipt of Bids in the portal : 5 P.M. of dt. 26.05.2022
06. Date & Time of opening of bids: At 11.00 AM of dt.27.05.2022
07. Name and Address of the Officer Inviting Bid : Superintending Engineer, P.H. Division, Balangir, At- Tulsinagar, Dist.- Balangir-767001

Further details can be seen from the website http://tenders.ori.nic.in or www.tendersorissa.gov.in

**Sd./- Superintending Engineer**
**P.H. Division, Balangir**
OIPR-13005/11/0005/2223

**OFFICE OF THE MUNICIPAL COUNCIL, DHENKANAL**
DHENKANAL (ODISHA), PIN - 759001
Tel. No. 06762-224401 (O), Fax No.: 06762-223355, E-mail: dhenkanalm.hud@gmail.com
No. 1339 Date: 10.05.2022

**EXPRESSION OF INTEREST**

No. C-245: Executive Officer, Dhenkanal Municipality, Dhenkanal invites Expression of Interest from Registered Firms for **E-Waste/Hazardous Waste & Plastic Waste within Dhenkanal Municipality area.** (The firms registered under SPCB, Odisha will be given more preference). The interested firms have to quote their rate and mode of payment within 10 days from the date of advertisement. This Expression of Interest should be submitted to the Executive Officer, Dhenkanal Municipality, Dhenkanal on or before 20.05.2022 up 10.00 A.M. by Registered Post/Speed Post and will be opened on Dt.20.05.2022 at 12.30 P.M. in the presence of quotationers or their authorized representatives. The interested firms are also requested to submit their quotations paper only after visiting the Material Recovery Facility Centre of Dhenkanal Municipality (Location as mentioned below).

**Location of MRF Centre**

| Sl. No. | Name of the Centre | Location | Distant from the District Head Quarter in Km. |
|---|---|---|---|
| 1 | Kathagada Wealth Centre | Kathagada in Ward No. 01 | 4.50 Km |
| 2 | Mahisapat Wealth Centre | Mahisapat in Ward No. 08 | 4.0 Km |
| 3 | Alasua Hata Wealth Centre | Hata Road in Ward No. 22 | 4.0 Km |

**Terms & Conditions:**
- EOI must be submitted along with valid documents of their firm/SPCB, Odisha authorization certificate.
- EOI must be submitted to lift the waste materials for individual or total materials. i.e. e-waste/domestic hazardous waste/plastic for both recyclable or non recyclable (single use plastic) waste.
- EOI must be submitted along with rate per Kg including transportation for different category of waste materials.
- The interested firm should enclose copy of experience of doing similar nature of work, copy of GST Registration, Copy of PAN Card and Firm Registration Certificate.
- Agency must be capable to lift the above mention waste above twice a week or once in a week and payment must be made through Bank account of concerned plant.

The undersigned has reserved the right to reject any or all the quotations without assigning any reason thereof.
OIPR-13146/11/0004/2223 **Sd./- Executive Officer, Dhenkanal Municipality**

**Office of the Superintending Engineer**
**Upper Kolab Head Works Division**
**At/PO:Kolabnagar, Dist:Koraput (O) 764011**
e-Mail ID:eeukhwdivkolab@gmail.com

**QUOTATION CALL NOTICE NO. 01/2022-23 Dt. 05.05 2022**

**No.A-148:**Sealed quotations are invited from interested reputed Travel Agencies/Tour Operators or private individuals for providing 1 (One) no. of Non AC Diesel driven vehicle (Marshal/ Mahindra Max/ Bolero/ Tata Sumo/ TUV300/ equivalent) having sitting capacity not more than ten including driver which shall conform to the terms and conditions (Annexure-II) for official use in the Office of the Superintending Engineer, Upper Kolab Head Works Division, Kolabnagar, Dist -Koraput on monthly rent basis.

1) The application form of quotation containing General Bid Information & Terms and Conditions for hiring of vehicles etc. will be available with the cashier of this office and can be obtained from 12.05.2022 to 24.05.2022 upto 11.00 AM on the working days during working hour on payment of Rs.100/- (one hundred) only per set.
2) The completed quotation in all respect should reach the undersigned on or before 24.05.2022 by 11.00 AM and shall be opened on the same day at 11.30 AM in presence of the bidders or their authorized representatives who wish to be present.
3) The authority reserves the rights to reject any or all quotations without assigning any reason thereof.
4) Further details can be seen in the website Govt. of Odisha www.odisha.gov.in.

**Sd./- Superintending Engineer,**
**Upper Kolab Head Works Division,**
**Kolabnagar, Koraput**
OIPR-32015/11/0004/2223

**ହ୍ରାସ ପାଉଛି ଶେୟାର ବଜାର**

**ମୁମ୍ବାଇ :** ସପ୍ତାହର ପ୍ରଥମ ଦିନ ଭଳି ୨ୟ କାରବାର ଦିନ ଅର୍ଥାତ୍ ମଙ୍ଗଳବାର ମଧ ଶେୟାର ବଜାରରେ ହ୍ରାସ ଦେଖିବାକୁ ମିଳିଛି। ଫଳରେ ଦିନର ଟ୍ରେଡିଂ ସମୟରେ ସେନ୍‌ସେକ୍ସରେ ୧୦୫.୮୨ ପଏଣ୍ଟ (୦.୧୯%) ଏବଂ ନିଫ୍ଟିରେ ୬୧.୮୦ ଅଙ୍କ (୦.୩୮%) ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ ଦିନର କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୪,୩୬୪.୮୫ ଇଣ୍ଡେକ୍ସ ଏବଂ ୧୬,୨୨୦.୦୫ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନରେ ୮୪୮ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୨୪୨୮ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି।

**ସଂକ୍ଷେପରେ**

## ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ସ୍ୱଳ୍ପ ବୃଦ୍ଧି

ନୂଆଦିଲ୍ଲୀ,୧୦।୫

ସୋମବାର ଭାରତୀୟ ମୁଦ୍ରା ଟଙ୍କା ମୂଲ୍ୟରେ ଡଲାର ତୁଳନାରେ ସର୍ବାଧିକ ହ୍ରାସ ପରିଲକ୍ଷିତ ହୋଇଥିବା ବେଳେ ମଙ୍ଗଳବାର ଏଥିରେ ସ୍ୱଳ୍ପ ବୃଦ୍ଧି ଘଟିଛି। ସୋମବାର ଶେୟାର ବଜାରର ପ୍ରଥମ କାରବାର ଦିବସରେ ଇଣ୍ଟରବ୍ୟାଙ୍କ୍ ଫରେନ୍ ଏକ୍ସଚେଞ୍ଜ ବଜାର ୭୭.୧୭ରେ ଖୋଲିଥିଲା ଏବଂ ଦିନର କାରବାର ସମୟରେ ୬୦ ପଇସା ହ୍ରାସ ପାଇ ୭୭.୫୦ ସ୍ତରରେ ପହଞ୍ଚିଥିଲା। ତେବେ ପରଦିନ ଅର୍ଥାତ୍ ମଙ୍ଗଳବାର ଏଥିରେ ୧୨ ପଇସାର ସ୍ୱଳ୍ପ ବୃଦ୍ଧି ଘଟି ୭୭.୩୮ରେ ବନ୍ଦ ହୋଇଛି। ଗତ ସପ୍ତାହର ଶେଷ ଟ୍ରେଡିଂ ଦିନ ଅର୍ଥାତ୍ ଶୁକ୍ରବାର ଡଲାର ତୁଳନାରେ ଭାରତୀୟ ମୁଦ୍ରା ୫୫ ପଇସା ହ୍ରାସ ହୋଇ ୭୬.୯୦ରେ ବନ୍ଦ ହୋଇଥିଲା। ବୈଶ୍ୱିକ ବଜାରରେ ଆମେରିକୀୟ ଡଲାରରେ ବୃଦ୍ଧି ଦ୍ୱାରା ଏଭଳି ସ୍ଥିତି ଉପୁଜିଛି। ତେବେ ଆଗକୁ ଡଲାର ପିଛା ଭାରତୀୟ ମୁଦ୍ରାରେ ୮୦ ପଇସା ହ୍ରାସ ହୋଇପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି।

## ବଢ଼ିଲା ତାପଜ ବିଦ୍ୟୁତ୍ ଉତ୍ପାଦନ

ନୂଆଦିଲ୍ଲୀ,୧୦।୫

ଗତ କିଛି ମାସ ହେବ ସାରା କୋଇଲା ସଂକଟ କାରଣରୁ ବିଦ୍ୟୁତ୍ ଉତ୍ପାଦନ ବ୍ୟାଘାତ ହେବ ବୋଲି ବିଭିନ୍ନ ଶିଳ୍ପ ସଂଘ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସେହିପରି ଦେଶରେ ବିଦ୍ୟୁତ୍ ସଙ୍କଟ ମଧ୍ୟରେ କୋଇଲା ଆଧାରିତ ବିଦ୍ୟୁତ୍ ଉତ୍ପାଦନ ବାର୍ଷିକ ଆଧାରରେ ଗତ ଏପ୍ରିଲରେ ୯.୨୬% ବୃଦ୍ଧି ଘଟି ୧୦,୦୨୫.୯ କୋଟି ୟୁନିଟ୍‌ରେ ପହଞ୍ଚିଛି। ସେହିଭଳି ୨୦୨୧ର ଏହି ଅବଧି ମଧ୍ୟରେ ତାପଜ ବିଦ୍ୟୁତ୍ ଉତ୍ପାଦନ ୯୩୮୩.୮ କୋଟି ୟୁନିଟ୍‌ରେ ପହଞ୍ଚିଛି। ଅପରପକ୍ଷରେ ୨୦୨୨ ଏପ୍ରିଲରେ ତାପଜ ବିଦ୍ୟୁତ୍ ଉତ୍ପାଦନ ପୂର୍ବମାସ ଅର୍ଥାତ୍ ମାର୍ଚ୍ଚର ୧୦,୦୨୭.୬ କୋଟି ୟୁନିଟ୍ ଅପେକ୍ଷା ୨.୨୫% ଅଧିକ ରହିଛି। ଏହା ବ୍ୟତିତ ଏପ୍ରିଲରେ ମୋଟ୍ ବିଦ୍ୟୁତ୍ ଉତ୍ପାଦନ ବାର୍ଷିକ ଆଧାରରେ ୧୧.୭୫% ବୃଦ୍ଧି ଘଟି ୧୩,୬୫୬.୫ କୋଟି ୟୁନିଟ୍‌ରେ ପହଞ୍ଚିଛି। ପୂର୍ବ ବର୍ଷ ଅର୍ଥାତ୍ ୨୦୨୧ର ଏହି ଅବଧି ମଧ୍ୟରେ ୧୨,୨୨୦.୯ କୋଟି ୟୁନିଟ୍ ରହିଥିଲା।

# ୧୮ ମାସରେ ମୁଦ୍ରାସ୍ଫୀତି ସର୍ବାଧିକ

ନୂଆଦିଲ୍ଲୀ,୧୦।୫



■ ଏପ୍ରିଲ୍‌ରେ ଖୁଚୁରା ମୁଦ୍ରାସ୍ଫୀତ ୭.୫% ରହିପାରେ
■ ୧୨ରେ ଜାରିହେବ ସରକାରୀ ତଥ୍ୟ
■ କ୍ରମାଗତ ୪ର୍ଥ ମାସ ଲାଗି ଉଚ୍ଚ ରହିବ

ଚଳିତ ବର୍ଷ ଏପ୍ରିଲରେ ଭାରତୀୟ ଖୁଚୁରା ମୁଦ୍ରାସ୍ଫୀତି ୧୮ମାସରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି ବୋଲି ଏକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ମୁଖ୍ୟତଃ ଇନ୍ଧନ, ଖାଦ୍ୟପଦାର୍ଥର ଦରଦାମ୍ ବୃଦ୍ଧି ହେଉଛି ମହଙ୍ଗାର ପ୍ରମୁଖ କାରଣ। ତେବେ ରଏଟର୍ସ ତଥ୍ୟ ଅନୁସାରେ ଲଗାତର ୪ର୍ଥ ମାସ ପାଇଁ ମୁଦ୍ରାସ୍ଫୀତି ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଦ୍ୱାରା ନିର୍ଦ୍ଧାରିତ ୨%ରୁ ୬%ଠାରୁ ଊର୍ଦ୍ଧ୍ୱରେ ରହିବ। ତେବେ ମୁଦ୍ରାସ୍ଫୀତିରେ ଏହି ବୃଦ୍ଧି ଘଟିବା ନେଇ ପୂର୍ବରୁ ଅନୁମାନ କରାଯାଉଥିଲା। ପୂର୍ବରୁ ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଥିବା କାରଣରୁ ଅନେକ ମାସ ଧରି ଇନ୍ଧନ ଦର ବୃଦ୍ଧି କରାଯାଇ ନ ଥିଲା। ମାର୍ଚ୍ଚରେ ନିର୍ବାଚନ ସରିବା ପରେ ତୈଳ କମ୍ପାନୀଗୁଡ଼ିକ ଇନ୍ଧନ ଦର ଜୋର୍‌ଦାର ବୃଦ୍ଧି କରିଥିଲେ।

ଅପରପକ୍ଷରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ କାରଣରୁ ବୈଶ୍ୱିକ ସ୍ତରରେ ତୈଳ ଏବଂ ଗ୍ୟାସ୍ ଦର ଆକାଶ ଛୁଆଁ ହୋଇଯାଇଥିଲା। ଖୁଚୁରା ମୁଦ୍ରାସ୍ଫୀତିକୁ କଞ୍ଜୁମର ପ୍ରାଇସ୍ ଇଣ୍ଡେକ୍ସ (ସିପିଆଇ) ଜରିଆରେ ମପାଯାଇଥାଏ। ସିପିଆଇର ପ୍ରାୟ ଅଧା ୱେଟେଜ୍‌ରେ ଖାଦ୍ୟପାନୀୟ ଜିନିଷ ରହିଛି। ମାର୍ଚ୍ଚରେ ଖାଦ୍ୟ ମୁଦ୍ରାସ୍ଫୀତି ପୂର୍ବ ମାସଗୁଡ଼ିକଠାରୁ ଉଚ୍ଚ ସ୍ତରରେ ରହିଥିଲା। ଏପ୍ରିଲରେ ପନିପରିବା ଏବଂ ଖାଇବା ତେଲ ଦର ଅଧିକ ହେବା କାରଣରୁ ଏହା ଉଚ୍ଚ ସ୍ତରରେ ରହିବ ବୋଲି ଅନୁମାନ କରାଯାଉଛି। ଏହି ସମସ୍ତ ଦରବୃଦ୍ଧିକୁ ନଜରରେ ରଖିଲେ ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ଘଟି ୭.୫% ରେ ପହଞ୍ଚିପାରେ। ଗତ ମାର୍ଚ୍ଚରେ ଏହା ୬.୯୫% ରହିଥିଲା। ରଏଟର୍ସର ପୂର୍ବାନୁମାନ ମେ' ୫ରୁ ୯ ମଧ୍ୟରେ କରାଯାଇଥିଲା ଏବଂ ଏଥିରେ ୪୫ ଜଣ ଅର୍ଥଶାସ୍ତ୍ରୀ ଅଂଶଗ୍ରହଣ କରିଥିଲେ। ଠିକ୍ ହେଲେ ୨୦୨୦ ଅକ୍ଟୋବର ପରଠାରୁ ଏହା ସର୍ବାଧିକ ହେବ।

ସୂଚନାଯୋଗ୍ୟ, ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ସମ୍ପର୍କିତ ତଥ୍ୟ ସରକାରଙ୍କ ପକ୍ଷରୁ ମେ' ୧୨ରେ ପ୍ରକାଶ କରାଯିବ। କ୍ୟାପିଟାଲ ଇକୋନୋମିକ୍ସର ବରିଷ୍ଠ ଭାରତୀୟ ଅର୍ଥନୀତିଜ୍ଞ ଶିଲନ୍ ଶାହ ମଧ୍ୟ ବଢୁଥିବା ମୁଦ୍ରାସ୍ଫୀତି ପାଇଁ ଖାଦ୍ୟ ପାନୀୟ ଏବଂ ଇନ୍ଧନ ଦର ବୃଦ୍ଧିକୁ ଦାୟୀ କରିଛନ୍ତି। ବିଶେଷ ଭାବରେ ଏପ୍ରିଲରେ ତୈଳ ଦର ବୃଦ୍ଧି କାରଣରୁ ଖୁରୁରା ମୁଦ୍ରାସ୍ଫୀତିରେ ବୃଦ୍ଧି ଘଟିବ ବୋଲି ସେ କହିଛନ୍ତି।

## 'ଗ୍ରାମାଞ୍ଚଳରେ ଏଲ୍‌ଆଇସି ସେବାକୁ ଗୁରୁତ୍ୱ ଦିଅ'





ପ୍ରବୀର କୁମାର ରଥ



ସୁଜିତ କୁମାର

**ଏଲ୍‌ଆଇସି ଅଫିସର ସଂଘର ଦ୍ୱିବାର୍ଷିକ ସମ୍ମିଳନୀ**

ନୂଆଦିଲ୍ଲୀ,୧୦।୫

ଭାରତୀୟ ଜୀବନ ବୀମା ନିଗମର (ଏଲ୍‌ଆଇସି)ର କ୍ଲାସ୍ ୱାନ୍ ଅଫିସର ଫେଡେରେଶନର ୪୬ତମ ଦ୍ୱିବାର୍ଷିକ ସମ୍ମିଳନୀ ନିକଟରେ ଗୋଆସ୍ଥିତ ବାଗମାଲୋ ବିଚ୍ ରିସର୍ଟରେ ଅନୁଷ୍ଠିତ ହୋଇଯାଇଛି। ସାରା ଦେଶରୁ ୪୦୦ରୁ ଊର୍ଦ୍ଧ୍ୱ ଏଲ୍‌ଆଇସି ଅଫିସର ଏଥିରେ ପ୍ରତିନିଧିତ୍ୱ କରିଥିଲେ।

୨ଦିନିଆ ଉକ୍ତ ସମ୍ମିଳନୀରେ ସର୍ବସମ୍ମତିକ୍ରମେ ଓଡ଼ିଶା ରାଜ୍ୟ ସଭା ସଦସ୍ୟ ସୁଜିତ କୁମାରଙ୍କୁ ଚେୟାରମ୍ୟାନ ଭାବେ ମନୋନୀତ କରାଯାଇଛି। ଏହି ପରିପ୍ରେକ୍ଷୀରେ କୁମାର ଏଲ୍‌ଆଇସିର ସମସ୍ତ ଅଫିସରଙ୍କୁ ଉତ୍ସର୍ଗୀକୃତ ଗ୍ରାହକ ସେବା ପ୍ରଦାନ ସହ ଗ୍ରାମାଞ୍ଚଳରେ ଏଲ୍‌ଆଇସିର ସେବାକୁ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଥିଲେ। ସେହିଭଳି ଅଫିସରମାନଙ୍କର ସମସ୍ତ ସମସ୍ୟାର ସମାଧାନ ପାଇଁ ସେ କେନ୍ଦ୍ର ସରକାରଙ୍କ ପାଖରେ ଆବଶ୍ୟକ ଦାବି ଓ ପଦକ୍ଷେପ ନେବା ସମ୍ପର୍କରେ ଅବଗତ କରାଇବେ। ସେହିପରି ଫେଡେରେଶନକୁ ଆବଶ୍ୟକ ସମସ୍ତ ପ୍ରକାର ସହଯୋଗ ପାଇଁ ସେ ସଂଘକୁ ପ୍ରତିଶ୍ରୁତି ଦେଇଛନ୍ତି। ଅପରପକ୍ଷରେ ଉକ୍ତ ସମ୍ମିଳନୀରେ ଓଡ଼ିଶାର ଭୁବନେଶ୍ୱର ମଣ୍ଡଳରୁ ପ୍ରତିନିଧି କରୁଥିବା ପ୍ରବୀର କୁମାର ରଥ ଫେଡେରେଶନର ସର୍ବଭାରତୀୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଆଗାମୀ ଦିନରେ ଅଫିସରମାନେ କିଭଳି ସଂଘବଦ୍ଧ ଭାବେ ଏକତ୍ରିତ ହୋଇ କାମ କରିବେ ଏବଂ ବିଶେଷକରି ଯୁବ ଅଫିସରମାନଙ୍କୁ ସାଙ୍ଗଠନିକ କାର୍ଯ୍ୟକ୍ରମରେ ଭାଗନେବାକୁ ସେ ପରାମର୍ଶ ଦେଇଥିଲେ।

ପରିଶେଷରେ ସଂଘର ସର୍ବଭାରତୀୟ ସମ୍ପାଦକ ଏସ୍.ରାଜକୁମାର ସମ୍ମିଳନୀର ଆଭିମୁଖ୍ୟ ସହ ସଂଘର ବାର୍ଷିକ ବିବରଣୀ ପ୍ରଦାନ ସହ ସଙ୍ଗଠନ ଦ୍ୱାରା ଅଫିସରମାନଙ୍କ ବକେୟା ଦାବିହାସଲ ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ।

# ସିମ୍ଫୋନି ଅଭିଯାନରେ ହରଭଜନ, ଶିଖର ସାମିଲ

ନୂଆଦିଲ୍ଲୀ,୧୦।୫



ଏୟାର କୁଲର ବ୍ରାଣ୍ଡ ସିମ୍ଫୋନି ଲିମିଟେଡ୍ ପକ୍ଷରୁ ଦେଶବ୍ୟାପୀ ଆୟୋଜିତ ଏକ ସ୍ୱତନ୍ତ୍ର ଏଆଇ-ପରିଚାଳିତ ଅଭିଯାନ ନିମନ୍ତେ ଲୋକପ୍ରିୟ ଭାରତୀୟ କ୍ରିକେଟର ହରଭଜନ ସିଂହ ଓ ଶିଖର ଧାୱନଙ୍କୁ ସାମିଲ କରାଯାଇଛି। ସାରା ଦେଶରେ ଥିବା କମ୍ପାନୀର ୨୩୦୦ରୁ ଅଧିକ ରିଟେଲରଙ୍କ ପାଇଁ ହାଇପର ପର୍ସୋନାଲାଇଜ୍‌ଡ ଭିଡିଓ ପ୍ରସ୍ତୁତ କରିବା ନିମନ୍ତେ ରିଫ୍ରେଜ୍ ଏଆଇ ସହିତ କମ୍ପାନୀ ସହଭାଗିତା ସ୍ଥାପନ କରିଛି। ପ୍ରଥମ ଥର ପାଇଁ ଏକ କଞ୍ଜୁମର ଡ୍ୟୁରେବଲ୍ ଉଦ୍ୟୋଗ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍‌ସର ବ୍ୟବହାର ସହ ପ୍ରତି ରିଟେଲରଙ୍କ ପାଇଁ ଜିଓ ଟାର୍ଗେଟିଂର ସେବା ମଧ୍ୟ ଆରମ୍ଭ କରିଛି। ଏହି ନୂତନ ଭିଡିଓରେ ଉଭୟ ଲୋକପ୍ରିୟ କ୍ରିକେଟର ଡିଲରମାନଙ୍କୁ ସେମାଙ୍କର ନିରନ୍ତର ସହଯୋଗ ଓ ପ୍ରଚେଷ୍ଟା ତଥା ଉତ୍କୃଷ୍ଟ ଗ୍ରାହକ ସେବା ପ୍ରଦାନ ପାଇଁ ପ୍ରଶଂସା କରୁଛନ୍ତି।

ଏ ସମ୍ପର୍କରେ ସିମ୍ଫୋନି ଲିମିଟେଡ୍‌ର ଗ୍ଲୋବାଲ୍ ଚିଫ୍ ମାର୍କେଟିଂ ଅଫିସର, ଅନୁଜ ଅରୋରା କହିଛନ୍ତି, ଆମେ ପ୍ରଖ୍ୟାତ କ୍ରିକେଟର ହରଭଜନ ସିଂ ଓ ଶିଖର ଧାୱନଙ୍କ ସହିତ ସହଭାଗିତା ସ୍ଥାପନ କରି ଅତ୍ୟନ୍ତ ଆନନ୍ଦିତ। ଆମ କମ୍ପାନୀର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଆମର ଡିଲରଶିପ୍ ପାର୍ଟନରଙ୍କ ନିମନ୍ତେ ଏଆଇ ପରିଚାଳିତ କଷ୍ଟୋମାଇଜଡ୍ ଭିଡିଓକୁ ସୃଷ୍ଟି କରିବା ପାଇଁ ସେମାନେ ଆମ ସହ ସାମିଲ ହୋଇଛନ୍ତି। ସେହିଭଳି ହରଭଜନ ସିଂହ କହିଛନ୍ତି, ସିମ୍ଫୋନି ଲିମିଟେଡ୍ ଦ୍ୱାରା ଗ୍ରହଣ କରାଯାଇଥିବା ଏହି ପଦକ୍ଷେପର ଏକ ଅଂଶ ହୋଇପାରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ଏକ ବ୍ରାଣ୍ଡକୁ ସଫଳ କରିବା ପାଇଁ ଅନେକ ସ୍ତର ରହିଛି ଓ ଏଥିପାଇଁ ଏକ ଉତ୍କୃଷ୍ଟ ଟିମ୍‌ର ଆବଶ୍ୟକ। ଏହାଦ୍ୱାରା ବିକ୍ରି ଲକ୍ଷ୍ୟ ପୂରଣ କରାଯାଇପାରିବ। ଟ୍ରେଡ୍ ପାର୍ଟନର ଓ ସେମାନଙ୍କର ପ୍ରଚେଷ୍ଟାକୁ ସେ ଏହି ଅବସରରେ ପ୍ରଶଂସା କରିଛନ୍ତି। ଅପରପକ୍ଷରେ ଶିଖର ଧାୱନ କହିଛନ୍ତି, ଏହି ମହତ ପଦକ୍ଷେପର ଏକ ଅଂଶ ହୋଇପାରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ସିମ୍ଫୋନିର ଏହି ନୂତନ ଚିନ୍ତାଧାରାରେ ମୁଁ ଅତ୍ୟନ୍ତ ପ୍ରଭାବିତ ହୋଇଛି। ଏହି ଅଭିଯାନର ଲକ୍ଷ୍ୟ ହେଉଛି ସ୍ଥାନୀୟ ବ୍ୟବସାୟୀଙ୍କୁ ପ୍ରୋତ୍ସାହନ ଏବଂ ତାଙ୍କର କାର୍ଯ୍ୟକୁ ସ୍ୱୀକୃତି ଦେବା। ସେହିପରି ରିଫ୍ରେଜ୍ ଏଆଇର ସହପ୍ରତିଷ୍ଠାତା ନିଶୀଥ ଲାହୋଟି କହିଛନ୍ତି, ୨ଜଣ ବଡ଼ ତାରକାଙ୍କ ସହିତ ଏଆଇ ଭିଡିଓ ପ୍ରସ୍ତୁତ କରିବା ଏକ ଆନନ୍ଦର ବିଷୟ, ଯାହାକି ଆମ ପାଇଁ ଏକ ଆହ୍ୱାନ।

## ଏସ୍‌ବିଆଇ ବୋର୍ଡର ଅନୁମୋଦନ

ନୂଆଦିଲ୍ଲୀ,୧୦।୫

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ (ଏସ୍‌ବିଆଇ) ପକ୍ଷରୁ ଚଳିତ ଆର୍ଥିକ ବର୍ଷ ପାଇଁ ଏକକ କିମ୍ବା ଏକାଧିକ କିସ୍ତିରେ ୨ ବିଲିଅନ ଡଲାରର ଦୀର୍ଘକାଳୀନ ପାଣ୍ଠି ସଂଗ୍ରହକୁ ଅନୁମୋଦନ କରାଯାଇଥିବା ସୂଚନା ମିଳିଛି। ଏ ନେଇ ବୋର୍ଡ ମଙ୍ଗଳବାର ଷ୍ଟକ୍ ଏକ୍ସଚେଞ୍ଜ୍‌ରେ କରିଥିବା ଫାଇଲିଂରୁ ଏହା ଜଣାପଡ଼ିଛି। ଏହି ପାଣ୍ଠିକୁ ସର୍ବସାଧାରଣ ଅଫରିଂ କିମ୍ବା ଘରୋଇ ପ୍ଲେସ୍‌ମେଣ୍ଟ ଆଧାରରେ ସଂଗ୍ରହ କରାଯିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏକ୍ସଚେଞ୍ଜ୍ ଫାଇଲିଂରେ କୁହାଯାଇଛି, ଏ ସମ୍ପର୍କିତ ସ୍ଥିତି ଯାଞ୍ଚ୍ ପାଇଁ ଏସ୍‌ବିଆଇର କେନ୍ଦ୍ରୀୟ ବୋର୍ଡକୁ ଅନୁମତି ମିଳିସାରିଛି। ୨୦୨୧ ଡିସେମ୍ବର ଶେଷ ସୁଦ୍ଧା ଏସ୍‌ବିଆଇର ପୁଞ୍ଜି ପର୍ଯ୍ୟାପ୍ତତା ଅନୁପାତ (ସିଏଆର୍) ୨୦୨୨ର ପ୍ରଥମ ୯ ମାସକୁ ବାଦ୍ ଦେଲେ ୧୩.୨୩% ଥିଲା। ଏହି ୯ମାସକୁ ଅନ୍ତର୍ଭୁକ୍ତ କରାଗଲେ ସିଏଆର୍‌ରେ ୯୪ ବିପିଏସ୍ ବୃଦ୍ଧି ପାଇବ। ଆର୍‌ବିଆଇର ମାନଦଣ୍ଡ ଅନୁସାରେ ବ୍ୟାଙ୍କଗୁଡ଼ିକୁ ସର୍ବନିମ୍ନ ପୁଞ୍ଜି ପର୍ଯ୍ୟାପ୍ତତା ୯% ବଜାୟ ରଖିବାର ଆବଶ୍ୟକତା ରହିଛି।

## ବିଓଆଇର ସିଏସ୍‌ଆର୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୦।୫

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ କମିଶନରେଟ ପୋଲିସର ଭୁବନେଶ୍ୱର ୟୁନିଟ୍‌କୁ ୨୪ଟି ଟ୍ରାଫିକ ବ୍ୟାରିକେଡ୍ ପ୍ରଦାନ କରାଯାଇଛି। ଏହା ବିଶେଷକରି ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଜରିଆରେ କରାଯାଇଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏପରିକି ଟ୍ରାଫିକ ସଚେତନତା ଏବଂ ବ୍ୟାଙ୍କର ପ୍ରଚାର ଓ ପ୍ରସାର ପାଇଁ ଉକ୍ତ ଟ୍ରାଫିକ ବ୍ୟାରିକେଡ୍‌ଗୁଡିକ ପ୍ରଦାନ କରାଯାଇଛି। ସେଗୁଡିକ ଭୁବନେଶ୍ୱରର ବିଭିନ୍ନ ଟ୍ରାଫିକ ଚେକ୍ ପୋଷ୍ଟରେ ରହିବ ବୋଲି ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜୟଦେବ ଭବନ ନିକଟସ୍ଥ ଟ୍ରାଫିକ ଥାନା ପରିସରରେ ଟ୍ରାଫିକ ଏସିପି ସ୍ୱସ୍ତିକ ପଣ୍ଡାଙ୍କ ଉପସ୍ଥିତିରେ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ପ୍ରିୟବ୍ରତ ପଟ୍ଟନାୟକ ଟ୍ରାଫିକ ବ୍ୟାରିକେଡ୍‌ଗୁଡ଼ିକୁ କମିଶନରେଟ ପୋଲିସ ଉଦ୍ଦେଶ୍ୟରେ ହସ୍ତାନ୍ତର କରିଥିଲେ। ବ୍ୟାଙ୍କର ଏଭଳି ପଦକ୍ଷେପ ପାଇଁ କମିଶନରେଟ ପୋଲିସ ପକ୍ଷରୁ ଏସିପି ପଣ୍ଡା ବ୍ୟାଙ୍କ ଅଫ୍ ଇଣ୍ଡିଆକୁ କୃତଜ୍ଞତା ଜଣାଇଛନ୍ତି।

**ଫୁରସତ୍**



# ଜୁନ୍ ୩ରେ 'ପୃଥ୍ୱୀରାଜ'

**ମୁମ୍ବାଇ:** ମିସ୍ ୱାର୍ଲ୍ଡ ମାନୁଷୀ ଛିଲ୍ଲରଙ୍କ ଦ୍ୱାରା ଅଭିନୀତ ହିନ୍ଦୀ ଫିଲ୍ମ 'ପୃଥ୍ୱୀରାଜ' ଜୁନ୍ ୩ ତାରିଖରେ ରିଲିଜ୍ ହେବାକୁ ଯାଉଛି। ଫିଲ୍ମ ରିଲିଜ୍ ପୂର୍ବରୁ ଏହାର ପ୍ରମୋଶନ ଜୋର୍‌ଦାର୍ ଆଗେଇ ଚାଲିଛି। ତେବେ ଏହି ଫିଲ୍ମ ଦ୍ୱାରା ମାନୁଷୀ ବଲିଉଡ୍ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିବାକୁ ଯାଉଛନ୍ତି। ପୃଥ୍ୱୀରାଜ ଫିଲ୍ମ ମାନୁଷୀଙ୍କ ପାଇଁ ସବୁବେଳେ ସ୍ପେସାଲ ହୋଇ ରହିବ ବୋଲି ଏକ ସାକ୍ଷାତ୍‌କାରରେ କହିଛନ୍ତି। ଅନ୍ୟପଟେ ଅକ୍ଷୟ କୁମାରଙ୍କ ସହ ଅଭିନୟ କରିବାନେଇ ସେ କହିଛନ୍ତି ଯେ, ଖିଲାଡି କୁମାରଙ୍କ ସହ ସ୍କ୍ରିନ୍ ଶେୟାର କରି ନିଜକୁ ଭାଗ୍ୟବାନ ମଣୁଛି। ୟଶ୍ ରାଜ ଫିଲ୍ମ ବ୍ୟାନରରେ ନିର୍ମିତ ଏହି ଫିଲ୍ମରେ ଅକ୍ଷୟ ଓ ମାନୁଷୀଙ୍କ ରୋମାନ୍ସ ଦେଖିବାକୁ ପାଇବେ ଦର୍ଶକ। ଫିଲ୍ମରେ ମାନୁଷୀ ପୃଥ୍ୱୀରାଜଙ୍କ ସ୍ତ୍ରୀ ସଂଯୁକ୍ତାଙ୍କ ଭୂମିକାରେ ନଜରକୁ ଆସିବେ। ଚଳଚ୍ଚିତ୍ରରେ ଅକ୍ଷୟ କୁମାର ସମ୍ରାଟ ପୃଥ୍ୱୀରାଜ ଚୌହାନଙ୍କ ଚରିତ୍ରରେ ଅଭିନୟ କରିଛନ୍ତି। ମୋଟ୍ ୩୦୦ କୋଟି ବଜେଟ୍‌ରେ ନିର୍ମିତ ଏହି ଫିଲ୍ମରେ ଅନ୍ୟ ପ୍ରମୁଖ କଳାକାରଙ୍କ ମଧ୍ୟରେ ରହିଛନ୍ତି ସଞ୍ଜୟ ଦତ୍ତ, ସୋନୁ ସୁଦ, ଅଲ୍ଲି ଜାଫର। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଚନ୍ଦ୍ର ପ୍ରକାଶ ଦ୍ୱିବେଦୀ।

ମାନୁଷୀ ଛିଲ୍ଲର

# ଦେଶ ବିକାଶରେ ବୈଷୟିକ ଜ୍ଞାନକୌଶଳ





ଦେଶର ବିକାଶରେ ବୈଷୟିକ ଜ୍ଞାନକୌଶଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁଥିବା ବୈଜ୍ଞାନିକ, ଗବେଷକ, ଇଞ୍ଜିନିୟରମାନଙ୍କ ଅବଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ସେମାନଙ୍କୁ ସମ୍ମାନ ଦେବା ଲାଗି ପ୍ରତିବର୍ଷ ମେ' ୧୧ରେ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ପାଳନ କରାଯାଏ।

ଏହା ପ୍ରଥମେ ୧୧ମେ' ୧୯୯୯ରେ ପାଳନ କରାଯାଇଥିଲା। କାରଣ ଏହିଦିନ ଭାରତ ପରମାଣୁ ଅସ୍ତ୍ରଶସ୍ତ୍ର ସହିତ ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ୧୧ ମେ' ୧୯୯୮ ରେ ଭାରତ ରାଜସ୍ଥାନର ଭାରତୀୟ ସେନାର ପୋଖରାନ ଟେଷ୍ଟ ରେଞ୍ଜରେ ତିନୋଟି ପରମାଣୁ ପରୀକ୍ଷଣ ସଫଳତାର ସହ କରିଥିଲା। ଏହାପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏହି ଦିବସ ପାଳନ ଲାଗି ଘୋଷଣା କରିଥିଲେ। ବୈଜ୍ଞାନିକ, ଗବେଷକ, ଇଞ୍ଜିନିୟରମାନଙ୍କ ସଫଳତାକୁ ସ୍ମରଣ କରିବାର ଲକ୍ଷ୍ୟ ନେଇ ଏହି ଦିବସ ପାଳନ କରାଯାଇଥାଏ। ଏହି ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥାଏ।

# ଆତ୍ମଘୋଷିତ ବାବା ଶ୍ରଦ୍ଧାଳୁଙ୍କୁ ପିଆଉଥିଲେ ପରିସ୍ରା

**ବ୍ୟାଙ୍କକ୍:** ଥାୱି ନାନ୍‌ରା ନାମକ ଜଣେ ୭୫ ବର୍ଷୀୟ ଆତ୍ମଘୋଷିତ ବାବାଙ୍କୁ ଥାଇଲାଣ୍ଡ ପୋଲିସ ଗିରଫ କରିଛି। ରୋଗ ଭଲ ହେବା ବିଶ୍ୱାସରେ ତାଙ୍କ ପାଖକୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ସେ ତାଙ୍କ ପରିସ୍ରା ଓ ମଳ ଖାଇବାକୁ ଦେଉଥିଲେ। ଥାଇଲାଣ୍ଡ-ମାଲେସିଆ ସୀମା ସୋଙ୍ଗଖଲା ଜଙ୍ଗଲରେ ଥିବା ଥାୱିଙ୍କ ଆଶ୍ରମରୁ ତାଙ୍କୁ ପୋଲିସ ଗିରଫ କରିଥିବାବେଳେ ଆଶ୍ରମରୁ ୧୧ଟି ମୃତଦେହ ଜବତ କରିଛି। ଏହି ମୃତଦେହ ଶ୍ରଦ୍ଧାଳୁଙ୍କର ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ସେଠାରୁ ୫ ଜଣଙ୍କ ମୃତ୍ୟୁ ପ୍ରମାଣପତ୍ର ପୋଲିସର ହସ୍ତଗତ ହୋଇଛି। ସେ ନିଜକୁ ସର୍ବଧର୍ମର ଗୁରୁ ବୋଲି ଦାବି କରିଆସୁଥିଲେ। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଜଣେ ୮୦ ବର୍ଷୀୟା ମହିଳା ରୋଗରୁ ମୁକ୍ତି ଲାଗି ଥାୱିଙ୍କ ପାଖକୁ ଯାଇ ଆଉ ଫେରି ନ ଥିଲେ। ନିଖୋଜ ବୃଦ୍ଧାଙ୍କ ଝିଅ ଏ ବାବଦରେ ଅଭିଯୋଗ କରିଥିଲେ।

# ମସ୍ତିଷ୍କ ନିୟନ୍ତ୍ରିତ ପ୍ରୋସ୍ଥେଟିକ୍ ଆର୍ମ



**ୱାଶିଂଟନ:** ଆମେରିକାର ୧୭ ବର୍ଷୀୟ ବେଞ୍ଜାମିନ ଚୋଇ ମସ୍ତିଷ୍କ ନିୟନ୍ତ୍ରିତ ପ୍ରୋସ୍ଥେଟିକ୍ ଆର୍ମ ତିଆରି କରିଛନ୍ତି। ୩୦୦ ଡଲାର ବିନିମୟରେ ଚୋଇ ଏହାକୁ ତିଆରି କରିଥିବାବେଳେ ଏହାର ଓଜନ ୪ ଟନ୍ ରହିଛି। ଆମେରିକା ଭର୍ଜିନିଆର ପୋଟୋମାକ୍ ସ୍କୁଲରେ ପଢୁନ୍ତି ଚୋଇ। ବିଜ୍ଞାନ ପ୍ରତି ତାଙ୍କର ଅହେତୁକ ରୁଚି ରହିଥିବାବେଳେ ବିଜ୍ଞାନ ସମ୍ବନ୍ଧୀୟ ଅନେକ ପ୍ରତିଯୋଗିତାରେ ସେ ଭାଗନେବା ସହ କୃତକାର୍ଯ୍ୟ ମଧ୍ୟ ହୋଇଛନ୍ତି। ୨୦୨୦ରେ ମହାମାରୀ କରୋନା କାଳରେ ତାଙ୍କୁ ଘରେ ରହିବାକୁ ପଡ଼ିଥିବାବେଳେ ପଢ଼ା ବ୍ୟତୀତ ତାଙ୍କ ପାଖରେ ଅନେକ ସମୟ ବଳୁଥିଲା। ସମୟର ଉପଯୋଗ କରିବା ଉଦ୍ଦେଶ୍ୟରେ ଚୋଇ କିଛି ନୂଆ ଉପକରଣ ତିଆରି କରିବା କଥା ଚିନ୍ତା କରିଥିଲେ, ଯାହାପରେ ସେ ମସ୍ତିଷ୍କ ନିୟନ୍ତ୍ରିତ ପ୍ରୋସ୍ଥେଟିକ୍ ଆର୍ମ ତିଆରି କରିବା ପାଇଁ ସ୍ଥିର କଲେ। ଏହି ଆର୍ମ ମସ୍ତିଷ୍କ ୱେଭ୍ ସାଙ୍ଗକୁ ମୁଣ୍ଡର ଗତିବିଧି ଅନୁସାରେ କାମ କରିପାରିବ ବୋଲି ଚୋଇ କହିଛନ୍ତି। ସେହିପରି ଏ ପ୍ରକାର ପ୍ରୋସ୍ଥେଟିକ୍ ଆର୍ମକୁ ଯେ କୌଣସି ବ୍ୟକ୍ତି ତିଆରି କରିପାରିବେ ବୋଲି ଚୋଇ କହିଛନ୍ତି। ନିଜର ଏ ପ୍ରକାର ଆବିଷ୍କାର ପାଇଁ ସେ ଖୁସିଥିବାବେଳେ ଆଜିର ଦିନରେ ବିଜ୍ଞାନ କ୍ଷେତ୍ରରେ ବହୁ ଉନ୍ନତି ହୋଇଥିବା ଚୋଇ କହିଛନ୍ତି। ମସ୍ତିଷ୍କ ଅସ୍ତ୍ରୋପଚାର ଏକ ଜଟିଳ ପକ୍ରିୟା ହୋଇଥିବାବେଳେ ଏଥିରେ ପ୍ରାଣହାନି ଘଟିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଏହାକୁ ଦୂର କରିବା ପାଇଁ ମସ୍ତିଷ୍କ ନିୟନ୍ତ୍ରିତ ପ୍ରୋସ୍ଥେଟିକ୍ ଆର୍ମ ସହାୟକ ହେବ ବୋଲି ସେ କହିଛନ୍ତି।

# ଟଏଲେଟ୍ ପାଇଁ ବୋହୂଙ୍କ ଆତ୍ମହତ୍ୟା



**ଚେନ୍ନାଇ:** ତାମିଲନାଡୁ କୁଡ୍ଡାଲୋର ଜଣେ ୨୭ ବର୍ଷୀୟା ମହିଳା ଶାଶୁଘରେ ଟଏଲେଟ୍ ନ ଥିବାରୁ ଆତ୍ମହତ୍ୟା କରିଛନ୍ତି। କୁଡ୍ଡାଲୋର ଜିଲା ଅନ୍ତର୍ଗତ ଆରିସିପେରିୟାଙ୍କୁପ୍ପାମ ଗ୍ରାମରେ ରାମ୍ୟାଙ୍କ ଘର। ସେ ଏକ ଘରୋଇ ଡାକ୍ତରଖାନାରେ ଚାକିରି କରିଥିବାବେଳେ ଗତ ଏପ୍ରିଲ ୬ ତାରିଖରେ କାର୍ତ୍ତିକେୟନଙ୍କୁ ବିବାହ କରିଥିଲେ। ଶାଶୁଘରେ ପାଇଖାନା ନ ଥିବାରୁ ବାହାଘର ପରେ ରାମ୍ୟା ତାଙ୍କ ମା'ଙ୍କ ସହ ରହୁଥିଲେ। ଟଏଲେଟକୁ ନେଇ ରାମ୍ୟା ଓ ସ୍ୱାମୀ କାର୍ତ୍ତିକେୟନଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ଲାଗୁଥିବା ତାଙ୍କ ମା' କହିଛନ୍ତି। ସୋମବାର ଦମ୍ପତିଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ପରେ କୁଡ୍ଡାଲୋରରେ ଏକ ଭଡ଼ାଘର ଖୋଜିବା ପାଇଁ ରାମ୍ୟା ତାଙ୍କ ସ୍ୱାମୀଙ୍କୁ କହିଥିଲେ। ଏହାର ୪ ଘଣ୍ଟା ପରେ ତାଙ୍କ ମୃତ ଦେହ ଘର ପଙ୍ଖାରେ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା।

**ସତ୍ୟକାଳୀ ବସ୍ତିରେ ଜବରଦଖଲ ଉଚ୍ଛେଦ**

**ଭୁବନେଶ୍ୱର ବ୍ୟୁରୋ:** ରାଜଧାନୀର ସୌନ୍ଦର୍ଯ୍ୟକରଣ ଓ ବିକାଶ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏଥିଲାଗି ବିଭିନ୍ନ ସ୍ଥାନରେ ବିଏମ୍‌ସି ଏବଂ ଭୁବନେଶ୍ୱର ଡେଭଲପମେଣ୍ଟ ଅଥରିଟି (ବିଡିଏ) ପକ୍ଷରୁ ଜବରଦଖଲ ଉଚ୍ଛେଦ ଅଭିଯାନ ଚାଲିଛି। ଏହି କ୍ରମରେ ମଙ୍ଗଳବାର ସତ୍ୟନଗର ଅଞ୍ଚଳର ସତ୍ୟକାଳୀ ବସ୍ତିରେ ଥିବା ବେଆଇନ ଘରଗୁଡ଼ିକୁ ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଇଛି। ଏହି ସମୟରେ ପୋଲିସ ଫୋର୍ସ ସହ ବିଏମ୍‌ସି ଏବଂ ବିଡିଏ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦୁର୍ନୀତି ରୋକିବାକୁ ଆଇଏଏସ୍, ଆଇଏଫ୍‌ଏସ୍ ଅଫିସରଙ୍କୁ ତାଲିମ

**ଭୁବନେଶ୍ୱର,୧୦।୫(ବ୍ୟୁରୋ):** ଦୁର୍ନୀତି ବିରୋଧରେ ଲଢେଇ କରିବା ପାଇଁ ଟ୍ରେନି ଆଇଏଏସ୍ ଏବଂ ଆଇଏଫ୍‌ଏସ୍ ଅଫିସରଙ୍କୁ ତାଲିମ ଦିଆଯାଇଛି। ଏନେଇ ଭୁବନେଶ୍ୱରସ୍ଥିତ ରାଜ୍ୟ ଭିଜିଲାନ୍ସ ଏକାଡେମୀରେ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ୨୦୨୦ ବ୍ୟାଚ୍‌ର ଟ୍ରେନି ଆଇଏଏସ୍ ଏବଂ ୨୦୧୮ ବ୍ୟାଚ୍‌ର ଆଇଏଫ୍‌ଏସ୍ ଅଫିସର ଯୋଗଦେଇଥିଲେ। ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ ଜେଠୱା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସମସ୍ତ ବିଭାଗରେ କିପରି ପାରଦର୍ଶିତା ରକ୍ଷା କରିହେବ ଏବଂ ଦୁର୍ନୀତି ରୋକାଯାଇପାରିବ ସେନେଇ ଅଫିସରମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଫିସରମାନଙ୍କ କାର୍ଯ୍ୟଦକ୍ଷତାକୁ ବଢ଼ାଇବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଡିଜିପି ଏ.କେ. ପଟ୍ଟନାୟକଙ୍କ ସମେତ ବରିଷ୍ଠ ଅଧିକାରୀ ଏମ୍. ଅକ୍ଷୟ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ସମୁଦ୍ରକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ପୁରୀ ଅଫିସ,୧୦।୫:** ପୁରୀ ସମୁଦ୍ରକୁ ଡେଇଁ ଜଣେ ମହିଳା ମଙ୍ଗଳବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ହେଲେ ସେଠାରେ ଲାଇଫଗାର୍ଡ଼ମାନେ ଏହା ଦେଖି ତାଙ୍କୁ ଉଦ୍ଧାର କରି ସମୁଦ୍ରକୂଳ ଥାନା ଜିମାରେ ଦେଇଛନ୍ତି। ସମ୍ପୃକ୍ତା ମହିଳା ହେଲେ ଭୁବନେଶ୍ୱର ଚକେଇଶିଆଣୀ ଶନି ମନ୍ଦିର ନିକଟରେ ରହୁଥିବା ଉର୍ମିଳା ରାଉତ। ପାରିବାରିକ କଳହକୁ କେନ୍ଦ୍ର କରି ସେ ଘର ଛାଡ଼ି ପୁରୀ ଚାଲି ଆସିଥିଲେ। ବାପଘରକୁ ଯିବାକୁ ସଂଶୟ କରି ସମୁଦ୍ରକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସଠାରୁ ସୂଚନା ପାଇ ତାଙ୍କ ଘର ଲୋକେ ଥାନାରେ ପହଞ୍ଚି ମହିଳାଙ୍କୁ ସାଙ୍ଗରେ ନେଇଥିଲେ। ତାଙ୍କ ଭାଇ ବୁଦ୍ଧନାଥ ସାହାଣୀଙ୍କ କହିବା ଅନୁଯାୟୀ, ଭଉଣୀଙ୍କ ପରିବାରରେ କଳହ ହେଉଥିଲା। ଏଥିଯୋଗୁ ମାନସିକ ଚିନ୍ତାରେ ପୁରୀକୁ ଚାଲିଆସିଥିଲେ। ଅନ୍ୟପକ୍ଷରେ ଆଇଆଇସି ଚିନ୍ମୟ ରାଉତ କହିଛନ୍ତି, ମହିଳାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କ ଜିମା ଦିଆଯାଇଛି।

### କୃଷି ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକୋତ୍ସବ

**ଭୁବନେଶ୍ୱର,୧୦।୫(ବ୍ୟୁରୋ):** କୃଷି ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକୋତ୍ସବ ମଙ୍ଗଳବାର ରବୀନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଡ. ଅରୁଣ ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଶାସନ ସଚିବ ଚିତ୍ତରଞ୍ଜନ ପାତ୍ର, କୃଷି ବିଭାଗ ସାଂସ୍କୃତିକ ପରିଷଦର ସଭାପତି ଜନାର୍ଦ୍ଦନ ପଣ୍ଡା, ପରିଷଦର ସାଧାରଣ ସମ୍ପାଦିକା ଶ୍ରୀମତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନାଟକ 'ସକାଳର ଅପେକ୍ଷାରେ' ମଞ୍ଚସ୍ଥ ହୋଇଛି। ଶତ୍ରୁତା କୌଣସି ସମସ୍ୟାର ସମାଧାନ ନୁହେଁ। ଶାନ୍ତି ସ୍ଥାପନ ପାଇଁ ସର୍ବଦା ପ୍ରୟାସ କରିବା ଉଚିତ୍। ଶତ୍ରୁତା ଥିବା ଦୁଇଟି ପରିବାର ନିଜ ନିଜ ମଧ୍ୟରେ ଶାନ୍ତି ସ୍ଥାପନ ପାଇଁ ଗୋଟିଏ ପରିବାରର ପୁଅ ଆଉ ଗୋଟିଏ ପରିବାରର ଝିଅ ସହ ବିବାହ ପାଇଁ ଯୋଜନା କରିଛନ୍ତି। ଏହା ମଧ୍ୟରେ ଝିଅଟିକୁ ଜଣେ ବ୍ୟକ୍ତି ଅପହରଣ କରିନେଇଛନ୍ତି। ଝିଅଟିର ପରିବାର ନିଜ ଝିଅ ବଦଳରେ ବୋହୂକୁ ଅନ୍ୟ ପରିବାରର ପୁଅ ସହ ବିବାହ ଦେଇଛନ୍ତି। ଏଭଳି ସ୍ଥିତିରେ କିଭଳି ରହସ୍ୟରୁ ପରଦା ଉଠିଛି ଓ ଦୁଇ ପରିବାର ମଧ୍ୟରେ କିଭଳି ଶାନ୍ତି ସ୍ଥାପନ ହୋଇଛି ତାହାକୁ ନେଇ କାହାଣୀ ଗତିଶୀଳ ହୋଇଥିଲା। ଗୋବିନ୍ଦ ମହାପାତ୍ର ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ।

# ଥଇଥାନ ନେଇ ହୋଇପାରୁନି ଆଲୋଚନା

**ଝାରପଡ଼ା ଗଣେଶ ମଣ୍ଡପ ହାଟ ଉଚ୍ଛେଦ ଘଟଣା**

- ଜାଗା ନାହିଁ କହି ନିରାଶ କଲେ ମେୟର
- ତାରିଖ ଦେଇ ଟାଳୁଛନ୍ତି ବିଏମ୍‌ସି କମିଶନର
- ରୋଜଗାର ହରାଇ ଚିନ୍ତାରେ ବ୍ୟବସାୟୀ

**ଭୁବନେଶ୍ୱର, ୧୦।୫(ବ୍ୟୁରୋ)**

ଝାରପଡ଼ାସ୍ଥିତ ଗଣେଶ ମଣ୍ଡପ ହାଟ ଉଚ୍ଛେଦକୁ ମାସେ ପୂରିଗଲାଣି। ମାତ୍ର ଏଠାରେ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଉଥିବା ବ୍ୟବସାୟୀ ଏବେ ବି ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ରୋଜଗାରର ମାଧ୍ୟମ ମାଟିରେ ମିଶିଯିବା ପରେ ୪୩୧ ପରିବାର ଅଭାବ ଅନଟନରେ ଦିନ ବିତାଉଛନ୍ତି। ସମ୍ପୃକ୍ତ ସ୍ଥାନରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ବିଏମ୍‌ସି, ବିଡିଏ ଏବଂ ଜିଏ ବିଭାଗ ପକ୍ଷରୁ ଏପ୍ରିଲ ୮ତାରିଖରେ ହାଟ ଉଚ୍ଛେଦ କରାଯାଇଥିଲା। ଭୋର ୪ଟାରୁ ଉଚ୍ଛେଦ କରାଯାଇଥିବାରୁ ଅଧିକାଂଶ ବ୍ୟବସାୟୀ ଦୋକାନରୁ ଜିନିଷପତ୍ର ବାହାର କରିବାର ସୁଯୋଗ ପାଇ ନ ଥିଲେ। ଫଳରେ ସେମାନଙ୍କର ବ୍ୟାପକ କ୍ଷତି ହୋଇଥିଲା। ତେଣୁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ସରିବା ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ଥଇଥାନ ଏବଂ କ୍ଷତିପୂରଣ ଦେବାକୁ ବ୍ୟବସାୟୀ ସଂଘ ପକ୍ଷରୁ ଦାବି କରାଯାଇଥିଲା। କମ୍ପ୍ଲେକ୍ସ ନିର୍ମାଣ ସରିବା ପରେ ଉଚ୍ଛେଦ ହୋଇଥିବା ବ୍ୟବସାୟୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଦୋକାନ ଘର ଯୋଗାଇ ଦିଆଯିବ ବୋଲି ବିଏମ୍‌ସି ପ୍ରତିଶ୍ରୁତି ଦେଇଛି। ଅପରପକ୍ଷେ ଅସ୍ଥାୟୀ ଭାବେ ଥଇଥାନ ପାଇଁ ସମ୍ପୃକ୍ତ ଅଞ୍ଚଳ ନିକଟରେ ୨ଟି ସ୍ଥାନ ଚିହ୍ନଟ କରାଯାଇଥିଲା। ୨ବର୍ଷ ପର୍ଯ୍ୟନ୍ତ ବ୍ୟବସାୟୀମାନେ ସେଠାରେ ବେପାର କରିପାରିବେ ବୋଲି ବିଡିଏ ପକ୍ଷରୁ କୁହାଯାଇଥିଲା। ମାତ୍ର ୧ମାସ ପୂରଣ ହୋଇସାରିଥିବାବେଳେ ସେମାନଙ୍କ ଥଇଥାନ ଲାଗି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ବ୍ୟବସାୟ ଲାଗି ଅସ୍ଥାୟୀ ଭାବେ ଜାଗା ଚିହ୍ନଟ ସହ କ୍ଷତିପୂରଣ ନେଇ ବିଏମ୍‌ସି କମିଶନରଙ୍କ ସହିତ ଆଲୋଚନା କରିବା ପାଇଁ ସ୍ଥାନୀୟ କର୍ପୋରେଟର ଏବଂ ବ୍ୟବସାୟୀ ଚେଷ୍ଟା କରି ବିଫଳ ହୋଇଛନ୍ତି। ଏପ୍ରିଲ ୧୧ରେ ଭୁବନେଶ୍ୱର ଜିଲା ଭାଜପା କର୍ମକର୍ତ୍ତା ବିଡିଏ ଅଧିକାରୀଙ୍କୁ ଭେଟିଥିଲେ। କମିଶନର ନ ଥିବାରୁ ସେ ଆସିବା ପରେ ହିଁ କୌଣସି ନିଷ୍କର୍ଷ ବାହାରିବ ବୋଲି ଅଧିକାରୀ କହିଥିଲେ। ଏଥିପାଇଁ ୭ଦିନ ସମୟ ଦିଆଯାଇଥିଲା। ପରେ ମେ ୭ରେ ଆଲୋଚନା ପାଇଁ ସ୍ଥିର ହୋଇଥିଲା। ମାତ୍ର ପୁଣି ୯ ତାରିଖକୁ ଆଲୋଚନା ଘୁଞ୍ଚାଇ ଦିଆଗଲା। ସୋମବାର କମିଶନର ଆଲୋଚନା ନ କରି ମଙ୍ଗଳବାରକୁ ସମୟ ଦେଇଥିବାବେଳେ ତାହା ମଧ୍ୟ ସଫଳ ହୋଇପାରି ନାହିଁ। ଗୋଟିଏ ପଟେ ଶତାଧିକ ବ୍ୟବସାୟୀ ରୋଜଗାର ହରାଇ ଚିନ୍ତାରେ ଦିନ କାଟୁଥିବାବେଳେ କର୍ତ୍ତୃପକ୍ଷଙ୍କ ଏଭଳି ମନୋଭାବ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଏଠାରେ ବ୍ୟବସାୟ କରୁଥିବା ଡୋଲନ୍ ପାଲ କହିଛନ୍ତି, ହାଟରେ ଦୋକାନ କରି ପରିବାର ପୋଷୁଥିଲି। ଉଚ୍ଛେଦ ପରେ ଘର ଚଳାଇବା କଷ୍ଟକର ହୋଇ ପଡ଼ିଲାଣି। ସଞ୍ଚୟ ଅର୍ଥ ସରିଗଲାଣି। ରୋଜଗାର ନ ଥିବାରୁ ଘରଭଡ଼ା ଦେବା ଠାରୁ ଆରମ୍ଭ କରି ଖାଇବାପିଇବା ପର୍ଯ୍ୟନ୍ତ ସବୁ କିଛି କେମିତି କରିବି ସେ ଚିନ୍ତାରେ ଅଛି। ପ୍ରଶାସନ ଆମ ଉପରେ ଜୁଲମ କରିଛି। କେବଳ ମିଥ୍ୟା ପ୍ରତିଶ୍ରୁତି ଛଡ଼ା ଆଉ କିଛି ମିଳୁନାହିଁ।

ସେହିପରି ସ୍ଥାନୀୟ କର୍ପୋରେଟର ଧରିତ୍ରୀ ଜେନା କହିଛନ୍ତି, କମିଶନର ବାରମ୍ବାର ତାରିଖ ଦେଉଥିଲେ ବି ଆଲୋଚନା କରୁନାହାନ୍ତି। ସ୍ଥାୟୀ ଭାବେ ଥଇଥାନ ନ ହେବା ପର୍ଯ୍ୟନ୍ତ ସେମାନଙ୍କୁ ବ୍ୟବସାୟ କରିବା ପାଇଁ ଏକ ସ୍ଥାନ ଦିଆଯାଉ। ମାସେ ହେବ ସେମାନେ ବେରୋଜଗାର ହୋଇଯାଇଛନ୍ତି। ପ୍ରତିଦିନ ସେମାନେ ମୋ' ଘର ଆଗରେ ଆସି ବସିରହୁଛନ୍ତି। ମେୟର ପ୍ରତିଶ୍ରୁତି ଦେଇ ବି କୌଣସି ପଦକ୍ଷେପ ନେଲେ ନାହିଁ। ଅସ୍ଥାୟୀ ଭାବେ ହାଟ କରିବା ପାଇଁ ଚିହ୍ନଟ ହୋଇଥିବା ଜାଗା ମଧ୍ୟ ଦିଆଯାଉନାହିଁ। ବିଏମ୍‌ସିର ଯେଉଁଠି ସବୁ ଜାଗା ଅଛି ସେଠାରେ ବ୍ୟବସାୟୀ ବସିଯାଆନ୍ତୁ ବୋଲି କହି ମେୟର ହାତ ଟେକି ଦେଇଛନ୍ତି। ଅନ୍ୟପକ୍ଷରେ ମେୟର ସୁଲୋଚନା ଦାସ କହିଛନ୍ତି, ବର୍ତ୍ତମାନ ଆମେ କିଛି କରିପାରିବୁନି। ସେମାନେ ଯେଉଁଠି ପାରିବେ ବସିପାରିବେ। ମାର୍କେଟ କାମ ସରିବା ପରେ ସେମାନଙ୍କୁ ଥଇଥାନ କରାଯିବ। ଏନେଇ କାମ ଆରମ୍ଭ ହୋଇଯାଇଛି। ବିଡିଏ ଜରିଆରେ ଚିହ୍ନଟ ହୋଇଥିବା ଦୁଇଟି ଯାକ ଜାଗା ଜିଏ ବିଭାଗର, ଯାହାକି ସେମାନେ ଦେବା ପାଇଁ ରାଜି ହେଉନାହାନ୍ତି। ତେଣୁ ଏବେ ବିଏମ୍‌ସି ପାଖରେ ଆଉ ଜାଗା ନାହିଁ।



ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ କମିଶନରେଟ ପୋଲିସର ଭୁବନେଶ୍ୱର ୟୁନିଟ୍‌କୁ ୨୪ଟି ଟ୍ରାଫିକ ବ୍ୟାରିକେଡ୍ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଉଭୟ ସଂସ୍ଥାର କର୍ତ୍ତୃପକ୍ଷ ଉପସ୍ଥିତ ଅଛନ୍ତି।

## ତୁମ୍ବ ନିର୍ମାଣ କାର୍ଯ୍ୟ ସରିଲା

**ପୁରୀ ଅଫିସ,୧୦।୫**

ସପ୍ତମ ଦିନରେ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ସକାଳ ୮ଟାରେ ରଥଖଳାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତୁମ୍ବରେ ସୂତା ବାଡ଼ିଆ କାର୍ଯ୍ୟ ଓ ତୁମ୍ବଗୁଡ଼ିକର ବିନ୍ଧ କାର୍ଯ୍ୟ କରାଯାଇଥିଲା। ସମସ୍ତ ରଥର ତୁମ୍ବ ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ଦେବଦଳନ ରଥର ଶେଷ ତୁମ୍ବର ପ୍ରାଥମିକ ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ସୂତା ବାଡ଼ିଆ ପରେ ବିନ୍ଧ କାର୍ଯ୍ୟ ଆରମ୍ଭ ହେବ। ତାଳଧ୍ୱଜର ମୋଟ ୧୪ଟି ତୁମ୍ବ ମଧ୍ୟରୁ ୩ଟି ତୁମ୍ବର ବିନ୍ଧ କାର୍ଯ୍ୟ ସରିଛି। ଅବଶିଷ୍ଟ ତୁମ୍ବର ବିନ୍ଧ କାର୍ଯ୍ୟ ଚାଲିଛି। ଦେବଦଳନ ରଥର ମୋଟ ୧୨ଟି ତୁମ୍ବ ମଧ୍ୟରୁ ୧୦ଟିର ବିନ୍ଧ କାର୍ଯ୍ୟ ସରିଛି। ନନ୍ଦିଘୋଷ ରଥର ୧୬ଟି ତୁମ୍ବର ବିନ୍ଧ କାର୍ଯ୍ୟ ଜାରି ରହିଛି। ଅନ୍ୟପକ୍ଷରେ ଦୋଳଦେବୀସ୍ଥିତ ଅସ୍ଥାୟୀ କମାରଶାଳରେ ୬ଟି ଚକ ପାଇଁ ଅରକଣ୍ଟା ନିର୍ମାଣ ହୋଇଥିଲା। ମଙ୍ଗଳବାର ମଧ୍ୟ ଅରକଣ୍ଟା ପ୍ରସ୍ତୁତି ଜାରି ରହିଥିଲା। ପ୍ରତ୍ୟେକ ରଥର ୧୬ଟି ଅର ସଂଯୋଗ ପାଇଁ ୩୨ଟି ଅରକଣ୍ଟା ଆବଶ୍ୟକ ପଡ଼ିଥାଏ। ଏଥିସହ କମାର ଶାଳରେ ବଳା ପନ୍ଦାରୀ ନିର୍ମାଣ ପାଇଁ ନେହି-ପାରେଣି ନିର୍ମାଣ କରାଯାଇଛି। ବୁଧବାରଠାରୁ ପନ୍ଦାରୀ କାର୍ଯ୍ୟ ଆରମ୍ଭ ହେବ। ରଥ ନିର୍ମାଣ କାର୍ଯ୍ୟରେ ମଙ୍ଗଳବାର ସମୁଦାୟ ୧୨୦ଜଣ ସେବକ ନିୟୋଜିତ ଥିଲେ। ତିନି ରଥର ମହାରଣା ୬୩ଜଣ, ଭୋଇ ସେବକ ୩୭ଜଣ, କରତି ସେବକ ୪ଜଣ, ଜଣେ ତୁମ୍ବ ବିନ୍ଧ କାରିଗର, ପାହି ମହାରଣା ୨ଜଣ, କମାର ସେବକ ୧୨ ଜଣ ଓ ରଥଖଳା ସହାୟକ ଭାବେ ଜଣେ କାର୍ଯ୍ୟରତ ଥିଲେ।

## ୧.୧୫ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

**ବେପାରୀ ଗିରଫ: ୩.୫୧ ଲକ୍ଷ ଟଙ୍କା, ବାଇକ୍ ଜବତ**

**ଖୋର୍ଦ୍ଧା ଅଫିସ,୧୦।୫**

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ବଢ଼ିଚାଲିଛି। ଖୋର୍ଦ୍ଧା ଟାଉନ ପୋଲିସ ମଙ୍ଗଳବାର ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଭାଲିଆବାଡ଼ି ହାତିଆସୁନି ସାହିର ରାଜା ଓରଫ ରାଜେଶ ପଟ୍ଟନାୟକ। ତାଙ୍କଠାରୁ ୨୦.୧୫ ଗ୍ରାମ୍ ବ୍ରାଉନ୍‌ସୁଗାର, ୩ ଲକ୍ଷ ୫୧ ହଜାର ୨୨୦ ଟଙ୍କା ଏବଂ ଏକ ବାଇକ(ନଂ. ଓଡି୦୨-ବିଭି-୫୯୯୪) ଜବତ ହୋଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୧ଲକ୍ଷ ୧୫ ହଜାର ଟଙ୍କା ହେବ। ସୂଚନା ମୁତାବକ, ମଙ୍ଗଳବାର ସକାଳ ୮ଟା ୩୦ରେ ରାଜା ଭାଲିଆବାଡ଼ିରେ ବ୍ରାଉନ୍‌ସୁଗାର ବେପାର କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏସ୍‌ପି ସିଦ୍ଧାର୍ଥ କଟରିଆଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ସୁଶୀଲ ମିଶ୍ର ଓ ଟାଉନ ଥାନାଧିକାରୀ ତଥା ଡିଏସ୍‌ପି ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରାହକ ବେଶରେ ଚଢ଼ାଉ କରି ରାଜାଙ୍କୁ କାବୁ କରିଥିଲା। ଏ ସମ୍ପର୍କରେ ପୋଲିସ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୨୨୦/୨୨) ରୁଜୁକରି ଅଧିକ ତଦନ୍ତ ଚଳାଇଛି।

## କମୁନି ଅପହରଣ ମାମଲା: ଫେବୃୟାରୀରେ ୨୮, ଏପ୍ରିଲରେ ୪୨

**ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା**

**ଭୁବନେଶ୍ୱର, ୧୦।୫(ବ୍ୟୁରୋ)**

କମିଶନରେଟ ପୋଲିସର ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା (ୟୁପିଡି)ର ବିଭିନ୍ନ ଥାନା ଅଞ୍ଚଳରେ ଆପରାଧିକ ମାମଲା ବଢ଼ିବାରେ ଲାଗିଛି। ହତ୍ୟା, ଲୁଟ, ଛିନ୍ତାଇ ଘଟଣା ଭଳି ଅପହରଣ ମାମଲା ବୃଦ୍ଧି ପାଇବାରେ ଲାଗିଛି। ଗତ ଫେବୃୟାରୀରେ ୨୮ଟି ଅପହରଣ ମାମଲା ରୁଜୁ ହୋଇଥିବାବେଳେ ଏପ୍ରିଲରେ ତାହା ୪୨ରେ ପହଞ୍ଚିଛି। ଯାହାକି ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି। ଅପରପକ୍ଷରେ ଗତ ମାସରେ ପୂର୍ବରୁ ରୁଜୁ ହୋଇଥିବା ୪୪ ଅପହରଣ ମାମଲାର ତଦନ୍ତ ଶେଷ କରାଯାଇଥିବା ଡିସିପି ଅଫିସ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି।

ରିପୋର୍ଟ ଅନୁଯାୟୀ, ଖଣ୍ଡଗିରି ଥାନାରେ ସର୍ବାଧିକ ୭ ଅପହରଣ ମାମଲା ହୋଇଥିବାବେଳେ ଭରତପୁର ଓ ନୟାପଲ୍ଲୀ ଥାନାରେ ୫ଟି ଲେଖାଏ ଏବଂ ଖାରବେଳନଗର, ଚନ୍ଦକା, ଇନ୍‌ଫୋସିଟି, ଲକ୍ଷ୍ମୀସାଗର ଓ ଲିଙ୍ଗରାଜ ଥାନାରେ ଗୋଟିଏ ଲେଖାଏ ମାମଲା ରୁଜୁ କରାଯାଇଛି। ଅପରପକ୍ଷରେ ଖଣ୍ଡଗିରି ଥାନାରେ ସର୍ବାଧିକ ୯ଟି ଅପହରଣ ମାମଲାର ତଦନ୍ତ ଶେଷ କରାଯାଇଥିବାବେଳେ ଶହୀଦନଗର, ଜଟଣୀ ଓ ବାଲିଅନ୍ତା ଥାନାରେ ୪ଟି ଲେଖାଏ ମାମଲାର ତଦନ୍ତ ଶେଷ ହୋଇଛି। ଏଥିସହ ଏପ୍ରିଲରେ ଅପହୃତ ଓ ନିଖୋଜ ଥିବା ୪୨ଜଣ ନାବାଳିକାନାବାଳକଙ୍କ ମଧ୍ୟରୁ ୧୨ ଜଣଙ୍କୁ ଏହି ମାସରେ ଉଦ୍ଧାର କରାଯାଇଛି। ଅପରପକ୍ଷେ ଗତ ବର୍ଷ ମେ ମାସରୁ ଚଳିତ ବର୍ଷ ଏପ୍ରିଲ ମଧ୍ୟରେ କିଡ୍‌ନାପିଂ ଓ ମ୍ୟାନ ମିସିଂ ସେଲ୍ ଓ ଥାନାର ତଦନ୍ତକାରୀ ଅଫିସରଙ୍କ ମିଳିତ ଉଦ୍ୟମରେ ୩୯୪ ମାମଲାରେ ନିଖୋଜ ଥିବା ୪୦୭ ନାବାଳିକାନାବାଳକଙ୍କୁ ଉଦ୍ଧାର କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ନାବାଳିକାନାବାଳକ ସ୍ୱଇଚ୍ଛାରେ ପାରିବାରିକ ଗଣ୍ଡଗୋଳ କିମ୍ବା ପ୍ରେମ ସମ୍ପର୍କ ଥାଇ ଘରୁ ଚାଲିଗଲେ ମଧ୍ୟ ଆଇନ ଅନୁଯାୟୀ ଅପହରଣ ମାମଲା ରୁଜୁ କରାଯିବାର ବ୍ୟବସ୍ଥା ରହିଛି।

## 'ମହାନାୟକ ଔର ଅନ୍ୟ କବିତାଏଁ' ପୁସ୍ତକ ଉନ୍ମୋଚିତ


ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଅନ୍ୟମାନେ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୧୦।୫(ବ୍ୟୁରୋ)**

କବିଙ୍କ ରାଜ୍ୟ ଓଡ଼ିଶା। ଓଡ଼ିଆ ସାହିତ୍ୟର ପ୍ରଶଂସା କରିବା ସହ ଓଡ଼ିଶାରେ ସେ ଯାହାଙ୍କୁ ଭେଟୁଛନ୍ତି ସମସ୍ତେ ଜଣେ ଜଣେ କବି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ମଙ୍ଗଳବାର ରାଜଭବନରେ ଡ. ଉର୍ମିମାଳା ଆଚାର୍ଯ୍ୟଙ୍କ ଅନୁଦିତ କବିତା ସଂକଳନ 'ମହାନାୟକ ଔର ଅନ୍ୟ କବିତାଏଁ'କୁ ରାଜ୍ୟପାଳ ଉନ୍ମୋଚନ କରି ଏଭଳି ମତ ଦେଇଛନ୍ତି। ସେ କହିଛନ୍ତି, ଅନୁଦିତ କବିତା ପୁସ୍ତକ ମାଧ୍ୟମରେ ଓଡ଼ିଶାର ଉଚ୍ଚମାନର କବିତାକୁ ରାଜ୍ୟ ବାହାରର ପାଠକ ପଢ଼ିବାର ସୁଯୋଗ ପାଇବେ। ଏହି ପୁସ୍ତକ ଓଡ଼ିଆରୁ ହିନ୍ଦୀ ଭାଷାରେ ଅନୁଦିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଲେଖିକା ଡ. ଆଚାର୍ଯ୍ୟଙ୍କ ସମେତ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପ୍ରଫେସର ଅଜୟ କୁମାର ପଟ୍ଟନାୟକ, ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ କବି ରକ୍ଷକ ନାୟକ, ପୁସ୍ତକର ପ୍ରକାଶକ ତଥା ତାଳପଦେଶ୍ୱରୀ ସାହିତ୍ୟ ଆସର ସଭାପତି ଡ. ଅମୂଲ୍ୟ କୁମାର ଦାଶ ଏବଂ ସାହିତ୍ୟିକ ଶତ୍ରୁଜିତ୍ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଉନ୍ମୋଚିତ ପୁସ୍ତକରେ ୪୯ଟି ଓଡ଼ିଆ କବିତାର ହିନ୍ଦୀ ଅନୁବାଦ ସଙ୍କଳିତ ହୋଇଛି। ଏଥିରେ କବି ସଚ୍ଚି ରାଉତରାୟ, ଜୟନ୍ତ ମହାପାତ୍ର, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ରାଜେନ୍ଦ୍ର ପଣ୍ଡାଙ୍କଠାରୁ ଆରମ୍ଭ କରି ସୂର୍ଯ୍ୟ ମିଶ୍ର, ରକ୍ଷକ ନାୟକ, ରବି ଶତପଥୀ, ସରୋଜ ବଳଙ୍କ ପର୍ଯ୍ୟନ୍ତ ଚାରି ପିଢ଼ିର କବିଙ୍କ କବିତା ରହିଛି।

## ମହିଳାଙ୍କ ବେକରୁ ଝାମ୍ପି ନେଲେ ସୁନାଚେନ

**ଭୁବନେଶ୍ୱର,୧୦।୫ (ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ ଅସହ୍ୟ ହେଲାଣି ଲୁଟେରାଙ୍କ ଆତଙ୍କରାଜ। ମହିଳାଙ୍କୁ ଟାର୍ଗେଟ କରି ଗୋଟିଏ ପରେ ଗୋଟିଏ ଲୁଟ କରିଚାଲିଛନ୍ତି। ମଙ୍ଗଳବାର ଜଣେ ମହିଳା ଗାଡ଼ିରେ ତେଲ ପକାଇବାକୁ ଆସିଥିବା ପେଟ୍ରୋଲ ପମ୍ପ ନିକଟରୁ ୨ଜଣ ଦୁର୍ବୃତ୍ତ କଳାପଲସର ଆସି ତାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଛନ୍ତି । ଭରତପୁର ଥାନା ଅଧିନ ଘାଟିକିଆ ଅଞ୍ଚଳର ଏଭଳି ଘଟଣା ଘଟିଥିବାବେଳେ ସିସିଟିଭିରେ କଏଦ ହୋଇଛି ଚୋରି ବେଳର ଦୃଶ୍ୟ। ଏନେଇ ଲୁଟର ଶିକାର ହୋଇଥିବା ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଆରମ୍ଭ କରିଛି।

## ଘରେ ପଶି ଚୋରି ଘଟଣାରେ ୨ ଗିରଫ

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

ଘରେ ପଶି ଚୋରି କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ନୟାପଲ୍ଲୀ ଥାନା ୟୁନିଟ-୮ରେ ରହୁଥିବା ପପୁ ଓରଫ ପ୍ରକାଶ କୁମାର ପାଟ୍ଟଯୋଶୀ (୩୦) ଓ ଚନ୍ଦନ ନାୟକ (୩୫)। ତାଙ୍କଠାରୁ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି। ଗତ ଏପ୍ରିଲ ୧୪ ରେ ନୟାପଲ୍ଲୀ ଅଞ୍ଚଳରେ ଜଣେ ମହିଳା ଶୋଇଥିବାବେଳେ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ଗୋଟିଏ ସୁନା ହାର, ୨ମୋବାଇଲ ଫୋନ୍ ଓ ଗୋଟିଏ ଗ୍ୟାସ୍ ସିଲିଣ୍ଡର ଚୋରି କରିନେଇଥିବା ଅଭିଯୋଗ ହୋଇଥିଲା।

## ମହିଳା ସରପଞ୍ଚଙ୍କୁ ଦୁର୍ବ୍ୟବହାର, ପୋଲିସ ନୀରବଦ୍ରଷ୍ଟା

**ବାଲକାଟୀ,୧୦।୫(ଡି.ଏନ୍.ଏ.)**

ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଅଭିଯୋଗ କରିବାକୁ ଆସିଥିବା ମହିଳା ସରପଞ୍ଚଙ୍କୁ ସୋମବାର ଦୁର୍ବ୍ୟବହାର କରାଯାଇଥିବା ବାଲିଅନ୍ତା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ପଦକ୍ଷେପ ନ ନେଇ ନୀରବଦ୍ରଷ୍ଟା ସାଜିଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ସୂଚନା ମୁତାବକ, ସୋମବାର ବାଲିଅନ୍ତା ବ୍ଲକରେ ଖୋର୍ଦ୍ଧା ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଥିଲା। ଉମାଦେଇବ୍ରହ୍ମପୁର ସରପଞ୍ଚ ରମାଲତା ନାୟକ ନିଜର କେତେକ ସମର୍ଥକଙ୍କୁ ନେଇ ଯାଇଥିଲେ। କାର୍ଯ୍ୟକ୍ରମରେ ଟଙ୍କପାଣି ବାଲିଘାଟ ନିଲାମକୁ ବିରୋଧ କରିବା ସହ ବାଲି ଉଠାଣ ବନ୍ଦ ପାଇଁ ଜିଲାପାଳଙ୍କୁ ଆବେଦନ କରିଥିଲେ। ଏହାପରେ ରମାଲତା ଏବଂ ତାଙ୍କ ସମର୍ଥକ ପ୍ରକୋଷ୍ଠରୁ ଯିବାକୁ ବାହାରିଥିଲେ। ବାଲି ନିଲାମଧାରୀଙ୍କ କେତେକ ସମ୍ପର୍କୀୟ ଉପସ୍ଥିତ ରହି ରମାଲତା ଏବଂ ତାଙ୍କ ସମର୍ଥକ ଦିଲୀପ ମାର୍ଥାଙ୍କୁ ଠେଲାପେଲା କରିବା ସହ ଗାଳିଗୁଲଜ କରିଥିଲେ। ଉକ୍ତ ଘଟଣା ସମୟରେ ସରପଞ୍ଚ ରମାଲତା ଜିଲାପାଳଙ୍କୁ ଅବଗତ କରିବା ସହ ବାଲିଅନ୍ତା ଥାନାରେ ଏତଲା ଦେଇଥିଲେ। ୧୭୬/୨୨ରେ ମାମଲା ରୁଜୁ କରିଥିବା ଥାନାଧିକାରୀ ଯୁବରାଜ ସ୍ୱାଇଁ ସୂଚନା ଦେଇଛନ୍ତି। ଘଟଣାରେ ଦୁର୍ବ୍ୟବହାରକାରୀ ପ୍ରଭାବଶାଳୀ ହୋଇଥିବାରୁ ରାଜନୈତିକ ଚାପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ବୁଦ୍ଧିଜୀବୀମାନେ ଆଲୋଚନା କରୁଛନ୍ତି।



ବିଶ୍ୱ ଲୁପସ୍ ଡେ' ପାଳନ ଅବସରରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଆଇଏମ୍‌ଏସ୍ ଏବଂ ସମ୍ ହସ୍ପିଟାଲ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍‌ଠାରୁ ରାମ ମନ୍ଦିର ଅଭିମୁଖେ ବାହାରିଥିବା ସଚେତନତା ଶୋଭାଯାତ୍ରା।

## ଝାଁଳା ବଜାର ୬ ଘଣ୍ଟା ବନ୍ଦ

**ବ୍ୟବସାୟୀଙ୍କୁ ଆକ୍ରମଣ ଘଟଣା**

- ୭ ଦିନ ପରେ ବି ନିଆଯାଉନି ପଦକ୍ଷେପ
- ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଫାଣ୍ଡି ଅଧିକାରୀଙ୍କୁ ଦାବିପତ୍ର

**ଝାଁଳା,୧୦।୫(ଡି.ଏନ୍.ଏ.)**

ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଝାଁଳା ବଜାରର ଜଣେ ଦୋକାନୀଙ୍କୁ ଆକ୍ରମଣ ଘଟଣାରେ ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସ୍ଥାନୀୟ ବ୍ୟବସାୟୀ ସଂଘ ପକ୍ଷରୁ ୬ ଘଣ୍ଟିଆ ବଜାର ବନ୍ଦ କରାଯାଇଥିଲା। ଏଥିସହ ଝାଁଳା ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନା ମୁତାବକ, ଝାଁଳା ବଜାରରେ ଜ୍ଞାନେଶ ମାନସିଂଙ୍କ ଏକ ହାର୍ଡୱେର ଦୋକାନ ରହିଛି। ଗତ ୨ ତାରିଖରେ ଜ୍ଞାନେଶ ଦୋକାନ ଆଗରେ ଛିଡ଼ା ହୋଇଥିବା ବେଳେ କୌଣସି କାରଣକୁ ନେଇ ଉତ୍ତରମୁଣ୍ଡ ମୁହାଣର ଜଣେ ଯୁବକଙ୍କ ସହ ବଚସା ହୋଇଥିଲା। ଏହା ପରଦିନ ଅର୍ଥାତ୍ ୩ ତାରିଖରେ ଉକ୍ତ ଯୁବକ ଜଣଙ୍କ ଆସି ଜ୍ଞାନେଶଙ୍କ ସହ ପାଟିତୁଣ୍ଡ କରିଥିଲେ। ପରେ ସେ ଉତ୍ତ୍ୟକ୍ତ ହୋଇ ନିକଟ ଦୋକାନରେ ଥିବା ଏକ ମାର୍ବୁଲ ଆଣି ଜ୍ଞାନେଶଙ୍କ ମୁଣ୍ଡକୁ ପିଟିଦେବାରୁ ମାନସିଂ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଜ୍ଞାନେଶ ଝାଁଳା ଫାଣ୍ଡିରେ ଅଭିଯୋଗ କରିବା ସହ ବଜାର କମିଟିକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ତେବେ ଘଟଣାକୁ ୭ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ଝାଁଳା ବ୍ୟବସାୟୀ ସଂଘ ପକ୍ଷରୁ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବଜାର ବନ୍ଦ କରାଯାଇଥିଲା। ଅଭିଯୁକ୍ତ ବଜାରରେ ବୁଲୁଥିବା ବେଳେ ପୋଲିସ ଧରୁନାହିଁ ବୋଲି ବ୍ୟବସାୟୀମାନେ କହିଛନ୍ତି। ତୁରନ୍ତ ଅଭିଯୁକ୍ତଙ୍କ ଗିରଫ ଦାବିରେ ସମସ୍ତ ବ୍ୟବସାୟୀ ଫାଣ୍ଡି ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଫାଣ୍ଡି ଅଧିକାରୀ ନାୟକ କହିଛନ୍ତି।


ଝାଁଳା ଫାଣ୍ଡି ଅଧିକାରୀଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବ୍ୟବସାୟୀମାନେ।

## ଲକ୍ଷେ ନେଇ ଭିଜିଲାନ୍ସ ଜାଲରେ ଫରେଷ୍ଟର

ବଲାଙ୍ଗୀର ଅଫିସ,୧୦।୫: ମଙ୍ଗଳବାର ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଫରେଷ୍ଟ ଡିଭିଜନର ସିନ୍ଧେକେଲା ଫରେଷ୍ଟର ହରିହର ସ୍ୱାଇଁ ଜଣେ ଶ୍ରମିକଙ୍କଠାରୁ ୧ ଲକ୍ଷ ୩୦୦ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ବନ ବିଭାଗର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କଠାରୁ ଫରେଷ୍ଟର ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ସମ୍ପର୍କରେ ଜଣେ ଶ୍ରମିକ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଟିମ୍ ସିନ୍ଧେକେଲା ବିଟ୍ ସେକ୍ସନ ଅଫିସ୍‌ରେ ସମ୍ପୃକ୍ତ ଶ୍ରମିକଙ୍କଠାରୁ ଫରେଷ୍ଟର ସ୍ୱାଇଁ ଲାଞ୍ଚ ନେଉଥିବାବେଳେ ତାଙ୍କୁ କାବୁ କରି ୧ ଲକ୍ଷ ୩୦୦ ଟଙ୍କା ଜବତ କରିଥିଲା। ସମ୍ପୃକ୍ତ ଅଫିସ୍, ଠିକାଦାର ପଡ଼ାରେ ଥିବା ଭଡ଼ାଘର ଓ ଟିମିନିଭାଟିରେ ନିର୍ମାଣାଧୀନ ଘରୁ ଭିଜିଲାନ୍ସ ଟିମ୍ ୧ ଲକ୍ଷ ୭୨ ହଜାର ଟଙ୍କା ଜବତ କରିଥିଲା। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ସଂକ୍ଷେପରେ

### ପେନ୍‌ସନ ପାଇଁ ଆଉ ସମସ୍ୟା ହେବନି: ମନ୍ତ୍ରୀ

ଭୁବନେଶ୍ୱର, ୧୦।୫ (ବ୍ୟୁରୋ) ରାଜ୍ୟରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ପ୍ରାୟ ୪୮ ଲକ୍ଷ ୫୦ହଜାର ହିତାଧିକାରୀ ଅଛନ୍ତି। ସେମାନଙ୍କ ମଧ୍ୟରେ ବିଭିନ୍ନ ବର୍ଗର ହିତାଧିକାରୀ ଥିବାବେଳେ ୪ରୁ ୫ଲକ୍ଷ ଦିବ୍ୟାଙ୍ଗ ରହିଛନ୍ତି। ଠିକ୍ ସମୟରେ ପେନ୍‌ସନ ମିଳୁ ନ ଥିବା ନେଇ ଅନେକ ସମୟରେ ଅଭିଯୋଗ ଆସୁଛି। ତେଣୁ ଏହାର ସମାଧାନ କରିବା ତଥା ପେନ୍‌ସନ ଯୋଜନାକୁ ଅଧିକ ସରଳୀକରଣ କରିବା ପାଇଁ ଯୋଜନା ପ୍ରସ୍ତୁତ ହେଉଛି ବୋଲି ମଙ୍ଗଳବାର ଶହୀଦନଗରଠାରେ ସେନ୍‌ସୋରି ପାର୍କ ଉଦ୍‌ଘାଟନ ଅବସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ସରକାରଙ୍କ ପକ୍ଷରୁ ଏଥିପାଇଁ ଡିଷ୍ଟ୍ରିକ୍ଟ ସୋସିଆଲ ସିକ୍ୟୁରିଟି ଅଫିସରଙ୍କୁ ନିୟୋଜିତ କରାଯିବ। ଏମାନେ ବିଏମ୍‌ସି କାର୍ଯ୍ୟାଳୟରେ ପେନ୍‌ସନ କାର୍ଯ୍ୟ ତଦାରଖ କରିବେ। ଫଳରେ ହିତାଧିକାରୀଙ୍କୁ ଆଉ ସମସ୍ୟା ହେବ ନାହିଁ। ସେହିପରି ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ମୋଟୋରାଇଜ୍ ହ୍ୱିଲ ଚେୟାର ଓ ମୋଟୋରାଇଜ୍ ଟ୍ରାଇ ସାଇକେଲ୍‌କୁ ପ୍ରକଳ୍ପରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯାଇଛି।

### ଫସଲ ଋଣ, ଆନୁଷଙ୍ଗିକ କୃଷି କାର୍ଯ୍ୟ ପାଇଁ ପୁଞ୍ଜି ଲଗାଣ ସୀମା ନିର୍ଦ୍ଧାରଣ

ଭୁବନେଶ୍ୱର,୧୦।୫(ବ୍ୟୁରୋ): ଚଳିତ ବର୍ଷ ଖରିଫ ୨୦୨୨ ଏବଂ ରବି ୨୦୨୨-୨୩ ଋତୁ ପାଇଁ ବ୍ୟାଙ୍କଗୁଡ଼ିକ ଦ୍ୱାରା ଦିଆଯାଉଥିବା ଏକର ପିଛା ବିଭିନ୍ନ ଫସଲ ଋଣର ପରିମାଣ ଏବଂ ଆନୁଷଙ୍ଗିକ କୃଷି କାର୍ଯ୍ୟ ପାଇଁ ଚଳନ୍ତି ପୁଞ୍ଜି ଲଗାଣର ସର୍ବାଧିକ ସୀମା ନିର୍ଦ୍ଧାରଣ କରାଯାଇଛି। ରାଜ୍ୟସ୍ତରୀୟ ବୈଷୟିକ କମିଟି ଦ୍ୱାରା ସ୍ଥିର କରାଯାଇଥିବା ଋଣର ସୀମା ନିର୍ଦ୍ଧାରଣକୁ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅନୁମୋଦନକ୍ରମେ ସମବାୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କୃଷି ଉତ୍ପାଦନ କମିଶନରଙ୍କ ଅଧ୍ୟକ୍ଷତାରେ ଗଠିତ ରାଜ୍ୟସ୍ତରୀୟ ବୈଷୟିକ କମିଟିର ସୁପାରିସ ଅନୁଯାୟୀ ୩୦ ଜିଲା ପାଇଁ ୨୪ଗୋଟି ଫସଲର ଏକର ପିଛା ଭିନ୍ନଭିନ୍ନ ସର୍ବାଧିକ ଋଣ ପରିମାଣ ଏବଂ ଆନୁଷଙ୍ଗିକ କୃଷି କ୍ଷେତ୍ର ପାଇଁ ଆବଶ୍ୟକ ଚଳନ୍ତି ପୁଞ୍ଜି ଲଗାଣର ସର୍ବାଧିକ ସୀମାକୁ ନିର୍ଦ୍ଧାରଣ କରାଯାଇଛି। ନାବାର୍ଡ ମାର୍ଗଦର୍ଶିକା, ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଜିଲାସ୍ତରୀୟ ବୈଷୟିକ କମିଟିର ସୁପାରିସ, ସାମ୍ପ୍ରତିକ ମଜୁରି ହାର, ବିହନ, ସାର, କୀଟନାଶକ, ବୀମା ପ୍ରିମିୟମ ଦେୟ ଆଦିକୁ ବିଚାରକୁ ନେଇ ପ୍ରତିବର୍ଷ ବିଭିନ୍ନ ଜିଲା ନିମନ୍ତେ ଭିନ୍ନ ଭିନ୍ନ ଫସଲ ଚାଷ ପାଇଁ ଏକର ପିଛା ସର୍ବାଧିକ ଋଣ ପ୍ରଦାନର ସର୍ବାଧିକ ସୀମା ନିର୍ଦ୍ଧାରଣର ପରିମାଣ ସ୍ଥିର କରାଯାଏ। ଚାଷୀମାନେ ଫସଲ ଚାଷ ଏବଂ ଆନୁଷଙ୍ଗିକ କୃଷି କାର୍ଯ୍ୟ ପାଇଁ ବ୍ୟାଙ୍କଗୁଡ଼ିକରୁ ସହଜରେ ଋଣ ପାଇବା ପାଇଁ ଏହି ବ୍ୟବସ୍ଥା କରାଯାଇଛି। ସମବାୟ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିକୁ ଚାଷୀମାନଙ୍କ ଅବଗତି ନିମନ୍ତେ ସମସ୍ତ ଜିଲାପାଳ, ସମବାୟ ସମିତି ନିବନ୍ଧକ, ସମ୍ପୃକ୍ତ ବିଭାଗ ଓ ନିର୍ଦ୍ଦେଶାଳୟ ଏବଂ ବ୍ୟାଙ୍କଗୁଡ଼ିକର ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ସନ୍ତୁରକୁ ପରିଚୟ ଦେଇଥିଲେ ଶିବକୁମାର



ମାତ୍ର ୫ ବର୍ଷ ବୟସରୁ ଜଣେ ତବଲା ବାଦକ ଭାବେ ସଙ୍ଗୀତ ଜଗତରେ ପାଦ ଥାପିଥିବା ସଙ୍ଗୀତକାର ପଣ୍ଡିତ ଶିବକୁମାର ଶର୍ମା ଜମ୍ମୁର ଲୋକ ବାଦ୍ୟଯନ୍ତ୍ର ସନ୍ତୁରକୁ ବିଶ୍ୱ ଦରବାରରେ ପରିଚିତ କରାଇଥିଲେ। ତାଙ୍କର ସନ୍ତୁର ବାଦନ ଶୈଳୀ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ପାଇବା ପରେ ଏହା ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ବାଦ୍ୟଯନ୍ତ୍ରରେ ପରିଣତ ହୋଇଥିଲା। ଶିବକୁମାରଙ୍କ ଜନ୍ମ ୧୯୩୮ ଜାନୁୟାରୀ ୧୩ରେ ଜମ୍ମୁର ଏକ ସଙ୍ଗୀତ ସାଧକ ପରିବାରରେ ହୋଇଥିଲା। ୫ ବର୍ଷ ବୟସରୁ ତାଙ୍କୁ ବାପା ଗାୟକ ପଣ୍ଡିତ ଉମା ଦତ୍ତ ଶର୍ମା ଭୋକାଲ ଏବଂ ତବଲା ଶିକ୍ଷାଦେବା ଆରମ୍ଭ କରିଥିଲେ। ତାଙ୍କୁ ୧୩ ବର୍ଷ ହୋଇଥିବାବେଳେ ବାପା ଉମା ଦତ୍ତ ଶ୍ରୀନଗରରୁ ଏକ ସନ୍ତୁର ଧରି ଘରକୁ ଫେରିଥିଲେ ଏବଂ ପୁଅ ଏଥିରେ ଦିନେ ନାଁ କରିବ ବୋଲି ସେ ଜାଣିପାରୁଥିବା କହିଥିଲେ। ତବଲା ଛାଡ଼ି ହଠାତ୍ ଏକ ଅଜଣା ବାଦ୍ୟଯନ୍ତ୍ର ଶିଖିବା ନିଶ୍ଚିତ ଭାବେ କଷ୍ଟକର ଥିଲା। ଶାସ୍ତ୍ରୀୟ ସଙ୍ଗୀତ ପାଇଁ ସନ୍ତୁର ଉପଯୁକ୍ତ ନୁହେଁ ବୋଲି କହି ସମାଲୋଚକମାନେ ଏହାକୁ ନାପସନ୍ଦ କରିଥିଲେ। ତେବେ ଶିବକୁମାର ସନ୍ତୁର ଶିଖିବା ସହ ସହ ଏଥିରେ ଯାନ୍ତ୍ରିକ ପରିବର୍ତ୍ତନ କରିଥିଲେ।

୧୯୫୫ରେ ମୁମ୍ବାଇରେ ଶିବକୁମାର ପ୍ରଥମ ସଙ୍ଗୀତ ପରିବେଷଣ କରିଥିଲେ। ୧୯୫୬ରେ ଶାନ୍ତାରାମଙ୍କ ଚଳଚ୍ଚିତ୍ର 'ଝନକ ଝନକ ପାୟଲ ବାଜେ' ପାଇଁ ପ୍ରଚ୍ଛଦ ସଙ୍ଗୀତ ରଚନା କରିଥିଲେ। ସେ ତାଙ୍କର ନିଜସ୍ୱ ପ୍ରଥମ ଆଲବମ୍ ୧୯୬୦ରେ ରେକର୍ଡ କରିଥିଲେ। ୧୯୬୫ରେ ଆର୍.ଡି ବର୍ମନଙ୍କ ପ୍ରରୋଚନାରେ ଶିବକୁମାର ଚଳଚ୍ଚିତ୍ର 'ଗୁଇଡେ'ରେ ଲତା ମଙ୍ଗେସ୍‌କର ଗାଇଥିବା ଲୋକପ୍ରିୟ ଗୀତ 'ମୋ ସେ ଚଲ୍ କିୟେ ଜାୟେ'ରେ ତବଲା ବାଦନ କରିଥିଲେ।

### ଶେଷ ଯାଏ ସକ୍ରିୟ ଥିଲେ

୧୯୬୭ରେ ସେ ବଂଶୀବାଦକ ହରିପ୍ରସାଦ ଚୌରାସିଆ ଏବଂ ଗିଟାରିଷ୍ଟ ବ୍ରିଜଭୂଷଣ କବ୍ରାଙ୍କ ସହ ମିଶି 'କଲ୍ ଅଫ୍ ଦି ଭ୍ୟାଲି' ନାମରେ ଆଲବମ୍ ପ୍ରସ୍ତୁତ କରିଥିଲେ, ଯାହା ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ସବୁଠୁ ହିଟ୍ ହୋଇଥିଲା। ପରେ ସେ ଚୌରାସିଆଙ୍କ ସହ ମିଶି ସିଲ୍‌ସିଲା, ଫାସଲ, ଚାନ୍ଦନୀ, ଲାମ୍‌ହେ ଏବଂ ଡର୍ ଭଳି ଲୋକପ୍ରିୟ ବଲିଉଡ୍ ଚଳଚ୍ଚିତ୍ର ପାଇଁ ଗୀତ କମ୍ପୋଜ୍ କରିଥିଲେ। ସେ ପଦ୍ମଶ୍ରୀ, ପଦ୍ମ ବିଭୂଷଣ, ସାହିତ୍ୟ ନାଟକ ଏକାଡେମୀ ଆୱାର୍ଡ ସମେତ ବହୁ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଶେଷ ଜୀବନ ପର୍ଯ୍ୟନ୍ତ ସେ ସଙ୍ଗୀତ ସାଧନାରେ ସକ୍ରିୟ ରହିଥିଲେ। ୮୩ ବର୍ଷ ବୟସରେ ମଙ୍ଗଳବାର ତାଙ୍କର ପରଲୋକ ହୋଇଯାଇଛି।



ପଣ୍ଡିତ ଶିବକୁମାର ଶର୍ମା ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କଠାରୁ ସଙ୍ଗୀତ ନାଟକ ଏକାଡେମୀ ଫେଲୋଶିପ୍ ଗ୍ରହଣ କରୁଛନ୍ତି।

# ମିମ୍‌ସାର କାର୍ଯ୍ୟକ୍ଷମ ଆଶା ଉଜ୍ଜୀବିତ

ତାଳଚେର/ ଅନୁଗୋଳ ଅଫିସ,୧୦।୫





ବୈଠକରେ ଜିଲାପାଳ ଓ ତାଳଚେର ବିଧାୟକ ଉପସ୍ଥିତ ଅଛନ୍ତି।

- ସରକାର ପ୍ରସ୍ତୁତ ଥିବା କହିଲା ଅନୁଗୋଳ ଜିଲା ପ୍ରଶାସନ
- ବାର୍ଷିକ ଖର୍ଚ୍ଚ ବହନ ନେଇ ଏମ୍‌ସିଏଲ୍‌ର ଲିଖିତ ପ୍ରତିଶ୍ରୁତିକୁ ଅପେକ୍ଷା
- ଅଧାରୁ ପ୍ରତ୍ୟାହୃତ ହେଲା ତାଳଚେର ବନ୍ଦ ପାଳନ

ଅନୁଗୋଳ ଜିଲା ତାଳଚେରଠାରେ ନିର୍ମାଣ ହୋଇଥିବା ୧୦୦ ଶଯ୍ୟା ବିଶିଷ୍ଟ ମହାନଦୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ସେଣ୍ଟର (ମିମ୍‌ସାର) ଶୀଘ୍ର କାର୍ଯ୍ୟକ୍ଷମ ଦିଗରେ ଆଶା ଉଜ୍ଜୀବିତ ହୋଇଛି। ମଙ୍ଗଳବାର ତାଳଚେର ବନ୍ଦ ପାଳନ କରୁଥିବା ତାଳଚେର ସୁରକ୍ଷା ମଞ୍ଚ ସହ ଅନୁଷ୍ଠିତ ଏକ ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ମିମ୍‌ସାର ପରିଚାଳନା ନେଇ ରାଜ୍ୟ ସରକାର ପ୍ରସ୍ତୁତ ଥିବା କୁହାଯାଇଛି। ଏପରି କି କେବଳ ବାର୍ଷିକ ଖର୍ଚ୍ଚ ବହନ ନେଇ ଏମ୍‌ସିଏଲ୍ ଲିଖିତ ପ୍ରତିଶ୍ରୁତିକୁ ଅପେକ୍ଷା କରାଯାଇଛି ବୋଲି ପ୍ରଶାସନ କହିବା ପରେ ମିମ୍‌ସାର ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ଚର୍ଚ୍ଚା ହେଉଛି। ପ୍ରଶାସନର ଏହି ସୂଚନା ପରେ ତାଳଚେର ବନ୍ଦ ପାଳନ ଅଧାରୁ ପ୍ରତ୍ୟାହୃତ ହୋଇଛି।

ପ୍ରକାଶ ଯେ, ମିମ୍‌ସାର ତୁରନ୍ତ କାର୍ଯ୍ୟକ୍ଷମ, ତାଳଚେର ଷ୍ଟେଶନ ଠାରୁ ଅନୁଗୋଳ ପର୍ଯ୍ୟନ୍ତ ନୂତନ ରେଳପଥ ନିର୍ମାଣ ଏବଂ ତାଳଚେର-ପୁରୀ ପାସେଞ୍ଜରକୁ ଏନ୍‌ଟିପିସି କଣିହାଁ ପର୍ଯ୍ୟନ୍ତ ସମ୍ପ୍ରସାରଣ ଦାବି ନେଇ ତାଳଚେର ସୁରକ୍ଷା ମଞ୍ଚ ସଭାପତି ମୁରଲୀଧର ସାହୁଙ୍କ ନେତୃତ୍ୱରେ ୧୨ ଘଣ୍ଟିଆ ତାଳଚେର ବନ୍ଦ ପାଳନ କରାଯାଇଥିଲା। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଏଥିରେ ସାମିଲ ହୋଇଥିଲେ। ଫଳରେ ଆନ୍ଦୋଳନର ପ୍ରଭାବ ତାଳଚେର କୋଇଲା ଖଣି ଅଞ୍ଚଳ ସମେତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଦେଖିବାକୁ ମିଳିଥିଲା। କୋଇଲା ଖଣିର ଉତ୍ପାଦନ ବ୍ୟାହତ ହେବା ସହ ପରିବହନ ବାଧାପ୍ରାପ୍ତ ହୋଇଥିଲା। ପରେ ଏ ନେଇ ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମାଧାନ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ତାଳଚେର ବିଧାୟକ ପ୍ରଧାନ, ଏମ୍‌ସିଏଲ୍ ଓ ରେଲ୍‌ୱେର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ।

### ଶୀଘ୍ର ଦାୟିତ୍ୱ ନେବାକୁ ଭାଜପାର ଦାବି

ତାଳଚେର,୧୦।୫(ନି.ପ୍ର): ତାଳଚେରରେ ଏମ୍‌ସିଏଲ୍ ଦ୍ୱାରା ନିର୍ମାଣ କରାଯାଇଥିବା ତାଳଚେର ମେଡିକାଲ କଲେଜ (ମିମ୍‌ସାର)ର ବାର୍ଷିକ ପରିଚାଳନା ଖର୍ଚ୍ଚ ବହନ କରିବାକୁ ଏମ୍‌ସିଏଲ୍ ପକ୍ଷରୁ ଗତ ଏପ୍ରିଲ ୨୧ ତାରିଖରୁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇସାରିଛି। ଏଥିସହ ପରିଚାଳନା ଦାୟିତ୍ୱ ଶୀଘ୍ର ସରକାର ନିଅନ୍ତୁ ବୋଲି ଉକ୍ତ ଚିଠିରେ ଅନୁରୋଧ କରାଯାଇଛି। ତେଣୁ ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେଲେ ଅନୁଗୋଳ ଜିଲା ସମେତ ପଡ଼ୋଶୀ ଜିଲା ଢେଙ୍କାନାଳ, ଦେବଗଡ଼, କେନ୍ଦୁଝର, ସୁବର୍ଣ୍ଣପୁର, ବୌଦ୍ଧ ଏବଂ ନୟାଗଡ଼ର ପାଖାପାଖି ୭୦ ଲକ୍ଷ ଲୋକ ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ପାଇବେ। ଏଥିସହ ରାଜ୍ୟର ଛାତ୍ରୀଛାତ୍ରମାନେ ମେଡିକାଲ ପାଠ ପଢ଼ିବାର ଅଧିକ ସୁଯୋଗ ପାଇବେ ବୋଲି ମଙ୍ଗଳବାର ତାଳଚେରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ଚରଣ ସାମଲ ପ୍ରକାଶ କରିଛନ୍ତି। ସାମଲ କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ମାର୍ଚ୍ଚ ୯ରେ କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଷୀଙ୍କୁ ଭେଟି ତାଳଚେର ମେଡିକାଲ କଲେଜ ଓ ହସ୍ପିଟାଲର ପରିଚାଳନା କାର୍ଯ୍ୟ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିବା ପାଇଁ ଆଲୋଚନା କରିବା ସହ ଏ ସଂକ୍ରାନ୍ତୀୟ ଚିଠି ପ୍ରଦାନ କରିଥିଲେ। ପରେ କୋଇଲା ମନ୍ତ୍ରୀ ଯୋଷୀ ଏମ୍‌ସିଏଲ୍‌କୁ ଏ ଦିଗରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଏପ୍ରିଲ ୨୧ରେ ରାଜ୍ୟ ସରକାରଙ୍କୁ ପତ୍ର ଲେଖି ହସ୍ପିଟାଲର ପରିଚାଳନା ଦାୟିତ୍ୱ ନେବାକୁ ଅନୁରୋଧ କରିଥିଲେ।

# ଦେଶର ପ୍ରଥମ ଭିନ୍ନକ୍ଷମ ପାର୍କ ଉଦ୍‌ଘାଟିତ

ଭୁବନେଶ୍ୱର, ୧୦।୫ (ବ୍ୟୁରୋ)

ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସ୍‌ସିଏଲ୍) ପକ୍ଷରୁ ନିର୍ମିତ ସେନ୍‌ସୋରି ପାର୍କ ଭିନ୍ନକ୍ଷମ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ। ଦେଶର ପ୍ରଥମ ଭିନ୍ନକ୍ଷମ ପାର୍କ ଭାବେ ଏହା ଓଡ଼ିଶା ସରକାରଙ୍କ ଏକ ଅଭିନବ ପ୍ରୟାସ। ଏଥିରେ ଭିନ୍ନକ୍ଷମ ଶିଶୁଙ୍କ ଶାରୀରିକ, ମାନସିକ ତଥା ସୃଜନଶୀଳ ଅଭିବୃଦ୍ଧି ପାଇଁ ବିଭିନ୍ନ ସୁବିଧା ରହିଛି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ମଙ୍ଗଳବାର ଶହୀଦନଗରଠାରେ ଏହି ପାର୍କ ଉଦ୍‌ଘାଟନ କରି ମନ୍ତ୍ରୀ କହିଛନ୍ତି, ଏପରି ଉଦ୍ୟମ ଫଳରେ ସାମାଜିକ ମହାସ୍ରୋତରେ ଭିନ୍ନକ୍ଷମଙ୍କ ସମ୍ପୃକ୍ତି ଆହୁରି ସଶକ୍ତ ହୋଇପାରିବ। ସେହିପରି ସେନ୍‌ସୋରି ପାର୍କର ପରିଚାଳନା ଓ ତତ୍ତ୍ୱାବଧାନରେ ନାଗରିକ ସମାଜ ପ୍ରଯତ୍ନ କରିବାକୁ ପଡ଼ିବ। ଭୁବନେଶ୍ୱରସ୍ଥିତ ଭିନ୍ନକ୍ଷମ ସଶକ୍ତୀକରଣ ପ୍ରତିଷ୍ଠାନ ଢାଞ୍ଚାରେ ବ୍ରହ୍ମପୁର ଓ ସମ୍ବଲପୁରରେ ୨ଟି ସାଟେଲାଇଟ୍ ସେଣ୍ଟର ପ୍ରତିଷ୍ଠା କରାଯିବ। କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ଆଗାମୀ ଦିନରେ ଜିଲାସ୍ତରରେ ଏଭଳି ପାର୍କ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। ମେୟର ସୁଲୋଚନା ଦାସ କହିଛନ୍ତି, ଆସେସିବିଲିଟି କ୍ଷେତ୍ରରେ ଓଡ଼ିଶା ୧ ନଂ. ସ୍ଥାନରେ ରହିଛି। ଭୁବନେଶ୍ୱରକୁ ଆସେସିବିଲିଟି ସହର ଭାବେ ପରିଣତ କରିବା ପାଇଁ ପ୍ରଚେଷ୍ଟା ରହିଛି।

୧୩୬୮ ବର୍ଗମିଟର ପରିମିତ ଅଞ୍ଚଳରେ ୦.୯୯ କୋଟି ଟଙ୍କା ବ୍ୟୟରେ ଏହି ପାର୍କ ନିର୍ମାଣ କରାଯାଇଛି। ପାର୍କରେ ପାଥ୍‌ୱେ, ପାନୀୟଜଳ, ଚଟାଣ ସହିତ ଇନସୁଲେଟ ପଥ (ଇପିଡିଏମ୍), ବିଭିନ୍ନ ଖେଳ ଉପକରଣ, ସ୍ୱତନ୍ତ୍ର ଓପନ ଏୟାର ଜିମ୍ ଉପକରଣ, ହ୍ୱିଲ ଚେୟାର ଦୋଳି, ବାଲ୍ଟି ସୁଇଙ୍ଗ, ମଲ୍ଟି ଲାଇନ ସୁଇଙ୍ଗ,



ସେନ୍‌ସୋରି ପାର୍କକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରୁଛନ୍ତି।

ମ୍ୟୁଜିକାଲ ପୋଲ୍ ଏବଂ ସାଉଣ୍ଡ ପ୍ଲେ, ଡ୍ରମ୍ ଟ୍ରାକ୍, ମ୍ୟୁଜିକାଲ ପ୍ୟାନେଲ, ସାଉଣ୍ଡ ପ୍ଲେ ଟେବୁଲ, ସୋଲଡର ବିଲଡର୍, ୩ ସିଟ ଗ୍ରାଉଣ୍ଡ ଅନ୍ତର୍ଭୁକ୍ତ ମେରୀ-ଗୋ-ରାଉଣ୍ଡ, ମଲ୍ଟି ସିଟ ଏମ୍‌ଜିଆର୍ , ହ୍ୱିଲ ଚେୟାର ଏମ୍‌ଜିଆର୍, ସ୍ଲାଇଡ, ଟୁ ସିଟର ସ୍ପ୍ରିଙ୍ଗ ସିସ, ଡବଲ ବାର୍ ସିସ୍, ମଙ୍କିବାର କ୍ଲାଇମ୍ବର, ଆଡଭେଞ୍ଚର କ୍ଲାଇମ୍ବର, ବଲ୍‌ପୁଲ, ବ୍ରେଲି ବର୍ଣ୍ଣମାଳା କାନ୍ଥ, ବାସ୍କେଟବଲ ପୋଲ୍ ପ୍ରଭୃତି ରହିଛି। କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର, ୩୦ ନଂ. ୱାର୍ଡ କର୍ପୋରେଟର ରାଜକିଶୋର ଦାସ, ବିଏମ୍‌ସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ଉପସ୍ଥିତ ଥିଲେ।

HAPPY 40TH MARRIAGE ANNIVERSARY



Amarendra Rath and Sabita Rath
May God always keep you happy and healthy.
-:Best Wishes From:-
Family & Friends
D-390

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF
GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

Pratichi
ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କମ୍ପାନୀ ପାଇଁ ପୁରୀ, କଟକ ଓ ଖୋର୍ଦ୍ଧା ଜିଲ୍ଲାରୁ
ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ
ପ୍ରତିଚୀ ଡ଼ାଏରୀ ପ୍ରଡ଼କ୍ଟ ପ୍ରା.ଲି଼.
ପ୍ଲଟ୍ ନଂ-୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ।
Email : pratichidairyproducts@gmail.com
Mob : 9853003317

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 9470149388
Whatsapp: 9470149608

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମହିଳାଙ୍କ ପାଇଁ ଟ୍ରେନ୍‌ରେ ବେବି ବର୍ଥ



ଲକ୍ଷ୍ନୌ,୧୦।୫: ଭାରତୀୟ ରେଳ ବିଭାଗ ପକ୍ଷରୁ ଟ୍ରେନ୍ ଯାତ୍ରୀଙ୍କ ପାଇଁ ଏକ ନୂତନ ବ୍ୟବସ୍ଥା କରାଯାଇଛି। ପିଲାଙ୍କୁ ଧରି ଯାତ୍ରା କରୁଥିବା ମହିଳାଙ୍କ ପାଇଁ ଏହି ସୁବିଧା ଉଦ୍ଦିଷ୍ଟ। ନର୍ଦ୍ଦର୍ନ ରେଲୱେର କିଛି ସ୍ୱତନ୍ତ୍ର ଟ୍ରେନ୍‌ରେ 'ବେବି ବର୍ଥ' ବେଡ୍ ସୁବିଧା ଯୋଗାଇଛି। ଏହି ସୁବିଧା ଦ୍ୱାରା ଅଧିକମାତ୍ରାରେ ଯାତ୍ରୀ ଉପକୃତ ହେଲେ ପ୍ରତ୍ୟେକ ଟ୍ରେନ୍‌ରେ ଏହି ବ୍ୟବସ୍ଥା କରାଯିବ। ଅନ୍ତର୍ଜାତୀୟ ମାତୃତ୍ୱ ଦିବସ ଅବସରରେ ଲକ୍ଷ୍ନୌ ଡିଭିଜନ୍ ଉତ୍ତରାଞ୍ଚଳ ରେଳ ବିଭାଗ ପକ୍ଷରୁ ଏହି ନିଆରା ସୁବିଧା ଆରମ୍ଭ କରାଯାଇଛି। ଲକ୍ଷ୍ନୌ ଓ ଦିଲ୍ଲୀ ଡିଭିଜନ୍‌ର ମିଳିତ ଉଦ୍ୟମରେ ବେବି ବର୍ଥ ସିଟ୍‌କୁ ତିଆରି କରାଯାଇଥିବାବେଳେ ଲକ୍ଷ୍ନୌ ମେଲ୍‌ର ବାର୍ଥ ନମ୍ବର ୧୨ ଏବଂ ୬୦ରେ ବେବି ବର୍ଥ ଲଗାଯାଇଛି। ଟ୍ରେନ୍‌ର ଲୋୟର ବର୍ଥ ସିଟ୍‌ରେ ଖଞ୍ଜାଯାଇଥିବା ବେବି ବର୍ଥଗୁଡ଼ିକ ଫୋଲ୍ଡେବୁଲ ହୋଇଥିବାବେଳେ ଏଥିରେ ଏକ ଷ୍ଟପର ଲଗାଯାଇଛି। ଏହା ଦ୍ୱାରା ପିଲା ତଳେପଡ଼ିଯିବା ଆଶଙ୍କା କମିବା ସହ ସେମାନେ ସୁରକ୍ଷିତ ଭାବେ ସିଟ୍‌ରେ ରହିବେ।

## ମନେ ପଡ଼ନ୍ତି

ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ଶୁଭାଶିଷ (ଚିଙ୍କୁ) ମିଶ୍ର
ହେରୋଗୋହିରୀ ସାହି, ଓମ୍ ଜୁଏଲାରୀ ନିକଟ, ପୁରୀ
ଆବିର୍ଭାବ:୩୦.୦୮.୧୯୮୪
ତିରୋଧାନ:୨୨.୦୫.୨୦୨୧
ତୁ ଗଲାଦିନୁ ଏ ପରିବାରରେ ଆଉ ସୁଖ ଶାନ୍ତିର ପରଶ ନାହିଁ, ଅନ୍ୟ କେହିବି ସକ୍ଷମ ନୁହନ୍ତି ତୋ ଶୂନ୍ୟତା ଭରିବା ପାଇଁ !! ମନୁ ଲିଭୁନି ତୋ'ର ସେ ଆଶ୍ୱାସନା 'ଆମେ ବଞ୍ଚିବା ଭଲ୍ ସେ'। ଦଇବ ସାଜିଲା ବଇରୀ ଆମ ପାଇଁ ଅକାଳ ମୃତ୍ୟୁର ଡାକରା ଦେଇ !! ନିଷ୍ଠୁର ଈଶ୍ୱର କାହିଁକି ଦେଲ ଏ ଶାସ୍ତି ଏହା କ'ଣ ଥିଲା ତବ ଠିକ୍ ନିଷ୍ପତି...
ଶୋକସନ୍ତପ୍ତ
ନନା, ବୋଉ, ବଡ ବୋଉ, ଭାଇନା, ଭାଉଜ, ଭଉଣୀ, ଭିଣୋଇ, ଧର୍ମ ପତ୍ନୀ, ଭଣଜା, ଭାଣେଜି, ଝିଆରି, ଝିଅ (ଚିଙ୍କୀ), ପୁତୁରା ଓ ଆତ୍ମୀୟସ୍ୱଜନ ଗଣ
ଧ-୩୯୪

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ଲୋକନାଥ ପ୍ରସାଦ ମହାନ୍ତି
ପୂର୍ବତନ ଉପସଚିବ, କୃଷି ବିଭାଗ, ଓଡ଼ିଶା ସରକାର
ପ୍ଲଟ୍ ନଂ.-୨୦୧/୧୦, ୟୁନିଟ୍-୯, ଭୁବନେଶ୍ୱର
ଆବିର୍ଭାବ: ୨୧।୦୨।୧୯୩୮
ତିରୋଧାନ: ୨୧।୦୫।୨୦୨୧
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା। ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ସହୃଦୟତା ଆମ ଜୀବନର ପାଥେୟ ଓ ପ୍ରେରଣାର ଉତ୍ସ ହେଉ। ତୁମର ଅନୁପସ୍ଥିତି ଆମ ମନରେ ଓ ପରିବାରରେ ଗଭୀର ଶୂନ୍ୟତା ସୃଷ୍ଟି କରିଛି। ଆମ୍ଭେମାନେ ସମସ୍ତେ ତୁମକୁ ଝୁରୁଛୁ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୩୪୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ବିଶ୍ୱେଶ୍ୱର ମହାନ୍ତି
ଆବିର୍ଭାବ : ୧୩/୦୭/୧୯୩୭
ତିରୋଧାନ : ୨୨/୦୫/୨୦୨୧
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ୍ଭର ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ଆପଣଙ୍କର ସମସ୍ତ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୭୧୯୯୨



## ସୂର୍ଯ୍ୟମୁଖୀ ଚାଷରେ ଧଳାମାଛି ଲାଗିଲେ..

ସୂର୍ଯ୍ୟମୁଖୀ ଚାଷରେ ଧଳାମାଛି ଦମନ କରିବା ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍ଏଲ୍) ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ଦମନ ଲାଗି ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ ୫୦୦ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ। କଳଙ୍କି ରୋଗ ଦମନ ଲାଗି ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।



## ଫଳଚାଷ ପୂର୍ବରୁ...

ଆମ ରାଜ୍ୟ ଜଳବାୟୁରେ ନାନା ପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ ଯଥା ଆମ୍ବ, ନଡିଆ, କଦଳୀ, କାଜୁବାଦାମ, ପିଜୁଳି, ସପେଟା, ଅମୃତଭଣ୍ଡା ଇତ୍ୟାଦି। ଉଚ୍ଚ ଗଡ଼ାଣିଆ ବା ଅନୁର୍ବର ଜମିରେ ମଧ୍ୟ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାର କରି ଦୁଇ ତିନି ଓଡ଼ ଚାଷ କରିଦେବା ଉଚିତ୍। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳା ହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ, କମଳା, ନଡ଼ିଆ, ପିଜୁଳି, ପଣସ, ଲିଚୁ ଇତ୍ୟାଦି ପାଇଁ ଏକ ମିଟର ଗଭୀର ଓ ଏକ ମିଟର ଗୋଲେଇର ଗାତ, କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧମିଟର ଗୋଲେଇର ଗାତ ଦରକାର। ସପୁରୀ ପାଇଁ ୩୦ ସେମି ଚଉଡା ଓ ୧୫ ସେମି ଗଭୀରର ନାଳୀ ଖୋଳାଯାଏ।



## ସୋରିଷରେ ପାଉଁଶିଆ ରୋଗ ଦମନ

ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ସକାଶେ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ସାମ୍ ୨୫ ଏସ୍.ଜି.-୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ। କରତିଆ ମାଛି/ପତ୍ରଛଦା ପୋକର ଦମନ ଲାଗି ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସୋରିଷ ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଅଧିକ ଅମଳକ୍ଷମ ସୋରିଷ ଚାଷ ଲାଗି ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖା ଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ।



# କୃଷିଜୀବୀ ମହିଳା ଓ ଖାଦ୍ୟ ପ୍ରକ୍ରିୟାକରଣ



ଡ. କଳ୍ପନା ରାୟଗୁରୁ

କୃଷିଭିତ୍ତିକ ଅର୍ଥନୀତିକୁ ଅନୁଶୀଳନକଲେ ଜଣାପଡ଼େ ଯେ କୃଷିକ୍ଷେତ୍ରରେ ମହିଳା ମାନଙ୍କର ପର୍ଯ୍ୟାପ୍ତ ଅବଦାନ ରହିଛି। ଅମଳ ହେଉଥିବା ପ୍ରତ୍ୟେକ ଫସଲକୁ ଖାଇବା ସ୍ତରକୁ ପହଞ୍ଚାଇବା ପାଇଁ କିଛି ପ୍ରକ୍ରିୟାକରଣ କରାଯାଇଥାଏ। ଏହି ଖାଦ୍ୟପଦାର୍ଥର ଦାମ୍ ମୂଳ ଫସଲର ଦାମ୍ ଅପେକ୍ଷା ଅଧିକ ହୋଇଥାଏ । ତେଣୁ ଗ୍ରାମାଞ୍ଚଳରେ ଅମଳ ହେଉଥିବା ନିର୍ଦ୍ଦିଷ୍ଟ ଫସଲକୁ ଅଳ୍ପ ପୁଞ୍ଜି ବିନିଯୋଗିକରି ସହଜ ଓ ସରଳ ଜ୍ଞାନକୌଶଳ ଦ୍ୱାରା ଲାଭଜନକ ବ୍ୟବସାୟ କରାଯାଇପାରିବ ଯାହା କୃଷିଜୀବୀ ମହିଳାମାନଙ୍କର ଆୟବୃଦ୍ଧି ଓ ନିଯୁକ୍ତି ସୁଯୋଗ ସୃଷ୍ଟିରେ ସହାୟକ ହୋଇପାରିବ।

**ଖାଦ୍ୟପ୍ରକ୍ରିୟାକରଣର ସୁଯୋଗ :** ଆମ ରାଜ୍ୟରେ ପ୍ରଚୁର ପରିମାଣରେ ଶସ୍ୟଜାତୀୟ, ପନିପରିବା, ଫଳ ଓ ମସଲା ଆଦି କୃଷିଜାତ ଦ୍ରବ୍ୟ ଅମଳ ହୋଇଥାଏ। କିନ୍ତୁ ଉପଯୁକ୍ତ ପ୍ରକ୍ରିୟାକରଣ ଓ ପରିଚାଳନା ଅଭାବରୁ ଶତକଡ଼ା ୧୦ ରୁ ୪୦ ଭାଗ ପର୍ଯ୍ୟନ୍ତ ଫସଲ ନଷ୍ଟ ହୋଇଥାଏ। ତେଣୁ ଅମଳ ସମୟରେ ଶସ୍ତାରେ ମିଳୁଥିବା ଫସଲରୁ ଖାଦ୍ୟ ପ୍ରକ୍ରିୟାକରଣ ଦ୍ୱାରା ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରାଯାଇପାରିବ, ଯାହା ଅନେକଦିନ ପର୍ଯ୍ୟନ୍ତ ସୁରକ୍ଷିତ ହୋଇ ରହିପାରିବ।

**ଶସ୍ୟ ଜାତୀୟ ଫସଲ :** ଆମ ରାଜ୍ୟରେ ଧାନରୁ ଚାଉଳ ପ୍ରସ୍ତୁତ କରିବା ଏକ ମୁଖ୍ୟ ପ୍ରକ୍ରିୟା। ଏଥିପାଇଁ ଆଜିକାଲି ବିଭିନ୍ନ କ୍ଷମତା ବିଶିଷ୍ଟ ଆଧୁନିକ ଧାନକଳ ମିଳୁଛି ଯାହାକୁ ବ୍ୟବସାୟିକ ଭିତ୍ତିରେ ବ୍ୟବହାର କରାଯାଇପାରିବ। ସେହିପରି ଆମର ବିଭିନ୍ନ ଡାଲିଜାତୀୟ ଫସଲ ଯଥା: ମୁଗ, ବିରି, ହରଡ଼, ମଟର, କୋଳଥ ଆଦିର ଚୋପା ଛଡ଼େଇ ସେଥିରୁ ଡାଲି ପ୍ରସ୍ତୁତି ପାଇଁ ବିଭିନ୍ନ ଡାଲିକଳ ମିଳୁଛି ଯାହାକି କୃଷିଜୀବୀ ମହିଳା ବ୍ୟବସାୟିକ ସ୍ତରରେ ବ୍ୟବହାର କରିପାରିବେ। ଏସବୁ ଛଡ଼ା ଧାନକଳ ଓ ଡାଲିକଳରୁ ବାହାରୁଥିବା ଭଙ୍ଗା ଚାଉଳ ଓ ଗୁଣ୍ଡ ଡାଲି ଇତ୍ୟାଦିର ଉପଯୋଗରେ ଆଧୁନିକ ଯୁଗର ଚାହିଦା ମୁତାବକ ବିଭିନ୍ନ ପ୍ରକାର ଜଳଖିଆ, ସ୍ନାକ୍ସ, ନୁଡୁଲ୍ସ, ପାସ୍ତା ଇତ୍ୟାଦି ପ୍ରସ୍ତୁତ କରାଯାଇପାରିବ। ଏହା ଏକ ଲାଭଜନକ ପଦ୍ଧତି କାରଣ ଏହି କଞ୍ଚାମାଲଗୁଡିକ ଗୋଖାଦ୍ୟ ଭାବରେ ବ୍ୟବହୃତ ହୁଏ ଏବଂ ଶସ୍ତା ଦରରେ ମିଳିଥାଏ। ଧାନ ଓ ଡାଲି ଜାତୀୟ ଫସଲ ଛଡ଼ା ଆମ ରାଜ୍ୟରେ ଚାଷ ହେଉଥିବା ଅନ୍ୟାନ୍ୟ କ୍ଷୁଦ୍ର ଶସ୍ୟ ଯଥା ମାଣ୍ଡିଆ ଚାଷ ଆଦୌ ଖର୍ଚ୍ଚ ସାପେକ୍ଷ ନୁହେଁ। ଏଥିରେ ଥିବା ପୋଷକ ତତ୍ତ୍ୱ ଉଚ୍ଚକୋଟୀର ହେଲେ ମଧ୍ୟ ଏହି କ୍ଷୁଦ୍ର ଶସ୍ୟର ପ୍ରକ୍ରିୟାକରଣ ଅପେକ୍ଷାକୃତ କଷ୍ଟକର ହୋଇଥିବାରୁ ଏହାର ଚାଷ ପାଇଁ ଅନାଗ୍ରହ ପରିଲକ୍ଷିତ ହେଉଛି। କିନ୍ତୁ ଖୁସିର କଥା, ଆଜିର ଦିନରେ କମ୍ କ୍ଷମତା ବିଶିଷ୍ଟ କିଛି ଯନ୍ତ୍ର ଉପଲବ୍ଧ ହେଉଛି, ଯେଉଁଥିରେ କେଣ୍ଡାରୁ ଶସ୍ୟ ଓ ଶସ୍ୟର ଉପର ପତଳା ଚୋପାକୁ ବାହାର କରାଯାଇପାରିବ। ଏହାବ୍ୟତୀତ ଅତି ସହଜ ବୈଷୟିକ ପଦ୍ଧତି ଅବଲମ୍ବନ କରି କିଛି ମୂଲ୍ୟବର୍ଦ୍ଧକ ପଦାର୍ଥ ଯଥା: ଶିଶୁଖାଦ୍ୟ ବା ମାଲ୍ଟ, କେକ୍, ମୁଡ୍‌କି, କୁକିସ୍ ଓ ନୁଡୁଲ୍ସ ତିଆରି ହେଉଛି, ଯାହା ସୁସ୍ୱାଦୁ ହେବା ସଙ୍ଗେ ସଙ୍ଗେ ଅଧିକ ଦିନ ସଂରକ୍ଷିତ ହୋଇ ରହିପାରୁଛି। ତେଣୁ ଏସବୁକୁ ଆକର୍ଷଣୀୟ ପ୍ୟାକେଟରେ ପ୍ୟାକିଂ କରି ବିକ୍ରି କରି କୃଷିଜୀବୀ ମହିଳା ଲାଭଜନକ ବ୍ୟବସାୟ କରିବା ସହ ଖାଉଟି ସ୍ୱାସ୍ଥ୍ୟ ପାଇଁ ହିତକର ଖାଦ୍ୟପଦାର୍ଥ ଯୋଗେଇ ଦେଇପାରିବେ।



"ଅମଳ ହେଉଥିବା ପ୍ରତ୍ୟେକ ଫସଲକୁ ଖାଇବା ସ୍ତରକୁ ପହଞ୍ଚାଇବା ପାଇଁ କିଛି ପ୍ରକ୍ରିୟାକରଣ କରାଯାଇଥାଏ। ଏହି ଖାଦ୍ୟପଦାର୍ଥର ଦାମ୍ ମୂଳ ଫସଲର ଦାମ୍ ଅପେକ୍ଷା ଅଧିକ ହୋଇଥାଏ । ତେଣୁ ଗ୍ରାମାଞ୍ଚଳରେ ଅମଳ ହେଉଥିବା ନିର୍ଦ୍ଦିଷ୍ଟ ଫସଲକୁ ଅଳ୍ପ ପୁଞ୍ଜି ବିନିଯୋଗିକରି ସହଜ ଓ ସରଳ ଜ୍ଞାନକୌଶଳ ଦ୍ୱାରା ଲାଭଜନକ ବ୍ୟବସାୟ କରାଯାଇପାରିବ ଯାହା କୃଷିଜୀବୀ ମହିଳାମାନଙ୍କର ଆୟବୃଦ୍ଧି ଓ ନିଯୁକ୍ତି ସୁଯୋଗ ସୃଷ୍ଟିରେ ସହାୟକ ହୋଇପାରିବ।"





**ପନିପରିବା ଜାତୀୟ ଫସଲ:** ପନିପରିବାର ଜଳୀୟ ଅଂଶ ଅଧିକ ଥିବାରୁ ଏହାର ସଂରକ୍ଷଣ କ୍ଷମତା ଅତି କମ୍ । ତେଣୁ ପ୍ରକ୍ରିୟାକରଣ ଦ୍ୱାରା ମୂଲ୍ୟଯୁକ୍ତ ଖାଦ୍ୟ ଉତ୍ପାଦ ପ୍ରସ୍ତୁତ କରି ସାଇତି କରି ରଖିବା ଉଚିତ ଯାହାକି ବର୍ଷତମାମ ବ୍ୟବହୃତ ହୋଇପାରିବ। କୃଷିଜୀବୀ ମହିଳାମାନେ କୁଟୀରଶିଳ୍ପ ସ୍ତରରେ ଟମାଟୋ ପ୍ୟୁରି, ସସ୍, ଆଚାର, କଦଳୀ ଓ ଆଳୁଚିପ୍ସ ଓ ଅନ୍ୟାନ୍ୟ ପନିପରିବା ଆଚାର ଇତ୍ୟାଦି ପ୍ରସ୍ତୁତ କରିପାରିବେ। ଏସବୁ ଛଡ଼ା ପନିପରିବାକୁ ବିଜ୍ଞାନ ସମ୍ମତ ପଦ୍ଧତିରେ ଶୁଖାଇ ଉପଯୁକ୍ତ ପ୍ୟାକିଂ ଏବଂ ବିକ୍ରୟ ବ୍ୟବସ୍ଥା ଦ୍ୱାରା ବର୍ଷର ଯେକୌଣସି ସମୟରେ ସହରରେ ଅଧିକ ଦାମ୍‌ରେ ବିକ୍ରି କରାଯାଇପାରିବ । ବିଭିନ୍ନ ପନିପରିବା ଯଥା ଫୁଲକୋବି, ବନ୍ଧାକୋବି, ଗାଜର, କଲରା, ଭେଣ୍ଡି ଓ ଛତୁ ଇତ୍ୟାଦିକୁ ପ୍ରାଥମିକ ସ୍ତରର ପ୍ରକ୍ରିୟାକରଣ ପରେ ନିର୍ଦ୍ଦିଷ୍ଟ ଭାବରେ କାଟି ଖଣ୍ଡ କରି ବିଦ୍ୟୁତ୍ ଓ ସୌରଚାଳିତ ଯନ୍ତ୍ରରେ ଶୁଖାଯାଇପାରିବ। ବିଶେଷକରି ଛତୁ, ଲଙ୍କା ଓ କଖାରୁ ଇତ୍ୟାଦିକୁ ଫ୍ଲେକ୍ସ କିମ୍ବା ଗୁଣ୍ଡକରି ମଧ୍ୟ ସାଇତି କରି ରଖାଯାଇପାରିବ।

**ଫଳଜାତୀୟ ଫସଲ:** ପନିପରିବା ଭଳି ବିଭିନ୍ନ ଫଳ ଯଥା: ଆମ୍ବ, ଲେମ୍ବୁ, କମଳା, କଦଳୀ, ପଣସ, ଅଁଳା ଓ ଅମୃତଭଣ୍ଡା ଆଦି ଶୀଘ୍ର ନଷ୍ଟ ହୋଇଯାଉଥିବାରୁ ଏଥିରୁ ରସ ବାହାରକରି ବିଭିନ୍ନ ମୂଲ୍ୟବର୍ଦ୍ଧକ ଉତ୍ପାଦ ଯଥା: ମୃଦୁପାନୀୟ, ସ୍ନାକ୍ସ, ଜେଲି, ଜାମ୍, ମାରମାଲେଡ୍ ଆଦି ପ୍ରସ୍ତୁତ ହୋଇପାରିବ । ସେହିଭଳି ଆମ୍ବ ଓ ପଣସ ଆଦି ରସରୁ ଶଢ଼ା ପ୍ରସ୍ତୁତ ହୋଇପାରିବ। କଞ୍ଚାଆମ୍ବ ଶୁଖେଇ ଗୁଣ୍ଡକରି ଆମଚୁର ପାଉଡର ପ୍ରସ୍ତୁତ କରାଯାଇପାରିବ। ସପୁରି ଭଳି କିଛି ନିର୍ଦ୍ଦିଷ୍ଟ ଫଳକୁ ଚିନି ଶିରାରେ ବୁଡ଼ାଇ ଶୁଖାଯାଇ ଅନେକଦିନ ପର୍ଯ୍ୟନ୍ତ ସାଇତିକରି ରଖାଯାଇପାରିବ। ଏସବୁ ଜିନିଷର ଚାହିଦା ସହରାଞ୍ଚଳରେ ଅଧିକ ଥିବାରୁ ଏହା କୃଷିଜୀବୀ ମହିଳାଙ୍କ ପାଇଁ ଏକ ରୋଜଗାରର ମାଧ୍ୟମ ହୋଇପାରିବ।

ଆମ ରାଜ୍ୟରେ ଅଣପାରମ୍ପରିକ ପଦ୍ଧତିରେ ଉତ୍ପାଦିତ ହେଉଥିବା ଅନେକ ଫଳ ଯଥା: ବେଲ, ଲଙ୍କାଆମ୍ବ, ଓଉ, କରମଙ୍ଗା ଓ ମହୁଲ ଇତ୍ୟାଦି ଘର ବଗିଚାରେ ବାଟଘାଟ ଓ ଜଙ୍ଗଲରେ ପ୍ରଚୁର ପରିମାଣରେ ଫଳିଥାଏ । ଏସବୁରେ କିଛି ଭଲ ନ ଲାଗିବା ପରି ଉପାଦାନ ରହିଥିବାରୁ ଲୋକଙ୍କର ପସନ୍ଦଯୋଗ୍ୟ ହୋଇ ନ ଥାଏ । ତେଣୁ ଏହାର ଉପଯୁକ୍ତ ବ୍ୟବହାର ହୋଇ ନ ପାରି ନଷ୍ଟ ହୋଇଯାଏ । ଏହାଦ୍ୱାରା ଯଥେଷ୍ଟ ପରିମାଣରେ ପରିବେଶ ପ୍ରଦୂଷଣ ମଧ୍ୟ ହୋଇଥାଏ। ପରୀକ୍ଷାକରି ଦେଖାଯାଇଛି, ଏସବୁରେ ଅନେକ ରୋଗ ପ୍ରତିରୋଧକ ଓ ଶରୀର ହିତକାରୀ ଉପାଦାନ ରହିଛି । ତେଣୁ ଗବେଷଣା ଦ୍ୱାରା ଏସବୁ ଫଳରୁ ଅନାବଶ୍ୟକ ଉପାଦାନଟିକୁ ବାହାର କରିବା ପରେ ସେହି ଫଳରସରୁ ଅନେକ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତ କରାଯାଇପାରୁଛି । ଫଳଗୁଡ଼ିକ ଅତି ଶସ୍ତାରେ, ଏପରିକି ଅନେକ ସମୟରେ ମାଗଣାରେ ମିଳୁଥିବାରୁ ଏସବୁରୁ ଲାଭଜନକ କୃଷି ଶିଳ୍ପ ପ୍ରତିଷ୍ଠା ହୋଇପାରିବ ।

**ମସଲାଜାତୀୟ ଫସଲ:** ମସଲାଜାତୀୟ କୃଷିଜାତ ଦ୍ରବ୍ୟ ଯଥା ହଳଦୀ, ସୋରିଷ, ଧନିଆ, ଗୋଲମରିଚ ଇତ୍ୟାଦି ଗୋଟା ମସଲା ଭାବରେ ବିକ୍ରି ହୁଏ । ଏସବୁକୁ ସଫାକରି ଆବଶ୍ୟକସ୍ଥଳେ ଧୋଇ, ଖରା କିମ୍ବା ଶୁଖାଇବା ଯନ୍ତ୍ରରେ ଶୁଖାଇ ଦିଆଯାଏ। ତା'ପରେ ମସଲାକୁ ଆକାର ଅନୁସାରେ ବର୍ଗୀକରଣ କରି ପ୍ୟାକିଂ କରାଯାଏ। ଗୁଣ୍ଡ ମସଲା ପାଇଁ ତାକୁ ଗୁଣ୍ଡକରି ଟିକିଏ ଥଣ୍ଡା ହେବାପରେ ପ୍ୟାକିଂ କରାଯାଏ। ଗୁଣ୍ଡ ମସଲା ସାଧାରଣତଃ ବାୟୁରୁ ଜଳୀୟ ଅଂଶ ଶୋଷିଦେଇଥାଏ ଓ ଶୀଘ୍ର ନଷ୍ଟ ହୋଇଯାଏ। ସେଥିପାଇଁ ମସଲାର ସୁଗନ୍ଧକୁ ସୁରକ୍ଷିତ ରଖିବା ଲାଗି ସ୍ୱତନ୍ତ୍ର ପ୍ୟାକିଂ ପଦ୍ଧତି ଅନୁସରଣ କରିବାକୁ ପଡ଼େ । ନିର୍ଦ୍ଦିଷ୍ଟ ମସଲାର ଆବଶ୍ୟକତା ଅନୁସାରେ ଚାପରହିତ, ଲାମିନେଟେଡ୍ ଓ ବହୁସ୍ତର ବିଶିଷ୍ଟ ପଲିପ୍ୟାକ ବ୍ୟବହୃତ ହେବା ଦ୍ୱାରା ମସଲାରେ ଥିବା ସୁଗନ୍ଧ ନଷ୍ଟ ହୋଇଯାଏ ନାହିଁ । ଅଧିକ ଜଳୀୟ ଅଂଶ ରହୁଥିବା ମସଲା ଯଥା: ଅଦା, ରସୁଣ, ପିଆଜ ଆଦିକୁ ଛୋଟ ଛୋଟ ଖଣ୍ଡ କରି କାଟି, ଶୁଖାଇ ଗୁଣ୍ଡକରି ପ୍ୟାକିଂ କରାଯାଏ। ଅଦାରସ ଓ ତେନ୍ତୁଳିରସ ସହିତ ଫଳରସ ବ୍ୟବହାରକରି ଅନେକ ପ୍ରକାର ମିଶ୍ରିତ ପାନୀୟ ପ୍ରସ୍ତୁତ କରାଯାଇପାରେ। (କ୍ରମଶଃ..)

-ପ୍ରଫେସର,ସିଏଇଟି, ଓୟୁଏଟି
ମୋ : ୭୭୩୫୧୮୭୫୭୮

## ଚାଷୀଙ୍କ ପାଇଁ



- ଚିନାବାଦମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ୨ପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ ।
- ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଟିଂ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।
- ଲିଚୁ ଓ ସପେଟା ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ ।

## ଖରିଫ ଫସଲ ସମ୍ପର୍କରେ..

ବର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀଗୁଡ଼ିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ୩ ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତ ମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ। ଘରେ ସାଇତି ରଖୁଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୁଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା- ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷ କରନ୍ତୁ। ଖାଲ ଜମିଗୁଡ଼ିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ।



## ଜାଣିରଖନ୍ତୁ

- ରାଶି ଫସଲରେ ଫୁଲ ଧରିବା ଓ ଫଳ ବୃଦ୍ଧି ସମୟରେ ଜଳସେଚନ କରନ୍ତୁ। ପତ୍ରମୋଡ଼ା ଓ ଫଳବିନ୍ଧା ପୋକ ଲାଗିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୨ ମି.ଲି. କ୍ଲୋର୍‌ପାଇରିଫସ୍ ୨୦ ଇ.ସି. ମିଶାଇ ପ୍ରୟୋଗ କରନ୍ତୁ। ତଳପତ୍ରଠାରୁ ଉପରକୁ ପତ୍ରଗୁଡ଼ିକ ହଳଦିଆ ପଡ଼ିଆସିଲେ ବା ଫଳ ଶୁଖି ଆସିଲେ ରାଶି ଅମଳ କରନ୍ତୁ ।
- ମକା ବିହନ ବୁଣିବା ପୂର୍ବରୁ ଜମି ପ୍ରସ୍ତୁତ କରି ହେକ୍ଟର ପ୍ରତି ୨୦ କି.ଗ୍ରା. ବିହନ ବିଶୋଧନ କରି ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ବୁଣିଲାବେଳେ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ ।



## ଅଣଧାନ ଫସଲ ଚାଷ କରୁଥିଲେ...

ଧାନ ବଦଳରେ ଅଣଧାନ ଫସଲ ଯଥା: ମକା, ବରଗୁଡି, ହରଡ଼, ବିରି, ମାଣ୍ଡିଆ, ଚିନା ବାଦାମ, ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷାପାଣି ସଞ୍ଚୟ କରି ରଖନ୍ତୁ। ଗଡାଣିଆ ଜମିରେ ଗଡାଣିର ବିପରୀତ ଦିଗରେ ହୁଡା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ। ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃ ଫସଲ ଚାଷ କରନ୍ତୁ। ଢ଼ିପ ଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା-ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳୀରେ ଖତ ପ୍ରୟୋଗ କରନ୍ତୁ। ମରୁଡ଼ି ସହିପାରୁଥିବା ଧାନ କିସମ ଯଥା-ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।





ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ମେ ୧୧/୨୦୨୨ Bhubaneswar, Wednesday, May 11/ 2022

## ସଂକ୍ଷେପରେ

### ଏସିଆ କପ୍ ଆର୍ଚେରି: ଭାରତକୁ ୩ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ

**ସୁଲେମାନିୟା (ଇରାକ୍), ୧୦।୫ (ପି.ଟି.):** ଭାରତୀୟ ତୀରନ୍ଦାଜମାନେ ଏଠାରେ ଚାଲିଥିବା ଏସିଆ କପ୍ ଲେଗ୍-୨ରେ ୩ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ସହ ସେମାନଙ୍କ ଖାତା ଖୋଲିଛନ୍ତି। ପ୍ରଣିତ କୌର, ଅଦିତି ସ୍ୱାମୀ ଓ ଶଶୀ ଚୌଧାରୀଙ୍କୁ ନେଇ ମହିଳା ଦଳ ଜାଜାଖସ୍ତାନକୁ ୨୦୪-୨୦୧ରେ ପରାସ୍ତ କରି ଭାରତ ପାଇଁ ମହାଦେଶୀୟ ଚାମ୍ପିୟନଶିପ୍‌ରେ ପ୍ରଥମ ସ୍ୱର୍ଣ୍ଣ ପଦକ ଆଣି ଦେଇଥିଲେ। ପ୍ରଥମେଶ ଫୁଗେ, ରିଷଭ ଯାଦବ ଓ ଜାକର ସମାଧାନଙ୍କୁ ନେଇ ପୁରୁଷ ଦଳ ଫାଇନାଲରେ ବାଂଲାଦେଶକୁ ୨୨୪-୨୮୧ରେ ପରାସ୍ତ କରିବା ଦ୍ୱାରା ଭାରତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ପାଇଥିଲା। ସମାଧାନ ଏକ ସଂଘର୍ଷପୂର୍ଣ୍ଣ ବ୍ରୋଞ୍ଜ ପ୍ଲେ-ଅଫ୍‌ରେ କାଜାଖସ୍ତାନର ସର୍ଗେ ଖ୍ରୀଷ୍ଟିଚ୍‌ଙ୍କୁ ୧୪୭-୧୪୫ରେ ହରାଇ ତାଙ୍କ ଦ୍ୱିତୀୟ ପଦକ ହାସଲ କରିଥିଲେ। ସମାଧାନଙ୍କ ବ୍ରୋଞ୍ଜ ପଦକ ଯୋଗୁ ଭାରତ ବ୍ୟକ୍ତିଗତ ପୁରୁଷ କମ୍ପାଉଣ୍ଡ ବିଭାଗରେ କ୍ଲିନ୍ ସୁଇପ୍ ବିଜୟ ହାସଲ କରିଛି। କାରଣ ଏହି ବିଭାଗର ସ୍ୱର୍ଣ୍ଣ ପଦକ ମୁକାବିଲା ବୁଧବାର ଦୁଇ ଭାରତୀୟ ପ୍ରଥମେଶ ଫୁଗେ ଓ ରିଷଭ ଯାଦବଙ୍କ ମଧ୍ୟରେ ହେବ। ଭାରତକୁ ଏହାର ତୃତୀୟ ସ୍ୱର୍ଣ୍ଣ କମ୍ପାଉଣ୍ଡ ମିକ୍ସଡ ଟିମ୍ ଇଭେଣ୍ଟରେ ମିଳିଛି।

### ଗ୍ରାହମ ଥର୍ପେ ହସ୍ପିଟାଲରେ



**ଲଣ୍ଡନ, ୧୦।୫ (ଏପି):** ଇଂଲଣ୍ଡର ପୂର୍ବତନ ବ୍ୟାଟର ଓ କୋଚ୍ ଗ୍ରାହମ ଥର୍ପେ ଗୁରୁତର ଭାବେ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଦେଶର ପ୍ରଫେସନାଲ କ୍ରିକେଟର୍ସ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଏ ବିଷୟରେ ସୂଚନା ଦିଆଯାଇଛି। ଜାନୁୟାରୀରେ ଆଶେଷ ସିରିଜ ପରେ ୫୨ ବର୍ଷୀୟ ଥର୍ପେ ଇଂଲଣ୍ଡ କୋଚିଂ ଷ୍ଟାଫ୍‌ରୁ ଅବ୍ୟାହତି ନେବା ପରେ ଆଫଗାନିସ୍ତାନର ମୁଖ୍ୟ କୋଚ ହୋଇଥିଲେ। ତାଙ୍କ ଅସୁସ୍ଥତାର କାରଣ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ। ଥର୍ପେ ୨୦୦୫ରେ ଅବସର ନେବା ପୂର୍ବରୁ ଇଂଲଣ୍ଡ ପାଇଁ ୧୦୦ ଟେଷ୍ଟ ମ୍ୟାଚ ଖେଳି ୧୬ ଶତକ ହାସଲ କରିଥିଲେ। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡରେ ଜଣେ ବ୍ୟାଟିଂ କୋଚ ଭାବେ ଯୋଗଦେବା ପୂର୍ବରୁ ସେ ଅଷ୍ଟ୍ରେଲିଆରେ ତାଙ୍କ କୋଚିଂ କ୍ୟାରିୟର ଆରମ୍ଭ କରିଥିଲେ। ଟ୍ରେଭର ବେଲିସ ଓ କ୍ରିସ୍ ସିଲ୍‌ଭରଉଡ୍‌ଙ୍କ ଅଧୀନରେ ସେ ପୁରୁଷ ଦଳର ସହକାରୀ କୋଚ୍ ଭାବେ କାର୍ଯ୍ୟ କରୁଥିଲେ।

### କ୍ୱାର୍ଟର ଫାଇନାଲରେ ଭାରତୀୟ ମହିଳା ଦଳ

**ମୁମ୍ବାଇ,୧୦।୫:** ଚଳିତ ଉବର କପ୍ ଟୁର୍ନାମେଣ୍ଟରେ ଭାରତୀୟ ମହିଳା ବ୍ୟାଡମିଣ୍ଟନ ଦଳ ତା'ର ବିଜୟ ଅଭିଯାନ ଜାରି ରଖିଛି। ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍ ଡି' ମୁକାବିଲାରେ ଭାରତ ୪-୧ରେ ଆମେରିକାକୁ ହରାଇ ଦେଇଛି। ଏଥିଯୋଗୁ ଦଳ ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ପୂର୍ବରୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ୍‌ରେ ଭାରତ ସମାନ ବ୍ୟବଧାନରେ କାନାଡାକୁ ହରାଇଥିଲା। ଦୁଇ ଥର ଅଲିମ୍ପିକ୍ ପଦକଧାରୀ ପି ଭି ସିନ୍ଧୁ ପୁଣି ଥରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ସେ ପ୍ରଥମେ ୨୧-୧୦, ୨୧-୧୧ ଗେମ୍‌ରେ ଜାନି ଗାଇଙ୍କୁ ପରାସ୍ତ କରି ଭାରତକୁ ୧-୦ରେ ଅଗ୍ରଣୀ ଆଣି ଦେଇଥିଲେ। ଡବଲ୍ସରେ ତନିଶା କ୍ରାଷ୍ଟୋ ଓ ତ୍ରିଶା ଜଲି ୨୧-୧୯, ୨୧-୧୧ ଗେମ୍‌ରେ ଫ୍ରାନ୍ସିସ୍କା କର୍ବେଟ୍ ଓ ଅଲିସନ ଲିଙ୍କୁ ହରାଇ ଦେଇଥିଲେ। ଦ୍ୱିତୀୟ ସିଙ୍ଗଲ୍ସ ମ୍ୟାଚ୍‌ରେ ଆକାଶି କଶ୍ୟପ ୨୧-୧୮, ୨୧-୧୧ ଗେମ୍‌ରେ ଏସ୍ଥର ଶିଙ୍କୁ ହରାଇ ଭାରତୀୟ ଦଳର ବିଜୟ ସୁନିଶ୍ଚିତ କରିଥିଲେ। ଯୁବା ଡବଲ୍ସ ଯୋଡ଼ି ସିମରନ ସିଙ୍ଘି ଓ ରିତିକା ଠାକର ୧୨-୨୧, ୨୧-୧୭, ୧୩-୨୧ ଗେମ୍‌ରେ ଲରେନ ଲାମ ଓ କୋଡି ଟାଙ୍ଗ ଲିଙ୍ଗଠାରୁ ପରାସ୍ତ ହୋଇଥିଲେ। ଅନ୍ତିମ ମ୍ୟାଚ୍‌ରେ ଅଶମିତା ଚାଲିହା ୨୧-୧୮, ୨୧-୧୩ ଗେମ୍‌ରେ ନାଟାଲିଆ ଟିଙ୍କୁ ହରାଇ ଦେବାରୁ ଭାରତ ୪-୧ରେ ମୁକାବିଲାକୁ ଜିତି ନେଇଥିଲା।

# ପ୍ଲେ-ଅଫ୍‌ରେ ଗୁଜରାଟ ଟାଇଟାନ୍ସ



ପ୍ଲେୟର ଅଫ୍ ଦି ମ୍ୟାଚ୍ ଶୁବମନ ଗିଲ।

**ପୁଣେ,୧୦।୫**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସ ୬୨ ରନରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସକୁ ପରାସ୍ତ କରିଛି। ଏଥିସହ ୧୨ ମ୍ୟାଚରୁ ୧୮ ପଏଣ୍ଟ ସହ ପ୍ରଥମ ଦଳଭାବେ ଗୁଜରାଟ ଦଳ ପ୍ଲେ-ଅଫ୍‌ରେ ପ୍ରବେଶ କରିଛି। ଗୁଜରାଟ ୨୦ ଓଭରରେ ୪ ଉଇକେଟରେ ୧୪୪ ରନ୍ କରିଥିଲା। ଜବାବରେ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଲକ୍ଷ୍ନୌ ୧୩.୫ ଓଭରରେ ମାତ୍ର ୮୨ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦୀପକ ହୁଡା ସର୍ବାଧିକ ୨୭ ରନ କରିଥିବାବେଳେ ୮ ଜଣ ବ୍ୟାଟର ଦୁଇଅଙ୍କ ସ୍ପର୍ଶକରିପାରି ନ ଥିଲେ। ଗୁଜରାଟ ବୋଲର ରଶିଦ ଖାଁ ସର୍ବାଧିକ ୪ଟି ଉଇକେଟ ନେଇଥିଲେ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଗୁଜରାଟ ଟାଇଟାନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। ମାତ୍ର ଋଦ୍ଧିମାନ ଶାହା (୫), ମାଥ୍ୟୁ ୱେଡ୍ (୧୦) ଓ ନିଜେ ହାର୍ଦ୍ଦିକ (୧୧) ଫେଲ ମାରିବାରୁ ଦଳ ୯.୧ ଓଭରରେ ୫୧ ରନ୍‌ରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ସ୍ଥିତିରେ ଶୁଭମନ ଗିଲଙ୍କ ସହ ଡେଭିଡ୍ ମିଲର ମିଶି ଚତୁର୍ଥ ଉଇକେଟ ପାଇଁ ୪୧ ବଲରେ ୫୨ ରନ୍ ଯୋଡ଼ିଥିଲେ। ମିଲର ୨୬ ରନ୍ କରି ଆଉଟ ହୋଇଥିବାବେଳେ ଗିଲ ଓ ରାହୁଲ ଟେୱାଟିଆ ଅନ୍ତିମ ୪ ଓଭରରେ ୪୧ ରନ୍ ଯୋଡ଼ି ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇ ଥିଲେ। ଗିଲ ୪୯ ବଲ୍‌ରୁ ୬୩ (୭ ଚୌକା) ରନକରି ଅପରାଜିତ ରହିଥିଲେ। ଲକ୍ଷ୍ନୌ ପକ୍ଷରୁ ଆଭେଶ ଖାଁ ୨ଟି ଏବଂ ମୋହସିନ ଖାଁ ଓ ଜାସନ ହୋଲ୍ଡର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟାନ୍ସ ୨୦ ଓଭରରେ ୧୪୪/୪(ଶୁବମନ ଗିଲ-୬୩*, ଡେଭିଡ୍ ମିଲର-୨୬, ରାହୁଲ ଟେୱାଟିଆ-୨୨, ଅଭେଶ ଖାଁ-୨/୨୬, ମହସିନ ଖାଁ-୧/୧୮, ଜାସନ ହୋଲ୍ଡର- ୧/୪୧)। ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୧୩.୫ ଓଭରରେ ୮୨/ଅଲ୍‌ଆଉଟ (ଦୀପକ ହୁଡା-୨୭, ରଶିଦ ଖାଁ-୪/୨୪, ୟାଶ୍ ଦୟାଲ-୨/୨୪, ଆର. ସାଇ କିଶୋର-୨/୭, ମହମ୍ମଦ ଶାମି-୧/୫)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୧୨ | ୯ | ୩ | ୧୮ | +୦.୩୭୬ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୨ | ୮ | ୪ | ୧୬ | +୦.୩୮୫ |
| ରାଜସ୍ଥାନ ରୟାଲ୍ସ | ୧୧ | ୭ | ୪ | ୧୪ | +୦.୩୨୬ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୨ | ୭ | ୫ | ୧୪ | -୦.୧୧୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୫ | ୬ | ୧୦ | +୦.୧୫୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୫ | ୬ | ୧୦ | -୦.୦୩୧ |
| କୋଲକାତା ନାଇଟ ରାଇଡର୍ସ | ୧୨ | ୫ | ୭ | ୧୦ | -୦.୦୫୭ |
| ପଞ୍ଜାବ କିଙ୍ଗ୍ସ | ୧୧ | ୫ | ୬ | ୧୦ | -୦.୨୩୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୪ | ୭ | ୮ | +୦.୦୨୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୨ | ୯ | ୪ | -୦.୮୯୪ |

# ଓଡ଼ିଶା ୧୧-୦ରେ କେରଳକୁ ହରାଇଲା



ଓଡ଼ିଶା ସିନିୟର ମହିଳା ହକି ଦଳ।

**ଜାତୀୟ ସିନିୟର ମହିଳା ହକି**

■ ପୁନମ ବାର୍ଲା, ରୋଜିତା କୁଜୁର, ଦୀପ୍ତି ଲାକ୍ରା, ଜାହ୍ନବୀ ପ୍ରଧାନଙ୍କ ଡବଲ ଗୋଲ

**ଭୁବନେଶ୍ୱର, ୧୦।୫ (କ୍ରୀଡ଼ା ପ୍ରତିନିଧି)**

ଭୋପାଳରେ ଚାଲିଥିବା ଜାତୀୟ ସିନିୟର ମହିଳା ହକିରେ ଓଡ଼ିଶା ମଙ୍ଗଳବାର ୧୧-୦ ଗୋଲରେ କେରଳକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଏହା ହେଉଛି ଓଡ଼ିଶାର କ୍ରମାଗତ ଦ୍ୱିତୀୟ ବିଜୟ। ନିଜର ପ୍ରଥମ ମ୍ୟାଚରେ ଦଳ ୧୪-୦ ଗୋଲରେ ତେଲଙ୍ଗାନାକୁ ପରାସ୍ତ କରିଥିଲା। ୨ ବିଜୟ ସହ ଓଡ଼ିଶା ପୁଲ୍ 'ଏଚ୍'ରେ ୬ ପଏଣ୍ଟ ସହିତ ନିଜ ଶୀର୍ଷସ୍ଥାନକୁ ସୁଦୃଢ଼ କରିଛି। ଦଳ ୨୫ଟି ଗୋଲ ଦେଇ ସାରିଥିଲେ ହେଁ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଗୋଲ ବରଣ କରିନାହିଁ। ଏହି ଗ୍ରୁପ୍‌ର ଅନ୍ୟତମ ଦଳ ହିମାଚଳ ପ୍ରଦେଶ ମଧ୍ୟ ୨ ମ୍ୟାଚରୁ ୬ ପଏଣ୍ଟ ପାଇଛି। ତେବେ ଗୋଲ ବ୍ୟବଧାନରେ ଏହି ଦଳ ବହୁ ପଛରେ ରହିଛି। ଓଡ଼ିଶା ଓ ହିମାଚଳ ମଧ୍ୟରେ ଗ୍ରୁପ୍ ମ୍ୟାଚ ୧୩ ତାରିଖରେ ଅନୁଷ୍ଠିତ ହେବ।

ସମ୍ପୂର୍ଣ୍ଣ ଏକପାଖିଆ ମ୍ୟାଚରେ ଓଡ଼ିଶା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଦଳ ପକ୍ଷରୁ ପୁନମ ବାର୍ଲା (୧୦, ୩୪), ରୋଜିତା କୁଜୁର (୨୦, ୫୩), ଦୀପ୍ତି ଲାକ୍ରା (୨୧, ୪୨) ଓ ଜାହ୍ନବୀ ପ୍ରଧାନ (୫୨, ୫୬ ମିନିଟ) ୨ଟି ଲେଖାଏ ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନେହା ଲାକ୍ରା ୩୬, ସୁନୀତା ଲାକ୍ରା ୪୦ ଓ ବିମଳା ବାରୱା ୫୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଗ୍ରୁପ୍ 'ଏଚ୍'ର ଅନ୍ୟ ଏକ ମ୍ୟାଚରେ ହିମାଚଳ ୮-୦ ଗୋଲରେ ତେଲଙ୍ଗାନାକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ନରିନ୍ଦର କୌର ୧୬, ୨୭ ଓ ୪୨ତମ ମିନିଟରେ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ରିତୁ ରାଣୀ ୧୦ ଓ ୪୩, ମହିମା ଚୌହାନ ୪୬ ଓ ୪୯ ଦୁଇଟି ଲେଖାଏ ଏବଂ ହରଦୀପ କୌର ୧୪ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ପୁଲ୍ 'ଇ'ର ଏକ ମ୍ୟାଚରେ ଝାଡ଼ଖଣ୍ଡ ୧୦-୦ ଗୋଲରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ଏହି ପୁଲ୍‌ରେ ଝାଡ଼ଖଣ୍ଡ ୨ ମ୍ୟାଚରୁ ୬ ପଏଣ୍ଟ ସହିତ ଟେବୁଲରେ ପ୍ରଥମସ୍ଥାନ ଅଧିକାର କରିଛି। ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ୧୪ରେ, ସେମିଫାଇନାଲ ୧୬ରେ ଏବଂ ଫାଇନାଲ ୧୭ ତାରିଖରେ ଅନୁଷ୍ଠିତ ହେବ।

# ଐଶ୍ୱର୍ଯ୍ୟାଙ୍କୁ ଖୋଜୁଛନ୍ତି ଡୋପ୍ ଟେଷ୍ଟର

**ନୂଆଦିଲ୍ଲୀ, ୧୦।୫ (ପି.ଟି.)**



ଐଶ୍ୱର୍ଯ୍ୟା ମିଶ୍ରା

ଡୋପ୍ ଟେଷ୍ଟରମାନେ ମହାରାଷ୍ଟ୍ର କ୍ୱାର୍ଟରମାଇଲର ଐଶ୍ୱର୍ଯ୍ୟା ମିଶ୍ରାଙ୍କ ସନ୍ଧାନରେ ଅଛନ୍ତି। ଏହି ଆଥ୍‌ଲେଟ ଗତ ମାସରେ ଫେଡେରେଶନ କପ୍ ନ୍ୟାଶନାଲ ଚାମ୍ପିୟନଶିପ୍ ଜିତିବା ପରେ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି। କର୍ତ୍ତୃପକ୍ଷଙ୍କ ପାଇଁ ଏହା ଚିନ୍ତାର କାରଣ ହୋଇଛି। ଐଶ୍ୱର୍ଯ୍ୟା ଏପର୍ଯ୍ୟନ୍ତ କୌଣସି ଅନ୍ତର୍ଜାତୀୟ ପଦକ ହାସଲ କରିପାରି ନାହାନ୍ତି। କିନ୍ତୁ କୋଝିକୋଡ୍‌ଠାରେ ଅନୁଷ୍ଠିତ ଫେଡେରେଶନ କପ୍ (ଏପ୍ରିଲ ୨ରୁ ୬) ମହିଳା ୪୦୦ ମିଟର ଇଭେଣ୍ଟ ୫୧.୧୮ ସେକେଣ୍ଡ ଟାଇମିଂରେ ଜିତିଛନ୍ତି। ଏହାଦ୍ୱାରା ସେ ଭାରତର ତୃତୀୟ ଦ୍ରୁତତମ କ୍ୱାର୍ଟରମାଇଲର ବିବେଚିତ ହୋଇଛନ୍ତି। ପ୍ରଭାବୀ ପ୍ରଦର୍ଶନ ଯୋଗୁ ଐଶ୍ୱର୍ଯ୍ୟା ଜୁଲାଇରେ ଯୁକ୍ତରାଷ୍ଟ୍ର ଆମେରିକାରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। କେବଳ ହିମା ଦାସ (୫୦.୭୯ ସେକେଣ୍ଡ, ଜାତୀୟ ରେକର୍ଡ) ଓ ମନଜିତ୍ କୌର (୫୧.୦୫) ତାଙ୍କଠାରୁ ଦ୍ରୁତତର ଅଛନ୍ତି। ପ୍ରତିଯୋଗିତା ପରେ ସାମ୍ପଲ ସଂଗ୍ରହ ପାଇଁ ବିଶ୍ୱ ଆଥଲେଟିକ୍ସ ଦ୍ୱାରା ପ୍ରତିଷ୍ଠିତ ସ୍ୱାଧୀନ ସଂସ୍ଥା ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ(ଏଆଇୟୁ) ଏବଂ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ଐଶ୍ୱର୍ଯ୍ୟାଙ୍କୁ ଖୋଜୁଛି। ହେଲେ ତାଙ୍କର ଖୋଜଖବର ମିଳୁନାହିଁ। ଫେଡେରେଶନ କପ୍‌ରେ ପ୍ରଭାବୀ ଟାଇମିଂ ଯୋଗୁ ତାଙ୍କୁ ଭାରତୀୟ କ୍ୱାର୍ଟରମାଇଲର ଦଳରେ ସାମିଲ କରାଯାଇଛି, ଯେଉଁମାନେ କି ରାଜ୍ୟଗୋଷ୍ଠୀ କ୍ରୀଡ଼ା ସମେତ ଆଗାମୀ ପ୍ରମୁଖ ଇଭେଣ୍ଟଗୁଡ଼ିକ ଲାଗି ତୁର୍କୀରେ ଟ୍ରେନିଂ ନେବେ। ମାତ୍ର ସେ ଗସ୍ତରେ ସାମିଲ ହେବା ଲାଗି ଆସିନାହାନ୍ତି। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ)ରେ ପଞ୍ଜୀକୃତ ହୋଇଥିବା ଐଶ୍ୱର୍ଯ୍ୟାଙ୍କ ଫୋନ୍‌କୁ ରିଙ୍ଗ୍ କଲେ 'ରଙ୍ଗ୍ ନମ୍ବର' ବୋଲି ମେସେଜ ଆସୁଛି। ଏଏଫ୍‌ଆଇ ଏବଂ ଏହାର ମହାରାଷ୍ଟ୍ର ଶାଖା ଏହି ଆଥ୍‌ଲେଟଙ୍କ ସନ୍ଧାନ ନେବାକୁ ଯାଇ ତାଙ୍କ ପୂର୍ବତନ କୋଚ ଏବଂ ବର୍ତ୍ତମାନ କୋଚ୍‌ଙ୍କ ସହ ଯୋଗାଯୋଗ କରିଛି। ଜାତୀୟ କ୍ୟାମ୍ପରେ ଯୋଗଦେବା ଲାଗି ଐଶ୍ୱର୍ଯ୍ୟାଙ୍କୁ ପ୍ରବର୍ତ୍ତାଇବା ଲାଗି ସେମାନଙ୍କୁ କୁହାଯାଇଥିଲା। ମାତ୍ର ଆଥ୍‌ଲେଟଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରୁ ନାହିଁ। ୨୦୧୯ରେ ମୁମ୍ବାଇ ୟୁନିଭର୍ସିଟି ଇଣ୍ଟରକଲେଜିଏଟ୍ ଆଥଲେଟିକ୍ସ ମିଟ୍‌ରେ ପ୍ରଭାବୀ ୫୨.୪୦ ସେକେଣ୍ଡ ଟାଇମିଂ ପରେ ଐଶ୍ୱର୍ଯ୍ୟା ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ତୁରନ୍ତ ଜାତୀୟ କ୍ୟାମ୍ପରେ ଯୋଗ ଦେଇଥିଲେ। ସେତେବେଳେ ମଧ୍ୟ ତୁର୍କୀରେ ଟ୍ରେନିଂ ପାଇଁ ତାଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଥିଲା। ତାଙ୍କର ଆକସ୍ମିକ ଉନ୍ନତି ଯୋଗୁ ସେ ଅନେକଙ୍କ ଚକ୍ଷୁଶୀଳର ଶିକାର ହୋଇଥିଲେ।

### ଅଷ୍ଟ୍ରେଲିଆ ବିପକ୍ଷରେ ଟି୨୦ ସିରିଜ ଖେଳିବ ଭାରତ

**ମେଲବୋର୍ନ, ୧୦।୫ (ପି.ଟି.):** ଆସନ୍ତା ଆଇସିସି ଟି୨୦ ବିଶ୍ୱକପ୍ ପାଇଁ ପ୍ରସ୍ତୁତିର ଅଂଶବିଶେଷ ଭାରତ ନିଜ ଦେଶରେ ସେପ୍ଟେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳିବ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଟୁର୍ନାମେଣ୍ଟ ପାଇଁ ନିଜକୁ ପ୍ରସ୍ତୁତ କରିବା ଲାଗି ମଧ୍ୟ ନିଜ ଦେଶରେ ଜିମ୍ବାୱେ, ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ବିପକ୍ଷରେ ଟି୨୦ ମ୍ୟାଚ ଖେଳିବ। ଟି୨୦ ବିଶ୍ୱକପ୍ ଚଳିତବର୍ଷ ଅକ୍ଟୋବର ଓ ନଭେମ୍ବରରେ ଅଷ୍ଟ୍ରେଲିଆରେ ଆୟୋଜିତ ହେବ। କାର୍ଯ୍ୟସୂଚୀ ଅନୁସାରେ ଭାରତ ନିଜ ଦେଶରେ ଜୁନ୍ ୯ରୁ ୧୯ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ବିପକ୍ଷ ୫ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳିବ। ପରେ ଦଳ ଆୟର୍ଲାଣ୍ଡ ଟୁର୍‌ରେ ଯିବ। ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ପୁନଃନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଇଂଲଣ୍ଡ ବିପକ୍ଷ ୫ମ ତଥା ଅନ୍ତିମ ଟେଷ୍ଟ ଜୁଲାଇ ୧ରୁ ଖେଳିବ। ଗତବର୍ଷ ଭାରତୀୟ କ୍ୟାମ୍ପରେ କୋଭିଡ୍ ସଂକ୍ରମଣ ଦେଖାଦେବାରୁ ଏହି ମ୍ୟାଚକୁ ସ୍ଥଗିତ ରଖାଯାଇଥିଲା। ଭାରତୀୟ ଦଳ ଏହା ପରେ ଇଂଲଣ୍ଡ ବିପକ୍ଷରେ ଏକ ହ୍ୱାଇଟ୍‌ବଲ୍ ସିରିଜ ଖେଳିବ।

### ଆଇପିଏଲ୍-୧୫

**ଆଜିର ମ୍ୟାଚ**

ରାଜସ୍ଥାନ ରୟାଲ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ

ସ୍ଥାନ: ମୁମ୍ବାଇ

ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ






# ୭ମ ବ୍ୟାଚ୍ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଭୁବନେଶ୍ୱର, ୧୦।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଉତ୍କଳ କରାଟେ ସ୍କୁଲ ଦ୍ୱାରା ଓଡ଼ିଶାର ବିଭିନ୍ନ ଜିଲାରୁ +୩ ଛାତ୍ରୀମାନଙ୍କୁ ଦିଆଯାଇଆସୁଥିବା ଆତ୍ମରକ୍ଷା କୌଶଳ 'ରିଆକ୍ଟ'ର ସପ୍ତମ ବ୍ୟାଚ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ବ୍ୟାଚରେ ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ାରୁ ମୋଟ ୧୧୦ଜଣ ଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଉଚ୍ଚଶିକ୍ଷା ଓ କୃଷି ବିଭାଗ ମନ୍ତ୍ରୀ ଅରୁଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗର ରାଜ୍ୟ ଏନ୍‌ଏସ୍‌ଏସ୍ ଅଧିକାରୀ ତଥା ଉପ ଶାସନ ସଚିବ ଉମେଶ ଚନ୍ଦ୍ର ବେହେରା,ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହରିପ୍ରସାଦ ପଟ୍ଟନାୟକ, ଉଚ୍ଚଶିକ୍ଷା ବିଭାଗର ଅଧିକାରୀ ପୀତାମ୍ବର ମୁର୍ମୁ, ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷକ ଗୌରୀ ମହାନ୍ତି, ଦୀପକ ସାମନ୍ତରା, ଅନୁପମା ସ୍ୱାଇଁ, ଅନୁରାଧା ପାତ୍ର, ସୁସ୍ମିନି ପାଲ୍‌ଟା ସିଂ, ଡି. ଭଗବାନ ରେଡ୍ଡୀ, ମହେଶ ଡୋରା, କୃଷ୍ଣଚନ୍ଦ୍ର ମହାରଣା, ସୋମାଲିନା ଓ ମଧୁପ୍ରିୟା ପ୍ରମୁଖ ଉପସ୍ଥିତ ଥିଲେ।



ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ ଟ୍ରେନରଙ୍କ ସହ।





12 ଗୁଣକାରୀ ଆୟୁର୍ବେଦିକ ଔଷଧି ଯେପରି ଗୋଲାପ, ତୁଳସୀ, ଅଁଳା, ନିମ, ପୋଦିନା, ମହୁ ଇତ୍ୟାଦିର ଯୋଗରେ ପ୍ରସ୍ତୁତ 'ଆଇ ମନ୍ତ୍ରା' ଆୟୁର୍ବେଦିକ ଆଇ ଡ୍ରପ୍ ଆଖିରେ ଦେଖାଦେଉଥିବା ସମସ୍ୟା ଯେପରି ଆଖିର କ୍ଳାନ୍ତି, ଆଖିର ଶୁଷ୍କତା, ଆଖି ଉପରୁ ଚାପ ହ୍ରାସକରି ତାହାକୁ ସୁସ୍ଥ ଓ ଶୀତଳ କରିବାରେ ସହାୟକ ଅଟେ। ଆୟୁର୍ବେଦିକ ହୋଇଥିବା କାରଣରୁ ଏହା ସୁରକ୍ଷିତ ହୋଇଥାଏ ଏବଂ ଆଖି ଉପରେ ଏହାର କୌଣସି କୁପ୍ରଭାବ ମଧ୍ୟ ପଡ଼ି ନ ଥାଏ।

Assam S.S. : B.D. Mercentile (Guwahati) : 9435482360, Arunachal Pradesh : 9954585938, Agartala : 9436127368, Barpeta Road : 260725, 9435123031, Bongaigaon : 230228, Bijaynagar : 9706573873, Dhubri : 9435327441, Dibrugarh : 9854148562, 2327285, Goalpara : 240013, Golaghat : 9706058720, Guwahati : 8876022093, 2330317, 9707022991, 9864351121, 9707098746, 9707126989, 2574433, Imphal : 8415902151, Jorhat : 9435052148, 2309533, Kharupetia : 9435087051, Kokrajhar : 9707739067, Lakhtokia : 2517253, Nalbari : 98641, 48783, Nagaon : 233040, North Lakhimpur : 9954372535, 243708, 9085345037, Moran : 9864579645, Rangia : 9954019303, Rehabari : 8011790602, Shilong : 9615121733, Sibsagar : 9854148562, 220701, Silapathar : 9678765851, Silchar : 9435230634, 9401850359, Tangla : 9435184558, Tezpur : 7896702567, 8812852473, 220312, Tinsukia : 9435201825, 330317


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ମାଙ୍କଡ଼ା ପଥର ଖଣିରେ ଚଢ଼ାଉ: ଜେସିବି ଜବତ, ୨ ଗିରଫ

**ଖୋର୍ଦ୍ଧା ଅଫିସ, ୧୦।୫:** ଖୋର୍ଦ୍ଧାରେ ବେଆଇନ ଭାବେ ମୋରମ ଓ ମାଙ୍କଡ଼ା ପଥର ଚାଲାଣ ବଢ଼ିବାରେ ଲାଗିଛି। ମଙ୍ଗଳବାର ସଦର ପୋଲିସ କାଇମାଟିଆରେ ବେଆଇନ ଭାବେ ମାଙ୍କଡା ପଥର ଉତ୍ତୋଳନ ଚାଲିଥିବା ବେଳେ ଚଢ଼ାଉ କରି ଗୋଟିଏ ଜେସିବି ମେଶିନ, ୨ଟି ବାଇକ୍ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଗିରଫଦ୍ୱୟ ହେଲେ ସଦର ଥାନା ବ୍ରଜମୋହନପୁରର ସର୍ବେଶ୍ୱର ବେହେରା(୨୫) ଏବଂ ଗୋପୀନାଥପୁରର ଅଶୋକ କୁମାର ନାୟକ(୨୪)। ଏ ନେଇ ଥାନାରେ ମାଇନ୍ସ ଆକ୍ଟରେ ଏକ ମାମଲା (ନଂ.୭୨/୨୨) ରୁଜୁ ହୋଇଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ଅନିତା ସାହୁ ସୂଚନା ଦେଇଛନ୍ତି।

### ଟ୍ରକ୍ ଧକ୍କାରେ ଛାତ୍ରୀଙ୍କ ମୃତ୍ୟୁ

**ନିମାପଡା,୧୦।୫(ଡି.ଏନ୍.ଏ.):** ନିମାପଡ଼ା ଥାନା ଅଧୀନ ଡେଣୁଅାଁ କେନାଲ ବନ୍ଧ ରାସ୍ତାର ନିକଡିହ ଛକଠାରେ ମଙ୍ଗଳବାର ପୂର୍ବାହ୍ନରେ ଏକ ଟ୍ରକ ଧକ୍କାରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଥାନା ଅଧୀନ ଡେଣୁଅାଁଗସ୍ତି ଗ୍ରାମର ଅର୍ଚ୍ଚିତା ବେହେରା(୧୬)। ଏହି ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ କ୍ଷତିପୂରଣ ଦାବିରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଭଙ୍ଗାରୁଜା କରି ୨ ଘଣ୍ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ, ପୋଲିସ ଏସ୍‌ଆଇ ପି.କେ. ଜୁଝାର ସିଂ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ରେଡକ୍ରସ ପାଣ୍ଠିରୁ ମୃତ ଛାତ୍ରୀଙ୍କ ପରିବାରକୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନା ଅନୁଯାୟୀ, ଅର୍ଚ୍ଚିତା ବିଦ୍ୟାଳୟରୁ ଅନ୍ୟ ସାଙ୍ଗଙ୍କ ସହ ସାଇକେଲରେ ଘରକୁ ଫେରୁଥିଲେ। ଡେଣୁଅାଁବସ୍ତିପଟୁ ନିମାପଡା ଅଭିମୁଖେ ଆସୁଥିବା ଏକ ଟ୍ରକ ପଛପଟୁ ତାଙ୍କୁ ଧକ୍କା ଦେଇଥିଲା। ଅର୍ଚ୍ଚିତା ପଡ଼ି ଗୁରୁତର ହୋଇଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଏଟିଏମ୍‌ରେ ଏସି ଅଚଳ, ଗ୍ରାହକ ଅସନ୍ତୋଷ

**ନିରାକାରପୁର, ୧୦।୫(ଡି.ଏନ୍.ଏ.):** ଗ୍ରାହକମାନେ କିଭଳି ସୁବିଧାରେ ଟଙ୍କା ଉଠାଇ ପାରିବେ ଏବଂ ବ୍ୟାଙ୍କ ଭିଡ଼ ହେବନି ସେନେଇ ବିଭିନ୍ନ ବ୍ୟାଙ୍କର ଏଟିଏମ୍ ଖୋଲାଯାଇଛି। ମାତ୍ର ଏଟିଏମ୍‌ଗୁଡିକର ରକ୍ଷଣାବେକ୍ଷଣ ଅଭାବରୁ କେଉଁଠି ବଲ୍‌ବ ଜଳୁନି ତ ଆଉ କେଉଁଠି ସଫା କରାଯାଉନାହିଁ। ଏଟିଏମ୍‌ରେ ଏସି ଲାଗିଥିଲେ ମଧ ବର୍ଷ ବର୍ଷ ଧରି ଅଚଳ ହୋଇପଡ଼ିଛି। ଏଭଳି ଘଟଣା ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ଅଞ୍ଚଳରେ ବିଭିନ୍ନ ବ୍ୟାଙ୍କର ୮ଟି ଏଟିଏମ୍ ରହିଥିବା ବେଳେ ଦୀର୍ଘବର୍ଷ ହେବ ବରୋଦା ବ୍ୟାଙ୍କର ଏଟିଏମ୍ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ତେବେ ଏଟିଏମ୍‌ଗୁଡ଼ିକରେ ଲାଗିଥିବା ଏସି କାମ କରୁ ନ ଥିବା ଜଣାପଡ଼ିଛି। ଏ ନେଇ ଗ୍ରାହକ ଅଶୋକ ମହାପାତ୍ର କୁହନ୍ତି, ଏଟିଏମ୍‌ରେ ଏସି କାମ କରୁ ନ ଥିବା ବେଳେ ଏହାର ପରିସରକୁ ଦୀର୍ଘଦିନ ପର୍ଯ୍ୟନ୍ତ ସଫା କରାଯାଉନାହିଁ। ସେହିପରି ସୁନୀଲ ସୁବୁଦ୍ଧି କୁହନ୍ତି, ଏଟିଏମ୍‌ରେ ଗ୍ରାହକଙ୍କ ପାଇଁ ଏସି ଲାଗିଥିଲେ ମଧ ଲୋକଙ୍କ ସେବାରେ ତାହା ଆସୁନାହିଁ।

# ଝାଁଳା ବଜାର ୬ ଘଣ୍ଟା ବନ୍ଦ

**ବ୍ୟବସାୟୀଙ୍କୁ ଆକ୍ରମଣ ଘଟଣା**
- ୭ ଦିନ ପରେ ବି ନିଆଯାଉନି ପଦକ୍ଷେପ
- ଫାଣ୍ଡି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ

**ଝାଁଳା,୧୦।୫(ଡି.ଏନ୍.ଏ.)**

ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଝାଁଳା ବଜାରର ଜଣେ ଦୋକାନୀଙ୍କୁ ଆକ୍ରମଣ ଘଟଣାରେ ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସ୍ଥାନୀୟ ବ୍ୟବସାୟୀ ସଂଘ ପକ୍ଷରୁ ୬ ଘଣ୍ଟିଆ ବଜାର ବନ୍ଦ କରାଯାଇଥିଲା। ଏଥିସହ ଝାଁଳା ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନା ମୁତାବକ, ଝାଁଳା ବଜାରରେ ଜ୍ଞାନେଶ ମାନସିଂଙ୍କ ଏକ ହାର୍ଡୱେର ଦୋକାନ ରହିଛି। ଗତ ୨ ତାରିଖରେ ଜ୍ଞାନେଶ ଦୋକାନ ଆଗରେ ଛିଡ଼ା ହୋଇଥିବା ବେଳେ କୌଣସି କାରଣକୁ ନେଇ ଉତ୍ତରମୁଣ୍ଡ ମୁହାଣର ଜଣେ ଯୁବକଙ୍କ ସହ ବଚସା ହୋଇଥିଲା। ଏହା ପରଦିନ ଅର୍ଥାତ୍ ୩ ତାରିଖରେ ଉକ୍ତ ଯୁବକ ଜଣଙ୍କ ଆସି ଜ୍ଞାନେଶଙ୍କ ସହ ପାଟିତୁଣ୍ଡ କରିଥିଲେ। ପରେ ସେ ଉତ୍ତ୍ୟକ୍ତ ହୋଇ ନିକଟ ଦୋକାନରେ ଥିବା ଏକ ମାର୍ବୁଲ ଆଣି ଜ୍ଞାନେଶଙ୍କ ମୁଣ୍ଡକୁ ଫିଙ୍ଗିଦେବାରୁ ମାନସିଂ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଜ୍ଞାନେଶ ଝାଁଳା ଫାଣ୍ଡିରେ ଅଭିଯୋଗ କରିବା ସହ ବଜାର କମିଟିକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ତେବେ ଘଟଣାକୁ ୭ଦିନ ବିତିଯାଇଥିଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ଝାଁଳା ବ୍ୟବସାୟୀ ସଂଘ ପକ୍ଷରୁ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବଜାର ବନ୍ଦ କରାଯାଇଥିଲା। ଅଭିଯୁକ୍ତ ବଜାରରେ ବୁଲୁଥିବା ବେଳେ ପୋଲିସ ଧରୁନାହିଁ ବୋଲି ବ୍ୟବସାୟୀମାନେ କହିଛନ୍ତି। ତୁରନ୍ତ ଅଭିଯୁକ୍ତଙ୍କ ଗିରଫ ଦାବିରେ ସମସ୍ତ ବ୍ୟବସାୟୀ ଫାଣ୍ଡି ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଫାଣ୍ଡି ଅଧିକାରୀ ନାୟକ କହିଛନ୍ତି।



ଝାଁଳା ଫାଣ୍ଡି ଅଧିକାରୀଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବ୍ୟବସାୟୀମାନେ।



ଜଟଣୀ ଲୋକୋକଲୋନୀସ୍ଥିତ ଅସ୍ଥାୟୀ ମଣ୍ଡପରେ ଭଗବତୀଙ୍କୁ ପୂଜାର୍ଚ୍ଚନା କରାଯାଉଛି।

## ଭଗବତୀଙ୍କ ବାର୍ଷିକ ସାହିଯାତ୍ରା ଉଦ୍‌ଯାପିତ

**ଜଟଣୀ,୧୦।୫(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଲୋକୋ କଲୋନୀସ୍ଥିତ ମା' ଭଗବତୀଙ୍କ ବାର୍ଷିକ ସାହିଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଗତ ୩ ତାରିଖ ମଧ୍ୟରାତିରୁ ଆରମ୍ଭ ହୋଇଥିବା ଏହି ପୂଜା ଆନନ୍ଦ ଉଲ୍ଲାସରେ ଶେଷ ହୋଇଛି। ଲୋକୋ କଲୋନୀସ୍ଥିତ ଭଗବତୀଙ୍କ ପୀଠରୁ ମା'ଙ୍କୁ ପୂଜାର୍ଚ୍ଚନା କରାଯାଇ ୭ଦିନର ମଣ୍ଡପ ଯାତ୍ର ପାଇଁ ଅସ୍ଥାୟୀ ମଣ୍ଡପକୁ ଅଣାଯାଇଥିଲା। ଏଠାରେ ମା' ସାତଦିନ ମଣ୍ଡପରେ ପୂଜା ପାଇବା ସହ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ମା'ଙ୍କ ଘଟକୁ ଉକ୍ତ ଅଞ୍ଚଳର ସମସ୍ତ ସାହି ଓ ବସ୍ତି ପରିକ୍ରମା କରାଯାଇଥିଲା। ପ୍ରତିଦିନ ସକାଳ ଧୂପ, ଆଳତି, ମଧ୍ୟାହ୍ନ ଧୂପ ପରେ ପ୍ରସାଦ ସେବନ, ସନ୍ଧ୍ୟା ଆଳତି ଓ ରାତ୍ରଧୂପ ପରେ ବିଶ୍ରାମ ନୀତି କରାଯାଇଥିଲା। ପୂଜାର୍ଚ୍ଚନା ପରେ ମଙ୍ଗଳବାର ରାତିରେ ମା' ସ୍ୱପୀଠକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଉତ୍ସବର ପ୍ରତି ସନ୍ଧ୍ୟାରେ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମାନସିକଧାରୀ ବିଭିନ୍ନ ବେଶ ଧାରଣ କରି ମା'ଙ୍କ ଆଶୀର୍ବାଦ ନେଉଥିବା ଦେଖିବାକୁ ମିଳିଥିଲା। ଏହି ଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ସମାପନ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୂଜା ପରିଚାଳନା କମିଟିର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

## ଶିକ୍ଷୟିତ୍ରୀଙ୍କ ବଦଳି ପ୍ରତିବାଦରେ ଧାରଣା



ବିଦ୍ୟାଳୟ ଆଗରେ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

**ଜଟଣୀ, ୧୦।୫(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅନ୍ତର୍ଗତ ପଳାସପୁର ଗ୍ରାମସ୍ଥିତ ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମନିତା ପରିଡ଼ାଙ୍କ ବଦଳି ପ୍ରତିବାଦରେ ମଙ୍ଗଳବାର ସ୍କୁଲ ସମ୍ମୁଖରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଧାରଣା ଦେଇଥିଲେ। ସୂଚନା ମୁତାବକ, ଜଟଣୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଚିଠି ସଂଖ୍ୟା ଏମ୍‌ଓପି/୦୭।୦୫।୨୨ରେ ଶିକ୍ଷୟିତ୍ରୀ ପରିଡ଼ାଙ୍କୁ ଜାମୁଝରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ବଦଳିକୁ ବିରୋଧ କରି ପରିଚାଳନା କମିଟି, ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଧାରଣା ଦେଇଥିଲେ। ଧାରଣାକାରୀଙ୍କ କହିବାନୁଯାୟୀ, ବର୍ତ୍ତମାନ ୮୬ ଜଣ ଛାତ୍ରୀଛାତ୍ର ୬ଷ୍ଠ, ୭ମ ଏବଂ ୮ମ ଶ୍ରେଣୀ ନିମନ୍ତେ ନାମ ଲେଖାଇଥିବା ବେଳେ ଚଳିତ ଶିକ୍ଷାବର୍ଷରେ ୧୦୦ରୁ ଉର୍ଦ୍ଧ୍ୱ ଶିକ୍ଷାର୍ଥୀ ଶିକ୍ଷା ଗ୍ରହଣ ପାଇଁ ଆସିବା ସମ୍ଭାବନା ରହିଛି। ଏଠାରେ ମାତ୍ର ୪ ଶିକ୍ଷକ ରହିଥିବା ବେଳେ ବଦଳି ରୋକିବା ପାଇଁ ଗତ ସୋମବାର ପରିଚାଳନା କମିଟି, ଅଭିଭାବକଙ୍କ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କୁ ପତ୍ର ଯୋଗେ ଅବଗତ କରାଯାଇଥିଲା। ଅଭିଯୋଗର କୌଣସି କାର୍ଯ୍ୟକାରୀ ନ ହେବା ଓ ପିଲାଙ୍କ ପାଠପଢ଼ା ପ୍ରଭାବିତ ହେବା ପ୍ରତିବାଦରେ ଏହି ଧାରଣା ଦିଆଯାଇଛି। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବଦଳି ବିରୋଧରେ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ସମୁଦ୍ରରେ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ପୁରୀ ଅଫିସ,୧୦।୫**

ପୁରୀ ସମୁଦ୍ରକୁ ଡେଇଁ ଜଣେ ମହିଳା ମଙ୍ଗଳବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ହେଲେ ସେଠାରେ ଲାଇଫଗାର୍ଡ଼ମାନେ ଏହାଦେଖି ତାଙ୍କୁ ଉଦ୍ଧାର କରି ସମୁଦ୍ରକୂଳ ଥାନା ଜିମାରେ ଦେଇଛନ୍ତି। ସମ୍ପୃକ୍ତା ମହିଳା ହେଲେ ଭୁବନେଶ୍ୱରର ଚକେଇଶିଆଣି ଶନି ମନ୍ଦିର ନିକଟରେ ରହୁଥିବା ଉର୍ମିଳା ରାଉତ। ପାରିବାରିକ କଳହକୁ କେନ୍ଦ୍ର କରି ସେ ଘର ଛାଡ଼ି ପୁରୀ ଚାଲି ଆସିଥିଲେ। ବାପା ଘରକୁ ଯିବାକୁ ସଂଶୟ କରି ସମୁଦ୍ରକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସଙ୍କଠାରୁ ସୂଚନା ପାଇ ତାଙ୍କ ଘର ଲୋକେ ସମୁଦ୍ରକୂଳ ଥାନାରେ ପହଞ୍ଚି ମହିଳାଙ୍କୁ ସାଙ୍ଗରେ ନେଇଥିଲେ। ତାଙ୍କ ଭାଇ ବୁଦ୍ଧନାଥ ଶାହାଣୀଙ୍କ କହିବା ଅନୁଯାୟୀ, ଭଉଣୀଙ୍କ ପରିବାରରେ କଳହ ହେଉଥିଲା। ଦିନକୁ ଦିନ ଝଗଡ଼ା ବଢ଼ିବାରୁ ମାନସିକ ଚିନ୍ତାରେ ପୁରୀକୁ ଚାଲିଆସିଥିଲେ। ଆଇଆଇସି ଚିନ୍ମୟ ରାଉତ କହିଛନ୍ତି, ମହିଳାଙ୍କୁ ଉଦ୍ଧାର ପରେ ପରିବାର ଲୋକଙ୍କ ଜିମା ଦିଆଯାଇଛି।

## ୧.୧୫ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

**ବେପାରୀ ଗିରଫ: ୩.୫୧ ଲକ୍ଷ ଟଙ୍କା, ବାଇକ୍ ଜବତ**

**ଖୋର୍ଦ୍ଧା ଅଫିସ,୧୦।୫**

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ବଢ଼ିଚାଲିଛି। ବାରମ୍ବାର ଚଢ଼ାଉ, ଗିରଫ ସତ୍ତ୍ୱେ ଏହାର କୌଣସି ପ୍ରଭାବ ପଡୁନାହିଁ। କଲେଜ ପଢୁଆ ଯୁବକମାନେ ଅଧିକ ରୋଜଗାର ଆଶାରେ ଏଥିରେ ସମ୍ପୃକ୍ତ ରହୁଥିବା ଜଣାପଡ଼ିଛି। ବାଲେଶ୍ୱର, ଜଳେଶ୍ୱର ଅଞ୍ଚଳରୁ ବିଭିନ୍ନ ଗଳା ବାଟ ଦେଇ ବ୍ରାଉନ୍‌ସୁଗାର ଆସୁଛି। ଏଠାରୁ ତାହା ବିଭିନ୍ନ ସ୍ଥାନକୁ ପଠାଯାଉଛି। ମଙ୍ଗଳବାର ଖୋର୍ଦ୍ଧା ଟାଉନ ପୋଲିସ ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଭାଲିଆବାଡ଼ି ହାତିଆସୁନି ସାହିର ରାଜା ଓରଫ ରାଜେଶ ପଟ୍ଟନାୟକ। ତାଙ୍କଠାରୁ ୨୦.୧୫ ଗ୍ରାମ୍ ବ୍ରାଉନ୍‌ସୁଗାର, ୩ ଲକ୍ଷ ୫୧ ହଜାର ୨୨୦ ଟଙ୍କା ଏବଂ ଏକ ବାଇକ୍(ନଂ. ଓଡି୦୨–ବିଭି–୫୯୯୪) ଜବତ ହୋଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୧ଲକ୍ଷ ୧୫ ହଜାର ଟଙ୍କା ହେବ। ସୂଚନା ମୁତାବକ, ମଙ୍ଗଳବାର ସକାଳ ୮ଟା ୩୦ରେ ରାଜା ଭାଲିଆବାଡ଼ିରେ ବ୍ରାଉନ୍‌ସୁଗାର ବେପାର କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏସ୍‌ପି ସିଦ୍ଧାର୍ଥ କଟରିଆଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ସୁଶୀଲ ମିଶ୍ର ଓ ଟାଉନ ଥାନାଧିକାରୀ ତଥା ଡିଏସ୍‌ପି ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରାହକ ବେଶରେ ଚଢ଼ାଉ କରି ରାଜାଙ୍କୁ କାବୁ କରିଥିଲା। ଏ ନେଇ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ମାମଲା(ନଂ.୨୨୦/୨୨)ରୁଜୁ କରାଯାଇଛି। ଏହି ଚଢ଼ାଉରେ ଏସ୍‌ଆଇ ସମୀର ଦଳାଇ, ସସ୍ମିତା ବେହେରା, ସ୍ୱାଗତିକା ଦାସ, ପି.ଏଲ. ବେହେରା, ହାବିଲଦାର ଅଭିରାମ ସାମନ୍ତରାୟ, କନ୍‌ଷ୍ଟେବଳ ପି.କେ. ହରିଚନ୍ଦନ ଏବଂ ସସ୍ମିତା ବରାଳ ପ୍ରମୁଖ ସାମିଲ ଥିଲେ।



ଗିରଫ ଅଭିଯୁକ୍ତ ଏବଂ ଜବତ ଟଙ୍କା ଓ ବ୍ରାଉନ୍‌ସୁଗାର।

## ଚାର୍ଜ ଇଲେଭେନ ଚାମ୍ପିୟନ

**ଦିବାରାତ୍ର ଇଗଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

**ଖୋର୍ଦ୍ଧା ଅଫିସ,୧୦।୫**

ଖୋର୍ଦ୍ଧାର ଇଗଲ କ୍ଲବ ଆନୁକୂଲ୍ୟରେ ୧୮ତମ ଏକଦିବସୀୟ ଦିବାରାତ୍ର 'ଇଗଲ କପ୍' କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ କଟକର ଚାର୍ଜ ଇଲେଭେନ୍ ଟିମ୍ ଚାମ୍ପିୟନ ହୋଇଛି। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟକ ଭାବେ ଖୋର୍ଦ୍ଧାର ପୂର୍ବତନ ପୌରାଧ୍ୟକ୍ଷା ସଞ୍ଜୁକ୍ତା ସାହୁ, କାଉନ୍‌ସିଲର ପ୍ରବୀଣା ଜଗଦ୍ଦେବରାୟ, ଅନିଲ ରାମ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ୍‌ରେ ମ୍ୟାଜିକ୍ ଏକାଦଶ ଟିମ୍ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଚାର୍ଜ ଇଲେଭେନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୨ ଉଇକେଟ୍ ବିନିମୟରେ ୧୨୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପୂର୍ବତନ ରଣ୍‌ଜୀ ଖେଳାଳି ଦୀପକ ବେହେରା ୧୦ଟି ବଲରୁ ୩୭ ରନ୍ ଓ ରଞ୍ଜନ ରାଉତ ୮ଟି ବଲରୁ ୩୧ରନ୍ ସଂଗ୍ରହ କରିଥିଲେ। ଜବାବରେ ମ୍ୟାଜିକ୍ ଏକାଦଶ ଟିମ୍ ୩ ଉଇକେଟ ହରାଇ ୧୦୦ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ବାପୁନି ବେହେରା ୧୨ ବଲରୁ ୩୪ ରନ୍ ଓ ଅବ୍‌ଦୁଲ ରଜାକ୍ ୧୪ ବଲରୁ ୩୦ ରନ୍ ସଂଗ୍ରହ କରିଥିଲେ। ସାନୁଜ ବିଶ୍ୱାଳ ଓ ଗିରିଶ୍ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଶିବାଶିଷ ପଟ୍ଟନାୟକ ଓ ନୂତନକ୍ରାନ୍ତି ପାଲ ସ୍କୋରର, ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଇଗଲ କ୍ଲବ ସମ୍ପାଦକ ଅଭିଷେକ ସିଂହସାମନ୍ତ, କାଉନ୍‌ସିଲର ଅମିୟ ମହାନ୍ତି ପ୍ରମୁଖ ଯୋଗଦେଇ ବିଜୟୀ ଟିମ୍‌କୁ ୯୯୯୯ ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଟିମ୍‌କୁ ୭୭୭୭ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ବିଜୟୀ ଟିମ୍‌ର ଉତ୍ତମ ମହାନ୍ତିଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଓ ଦୀପକ ବେହେରାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ରୂପେ ପୁରସ୍କୃତ କରାଯାଇଥିଲା।




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

## ସେମିଫାଇନାଲରେ ଇଲେଭେନ ଷ୍ଟାର

**ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

**ବୋଲଗଡ଼,୧୦।୫(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ପିଚୁକୁଳି ଖେଳ ପଡ଼ିଆରେ ଚାଲିଥିବା ପଞ୍ଚାୟତ ପ୍ରିମିୟର ଲିଗ୍ (ପିପିଏଲ୍) ସିଜନ–୬ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଶେଷ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ବିଡି ଇଲେଭେନ ଟିଙ୍କାତାଳକୁ ହରାଇ ଇଲେଭେନ ଷ୍ଟାର ପିଚୁକୁଳି ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଇଲେଭେନ ଷ୍ଟାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ଉଇକେଟ ବିନିମୟରେ ୧୭୬ ରନ୍ ସଂଗ୍ରହ କରିଥିଲା। ଜବାବରେ ବିଡି ଇଲେଭେନ ୧୨ ଓଭରରେ ୭ ଉଇକେଟ ହରାଇ ୧୪୪ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ପ୍ରଦୀପ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

## ପପୁ ଇଲେଭେନ ୱାରିୟର ବିଜୟୀ



ଟୁର୍ଣ୍ଣାମେଣ୍ଟରେ ଯୋଗ ଦେଇଥିବା ଖେଳାଳିମାନେ।

**ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

**ଜଟଣୀ,୧୦।୫(ଡି.ଏନ୍.ଏ.)**

ଜଟଣୀ ବ୍ଲକ ବେଣାପଞ୍ଜରୀ ପଞ୍ଚାୟତରେ ଅନୁଷ୍ଠିତ ପ୍ରଥମ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ମ୍ୟାଚ୍‌ର ପଞ୍ଚମ ଦିବସ ମଙ୍ଗଳବାର ପପୁ ଇଲେଭେନ ୱାରିୟର ବିଜୟୀ ହୋଇଛି। ପଞ୍ଚାୟତ ଖେଳପଡ଼ିଆରେ ଏବିଡି କ୍ରିକେଟ ଟିମ୍ ଏବଂ ପପୁ ଇଲେଭେନ ୱାରିୟର ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଏବିଡି ଟିମ୍ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୧୧୯ ରନ୍ ସଂଗ୍ରହ କରିଥିଲା। ଜବାବରେ ପପୁ ଇଲେଭେନ ୭ ଉଇକେଟ ବିନିମୟରେ ୧୨୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ସାହା ମୁସ୍ତାକ ଅଲ୍ଲୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସାହା ଜାଫର ଅଲ୍ଲୀ ଓ ପ୍ରମୋଦ ସାହୁ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସିରାଜ ଖାନ୍ ଏବଂ ନରେନ୍ଦ୍ର ମହାରଣା ଖେଳ ପରିଚାଳନା କରିଥିଲେ।

# ହଟୁନି ଅଳିଆ, ସରୁନି ନିର୍ମାଣ କାର୍ଯ୍ୟ

- ମଧ୍ୟାହ୍ନ ୧୨ଟା ଯାଏ ହଟୁନି ଅଳିଆ
- ବଢୁଛି ଅସନ୍ତୋଷ, ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

**ଖୋର୍ଦ୍ଧା ଅଫିସ,୧୦।୫**

ଖୋର୍ଦ୍ଧା ସହରର ପରିମଳ, ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡିଛି। ଗଳିକନ୍ଦି ରାସ୍ତା ଖାଲଖମାରେ ପରିଣତ ହୋଇଛି। ବର୍ଷ ବର୍ଷ ଧରି ଏହାକୁ ମରାମତି କରାଯାଉନାହିଁ। ଫଳରେ ସାମାନ୍ୟ ବର୍ଷାରେ କଦର୍ଯ୍ୟ ହୋଇପଡୁଛି। ସହରର ନାଳ ନର୍ଦ୍ଦମା କେଉଁଠି ଆରମ୍ଭ, କେଉଁଠି ଶେଷ ଜଣାପଡୁନାହିଁ। ବର୍ଷା ହେଲେ ନାଳପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଲହଡ଼ି ମାରୁଛି। ଫଳରେ ଲୋକେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ଅନ୍ୟପଟେ ସହରର ବହୁ ଉନ୍ନୟନମୂଳକ ପ୍ରକଳ୍ପ ଅଧାପନ୍ତରିଆ ହୋଇ ରହିଛି।

ପ୍ରକାଶ ଯେ, ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ଶୀର୍ଷ ସ୍ଥାନ ହାସଲ ଲାଗି ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ସ୍ୱଚ୍ଛ ଭାରତ ସୁସ୍ଥ ଭାରତ ଅଭିଯାନ ଆରମ୍ଭ ହୋଇଥିଲା। ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ସ୍ୱଚ୍ଛତାର ପୋଷ୍ଟର, ୱାଲ ପେଣ୍ଟିଂ କରାଯାଇଛି। ରାସ୍ତାରେ ଅଳିଆ ପଡ଼ିବ ନାହିଁ। ସ୍ୱଚ୍ଛ ସାଥୀମାନେ ଘରକୁ ଘର ବୁଲି ଅଳିଆ ଉଠାଇବେ। ପୃଥକ୍ ଭାବେ ଓଦା ଓ ଶୁଖିଲା ସଂଗ୍ରହ କରିବେ। ଏନେଇ ପୌର ପ୍ରଶାସନ ପକ୍ଷରୁ ସ୍ୱଚ୍ଛସାଥୀ, ସାନିଟାଇଜ୍ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। କୌଣସି ସ୍ଥାନରେ ଅଳିଆ ରହିବାକୁ ଦିଆଯିବ ନାହିଁ। ଏଥିଲାଗି ରୋଡ୍ ମ୍ୟାପ ପ୍ରସ୍ତୁତ କରାଯାଇଥିବା ନେଇ ପୌର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ମାତ୍ର ସହରର ବିଭିନ୍ନ ସ୍ଥାନରେ ଅଳିଆ ପଡି ରହୁଥିବା ଦେଖିବାକୁ ମିଳିଛି। ଗୋରୁଗାଈ, ବୁଲା କୁକୁର ଖାଦ୍ୟ ଲାଳସାରେ ଅଳିଆଗୁଡିକୁ ଏଣେତେଣେ ପକାଉଛନ୍ତି। ସହର ମୁଖ୍ୟରାସ୍ତାକୁ ବାଦ୍ ଦେଲେ ଗଳିକନ୍ଦିରେ ଅଳିଆ ଆବର୍ଜନା ପାହାଡ଼ ସଦୃଶ ଗଦା ହେଲାଣି। ଅଳିଆ ଉଠୁଛି କି ନାହିଁ ପ୍ରଶାସନ ପାଖରେ ସୂଚନା ରହୁନାହିଁ। ଠିକା ସଂସ୍ଥା ସାହି ଗଳିକନ୍ଦିରେ ପଡୁଥିବା ଅଳିଆ ଉଠାଇବା ପ୍ରତି ଗୁରୁତ୍ୱ ଦେଉନଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଅନ୍ୟପଟେ ୮୭ଲକ୍ଷ ଟଙ୍କା ଲେଖାଏ ବ୍ୟୟ ଅଟକଳରେ ଟିଏଲ୍‌ସି ରୋଡସ୍ଥିତ ସ୍ମାର୍ଟ ଶ୍ମଶାନ ଏବଂ ବରୁଣେଇସ୍ଥିତ ସ୍ମାର୍ଟ ପାର୍କ ଶିଳାନ୍ୟାସକୁ ବର୍ଷେ ବିତିଥିଲେ ମଧ ନିର୍ମାଣ କାର୍ଯ୍ୟ ସରିନାହିଁ। ସହରରେ ୨୧ଟି ପୋଖରୀ ରହିଥିବା ବେଳେ ପ୍ରତିବର୍ଷ ପୁନରୁଦ୍ଧାର ଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର ପୋଖରୀର ସେଭଳି ଉନ୍ନତି ହୋଇନାହିଁ। ଅଢ଼େଇ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ଜରି ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ନିମ୍ନମାନର ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି। ୨୦୧୬ରେ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଜୟୀ ରାଜଗୁରୁ ଟାଉନହଲ ପୌର ପ୍ରଶାସନ ପକ୍ଷରୁ ପିଡବ୍ଲ୍ୟୁଡି ଦ୍ୱାରା ପୁନରୁଦ୍ଧାର କରାଯାଇଥିଲା। ନିମ୍ନମାନର କାର୍ଯ୍ୟ ଯୋଗୁ ଏହି କୋଠା ପରବର୍ତ୍ତୀ ପର୍ଯ୍ୟାୟରେ ଅବ୍ୟବହୃତ ହୋଇ ପଡିରହିଥିଲା। ପୁଣି ଥରେ ୧କୋଟି ୩୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହାର ପୁନରୁଦ୍ଧାର ପରେ କାର୍ଯ୍ୟକ୍ଷମ ହୋଇଛି। ତେବେ ଏଥିରେ ନିମ୍ନମାନର କାମ କରାଯାଇଥିବା ଅଭିଯୋଗ ଉଠିଛି। ନିର୍ମାଣ କାର୍ଯ୍ୟରେ ଲକ୍ଷାଧିକ ଟଙ୍କା ଚଳୁ କରାଯାଇଥିବା କୁହାଯାଇଛି। ସହରରେ ମୁକ୍ତା ଯୋଜନାରେ ୨୨ଟି ୱାର୍ଡରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଜଳ ସଂରକ୍ଷଣ ନାଁରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରାଯାଇଛି। ପ୍ରଥମ ଲହର ସମୟରେ କୋଭିଡ୍ ପରିଚାଳନା ଲାଗି ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ଆସିଥିବା ଲକ୍ଷାଧିକ ଟଙ୍କା ତୋସରପାତ କରାଯାଇଥିବା କଂଗ୍ରେସ ନେତା ଶିଶିର ପରିଡା କହିଛନ୍ତି। ଏ ସମ୍ପର୍କରେ ପୌର ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି କୁହନ୍ତି, ପରିମଳ, ରାସ୍ତାଘାଟ ଓ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯିବ। ନିର୍ମାଣାଧୀନ ରହିଥିବା ପ୍ରକଳ୍ପ କାମ ତୁରନ୍ତ ସାରିବାକୁ ଉଦ୍ୟମ କରାଯିବ।




ରାସ୍ତାରେ ପଡ଼ିରହିଥିବା ଅଳିଆ ଆବର୍ଜନା।

## ସଂକ୍ଷେପରେ

### ସମୁଦ୍ରକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ପୁରୀ ଅଫିସ,୧୦।୫: ପୁରୀ ସମୁଦ୍ରକୁ ଡେଇଁ ଜଣେ ମହିଳା ମଙ୍ଗଳବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ହେଲେ ସେଠାରେ ଲାଇଫଗାର୍ଡ଼ମାନେ ଏହା ଦେଖି ତାଙ୍କୁ ଉଦ୍ଧାର କରି ସମୁଦ୍ରକୂଳ ଥାନା ଜିମାରେ ଦେଇଛନ୍ତି। ସମ୍ପୃକ୍ତା ମହିଳା ହେଲେ ଭୁବନେଶ୍ୱରର ଚକେଇଶିଆଣୀ ଶନି ମନ୍ଦିର ନିକଟରେ ରହୁଥିବା ଊର୍ମିଳା ରାଉତ। ପାରିବାରିକ କଳହକୁ କେନ୍ଦ୍ର କରି ସେ ଘର ଛାଡ଼ି ପୁରୀ ଚାଲି ଆସିଥିଲେ। ବାପା ଘରକୁ ଯିବାକୁ ସଂଶୟ କରି ସମୁଦ୍ରକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସଙ୍କଠାରୁ ସୂଚନା ପାଇ ତାଙ୍କ ଘର ଲୋକେ ସମୁଦ୍ରକୂଳ ଥାନାରେ ପହଞ୍ଚି ମହିଳାଙ୍କୁ ସାଙ୍ଗରେ ନେଇଥିଲେ। ତାଙ୍କ ଭାଇ ବୁଦ୍ଧନାଥ ସାହାଣୀଙ୍କ କହିବା ଅନୁଯାୟୀ, ଭଉଣୀଙ୍କ ପରିବାରରେ କଳହ ହେଉଥିଲା। ଦିନକୁ ଦିନ ଝଗଡ଼ା ବଢ଼ିବାରୁ ମାନସିକ ଚିନ୍ତାରେ ପୁରୀକୁ ଚାଲିଆସିଥିଲେ। ଅନ୍ୟପକ୍ଷରେ ଆଇଆଇସି ଚିନ୍ମୟ ରାଉତ କହିଛନ୍ତି, ମହିଳାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ଯୋଗାଯୋଗ କରାଯାଇଥିଲା। ପରିବାର ସଦସ୍ୟଙ୍କଠାରୁ ଆଶ୍ୱସ୍ତିକର ବୟାନ ମିଳିବା ପରେ ମହିଳାଙ୍କୁ ପରିବାର ଲୋକଙ୍କୁ ଜିମା ଦିଆଯାଇଛି।

### ୧୪ରେ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା

ପୁରୀ ଅଫିସ,୧୦।୫: ପୁରୀ ଜିଲା ସନ୍ତରଣ ଆସୋସିଏସନ ପକ୍ଷରୁ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଆସନ୍ତା ୧୪ ତାରିଖରେ ଅନୁଷ୍ଠିତ ହେବ। ପୁରୀ ନବକଳେବର ରୋଡ୍ ଆଖଣ୍ଡଳମଣିସ୍ଥିତ ପୁଷ୍କରିଣୀରେ ୫୦, ୧୦୦, ୨୦୦ ଓ ୪ଶହ ମିଟର ଫ୍ରିଷ୍ଟାଇଲ୍, ବ୍ୟାକ୍ ଷ୍ଟ୍ରୋକ୍, ବ୍ରେଷ୍ଟ ଷ୍ଟ୍ରୋକ୍ ଓ ବଟରଫ୍ଲାଏ ଆଦି ପ୍ରତିଯୋଗିତା କରାଯିବ। ପୁରୁଷ, ମହିଳା, କନିଷ୍ଠ ଓ ବାଳିକା ବାଳକ ଭଳି ବର୍ଗରେ ପ୍ରତିଯୋଗିତା ହେବ। କୃତୀ ପ୍ରତିଯୋଗୀମାନେ ଆସନ୍ତା ୨୮ରୁ ୩୦ ତାରିଖ ମଧ୍ୟରେ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଯୋଗ ଦେବେ। ଅଂଶଗ୍ରହଣ କରିବା ପାଇଁ ପୁରୀ ସନ୍ତରଣ ଆସୋସିଏସନ୍ ପକ୍ଷରୁ ଜାରି ନମ୍ବର(୮୨୪୯୩୦୦୪୦୧)ରେ ଯୋଗାଯୋଗ କରିପାରିବେ।

### ୩ଦିନ ହେଲା ହାତବାନ୍ଧି ବସିଛନ୍ତି ମତ୍ସ୍ୟଜୀବୀ

କଣାସ, ୧୦।୫ (ସ୍ୱ.ପ୍ର): ସମ୍ଭାବ୍ୟ ବାତ୍ୟା ଅସାନି ଆସୁଥିବା ବିଭିନ୍ନ ଗଣମାଧ୍ୟମରେ ୮ଦିନ ହେଲା ପ୍ରଚାର ହେଉଥିବାରୁ ସରକାର ପକ୍ଷରୁ ସମୁଦ୍ରକୁ ମତ୍ସ୍ୟଜୀବୀମାନଙ୍କୁ ନ ଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ଏହି ନିର୍ଦ୍ଦେଶ ମାନି ପୁରୀ ଜିଲା କଣାସ ବ୍ଲକର ମତ୍ସ୍ୟଜୀବୀମାନେ ବାତ୍ୟା ପାଇଁ ୩ଦିନ ହେଲା ନିଜ ନିଜର ଡଙ୍ଗା ଓ ଜାଲ ଘରକୁ ଫେରାଇ ଆଣି ହାତବାନ୍ଧି ବସିରହିଛନ୍ତି। ଚିଲିକାରେ ମାଛମାରି ପରିବାର ପ୍ରତିପୋଷଣ କରି ଆସୁଥିବା ବେଳେ ସମୁଦ୍ରକୁ ନ ଯିବାରୁ ଖାଦ୍ୟ ପାଇପାରୁ ନାହାନ୍ତି। ଚିଲିକା ଉପକୂଳବର୍ତ୍ତୀରେ ଥିବା ଜାଗୁଲେଇପଦର, ନୂଆକୂଳପାଟଣା, କଉଡିଖଣି, ଗଙ୍ଗାଧରପୁର, ସରସ୍ୱତୀନଗର, ହରିହରପାଟଣା, ନୂଆଦୋକନ୍ଦା, ନୂଆଗାଁ, ଗଡବଳଭଦ୍ରପୁର, ତୁଳସୀପୁର, ଜଙ୍କିଆ, ଦୟାବିହାର ପ୍ରଭୃତି ଗ୍ରାମର ହଜାର ହଜାର ମତ୍ସ୍ୟଜୀବୀ ସମୁଦ୍ରରୁ ନିଜ ଗ୍ରାମକୁ ଫେରିଆସଛନ୍ତି। ତିନିଦିନ ହେଲା ଆୟ କରି ନ ପାରି ମତ୍ସ୍ୟଜୀବୀ ପରିବାର ଭୋକ ଉପବାସରେ କାଳାତିପାତ କରୁଛନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କୁ ଖାଦ୍ୟ ବ୍ୟବସ୍ଥା ଯୋଗାଇ ଦିଆଯାଉ ବୋଲି ଲୋକ ପ୍ରତିନିଧିଙ୍କୁ ଜଣାଇଛନ୍ତି।

# ବେଳାଭୂମିରେ ଲାଗିଲା ରେଡ୍ ଫ୍ଲାଗ୍

- ସମୁଦ୍ର ସ୍ନାନ ଉପରେ କଟକଣା
- ବରିଷ୍ଠ ଅଧିକାରୀଙ୍କୁ ବ୍ଲକସ୍ତରୀୟ ଦାୟିତ୍ୱ

ପୁରୀ ଅଫିସ,୧୦।୫:

ସମ୍ଭାବ୍ୟ ବାତ୍ୟା ଅସାନିକୁ ଦୃଷ୍ଟିରେ ରଖି ପୁରୀ ପୋଲିସ ମଙ୍ଗଳବାର ବେଳାଭୂମିରେ ରେଡ୍ ଫ୍ଲାଗ୍ ଲଗାଇଛି। ସମୁଦ୍ରର ପ୍ରମୁଖ ଅଶାନ୍ତ ସ୍ଥାନ ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ଏଥିସହ ସମୁଦ୍ର ସ୍ନାନ ଉପରେ କଟକଣା ଲଗାଯାଇଛି। ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକ ଓ ମତ୍ସ୍ୟଜୀବୀଙ୍କୁ ବେଳାଭୂମିକୁ ନ ଯିବା ପାଇଁ ସତର୍କ କରାଯାଇଛି। ପୁରୀ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀଙ୍କ ନେତୃତ୍ୱରେ ପୋଲିସ ଓ ଲାଇଫଗାର୍ଡମାନେ ବେଳାଭୂମିରେ ଲୋକମାନଙ୍କୁ ସଚେତନ କରିଛନ୍ତି। ସେହିଭଳି ମତ୍ସ୍ୟଜୀବୀଙ୍କୁ ଅଗ୍ନିଶମ ବିଭାଗ ଓ ମତ୍ସ୍ୟ ବିଭାଗର ଅଧିକାରୀମାନେ ଦେଖାକରି ସମୁଦ୍ର ଭିତରକୁ ନ ଯିବା ପାଇଁ କହିଛନ୍ତି। ଡଙ୍ଗାକୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି ଓ ବାତ୍ୟା ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ହୋଇଛି। ସମୁଦ୍ର ଅଶାନ୍ତ ଥିବାବେଳେ କେହି ସମୁଦ୍ର ଭିତରକୁ ଗଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ସମୁଦାୟ ୯୮ଜଣ ଲାଇଫଗାର୍ଡଙ୍କୁ ସବୁ ସେକ୍ଟରରେ ଜାଗ୍ରତ ରଖାଯାଇଛି। ଡାକବାଜି ଯନ୍ତ୍ର ଦ୍ୱାରା ପର୍ଯ୍ୟଟକଙ୍କୁ ସଚେତନ କରାଯାଉଛି। ଏଣୁ କେହି ସମୁଦ୍ର ଭିତରକୁ ଯିବା ଉଚିତ୍ ନୁହେଁ ବୋଲି ଅଗ୍ନିଶମ ଅଧିକାରୀ ଧନଞ୍ଜୟ ମଲ୍ଲିକ ସ୍ପଷ୍ଟ କରିଛନ୍ତି।

ସେହିଭଳି ଅଗ୍ନିଶମ ଟିମ୍ ଗଛ କାଟିବା ଯନ୍ତ୍ର, ଟ୍ୟୁବ୍, ସେଲ୍, ଛୋଟ ଜେନେରେଟର୍, ହେଲ୍‌ମେଟ୍, ଦଉଡ଼ି ଭଳି ଆନୁଷଙ୍ଗିକ ସାମଗ୍ରୀ ସହ ପ୍ରସ୍ତୁତ ରହିଛି। ପୁରୀ ବେଳାଭୂମିର ସବୁ ସେକ୍ଟର ଉପରେ ଅଗ୍ନିଶମ ବିଭାଗ ନଜର ରଖିଛି। ପୋଲିସ ଓ ଅଗ୍ନିଶମ ବିଭାଗ ମିଳିତ ଭାବେ ବାତ୍ୟାକୁ ମୁକାବିଲା କରିବାକୁ ପ୍ରସ୍ତୁତ ରହିଛନ୍ତି। ସିଟି ଡିଏସ୍‌ପିଙ୍କ ଉପସ୍ଥିତିରେ ଅଗ୍ନିଶମ କର୍ମଚାରୀମାନେ ବେଳାଭୂମିରେ ଏକତ୍ରିତ ହୋଇ ଆକ୍ସନ ପ୍ଲାନ ସମ୍ପର୍କରେ ଆଲୋଚନା କରିଛନ୍ତି। ବାତ୍ୟା ପ୍ରଭାବରେ ଆସନ୍ତା ଦୁଇଦିନ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ଆଶଙ୍କା ଥିବାରୁ କଚ୍ଚାଘର କିମ୍ବା ପଲିଥିନ୍ କୁଡ଼ିଆ ଘରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯିବା ସହ ଦିବ୍ୟାଙ୍ଗ ଓ ଆସନ୍ନ ପ୍ରସବାଙ୍କୁ ହସ୍ପିଟାଲ ସ୍ଥାନାନ୍ତରଣ କରାଯାଉଛି। ବାତ୍ୟା ମୁକାବିଲା, ରିଲିଫ୍ ପ୍ରଦାନ, ଉଦ୍ଧାର କାର୍ଯ୍ୟ ତଦାରଖ ପାଇଁ ବରିଷ୍ଠ ଅଧିକାରୀଙ୍କୁ ବିଭିନ୍ନ ବ୍ଲକ ଓ ବିଜ୍ଞାପିତ ପରିଷଦ ଅଞ୍ଚଳରେ ଦାୟିତ୍ୱ ଦିଆଯାଇଛି। ଜିଲାପାଳ ଦାୟିତ୍ୱ ବାଣ୍ଟିବା ସହ ଶୂନ୍ୟ ଜୀବନହାନି ଲକ୍ଷ୍ୟରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଜ୍ୟୋତିଶଙ୍କର ମହାପାତ୍ରଙ୍କୁ ଅସ୍ତରଙ୍ଗ ଓ କାକଟପୁର, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ପୁରୀ ପୌରସଂସ୍ଥା, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୈଳାସ ଚନ୍ଦ୍ର ନାୟକଙ୍କୁ ଗୋପ ଓ କୋଣାର୍କ, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ମହାପାତ୍ରଙ୍କୁ ନିମାପଡ଼ା, ଉପଜିଲାପାଳ ଭବତାରଣ ସାହୁଙ୍କୁ ବ୍ରହ୍ମଗିରି, ପିକେଡିଏ ସଚିବ ଲଲାଟେନ୍ଦୁ ସାହୁଙ୍କୁ କୃଷ୍ଣପ୍ରସାଦ, ଡେପୁଟି କଲେକ୍ଟର ସୁମନ୍ତ କରଙ୍କୁ ପୁରୀ ସଦର ଓ ଭୂଅର୍ଜନ ଅଧିକାରୀ ପ୍ରଶାନ୍ତ ଜେନାଙ୍କୁ କଣାସ ବ୍ଲକ ଦାୟିତ୍ୱ ଦିଆଯାଇଛି। ସେହିଭଳି ଜିଲାପାଳ ପ୍ରତି ୪ ଘଣ୍ଟାରେ ବୃଷ୍ଟିପାତ ତଥ୍ୟ ପ୍ରଦାନ କରିବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାରେ ୪ଟି ଓଡ୍ରାଫ୍ ଟିମ୍ ପହଞ୍ଚିଛି। ତନ୍ମଧ୍ୟରୁ ଗୋଟିଏ ଟିମ୍‌କୁ ଅସ୍ତରଙ୍ଗ, ଗୋପ ଓ ଅନ୍ୟ ଟିମ୍‌ଗୁଡ଼ିକୁ ପୁରୀ ମୁଖ୍ୟାଳୟ, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦରେ ମୁତୟନ କରାଯାଇଛି।



ସମ୍ଭାବ୍ୟ ବାତ୍ୟା ଅସାନିକୁ ଦୃଷ୍ଟିରେ ରଖି ପୁରୀ ବେଳାଭୂମିରେ ମଙ୍ଗଳବାର ପୋଲିସ ଓ ଅଗ୍ନିଶମ ବିଭାଗର ଅଧିକାରୀମାନେ ଆଲୋଚନା କରୁଛନ୍ତି ।

## ରଥଖଳାରୁ

# ତୁମ୍ବ ନିର୍ମାଣ କାର୍ଯ୍ୟ ସରିଲା



ପୁରୀ ଅଫିସ, ୧୦।୫

ସପ୍ତମ ଦିନରେ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ସକାଳ ୮ଟାରେ ରଥଖଳାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତୁମ୍ବରେ ସୁତା ବାଡ଼ିଆ କାର୍ଯ୍ୟ ଓ ତୁମ୍ବଗୁଡ଼ିକର ବିନ୍ଧ କାର୍ଯ୍ୟ କରାଯାଇଥିଲା। ସମସ୍ତ ରଥର ତୁମ୍ବ ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ଦେବଦଳନ ରଥର ଶେଷ ତୁମ୍ବର ପ୍ରାଥମିକ ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ସୁତା ବାଡ଼ିଆ ପରେ ବିନ୍ଧ କାର୍ଯ୍ୟ ଆରମ୍ଭ ହେବ। ତାଳଧ୍ୱଜର ମୋଟ ୧୪ଟି ତୁମ୍ବ ମଧ୍ୟରୁ ୩ଟି ତୁମ୍ବର ବିନ୍ଧ କାର୍ଯ୍ୟ ସରିଛି। ଅବଶିଷ୍ଟ ତୁମ୍ବର ବିନ୍ଧ କାର୍ଯ୍ୟ ଚାଲିଛି। ଦେବଦଳନ ରଥର ମୋଟ ୧୨ଟି ତୁମ୍ବ ମଧ୍ୟରୁ ୧୦ଟିର ବିନ୍ଧ କାର୍ଯ୍ୟ ସରିଛି। ନନ୍ଦିଘୋଷ ରଥର ୧୬ଟି ତୁମ୍ବର ବିନ୍ଧ କାର୍ଯ୍ୟ ଜାରି ରହିଛି। ଅନ୍ୟପକ୍ଷରେ ଦୋଳଦେବୀସ୍ଥିତ ଅସ୍ଥାୟୀ କମାରଶାଳରେ ୬ଟି ଚକ ପାଇଁ ଅରକଣ୍ଟା ନିର୍ମାଣ ହୋଇଥିଲା। ମଙ୍ଗଳବାର ମଧ୍ୟ ଅରକଣ୍ଟା ପ୍ରସ୍ତୁତି ଜାରି ରହିଥିଲା। ପ୍ରତ୍ୟେକ ରଥର ୧୬ଟି ଅର ସଂଯୋଗ ପାଇଁ ୩୨ଟି ଅରକଣ୍ଟା ଆବଶ୍ୟକ ପଡ଼ିଥାଏ। ଏଥିସହ କମାର ଶାଳରେ ବଳା ପନ୍ଦାରୀ ନିର୍ମାଣ ପାଇଁ ନେହି-ପାରେଣି ନିର୍ମାଣ କରାଯାଇଛି। ବୁଧବାରଠାରୁ ପନ୍ଦାରୀ କାର୍ଯ୍ୟ ଆରମ୍ଭ ହେବ। ରଥ ନିର୍ମାଣ କାର୍ଯ୍ୟରେ ମଙ୍ଗଳବାର ସମୁଦାୟ ୧୨୦ଜଣ ସେବକ ନିୟୋଜିତ ଥିଲେ। ତିନି ରଥର ମହାରଣା ୬୩ଜଣ, ଭୋଇ ସେବକ ୩୭ଜଣ, କରତି ସେବକ ୪ଜଣ, ଜଣେ ତୁମ୍ବ ବିନ୍ଧ କାରିଗର, ପାହି ମହାରଣା ୨ଜଣ, କମାର ସେବକ ୧୨ ଜଣ ଓ ରଥଖଳା ସହାୟକ ଭାବେ ଜଣେ କାର୍ଯ୍ୟରତ ଥିଲେ।

# ସିଆର୍‌ପି, ଏମ୍‌ବିକେ ନିଯୁକ୍ତିରେ ଅନିୟମିତତା

କୋଣାର୍କ,୧୦।୫(ଡି.ଏନ୍.ଏ.)

କୋଣାର୍କ ଥାନା ଅଧୀନ କାଦୁଆନୂଆଗାଁ ପଞ୍ଚାୟତରେ କାକଟପୁର ବ୍ଲକ ଜୀବିକା ମିଶନ ପକ୍ଷରୁ କମ୍ୟୁନିଟି ରିସୋର୍ସ ପର୍ସନ(ସିଆର୍‌ପି) ଓ ମାଷ୍ଟର ବୁକ୍ କିପର(ଏମ୍‌ବିକେ) ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପଞ୍ଚାୟତର ମହିଳା ସଂଗଠନ, ଶିକ୍ଷାବିତ ଓ ସାମାଜିକ କର୍ମୀମାନେ ବିଡିଓ, ବ୍ଲକ ଅଧ୍ୟକ୍ଷଙ୍କୁ ଜଣାଇବା ସହ ଟୁଇଟର ଯୋଗେ ଓଡ଼ିଶା ଜୀବିକା ମିଶନର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ମିଶନ ଶକ୍ତି ନିର୍ଦ୍ଦେଶିକା, ଜିଲାପାଳ ଓ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଖବରରୁ ପ୍ରକାଶ ଯେ, କାଦୁଆନୂଆଗାଁରେ ସିଆର୍‌ପି ଓ ଏମ୍‌ବିକେ ନିଯୁକ୍ତିରେ ଦୁର୍ନୀତି ହୋଇଥିବା ଅଭିଯୋଗ ହେବା ପରେ ବେଆଇନ ଭାବେ କରାଯାଇଥିବା ନୋଟିଫିକେଶନକୁ ବିଡିଓ ଅସିଦ୍ଧ ଘୋଷଣା କରିବା ସହ ପୁନଃ ନିଯୁକ୍ତି ପାଇଁ ବ୍ଲକ ଜୀବିକା ମିଶନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବ୍ଲକ ଜୀବିକା ମିଶନ ଅଧିକାରୀ, କାଦୁଆନୂଆଗାଁ ପଞ୍ଚାୟତ ଦାୟିତ୍ୱରେ ଥିବା ସାଧନ କେନ୍ଦ୍ର ସଂଯୋଜକ ଏବଂ ପଞ୍ଚାୟତ ମହାସଂଘ କେବଳ ଏମ୍‌ବିକେ ନିଯୁକ୍ତି ପାଇଁ ବିଜ୍ଞାପନ ମାରିଥିଲେ। ଏଥିରେ ସିଆର୍‌ପି ପାଇଁ ନିଯୁକ୍ତି ନ ଥିବାବେଳେ ଏମ୍‌ବିକେ ନିଯୁକ୍ତି ଲାଗି ମଧ୍ୟ ୭ଦିନ ପରିବର୍ତ୍ତେ ୫ଦିନ ନୋଟିସ୍ ଦେଇଥିବାରୁ ଏହାକୁ ମହିଳା ସଂଘ ବିରୋଧ କରିଛି। ଏହି ନୋଟିଫିକେଶନକୁ ବଦଳା ଯାଇ ୧୫ଦିନିଆ ନୋଟିଫିକେଶନ ଦେବା ପାଇଁ ବିଡିଓଙ୍କ ନିକଟରେ ପଞ୍ଚାୟତର ମହିଳା ସଂଗଠନର ସଦସ୍ୟା ସନ୍ଧ୍ୟାରାଣୀ ନାୟକ, ତନୁଲତା ବିଶ୍ୱାଳ, ଊର୍ମିଳା ନାୟକ, ମିନତି ନାୟକ, ଟୁକୁନି ବରାଳ, ପୁଷ୍ପାରାଣୀ ନାୟକ, ସାବିତ୍ରୀ ବାରିକ, ମନପ୍ରିୟା ବାରିକ ସମେତ କାଦୁଆନୂଆଗାଁ ବିକାଶ ପରିଷଦର ସଭାପତି ଭାଗୀରଥି ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ବନ୍ଧରେ ବିଡିଓ ଡା. ତୁଷାର ଜ୍ୟୋତି ରଞ୍ଜନ କହିଛନ୍ତି, ଅଭିଯୋଗ ପାଇବା ପରେ କାଦୁଆନୂଆଗାଁରେ ସିଆର୍‌ପି ଓ ଏମ୍‌ବିକେ ନିଯୁକ୍ତି ନିମନ୍ତେ ପୁନର୍ବାର ବିଜ୍ଞାପନ କରିବା ପାଇଁ ବ୍ଲକ ଜୀବିକା ମିଶନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି। ଯଦି ଆଇନ ଅନୁଯାୟୀ ବିଜ୍ଞାପନ କରା ନ ଯାଏ ତଦନ୍ତ କରାଯାଇ ଏହି ନିଯୁକ୍ତି ପ୍ରକ୍ରିୟା କରାଯିବ ବୋଲି ବିଡିଓ କହିଛନ୍ତି।

# ବାତ୍ୟା ଲାଗି ପରିବାଦର ଆକାଶଛୁଆଁ

କଣାସ ୧୦।୫ (ସ୍ୱ.ପ୍ର.):

ସମ୍ଭାବ୍ୟ ବାତ୍ୟା ଅସାନି ପାଇଁ ପ୍ରଶାସନ ପକ୍ଷରୁ ସଚେତନ କରାଯାଉଥିବା ବେଳେ କଣାସ ବ୍ଲକ ଅଞ୍ଚଳରେ କେତେଜଣ ମୁନାଫାଖୋର ବ୍ୟବସାୟୀମାନେ ଅତ୍ୟାବଶ୍ୟକ ଜିନିଷର ମୂଲ୍ୟ ବୃଦ୍ଧି କରିଦେଇଥିବା ଅଭିଯୋଗ ହୋଇଛି। ବ୍ଲକର ଗ୍ୟାସ ଡିଲରମାନେ ସେମାନଙ୍କ ପାଖରେ ଗ୍ୟାସ ନଥିବା ଦର୍ଶାଇ ଉପଭୋକ୍ତାମାନଙ୍କୁ ଫେରାଉଥିବା ଦେଖିବାକୁ ମିଳିଛି। ସେହିଭଳି କେତେଜଣ ପରିବା ବ୍ୟବସାୟୀ ବାତ୍ୟାର ଆଳ ଦେଖାଇ ଆଳୁ କିଲୋ ୨୦ଟଙ୍କାରୁ ୩୦ଟଙ୍କା ବୃଦ୍ଧି କରିବା ସହ ପନିପରିବା ମୂଲ୍ୟ ମଧ୍ୟ ବୃଦ୍ଧି କରିଦେଇଛନ୍ତି। ଫଳରେ ସାଧାରଣ ଲୋକେ ପନିପରିବା ଦରକୁ ଅସନ୍ତୋଷ ପ୍ରକାଶ କରିବା ସହ ବାଧ୍ୟ ହୋଇ ଅଧିକ ଟଙ୍କା ଦେଇ ଜରୁରୀ ସାମଗ୍ରୀ କ୍ରୟ କରୁଛନ୍ତି। ଅନ୍ୟପଟେ ଗ୍ୟାସ କମ୍ପାନିରେ ଗ୍ୟାସ ନଥିବାରୁ ଲୋକମାନେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି ।

# ଚନ୍ଦ୍ରଭାଗାରେ ବସ୍ତିବାସୀଙ୍କୁ ସଚେତନକଲେ ମନ୍ତ୍ରୀ



କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟ ଅଧିକାରୀମାନେ ବାତ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି ।

କୋଣାର୍କ,୧୦।୫(ଡି.ଏନ୍.ଏ.)

କୋଣାର୍କ ଥାନା ଅଧୀନ ଚନ୍ଦ୍ରଭାଗା ତେଲୁଗୁ ବସ୍ତିରେ ସମ୍ଭାବ୍ୟ ବାତ୍ୟା ଅସାନି ପରିପ୍ରେକ୍ଷୀରେ ବସ୍ତିରେ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ଜନସାଧାରଣଙ୍କୁ ସଚେତନ କରିବା ସହ ପ୍ରବଳ ବର୍ଷା ଓ ପବନ ବୋହିବା ନେଇ ନିରାପଦ ସ୍ଥାନକୁ ସ୍ଥାନାନ୍ତର ନେଇ ପରାମର୍ଶ ଦେଇଛନ୍ତି। କୋଣାର୍କ ଏନ୍‌ଏସି ଅନ୍ତର୍ଗତ ୮ନଂ. ୱାର୍ଡ ଚନ୍ଦ୍ରଭାଗା ତେଲଗୁ ବସ୍ତି ସମୁଦ୍ରକୂଳରେ ଅବସ୍ଥିତ। ସମ୍ଭାବ୍ୟ ବାତ୍ୟା ଅସାନି ପ୍ରଭାବରେ ପାଣିପାଗ ବିଭାଗ ପକ୍ଷରୁ ଜାରି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବର୍ଷା ଓ ପବନ ଆଶଙ୍କା ନେଇ ତଳିଆ ଅଞ୍ଚଳରେ ଥିବା ଜନସାଧାରଣଙ୍କ ପ୍ରତି ବିପଦ ଆଶଙ୍କା ରହିଛି। ତେଣୁ ସେମାନଙ୍କୁ ଚନ୍ଦ୍ରଭାଗାସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀକୁ ଯିବାକୁ କ୍ରୀଡାମନ୍ତ୍ରୀ ବେହେରା ସଚେତନତା ସୃଷ୍ଟି କରିବା ସହ ସ୍ଥାନାନ୍ତରିତ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ସହିତ ଏନ୍‌ଏସିର ଭାଗୀରଥି ବରାଳ, ଚନ୍ଦ୍ରଭାଗା ତେଲୁଗୁ ବସ୍ତିର ପୁରୁଖା ଓ ଯୁବ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଗର୍ଭବତୀ, ଶିଶୁ, ବୃଦ୍ଧ ଓ ଦିବ୍ୟାଙ୍ଗମାନଙ୍କୁ ତୁରନ୍ତ ବାତ୍ୟା ଆଶ୍ରୟସ୍ଥଳୀକୁ ନେବାକୁ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# କ୍ଷତିପୂରଣ ଦାବିରେ ୨ଘଣ୍ଟା ରାସ୍ତାରୋକୋ

ନିମାପଡା,୧୦।୫(ଡି.ଏନ୍.ଏ.):

ନିମାପଡ଼ା ଥାନା ଅଧୀନ ଡେଣ୍ଡୁଆଁ କେନାଲ ବନ୍ଧ ରାସ୍ତାର ନିକଡିହ ଛକଠାରେ ମଙ୍ଗଳବାର ପୂର୍ବାହ୍ନରେ ଏକ ଟ୍ରକ ଧକ୍କାରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କ ଜୀବନ ଚାଲିଯାଇଛି। ସେ ହେଲେ ଉକ୍ତ ଥାନା ଅଧୀନ ଡେଣ୍ଡୁଅାଁବସ୍ତ ଗ୍ରାମର ଅର୍ଚ୍ଚିତା ବେହେରା(୧୬)। ଏହି ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ କ୍ଷତିପୂରଣ ଦାବିରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଭଙ୍ଗାରୁଜା କରିବା ସହ ଚାୟାର ଜାଳି ଗ୍ରାମ ମୁଖ୍ୟରାସ୍ତାରେ ୨ ଘଣ୍ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ଖବରପାଇ ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ, ପୋଲିସ ଏସ୍‌ଆଇ ପି.କେ. ତୁଷାର ସିଂ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ରେଡକ୍ରସ ପାଣ୍ଠିରୁ ମୃତ ଛାତ୍ରୀଙ୍କ ପରିବାରକୁ ୧୦ ହଜାର ଟଙ୍କା



କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତାରୋକୋ କରୁଛନ୍ତି ।

**ଟ୍ରକ୍ ଧକ୍କାରେ ଛାତ୍ରୀଙ୍କ ଜୀବନ ଗଲା**

ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନା ଅନୁଯାୟୀ, ଅର୍ଚ୍ଚିତା ବିଦ୍ୟାଳୟରୁ ଅନ୍ୟ ସାଙ୍ଗଙ୍କ ସହ ସାଇକେଲରେ ଘରକୁ ଫେରୁଥିଲେ। ଡେଣ୍ଡୁଅାଁବସ୍ତପଟୁ ନିମାପଡା ଅଭିମୁଖେ ଆସୁଥିବା ଏକ ଟ୍ରକ ପଛପଟୁ ତାଙ୍କୁ ଧକ୍କା ଦେଇଥିଲା। ଅର୍ଚ୍ଚିତା ପଡ଼ି ଗୁରୁତର ହୋଇଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ନିମାପଡା ମେଡିକାଲ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପଟେ ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ମୃତ ଛାତ୍ରୀଙ୍କ ବାପା ଆର୍ତ୍ତ ବେହେରା ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି।

# ୮ମାସ ହେଲା ହିତାଧିକାରୀଙ୍କୁ ମିଳୁନି ଗହମ

କଣାସ,୧୦।୫(ସ୍ୱ.ପ୍ର.)

କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କୁ ସହଜରେ ଖାଉଟି ସାମଗ୍ରୀ ଦେବା ପାଇଁ ଖାଉଟିକାର୍ଡ, ଅନ୍ତ୍ୟୋଦୟ, ଅନ୍ନପୂର୍ଣ୍ଣା ଯୋଜନା କରି ହିତାଧିକାରୀଙ୍କୁ ଚାଉଳ ଓ ଗହମ ଦେବାର ବ୍ୟବସ୍ଥା ରହିଛି। ହେଲେ କଣାସ ବ୍ଲକରେ ୩୧ହଜାର ୨୫୨ଜଣ ଖାଉଟି କାର୍ଡଧାରୀଙ୍କୁ ଗତ ୮ମାସ ହେଲା ଗହମ ମିଳି ନ ଥିବା ଅଭିଯୋଗ ହୋଇଛି। ପ୍ରକାଶଥାଉକି, କଣାସ ବ୍ଲକର ପି.ଏଚ୍.ଏଚ୍ ୨୭୬୪୭ କାର୍ଡଧାରୀ ଥିବା ବେଳେ ଅନ୍ତ୍ୟୋଦୟ ଯୋଜନାରେ ୫୨୫ ଏବଂ ଅନ୍ନପୂର୍ଣ୍ଣା ଯୋଜନାରେ ୧୦୪ ରହିଥିବା ବେଳେ ପ୍ରତିମାସରେ କଣାସ ବ୍ଲକକୁ ୧୦୨୪କୁଇଣ୍ଟାଲ ଗହମ ଯୋଗାଣ ହେଉଥିଲା। ହେଲେ ଗତ ୮ମାସ ହେବ ଅଧିକାଂଶ ପଞ୍ଚାୟତରେ କୌଣସି କାରଣରୁ ଠିକ୍ ଭାବେ ଗହମ ମିଳୁ ନାହିଁ। କେବେ ଗହମ କଣ୍ଟ୍ରୋଲକୁ ଆସୁ ନ ଥିବାବେଳେ ଅନ୍ୟ କେବେ ଅଳ୍ପ ଆସୁଥିବା ଅଭିଯୋଗ ହୋଇଛି। ଫଳରେ ହିତାଧିକାରୀମାନେ ବାରମ୍ବାର ଆସି ଗହମ ନ ପାଇ ନିରାଶରେ ଫେରୁଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ କଣାସ ବ୍ଲକକୁ ଠିକ୍ ଭାବେ ଗହମ ଯୋଗାଣ କରିବା ସହ ଅଧିକ ଗହମ ପଠାଇବାକୁ ଯୋଗାଣ ବିଭାଗ ନିକଟରେ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ବ୍ଲକ ଯୋଗାଣ ଅଧିକାରୀ ଦୈତାରୀ ପ୍ରଧାନଙ୍କୁ ପଚାରିବାରେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ସେହିଭଳି ଜିଲା ଯୋଗାଣ ଅଧିକାରୀ ସୁବୋଧ ହୋତା କହିଛନ୍ତି, ପୂର୍ବରୁ ଗହମ ଜଟଣୀ ଏଫସିଆଇରୁ ଦିଆଯାଉଥିଲା। ପରେ କଟକ ଏଫସିଆଇରୁ ଆଣି ୨ମାସ ପୁରୀ ଜିଲାକୁ ଦିଆଯାଉଥିଲା। କିନ୍ତୁ ୮ମାସ ହେଲା କୌଣସି କାରଣରୁ କଟକ ଏଫସିଆଇ ଗହମ ନ ଦେବାରୁ ପୁରୀ ଜିଲାକୁ ଗହମ ଯୋଗାଣ ବନ୍ଦ ହୋଇଛି । ଆମେ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛୁ ବୋଲି ଜିଲା ଯୋଗାଣ ଅଧିକାରୀ କହିଛନ୍ତି।

# ଶିଶୁ ଯୌନ ଶୋଷଣ ରୋକିବାକୁ ଆହ୍ୱାନ

ପୁରୀ ଅଫିସ,୧୦।୫

ଦେଶରେ ଶିଶୁ ଯୌନ ଶୋଷଣ ଏକ ବ୍ୟାପକ ସମସ୍ୟା। ସାଧାରଣତଃ ରାସ୍ତାକଡ଼ର ପିଲା, ସହର ତଳି ବସ୍ତିରେ ରହୁଥିବା ପିଲା ଓ ଅନ୍ୟାନ୍ୟ ଗରିବ ପିଲାମାନେ ଏହି ଶୋଷଣର ଶିକାର ହୋଇଥାନ୍ତି। ଏକ ସର୍ବେକ୍ଷଣ ଅନୁସାରେ ଗତ ଦଶନ୍ଧିରେ ଶିଶୁ ଯୌନ ଶୋଷଣ ସଂଖ୍ୟାରେ ୧୭.୯୪% ପ୍ରତିଶତ ବୃଦ୍ଧି ଘଟିଛି। ଭାରତରେ ପୋକ୍ସୋ ଆକ୍ଟରେ ଶିଶୁ ପୀଡ଼ିତଙ୍କ ଅଧିକାରର ସୁରକ୍ଷା ପାଇଁ ପ୍ରଣୟନ କରାଯାଇଛି। କିନ୍ତୁ ଯେପର୍ଯ୍ୟନ୍ତ ଏହି ସମସ୍ୟାକୁ ମୂଳୋତ୍ପାଟନ କରିବା ପାଇଁ କୌଣସି ପଦକ୍ଷେପ ନିଆ ନ ଯାଇଛି ସେପର୍ଯ୍ୟନ୍ତ ଏହାର ସଂଖ୍ୟାରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଏହି ସମସ୍ୟା ରୋକିବା ସହ ଶିଶୁ ସୁରକ୍ଷା ଉପରେ ସ୍ୱେଚ୍ଛାସେବୀ ସଂଘ ସ୍ପନ୍ଦନ ଓ ଇକ୍ୟୁଏଶନ ବାଙ୍ଗାଲୋରର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ହୋଟେଲରେ ଏକ ଆଲୋଚନାଚକ୍ର କରାଯାଇଥିଲା। ଏଥିରେ ବିଭିନ୍ନ ସଂଗଠନ, ଗଣମାଧ୍ୟମ, ଶିଶୁ ସୁରକ୍ଷା କର୍ମୀ ଅଂଶଗ୍ରହଣ କରି ଶିଶୁ ଯୌନ ଶୋଷଣ ରୋକିବା ଦିଗରେ ଆହ୍ୱାନ ଦେବା ସହ ବିଭିନ୍ନ ମତ ରଖିଥିଲେ। ଇକ୍ୟୁଏଶନ ତରଫରୁ ଜୟତ୍ରୀ ରାୟ ଶିଶୁ ଶୋଷଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟ ଅତିଥିମାନେ ଶିଶୁ ସୁରକ୍ଷା ଉପରେ ଏକ ସ୍ୱତନ୍ତ୍ର ପ୍ଲାଟଫର୍ମ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହାଦ୍ୱାରା ଏକ ସୁରକ୍ଷିତ ପରିବେଶ ଗଠନ କରାଯାଇ ପାରିବ। ସ୍ପନ୍ଦନ ତରଫରୁ ପୋକ୍ସୋ ସୋସିଆଲ ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ସ୍ପନ୍ଦନର ବର୍ଷାରାଣୀ ମିଶ୍ର, ଦୁର୍ଗା ଦେ ଏବଂ ଶରଣୀ ଗାଙ୍ଗୁଲି ପରିଚାଳନାରେ ସହଯୋଗ କରିଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ ।

# ଦଳିତ ପରିବାରଙ୍କ ବାସସ୍ଥାନରେ ପ୍ରକଳ୍ପ ଉଦ୍ୟମ

- ସରକାରୀ ନିୟମ ଅନୁଯାୟୀ ହେବ ଉଚ୍ଛେଦ
- ଉଚ୍ଛେଦ କରାଗଲେ ଆନ୍ଦୋଳନ ଚେତାବନୀ

ନିମାପଡ଼ା,୧୦।୫(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଭିଲିଗ୍ରାମ ପଞ୍ଚାୟତର ଝାମ୍ପୁଲାକୁଦ ଗ୍ରାମରେ ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ ଏକ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ପାଇଁ ଯୋଜନା ଚାଲିଛି। ଏଥିପାଇଁ ସରକାରୀ ଜାଗା ଚିହ୍ନଟ ଓ ଅଧିଗ୍ରହଣ ପାଇଁ ପ୍ରଚେଷ୍ଟା ଚାଲିଛି। ହେଲେ ଏହି ନିର୍ମାଣ ପ୍ରକଳ୍ପ ଆଳରେ ଝାମ୍ପୁଲାକୁଦ ଗ୍ରାମରେ ଦୀର୍ଘ ୬୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବସବାସ କରୁଥିବା ୮/୧୦ ଦଳିତ ପରିବାରକୁ ଉଚ୍ଛେଦ କରାଯିବାକୁ ରାଜସ୍ୱ ବିଭାଗ ପକ୍ଷରୁ ଉଦ୍ୟମ ଚାଲିଛି। ଉକ୍ତ ସ୍ଥାନକୁ ଉଚ୍ଛେଦ କରାଗଲେ ୮/୧୦ ପରିବାରର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଦଳିତ ଲୋକ ଭିଟାମାଟି ହରାଇ ବେସାହାରା ହୋଇଯିବେ। ଝାମ୍ପୁଲାକୁଦ ମୌଜା ଓ ଗ୍ରାମରେ ବହୁ ସରକାରୀ ଅନାବାଦୀ, ଗୋଚର ଜାଗା ରହିଥିବା ବେଳେ ସେଠାରେ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରା ନ ଯାଇ ଦଳିତ ଲୋକଙ୍କୁ ଉଚ୍ଛେଦ କରାଯାଇ ପ୍ରକଳ୍ପ ନିର୍ମାଣ କରାଯିବା ପରିତାପର ବିଷୟ। ଜଳପ୍ରକଳ୍ପ ନିର୍ମାଣ ଆଳରେ ଝାମ୍ପୁଲାକୁଦ ଗ୍ରାମରେ ୪୪ ଡିସିମିଲ ଜାଗା ରାଜସ୍ୱ ବିଭାଗ ପକ୍ଷରୁ ଉଚ୍ଛେଦ କରାଯିବାର ଆଶଙ୍କା କରାଯାଉଛି। ଦଳିତ ଲୋକଙ୍କୁ ଉଚ୍ଛେଦ କରା ନଯାଇ ଝାମ୍ପୁଲାକୁଦ ମୌଜାରେ ଥିବା ଅନ୍ୟ ସରକାରୀ ଜମିରେ ଏହି ନୂତନ ପ୍ରକଳ୍ପ ନିର୍ମାଣ କରାଯାଉ ବୋଲି ଗ୍ରାମବାସୀ ନେତ୍ରାନନ୍ଦ ଭୋଇ, ଗନ୍ଧର୍ବ ଭୋଇ, ଶତ୍ରୁଘ୍ନ ଭୋଇ, ଶରତ ଭୋଇ, ଗୋବିନ୍ଦ ଭୋଇ, ରୋଜାଲିନ କାଣ୍ଡି ପ୍ରମୁଖ ମଙ୍ଗଳବାର ନିମାପଡ଼ାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀ ଜରିଆରେ ପ୍ରକାଶ କରି ପ୍ରଶାସନ ନିକଟରେ ଦାବି ରଖିଛନ୍ତି। ପ୍ରକଳ୍ପ ନାମରେ ଦଳିତମାନଙ୍କ ଜନବସତି ଉଚ୍ଛେଦ କରା ନ ଯିବା ସମ୍ପର୍କରେ କେତେକ ଦଳିତ ବ୍ୟକ୍ତି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଏହି ସ୍ଥାନରେ ଏବେ କୌଣସି ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିବା କେତେଜଣ ଦଳିତ ବ୍ୟକ୍ତି କହିଛନ୍ତି। ହେଲେ ରାଜସ୍ୱ ବିଭାଗ ଏହି ଜାଗାରୁ ଦଳିତମାନଙ୍କୁ ଉଚ୍ଛେଦ କରିବା ପାଇଁ ଚକ୍ରାନ୍ତ ଚଳାଇଥିବା ଦଳିତ ବ୍ୟକ୍ତିମାନେ ଅଭିଯୋଗ କରିଛନ୍ତି। ଏ ନେଇ ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ କହିଛନ୍ତି, ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଆଦୌ ଅବମାନନା କରାଯାଇ ନାହିଁ। ଦଳିତ ଲୋକଙ୍କ ଉପରେ ରାଜସ୍ୱ ବିଭାଗ ଆଦୌ ଅନ୍ୟାୟ କରୁନାହିଁ। ସରକାରୀ ନୀତି ନିୟମ ଅନୁସାରେ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ତହସିଲଦାର କହିଛନ୍ତି। ଅନ୍ୟପଟେ ରାଜସ୍ୱ ବିଭାଗ ଏହି ଉଚ୍ଛେଦରୁ ନିବୃତ୍ତ ନ ହେଲେ ଦଳିତ ବ୍ୟକ୍ତିମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଡାକ୍ତର, ସୁରକ୍ଷା କର୍ମୀଙ୍କୁ ଆକ୍ରମଣ: ଜଣେ କୋର୍ଟ ଚାଲାଣ

ବାଙ୍କୀ,( ସ୍ୱ.ପ୍ର.): ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ବିଶ୍ୱବନ୍ଦନ ରାଉତରାୟଙ୍କୁ ଗାଳିଗୁଲଜ କରିବା ସହ ଚିକିତ୍ସାଳୟର ୨ ଜଣ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ଗୋପାଳପୁର ଗ୍ରାମର ଓମ୍‌ପ୍ରକାଶ ସାହୁଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ୬ ତାରିଖରେ ରାଉତରାୟ ରୋଗୀ ସେବା କରୁଥିବାବେଳେ ଓମ୍ ସମେତ ଆଉ କେତେଜଣ ଆସି ଜଣେ ଶିଶୁଙ୍କୁ ଆଗେ ଚିକିତ୍ସା କରିବାକୁ କହିଥିଲେ। ଏନେଇ ରାଉତରାୟ କୌଣସି ଉତ୍ତର ନ ଦେବାରୁ ସେମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। ଉପସ୍ଥିତ ୨ ସୁରକ୍ଷାକର୍ମୀ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୪୨/୨୨)ରୁଜୁ ହୋଇଛି।

**ସଂକ୍ଷେପରେ**

## ୧୪ରେ ଜିଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ ଅଫିସ, ୧୦।୫:** କଟକ ଜିଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ୧୪ ତାରିଖରେ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହେବ। କଟକ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଲୋକ ଅଦାଲତରେ ଜନସାଧାରଣଙ୍କ ବିଭିନ୍ନ ମକଦ୍ଦମା ବିଚାର କରାଯାଇ ତୁରନ୍ତ ନ୍ୟାୟ ପ୍ରଦାନ କରାଯିବ। ଉକ୍ତ ଲୋକ ଅଦାଲତରେ ଦେୱାନୀ ଓ ଫୌଜଦାରି ମାମଲା, ମୋଟରଯାନ ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍, ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ ଏବଂ ଚେକ୍‌ବାଉନ୍ସ ଆଦି ମାମଲା ସହମତିରେ ସମାଧାନ ନିମନ୍ତେ ବିଚାର କରାଯିବ। ଏ ସମ୍ପର୍କିତ ସବିଶେଷ ବିବରଣୀ ପାଇବା ପାଇଁ ଜିଲା ଆଇନସେବା ପ୍ରାଧିକରଣର ଜିଲାଜଜ୍ ତଥା ଅଧ୍ୟକ୍ଷଙ୍କ ସହ ଯୋଗାଯୋଗ କରିବାକୁ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି।

## ଶିକ୍ଷା ସଚେତନତା ରଥ ଶୁଭାରମ୍ଭ

**ସାଲେପୁର,୧୦।୫(ଡି.ଏନ୍.ଏ.):** ସାଲେପୁର ବ୍ଲକରେ ମଙ୍ଗଳବାର ଶିକ୍ଷା ସଚେତନତା ରଥ ବୁଲିଛି। ସାଲେପୁର ବିଇଓଙ୍କ କାର୍ଯ୍ୟାଳୟରେ ବିଇଓ ଜଗବନ୍ଧୁ ଶତପଥୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। କରୋନା ମହାମାରୀ ପରେ ଏବେ ବିଦ୍ୟାଳୟକୁ ଆସି ପିଲାଙ୍କୁ ପାଠ ପଢ଼ିବା ପାଇଁ ଉତ୍ସାହିତ କରିବା ଏହି ରଥର ମୁଖ୍ୟ ଉଦ୍ଦେଶ୍ୟ। ଏହି ରଥ ଜରିଆରେ ବ୍ଲକର ସବୁ ପଞ୍ଚାୟତରେ ପିଲା ଓ ଅଭିଭାବକମାନଙ୍କୁ ସଚେତନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ବିଳାସିନୀ ପତି, ନିରଞ୍ଜନ ଦାସ, ଅଶୋକ କୁମାର ପତି, ସିଆରସିସି ଅନ୍ତର୍ଯ୍ୟାମୀ ଭୋଳ, ନିବାରଣ ସ୍ୱାଇଁ, ରଞ୍ଜନମୋହନ ବେହେରା, ରୋଧପୁର ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ଶତପଥୀଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଠିକଣା ପଚାରିବା ନାଁରେ ମୋବାଇଲ ଲୁଟ୍

**ତିଗିରିଆ,୧୦।୫ (ଡି.ଏନ୍.ଏ.):** ତିଗିରିଆ ଥାନା ଅନ୍ତର୍ଗତ ନୂଆସଡ଼କ-ଗୋଡ଼ିଝରିଆ ରାସ୍ତାରେ ମଙ୍ଗଳବାର ଏକ ଦମ୍ପତିଙ୍କ ପାଖରୁ ଦୁର୍ବୃତ୍ତମାନେ ମୋବାଇଲ୍ ଲୁଟି ନେଇଛନ୍ତି। ଏ ନେଇ ତିଗିରିଆ ଥାନାରେ ଅଭିଯୋଗ ହେବା ପରେ ଏକ ମାମଲା (ନଂ.୧୦୧/୨୨) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଢେଙ୍କାନାଳ ଶିମିଳିପାଟଣା ଗ୍ରାମର ସୁରେଶ ଚନ୍ଦ୍ର ସାହୁ ସ୍ତ୍ରୀ ଗୀତାଞ୍ଜଳିଙ୍କ ସହ ବଡ଼ମ୍ବା ବ୍ଲକ କଙ୍କଡ଼ାଯୋଡ଼ି ଗ୍ରାମରେ ଥିବା ବନ୍ଧୁ ଘରକୁ ଆସିଥିଲେ। ବନ୍ଧୁଘରୁ ବାଇକ୍‌ରେ ନିଜ ଗ୍ରାମକୁ ଫେରୁଥିବା ବେଳେ ନୂଆସଡ଼କ-ଗୋଡ଼ିଝରିଆ ରାସ୍ତା ମଧ୍ୟବର୍ତ୍ତୀ ଜଙ୍ଗଲ ମଝିରେ ୩ ଜଣ ଦୁର୍ବୃତ୍ତ କଳା ପଲ୍‌ସରରେ ଆସିଥିଲେ। ଠିକଣା ପଚାରିବା ବାହାନାରେ ସେମାନେ ସୁରେଶଙ୍କ ପକେଟରୁ ମୋବାଇଲ ଝାମ୍ପି ନେଇ ପଳାଇ ଯାଇଥିଲେ। ଫଳରେ ଦମ୍ପତି ଭାରସାମ୍ୟ ହରାଇ ରାସ୍ତାରେ ପଡ଼ି ଆହତ ହୋଇଥିଲେ।

## ୧୮ରେ ନଦୀ ବଞ୍ଚାଅ ସମ୍ମିଳନୀ

**ଫୁଲନଖରା,୧୦।୫(ଡି.ଏନ୍.ଏ.):** ଆସନ୍ତା ୧୮ରେ ନଦୀ ବଞ୍ଚାଅ ସମ୍ମିଳନୀ ଓ ୧୯ରୁ ୨୦ ତାରିଖ ଦୁଇଦିନ ଧରି ନଦୀ ବଞ୍ଚାଅ ଯାତ୍ରା ଅନୁଷ୍ଠିତ ହେବ। ଏହାକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ମଙ୍ଗଳବାର କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ଶାସନ ନିକଟ ଆମ୍ରପଲ୍ଲୀ ରିସର୍ଟ୍‌ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାନଦୀ ବଞ୍ଚାଅ ସଙ୍ଗଠନର ଆବାହକ ପ୍ରସନ୍ନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଯୁଗ୍ମ ଆବାହକ ବାସୁଦେବ ଭଞ୍ଜ, ଆବାହକ ଅଶ୍ୱିନୀ ମହାପାତ୍ର, ଇଂ. ଲଳିତ ମୋହନ ପଟ୍ଟନାୟକ, ମନୋଜ ଜେନା, ପ୍ରସନ୍ନ ବିଶୋଇ, ବିଜୟ ପ୍ରଧାନ, ଆଇନଜୀବୀ କବିନାରାୟଣ ଜେନା, ସଦର ପ୍ରେସ୍ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ର, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ୧୯ ତାରିଖରେ ମହାନଦୀ ବଞ୍ଚାଅ ଯାତ୍ରା କଟକରୁ ବାହାରି ଛତିଶଗଡ଼ ସୁଖାସେଡାରେ ୨୦ ତାରିଖରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ଓଡ଼ିଶାରେ ପ୍ରବାହିତ ପ୍ରାୟ ୧୨ଟି ମୁଖ୍ୟ ନଦୀ ଓ ଏହାର ଶାଖା ନଦୀଗୁଡ଼ିକରେ ଜଳପ୍ରବାହ ସମସ୍ୟା ଏବଂ ପରିବେଶ ସୁରକ୍ଷା କରିବା ଏହି ଯାତ୍ରାର ଉଦ୍ଦେଶ୍ୟ ରହିଛି।

# ମୌଳିକ ସୁବିଧାରୁ ବଞ୍ଚିତ ସୁନାରିବଣ ବସ୍ତିବାସିନ୍ଦା

**ମଙ୍ଗୁଳି,୧୦।୫(ଡି.ଏନ୍.ଏ.)**


ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ବସ୍ତିବାସିନ୍ଦା।

- ୩୫ରୁ ଊର୍ଦ୍ଧ୍ୱ ପରିବାରକୁ ମିଳୁନି ପାଣି, ସ୍ୱାସ୍ଥ୍ୟସେବା
- ଅଭିଯୋଗ ସତ୍ତ୍ୱେ ନିଆଯାଉନି ପଦକ୍ଷେପ
- ଜୋର୍ ଧରିଛି ଅସନ୍ତୋଷ

ରାଜ୍ୟ ସରକାର ଗରିବ ବସ୍ତିବାସିନ୍ଦାଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି। ଏହାର ସଫଳ ରୂପାୟନ ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ ମଧ୍ୟ କରୁଛନ୍ତି। ହେଲେ କେତେକ ସ୍ଥାନରେ ଏହି ଯୋଜନାର ସୁଫଳ ବସ୍ତିବାସିନ୍ଦାମାନେ ପାଇପାରୁନାହାନ୍ତି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଥିବାବେଳେ ଯୋଜନା ଦିଗହରା ହେଉଥିବା ଅଭିଯୋଗ ହେଉଛି। ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ଜଗତ୍‌ପୁର ନୂତନ ଶିଳ୍ପାଞ୍ଚଳ ସଂଲଗ୍ନ ଚମ୍ପତି ପଞ୍ଚାୟତର ସୁନାରିବଣ ବସ୍ତିରେ।

ମିଳିଥିବା ସୂଚନା ଅନୁଯାୟୀ, ପ୍ରାୟ ୩୦ ବର୍ଷ ହେବ ଉକ୍ତ ବସ୍ତିରେ ୧୦୦ରୁ ଊର୍ଦ୍ଧ୍ୱ ପରିବାର ବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୩୫ରୁ ଊର୍ଦ୍ଧ୍ୱ ପରିବାର ସରକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏପରି କି ସେମାନଙ୍କୁ ମୌଳିକ ସୁବିଧା ମଧ୍ୟ ମିଳୁନାହିଁ। ସେମାନଙ୍କ ପାଖରେ ଆଧାରକାର୍ଡ ନାହିଁ। ସେହିପରି ରାଶନ କାର୍ଡ ନ ଥିବାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରୁନାହାନ୍ତି। ଫଳରେ ସେମାନେ ଚିକିତ୍ସା ସୁବିଧାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷେ ଉକ୍ତ ବସ୍ତିର ଉପରମୁଣ୍ଡ ଅର୍ଥାତ୍ ନଦୀବନ୍ଧରେ ଏକ ପାନୀୟ ଜଳ ଟାଙ୍କି ନିର୍ମାଣ କରାଯାଇଛି। ହେଲେ ବିଭିନ୍ନ ସ୍ଥାନରେ ପାଇପ୍ ଫାଟିଯାଇଥିବାରୁ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ବସ୍ତିବାସିନ୍ଦା ନଳକୂପରୁ ବାହାରୁଥିବା ଲୌହଗୁଣ୍ଡ ମିଶ୍ରିତ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଏ ସମ୍ପର୍କରେ ବସ୍ତିବାସିନ୍ଦାଙ୍କ ମଧ୍ୟରୁ ରାଜେନ୍ଦ୍ର ଗାଗରାଇ, ଭରତ ଦିଗି, ରମେଶ ପିଙ୍ଗୁଆ, ସାବିତ୍ରୀ ତିୟୁ, ସିନା ପ୍ରଧାନ, ସବିତା ସଏ, ପୁତୁଲି ପାଳିଆ, ଚମ୍ପା ପିଙ୍ଗଳ, ରମା ମହାକୁଡ, ଶିବ ସିଂ, ମମତା ସାମଲ, ଅଜିତ୍ କୁମାର ଭୂୟାଁ ଓ ସହଦେବ ଦିଗି ପ୍ରମୁଖ ବାରମ୍ବାର ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ମାତ୍ର ଏ ଦିଗରେ କିଛି ପଦକ୍ଷେପ ନିଆ ନ ଯିବାରୁ ଅସନ୍ତୋଷ ଜୋର୍ ଧରିଛି। ଏ ସଂକ୍ରାନ୍ତରେ ସାଲେପୁର ବିଡିଓ ରାଜୀବ ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ଆସନ୍ତା ୭ ଦିନ ମଧ୍ୟରେ ଉକ୍ତ ବସ୍ତିକୁ ଯାଇ ତଦନ୍ତ କରିବେ। ଅଭିଯୋଗର ସତ୍ୟତା ଥିଲେ, ଯଥାଶୀଘ୍ର ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।


ପୁରୀ ରଥଖଳାରେ ମଙ୍ଗଳବାର ମହାରଣା ସେବାୟତମାନେ ତୁମ୍ବବିନ୍ଧ କାର୍ଯ୍ୟ କରୁଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ଚୌଦ୍ୱାର,୧୦।୫(ଡି.ଏନ୍.ଏ.)**

ଚୌଦ୍ୱାର ଥାନା ଟିପିଏମ୍ ଫାଣ୍ଡି ଅନ୍ତର୍ଗତ ପାଇକରାପୁର ତଳସାହିର ଏକ ଘରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଚୌଦ୍ୱାର ହାଉସିଂ ବୋର୍ଡ଼ ଅଞ୍ଚଳର ଲାବଣ୍ୟ ମିଶ୍ର। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୧୨/୨୨) ରୁଜୁ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ପାଇକରାପୁର ତଳସାହିର ରାକେଶ ସ୍ୱାଇଁଙ୍କୁ ୧୦ ବର୍ଷ ତଳେ ଲାବଣ୍ୟ ପ୍ରେମ ବିବାହ କରିଥିଲେ। ବାହାଘର ପରେ ଲାବଣ୍ୟ ଅଧିକାଂଶ ସମୟ ମୋବାଇଲ ଫୋନ୍ ଚାଟିଂରେ ବ୍ୟସ୍ତ ରହୁଥିଲେ। ଏହାକୁ ବିରୋଧ କରିବାରୁ ଶାଶୁଘର ଲୋକ ଓ ଲାବଣ୍ୟଙ୍କ ମଧ୍ୟରେ ଝଗଡା ଲାଗୁଥିଲା। ଏପରି କି ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହୁଥିଲା। ପରିସ୍ଥିତି ଅସମ୍ଭାଳ ହେବାରୁ ରାକେଶ ଏସମ୍ପର୍କରେ ଟିପିଏମ୍ ଫାଣ୍ଡିରେ ଅଭିଯୋଗ କରିଥିଲେ। ଲାବଣ୍ୟ ମଧ୍ୟ ଶାଶୁଘର ଲୋକଙ୍କ ବିରୋଧରେ ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ଉଭୟ ପକ୍ଷଙ୍କୁ ଡକାଇ ଘଟଣାର ଆପୋସ ସମାଧାନ କରିଥିଲେ। ଏଥିସହ ଲାବଣ୍ୟଙ୍କୁ ମୋବାଇଲ ଓ ସ୍କୁଟି ନ ଦେବାକୁ ରାକେଶଙ୍କୁ କହିଥିଲେ। ପରେ ସମସ୍ତେ ଘରକୁ ଆସିଥିଲେ। ହେଲେ କିଛିଦିନ ହେଲା ଏକ ମୋବାଇଲ ଫୋନ୍ ପାଇଁ ଲାବଣ୍ୟ ଜିଦ୍ ଧରିଥିଲେ। ଫଳରେ ରାକେଶ ମଙ୍ଗଳବାର ସକାଳେ ଲାବଣ୍ୟଙ୍କ ବାପଘରକୁ ଯାଇ ଏ ସମ୍ପର୍କରେ ଜଣାଇଥିଲେ। ଏଥିସହ ଶ୍ୱଶୁରଘର ଲୋକଙ୍କୁ ସାଥିରେ ଧରି ନିଜ ଘରକୁ ଆସିଥିଲେ। ଘରେ ପହଞ୍ଚିବା ପରେ ଲାବଣ୍ୟଙ୍କ ମୃତଦେହ ନିଜ ଶୋଇବା ଘର ଫ୍ୟାନ୍‌ରେ ଓଢ଼ଣୀ ସାହାଯ୍ୟରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବେହେରା କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ। ସୂଚନାଯୋଗ୍ୟ, ଲାବଣ୍ୟଙ୍କର ୧୦ ବର୍ଷର ଓ ୭ବର୍ଷର ଦୁଇଟି ଝିଅ ଅଛନ୍ତି।

## ଗୋପାଳକୃଷ୍ଣ ଗୋଖଲେଙ୍କ ଜୟନ୍ତୀ ପାଳିତ

**ଚୌଦ୍ୱାର,୧୦।୫(ଡି.ଏନ୍.ଏ.)**

ସର୍ବଭାରତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହିନ୍ଦ୍ ସେବକ ସଂଘର ପ୍ରତିଷ୍ଠାତା ଗୋପାଳକୃଷ୍ଣ ଗୋଖଲେଙ୍କ ଜୟନ୍ତୀ ଚୌଦ୍ୱାରସ୍ଥିତ ଲକ୍ଷ୍ମୀନାରାୟଣ ସ୍ମୃତି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋକସେବକ ମଣ୍ଡଳର ଓଡ଼ିଶା ଶାଖା ସଭାପତି ନିରଞ୍ଜନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋଖଲେଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ବିଜୟାନନ୍ଦ ସିଂହ, ଶିକ୍ଷାବିତ୍ ରବୀନ୍ଦ୍ରନାଥ ନାୟକ ଅତିଥି ଭାବେ ଯୋଗଦେଇଥିଲେ। ସଙ୍ଗଠନର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ ବିବରଣୀ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଗୋଖଲେଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ଶିଶୁ ସଦନର ଅନ୍ତେବାସୀଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ସୀମାନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ପ୍ରଧାନଶିକ୍ଷକଙ୍କ କ୍ୱାର୍ଟର୍ସ ସ୍ଥାନାନ୍ତର ପ୍ରସ୍ତାବକୁ ବିରୋଧ

**କଟକ ଅଫିସ, ୧୦।୫**

**ରେଭେନ୍‌ସା କଲିଜିଏଟ ସ୍କୁଲ**

ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପ୍ରଧାନ ଶିକ୍ଷକଙ୍କ କ୍ୱାର୍ଟର୍ସ ସ୍ଥାନାନ୍ତର ପ୍ରସ୍ତାବକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କ୍ୱାର୍ଟର୍ସ ସ୍ଥାନାନ୍ତର ପ୍ରସ୍ତାବ ସମ୍ପର୍କରେ ସ୍କୁଲ ପରିଚାଳନା କମିଟି, ମୋ ସ୍କୁଲ କମିଟି ଓ ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା, ଶିକ୍ଷୟିତ୍ରୀଶିକ୍ଷକଙ୍କ ଏକ ମିଳିତ ବୈଠକ ସ୍କୁଲ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସ୍କୁଲ ଜମି ଅନ୍ୟ କାର୍ଯ୍ୟ ପାଇଁ ହସ୍ତାନ୍ତର କରାଗଲେ ତୀବ୍ର ବିରୋଧ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିସହ ସ୍କୁଲ ନାମରେ ଯେଉଁ ସବୁ ସମ୍ପତ୍ତି ରହିଛି, ସେଗୁଡ଼ିକର ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କୁ ନିବେଦନ କରାଯିବାକୁ ସ୍ଥିର ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ଡ. ଅନୁସ୍ମିତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡ. ସତ୍ୟ ରାୟ, ଦେବାଶିଷ ଦାସ, ଡ. ତୋଫାନ ପତି, ଧର୍ମେଶ ନାୟକ, ଅନୀତା ପତି, ପରିଚାଳନା କମିଟି ସଭାପତି ପୁଷ୍ପାଞ୍ଜଳି ସିଂ, ଉପସଭାପତି ପ୍ରତାପ ଦାସ, ଡ. ବିପିନ ବିହାରୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅଚ୍ଛାଳି ଜଗନ୍ନାଥଙ୍କ ନୂତନ ରଥ ନିର୍ମାଣ ହେବ


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ଆଠଗଡ଼,୧୦।୫(ସ୍ୱ.ପ୍ର.)**

ଆଠଗଡ଼ର ଆରାଧ୍ୟ ଅଚ୍ଛାଳି ଜଗନ୍ନାଥଙ୍କ ରଥଯାତ୍ରା ଶୃଙ୍ଖଳିତ ଓ ପାରମ୍ପରିକ ରୀତିରେ ପାଳନ ହେବା ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ଉପଜିଲାପାଳଙ୍କ ସଭାଗୃହରେ ଆୟୋଜିତ ଏହି ବୈଠକରେ ଦେବୋତ୍ତର ବିଭାଗ ଉପଖଣ୍ଡ ମୁଖ୍ୟ ନିର୍ବାହୀ ଅଧିକାରୀ ହେମନ୍ତ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। କରୋନା ହେତୁ ୨ ବର୍ଷ ହେବ ବିଗ୍ରହଙ୍କୁ ଅସ୍ଥାୟୀ ମଣ୍ଡପରେ ସ୍ଥାପନ କରାଯାଇ ବିଧି ପାଳିତ ହେଉଥିଲା। ଚଳିତବର୍ଷ ଗଡ଼ଜାତୀୟ ପରମ୍ପରା ଅନୁଯାୟୀ ରଥଯାତ୍ରା ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ରଥର କାଠ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଚଳିତବର୍ଷ ନୂତନ ଭାବେ ରଥ ନିର୍ମାଣ ପାଇଁ ବନ ବିଭାଗ ପକ୍ଷରୁ ଆବଶ୍ୟକ କାଠ ଯୋଗାଇ ଦିଆଯିବ ବୋଲି ସ୍ଥିର ହୋଇଛି। ରଥ ସମୟରେ ବିଦ୍ୟୁତ୍, ପୂର୍ତ୍ତ, ଗୃହ ନିର୍ମାଣ, ଆଠଗଡ଼ ଏନ୍ଏସି, ଜଳଯୋଗାଣ ଆଦି ବିଭାଗ ସମେତ ପୋଲିସ ସେମାନଙ୍କ ଦାୟିତ୍ୱ ନିର୍ବାହ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଠାକୁରଙ୍କ ପୂଜାର୍ଚ୍ଚନା ଓ ନୀତିକାନ୍ତି ନିର୍ଦ୍ଦିଷ୍ଟ ସମୟରେ ସମାପନ କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ପ୍ରିୟବ୍ରତ ଦାସଙ୍କ ସମେତ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଜୟ କୁମାର ବିଶି, ଉପଖଣ୍ଡ ଡାକ୍ତରଖାନା ଅଧୀକ୍ଷକ ଡାକ୍ତର ବିଜୟ ମିଶ୍ର, ଏନ୍ଏସି ନିର୍ବାହୀ ଅଧିକାରୀ ଆଶାଲତା ରଚମାଲା, ଅତିରିକ୍ତ ତହସିଲଦାର ଅଶୋକ ସ୍ୱାଇଁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଲେଖ ବିହାରୀ ଦାସ ଏଥିରେ ଉପସ୍ଥିତ ଥିଲେ। ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ‘ବଖରାଏ ଘର ବନ୍ଦୋବସ୍ତ କରି ଯତ୍ନ ନିଅ’

**ବାଙ୍କୀ,୧୦।୫(ସ୍ୱ.ପ୍ର.)**

**ବୃଦ୍ଧ ବାପାଙ୍କ ଭରଣପୋଷଣ ମାମଲା**

ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘର ସଭ୍ୟ ଢଁସର ଗ୍ରାମର ରାମଚନ୍ଦ୍ର ପ୍ରଧାନ(୭୫)ଙ୍କ ଭରଣାପୋଷଣ ପାଇଁ ଟ୍ରିବ୍ୟୁନାଲରେ ହୋଇଥିବା ମାମଲାର ମଙ୍ଗଳବାର ଶୁଣାଣି ହୋଇଛି। ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଉପଜିଲାପାଳ ରଞ୍ଜନ କୁମାର ଜେନା ମାମଲାର ଶୁଣାଣି କରି ଗୋଟେ ବଖରା ଘର ବନ୍ଦୋବସ୍ତ କରିବା ସହ ଖାଇବା ପିଇବାକୁ ଦେଇ ଯତ୍ନ ନେବାକୁ ବୋହୂଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶୁଣାଣିରେ ବାଙ୍କୀ ବରିଷ୍ଠ ସଂଘର ସଭାପତି ବିରଞ୍ଚି ଦାଶ ବୃଦ୍ଧଙ୍କୁ ସହାୟତା କରିଥିଲେ । ଜୁନ୍ ୨୦ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ରାମଚନ୍ଦ୍ର ପୁଅବୋହୂଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ଖୋର୍ଦ୍ଧାର ଏକ ଜରାଶ୍ରମରେ ନିଃସଙ୍ଗ ଜୀବନଯାପନ କରୁଛନ୍ତି। ଏପରିକି ବାର୍ଦ୍ଧକ୍ୟ ଭତ୍ତା ପାଇଁ ଗାଁକୁ ଆସିଲେ ମଧ୍ୟ ପୁଅବୋହୂ ଆଡ଼ଆଖିରେ ଚାହାନ୍ତି ନାହିଁ। ଏନେଇ ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘ ପକ୍ଷରୁ ଟ୍ରିବ୍ୟୁନାଲରେ ଭରଣପୋଷଣ ପାଇଁ ମାମଲା ରୁଜୁ କରାଯାଇଥିଲା। ପୁଅବୋହୂଙ୍କୁ ନୋଟିସ ଜାରି କରାଯାଇଥିଲା। ଏହାସତ୍ତ୍ୱେ ପୁଅ ଟ୍ରିବ୍ୟୁନାଲରେ ହାଜିର ହୋଇ ନ ଥିବାବେଳେ କେବଳ ବୋହୂ ଆସିଥିଲେ।

## ୬୩ ମହିଳାଙ୍କୁ ମତ୍ସ୍ୟଚାଷ ତାଲିମ

**ବାଙ୍କୀ,୧୦।୫(ସ୍ୱ.ପ୍ର.)**

ଓଡିଶା ଜୀବିକା ମିଶନ ଶକ୍ତି ବିଭାଗ ପକ୍ଷରୁ ମାଛଚାଷ ପାଇଁ ଡମପଡ଼ା ବ୍ଲକ କୁସୁପଙ୍ଗି ପଞ୍ଚାୟତର ୬ ସ୍ୱୟଂସହାୟକ ଗୋଷ୍ଠୀର ୬୩ ମହିଳାଙ୍କୁ ମଙ୍ଗଳବାର ପ୍ରଶିକ୍ଷଣ ଦିଆଯାଇଛି। ଡମପଡ଼ା ବ୍ଲକ ସହାୟକ ମତ୍ସ୍ୟ ଅଧିକାରୀ ଦେବୀଦତ୍ତ ମହାନ୍ତି ଏଥିରେ ଅତିଥିଭାବେ ଯୋଗଦେଇ ମତ୍ସ୍ୟଚାଷ ନିମନ୍ତେ ପୋଖରୀ ପରିଚାଳନା, ଯାଆଁଳ ଚାଷ, ବଡ଼ମାଛ ଚାଷ ଓ ମାଛରୋଗ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ପ୍ରକଳ୍ପ ପରିଚାଳକ ଅକ୍ଷୟ କୁମାର ଭଞ୍ଜ ଯୋଗଦେଇଥିଲେ। ଏମ.ଭି.କେ ଗୀତାଞ୍ଜଳି ବେହେରା ଧନ୍ୟବାଦ ଦେଇଥିଲେ।

## ନାମଲେଖା ବାରଣକୁ ନେଇ ଅଭିଭାବକ ଅସନ୍ତୁଷ୍ଟ

**କଟକ ସଦର,୧୦।୫(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଷଷ୍ଠ ଓ ସପ୍ତମ ଶ୍ରେଣୀରେ ନାମଲେଖାକୁ ଚଳିତ ଶିକ୍ଷାବର୍ଷରେ ବାରଣ କରାଯାଇଛି। ପଞ୍ଚମ ଶ୍ରେଣୀ ପାସ୍ କରିଥିବା ପିଲାମାନଙ୍କୁ ସିଦ୍ଧେଶ୍ୱରପୁରସ୍ଥିତ ଗୋପାଳ ସ୍ମୃତି ବିଦ୍ୟାପୀଠରେ ନାମ ଲେଖାଇବାକୁ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଯାହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାର ତଦନ୍ତ ପାଇଁ କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ା ମଙ୍ଗଳବାର ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ଉପସ୍ଥିତ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରି ନାମଲେଖା ପାଇଁ ଅନୁମତି ଦେବାକୁ ଦାବି କରିଥିଲେ। ସରପଞ୍ଚ ସୁବାସିନୀ ରାଉତ, ସମିତି ସଭ୍ୟ ଶରଦା ପ୍ରସନ୍ନ ସ୍ୱାଇଁ, ଶିକ୍ଷା କମିଟି ସଭାପତି ନିରଞ୍ଜନ ସାହୁ, ପ୍ରଫୁଲ୍ଲ ଭୋଇ, କାଳନ୍ଦୀ ସ୍ୱାଇଁ, ପ୍ରମୋଦ ରାଉତ ଓ ନାଏବ ସରପଞ୍ଚ ବୈଜୟନ୍ତୀ ଦାଶ ଉପସ୍ଥିତ ଥିଲେ।

## ଗ୍ରାହକଙ୍କୁ ଆକୃଷ୍ଟ କରୁଛି ଆକର୍ଷଣୀୟ ଅଫର

**କଟକ,୧୦।୫**



ବୈଶାଖୀ ବାଣିଜ୍ୟ ମେଳାରେ ଫ୍ରିଡମ ଅଏଲର ଆକର୍ଷଣୀୟ ଷ୍ଟଲ୍।

କଟକ ବାଲିଯାତ୍ରା ପଡ଼ିଆରେ ଗତ ୬ ତାରିଖଠାରୁ ବୈଶାଖୀ ବାଣିଜ୍ୟ ମେଳା ଆରମ୍ଭ ହୋଇଛି। ମେଳାରେ ଅଗ୍ରଣୀ ଖାଇବା ତେଲ ଫ୍ରିଡମ ପକ୍ଷରୁ ଏକ ଆକର୍ଷଣୀୟ ଷ୍ଟଲ୍ କରାଯାଇ କମ୍ପାନୀର ସମସ୍ତ ଉତ୍ପାଦର ପ୍ରଦର୍ଶନ ସାଙ୍ଗକୁ ବିକ୍ରି କରାଯାଉଛି। ଏହି ପରିପ୍ରେକ୍ଷୀରେ ଫ୍ରିଡମ ଅଏଲର ସନ୍‌ଫ୍ଲାୱାର, କଚ୍ଚି ଘନି ସୋରିଷ ତେଲ ସହ ରାଇସ ବ୍ରାନ୍ ଖାଇବା ତେଲ ଇତ୍ୟାଦି ଷ୍ଟଲ୍‌ରେ ଉପଲବ୍ଧ ରହିଛି। ଏପରିକି ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ କମ୍ପାନୀ ତା’ର ପ୍ରତି ପ୍ରଡକ୍ଟ ଉପରେ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। ସେହିଭଳି ଫ୍ରିଡମର ପ୍ରତି ୧ଲିଟର ତେଲରେ ଏକ ସ୍କ୍ରବ୍‌ବାଇଟ ସୁବିଧା ରହିଥିବାବେଳେ ୨ଲିଟର ତେଲରେ ଷ୍ଟିଲ୍ ବାଉଲ, ୫ଲିଟର ତେଲରେ ପ୍ଲାଷ୍ଟିକ ବାଲ୍‌ଟି ଭଳି ଉପହାର ଗ୍ରାହକଙ୍କୁ ଦିଆଯାଉଛି। ବଜାରରେ ତେଲ ଦର ଉଚ୍ଚା ରହିଥିବାରୁ ଚଳିତ ବର୍ଷ ମେଳାରେ ଫ୍ରିଡମ ଷ୍ଟଲ୍‌ରେ ଉଭୟ ଗ୍ରାହକ ଓ ଦର୍ଶକଙ୍କ ଭିଡ଼ ପ୍ରତିଦିନ ବୃଦ୍ଧି ପାଉଛି। ଏପରିକି ଉକ୍ତ ମେଳାରେ ଗ୍ରାହକଙ୍କୁ ଆକୃଷ୍ଟ କରୁଛି କମ୍ପାନୀର ଆକର୍ଷଣୀୟ ଅଫର ବୋଲି କମ୍ପାନୀର ଓଡ଼ିଶା ମୁଖ୍ୟ ଅମିୟ କୁମାର ଧଳ ମତବ୍ୟକ୍ତ କରିଛନ୍ତି। ମେଳାରେ ଷ୍ଟଲ୍ ପରିଚାଳନା ଦାୟିତ୍ୱରେ କମ୍ପାନୀର ପ୍ରମୁଖ ସଦସ୍ୟ ଜୀବନେଶ୍ୱର ବେହେରା, ପ୍ରମୋଦ ଖିଲାର, ସଞ୍ଜୟ ବେହେରା ଏବଂ ପ୍ରକାଶ ପାତ୍ର ଓ ଅନ୍ୟମାନେ ରହିଛନ୍ତି।

# ନଦୀଜଳ, ବାଲି ସଂରକ୍ଷଣ ଦାବି

**କଟକ ଅଫିସ, ୧୦।୫**



ଭାଜପା ନଦୀ ସୁରକ୍ଷା ସମିତି କଟକ ନଗର ଜିଲା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଆସିଥିବା ପ୍ରତିନିଧିମାନେ।

**ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**

ରାଜ୍ୟର ସମସ୍ତ ନଦୀରୁ ବେଆଇନ ଭାବେ ପାଣି ଓ ବାଲି ହରିଲୁଟ୍ କରାଯାଉଛି। କଳକାରଖାନାଗୁଡ଼ିକର ବର୍ଜ୍ୟବସ୍ତୁ ଓ ମଇଳା ପାଣି ନଦୀକୁ ଛଡାଯାଉଛି। ଫଳରେ ନଦୀଜଳ ପ୍ରଦୂଷିତ ହେଉଛି। ଏପରି କି ନଦୀ ଅବବାହିକା ତଥା ପଠାକୁ ଜବରଦଖଲ କରାଯିବା ଦ୍ୱାରା ନଦୀର ଗତିପଥ ସଂକୀର୍ଣ୍ଣ ହେଉଛି। ଫଳରେ ବନ୍ୟା ସମୟରେ ଜଳ ନିଷ୍କାସନ ନ ହୋଇ ବିପଦ ସୃଷ୍ଟି କରୁଛି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ ନିୟମ ବହିର୍ଭୂତ କାର୍ଯ୍ୟ ମହାନଦୀ ପଠାରେ ଚାଲିଛି। ସେହିପରି ବାଲି ମାଫିଆମାନେ ଆତଙ୍କରାଜ ଚଳାଇଥିବା ଭାଜପା ନଦୀ ସୁରକ୍ଷା ସମିତି କଟକ ନଗର ଜିଲା ପକ୍ଷରୁ ଅଭିଯୋଗ କରାଯାଇଛି। ସମିତି ପକ୍ଷରୁ ନଦୀଜଳ ଓ ବାଲି ସଂରକ୍ଷଣ ପାଇଁ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କ ମାଧ୍ୟମରେ ମଙ୍ଗଳବାର ପ୍ରଦାନ କରାଯାଇଛି। ଏହି ବେଆଇନ କାରବାର ବନ୍ଦ ନ ହେଲେ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାସ, ରାଜ୍ୟ ସହ ସଂଯୋଜକ ଅଶୋକ ରଥ, କଟକ ନଗର ସଂଯୋଜକ ନାରାୟଣ ପ୍ରସାଦ ମହାନ୍ତି, ଦୁର୍ଯ୍ୟୋଧନ ଲେଙ୍କା, ପ୍ରଦୀପ ପଟ୍ଟନାୟକ, ଯୁଧିଷ୍ଠିର ମହାରଣା, କାଠଯୋଡ଼ି ମଣ୍ଡଳ ସଭାପତି ରତନ ମହାନ୍ତି, ଜିଲା ଯୁବମୋର୍ଚ୍ଚା ସଭାପତି ସତ୍ୟବ୍ରତ ମିଶ୍ର, ସବ୍ୟସାଚୀ ମହାପାତ୍ର ପ୍ରମୁଖ ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ।